ଚିନ୍ତାମଣି ମିଶ୍ରଙ୍କ
ଶ୍ରେଷ୍ଠ ଗଳ୍ପ

Digitized by srujanika@gmail.com

ଚିନ୍ତାମଣି ମିଶ୍ରଙ୍କ ଶ୍ରେଷ୍ଠ ଗଳ୍ପ

ନବଜୀବନ ପୁସ୍ତକାଳୟ
ଚାନ୍ଦନୀଚୌକ, କଟକ-୭୫୩୦୦୨

Digitized by srujanika@gmail.com

ଚନ୍ଦ୍ରାମଣି ମିଶ୍ରଙ୍କ ଶ୍ରେଷ୍ଠ ଗଳ୍ପ

ଲେଖକ :
ଚନ୍ଦ୍ରାମଣି ମିଶ୍ର

ପ୍ରକାଶକ :
ନବଜୀବନ ପୁସ୍ତକାଳୟ
ଗୁଡ଼ଶାଳଚୌକ, କଟକ-୨

ପ୍ରଥମ ପ୍ରକାଶ :
୧୯୯୪

ମୁଦ୍ରଣ :
ନବଜୀବନ ପ୍ରେସ
ଗୁଡ଼ଶାଳଚୌକ, କଟକ-୨

ମୂଲ୍ୟ :
ପଚାଶ ଟଙ୍କା

Digitized by srujanika@gmail.com

ସୂଚନା

ସ୍ୱର୍ଗୀୟ ଚିନ୍ତାମଣି ମିଶ୍ରଙ୍କର ଅନେକ ଗଳ୍ପ ମଧ୍ୟରୁ ଶ୍ରେଷ୍ଠ ଗଳ୍ପ ବାଛିବା ଧୃଷ୍ଟତା ମାତ୍ର । ସବୁଗୁଡ଼ିକ ଗଳ୍ପ ଅତି ଉଚ୍ଚ ଧରଣର । ଅନେକ ଦିଗକୁ ଦୃଷ୍ଟିରେ ରଖି ସ୍ୱର୍ଗୀୟ ମିଶ୍ର ଭିନ୍ନ ଭିନ୍ନ ରୁଚିର ଗଳ୍ପ ଲେଖୁଥିଲେ ।

ସେଇ ସବୁ ପ୍ରକାର ଗଳ୍ପଗୁଡ଼ିକ ମଧ୍ୟରୁ ଆମର ସୀମିତ ଅଭିଜ୍ଞତାକୁ ଆଧାର କରି କେତୋଟି ଗଳ୍ପ ବାଛି ପ୍ରକାଶ କରୁଛୁ । ଆଶାକରୁ ସବୁ ଶ୍ରେଣୀର ପାଠକଙ୍କ ଦ୍ୱାରା ତାହା ଆଦୃତ ହେବ ।

ଦେବବ୍ରତ ମିଶ୍ର

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ଭଗବାନଙ୍କ ଆଠଣ୍ଠା	୧
୨ । ହଟଚମଟ	୧୬
୩ । ପଙ୍କ ଓ ପଙ୍କଜ	୩୨
୪ । ଯମଙ୍କ ହଟହଟା	୪୧
୫ । ଅକାଳ ଚଡ଼କ	୫୬
୬ । ବିଡ଼ମ୍ବନା	୭୬
୭ । ଉନ୍ନୟନ ଯୋଜନା	୮୬
୮ । ଗ୍ରାମଗୋଷ୍ଠୀ ଯୋଜନା	୯୬
୯ । ଜାତି ପତି	୧୦୮

Digitized by srujanika@gmail.com

ଭଗବାନଙ୍କ ଆଠଣ୍ଟା

ପହିଲ ଶ୍ରେଗ ମାସ । ସୂର୍ଯ୍ୟ ଉଦୟର ବହୁ ପୂର୍ବରୁ ବଡ଼ ଦେଉଳର ପେଜନଳା ବାଟେ କ୍ଷୀଣ ଧାରରେ ପେଜ ଗଡ଼ୁଥାଏ । ଲୋକଟି ନଳା ମୁହଁରେ ଗୋଟିଏ ଛେଲୁଆ ଦେଖାଇଥାଏ । ଛେଲୁଆ ତଳରେ ଗୁଡ଼ାଏ ଛୋଟ ଛୋଟ ଛିଦ୍ର । ପେଜ ସେଇବାଟେ ଗଳିଯାଉ-ଥାଏ । ପେଜ ସାଙ୍ଗେ ଆସୁଥିବା ଅନ୍ନ ଯୋଡ଼ାକ ପୁଞ୍ଜାକ ଛେଲୁଆରେ ଛାଣି ହୋଇ ରହୁଥାଏ । ଲୋକଟି ଖଣ୍ଡିଏ ଛିଣ୍ଡା କନା ଅଣ୍ଟାରେ ଗୁଡ଼ାଇଥାଏ । ଦେହରେ ଅସ୍ଥି ଚର୍ମ ପୋଉରହିଁ ଲୁଚୁଥା । ଦେବର୍ଷି ନାରଦ ସଡ଼କ ଉପରୁ ଲୋକଟିକୁ ଦେଖି ଓ ତା'ର ଉଦ୍ୟମରେ ଆମୋଦିତ ହୋଇ ଟିକିଏ ଠିଆ ହେଲେ । ଲୋକଟିକୁ ଚାହିଁ ଚାହିଁ ହସିଲେ ।

ଲୋକଟି ତାଙ୍କ ହସିବାରେ ଟିକିଏ କ୍ଷୁବ୍ଧ ହୋଇ କହିଲା, "ମହାପୁରୁ, କାହିଁକି ହସିଲ ? ପେଜରୁ ଭାତ ଦି'ଟା ଛାଣିକରି ରଖୁଛି, ଓଳିକ ଚଳିଯିବ । ଏଥିରେ ହସିବାର କ'ଣ ଅଛି ?"

ନାରଦ ଆହୁରି ଟିକିଏ ହସି କହିଲେ, "ଓଳିଏ ଚଳିବାକୁ ତୁ ଏତେ ପରିଶ୍ରମ କରିବାରୁ ଟିକିଏ ହସ ମାଡ଼ିଲା । ସେଇ ଭାତରୁ ତ ପେଜ । ବରଂ ପେଜରେ ବେଶି ସାର । ପେଜ ଦି ଚଳା ପିଇଦେଲେ ତ ଓଳିକ ଚଳିଯା'ନ୍ତା । ଏତେ କଳ କୌଶଳ କରି ଛାଣୁଛୁ କାହିଁକି ବୋଲି ମତେ ଅପସନ୍ଦ ଲାଗିଲା ।"

ଲୋକଟି ବେଶି ବିଗିଡ଼ିଗଲା । କହିଲା, "ମହାପୁରୁ ! ମୁଁ ଏଡ଼େ ଅବସ୍ଥା ହେଲଣି ଯେ ଶେଷରେ ଏଇ ପେଜନଳାର ଭାତପୁଞ୍ଜାକୁ ଚାହିଁରହିଛି । ଆପଣଙ୍କର ମନ, ନଳାରେ ମୁହଁ ଲଗାଇ ଦି'ଚଳା ପିଇଦିଅନ୍ତି ? ଏ କାଳ ତ ସିମିତି ହେଇଚି । ସୁନାମୁଦିଆ ସୁନାମୁଦିଆଙ୍କୁ

Digitized by srujanika@gmail.com

ଚଳୁଛନ୍ତି । ବାହାଜ ବଇଷମ, ଦୁଃଖୀର ଦୁଃଖ ବୁଝୁଥିଲେ ଯେ, ଏଥର ସେତକ ବ ଗଳପର ଲାଗୁଛି ।”

ନାରଦ ମହା ଅଡୁଆରେ ପଡ଼ିଲେ । ଲୋକଟିକୁ ସଦ୍‌ଜ୍ଞାନ ଦେବାକୁ ଯାଉ ଯାଉ ଏବେ ତା’ ମନରେ ଦୁଃଖ ଦେବାହିଁ ସାର ହେଲା ଦେଖି ସେ ବ୍ୟସ୍ତ ହେଲେ; କହିଲେ, “ଆରେ ବାଇଆ ! ମୁଁ ତୋ ଦୁଃଖ ଲାଘବ କରିବାକୁ ସିନା କହୁଥିଲି ! ଖାଲି ପୁଷ୍ଟିକର ହେଲେ ତ ହେବ ନାହିଁ, ପାଟିକୁ ରୁଚିକର ହେବା କଥା । ପେଜ ଅପେକ୍ଷା ଭାତ ତ ଆଜିକାଲି ସମସ୍ତଙ୍କୁ ଅଧିକ ରୁଚିକର ହେଉଛି । ଯାହା କରୁଛୁ, ଠିକ୍ କରୁଛୁ । କର, କର ।”

ଲୋକଟି କହିଲା, “ମାହାପୁରୁ, ଆଗ କଥାକୁ ଧରୁନାହିଁ ଯେ ଏବେ କ’ଣ କହିଲ ? ମୁଁ ଯାହା କରୁଛି ସ୍ୟା ପୁଣି ଆପଣଙ୍କୁ ଭଲ ବୋଲି ଦଶିଲା ନା ! ହଁ, କାହିଁକି ନ କହିବ ? ଭଗବାନ ତ ସ୍ୟା କରଉଛନ୍ତି, ସ୍ୟା ଶୁଣେଇବେ ନାହିଁ ଆଉ କ’ଣ ଶୁଣେଇବେ ! ଭଗବାନ ଥରେ ହାବୁଡ଼େ ପଡ଼ନ୍ତେ କି ?”

ନାରଦଙ୍କୁ କଥା ବୁଲେଇଦବାକୁ ବାଟ ମିଳିଲା । ସେ କହିଲେ, “ହଇରେ ବାପୁ ! ଭଗବାନଙ୍କୁ ଦେଖିଲେ କ’ଣ କରନ୍ତୁ ଭଲ କହିଲୁ ।”

ଲୋକଟି କହିଲା, “କ’ଣ ମାରନ୍ତ ନା ଗାଳି ଦିଅନ୍ତ ? ଖାଲି ଟିକିଏ ପଚାରନ୍ତି, ମୁଁ ଇମିତ କେତେକାଳ ଘାଣ୍ଟି ହେଉଥିବି ?”

ନାରଦ କହିଲେ, “ହଉ, ଏଇ କଥା ତ ! ଆମେ ପଚାରିଦେବା । କାଲି ଏତିକିବେଳେ ମୁଁ ତୋତେ ତାଙ୍କ ଜବାବ କହିବି ।”

ସେ କଏ ଲୋକଟିକୁ କହିବାକୁ ପଡ଼ିଲା । ଲୋକଟି ତାଙ୍କୁ ସାଷ୍ଟାଙ୍ଗ ପ୍ରମାଣ କରି ବିଦାୟ ଦେଲାବେଳେ କହିଲା, “ମାହାପୁରୁ ! ଏ ଅରକ୍ଷିତଆ କଥା ପାସୋରିବ ନାଇଁ ଟି ?”

ନାରଦ ଭଗବାନଙ୍କର ପ୍ରାଇଭେଟ ସେକ୍ରେଟେରୀ, ପୁଣି ବେସରକାରୀ—ଯିମିତ ଆମ ମୁଖ୍ୟମନ୍ତ୍ରୀମାନେ ଜଣେ ଜଣେ ରଖିଥାନ୍ତି ।

Digitized by srujanika@gmail.com

ତାଙ୍କର ଆଉ ସମୟ ଅସମୟ ନାହିଁ । ତାଙ୍କ ବେଳରେ ସେ ଆସନ୍ତି । ମାଲିକଙ୍କ ଅନ୍ଦର ମହଲଯାଏଁ ପ୍ରବେଶ ଅଧିକାର ଥାଏ ତାଙ୍କର । ନାରଦ ସବୁଦିନ ଆସନ୍ତି ଭଗବାନଙ୍କର ପହଡ଼ ଭାଙ୍ଗିବା ବେଳକୁ । ଆଜି ଡେରି ହୋଇଗଲା । ଭଗବାନ ସକାଳ ଜଳଖିଆରେ ବସୁଛନ୍ତି । ନାରଦ ମଧ୍ୟ ବସିଲେ । ଭଗବାନ ଚା' ଖାଇଲେ, ନାରଦ ମଧ୍ୟ ସେଥିରେ କୋଥଳିରୁ ନିର୍ମାଲ୍ୟ ଟିକିଏ ବାହାର କରି ପକାଇ, ହାତଯୋଡ଼ି, ଜିଭ ଫୋଟକା କରି ଚୁମୁକେ ଚୁମୁକେ ପିଉଥାନ୍ତି । ଭଗବାନ ହସି ହସି ପଚାରିଲେ, "କଅଣ ନାରଦ ! ଆଜି ଏତେ ଡେରି ହେଲା କେମିତି ? ସେଥିପାଇଁ ଏ ଚା' ପିଆ ଦଣ୍ଡରେ ପଡ଼ିଲ ପରା ?"

ନାରଦ କହିଲେ, "ମହାପ୍ରଭୁ ! ଏ ତ ମୋର ଭାଗ୍ୟ । ଖାଉଁଦଙ୍କ ସଙ୍ଗେ ଏକାଟେବୁଲରେ ଚା' ଖାଇବା ସୌଭାଗ୍ୟ ଯାହାକୁ ମିଳୁଛି, ତା'ର ଫୋଟକା କ'ଣ କରିବ ? ଆହୁରି ଗୋଟିଏ ଦଣ୍ଡରେ ପଡ଼ିଯାଇଛି । ସେଥିଯୋଗୁ ଆପଣଙ୍କୁ ମଧ୍ୟ ଟିକିଏ ନଥି ଘାଣ୍ଟିବାକୁ ପଡ଼ିବ ।"

ଏହାପରି ଉପକ୍ରମ କରି ସେ ଅରକ୍ଷିତଆ ସଙ୍ଗେ ତାଙ୍କର ଯାହା ଯାହା କଥାବାର୍ତ୍ତା ହୋଇଥିଲା ତାହାର ବୟାନ କଲେ ଓ ସେ ଯେଉଁ ପ୍ରତିଶ୍ରୁତି ଦେଇ ଆସିଥିଲେ ସେ କଥା କହିଲେ ।

ଭଗବାନ ଟିକିଏ ଚିନ୍ତିତ ହେଲେ, କହିଲେ, "ଦେବର୍ଷି ! କୁଆଡ଼େ ଏତକ ମୁଣ୍ଡକୁ ଆଣିଲ ! ସ୍ୱର୍ଗ କ'ଣ ଯେତେ ସହଜରେ ଲୁଟିଯିବ ବୋଲି ବିଚାରିଛ ସେତେ ସହଜରେ ଲୁଟିବ ? ମର୍ତ୍ତ୍ୟରେ ଦେଖୁନାହଁ, ଗୋଟିଏ ମକଦ୍ଦମା ରୁଜୁ ହେଲେ କେତେ ଦିନ କାଳେ ଘୁସୁରୁଛି, ସମସ୍ତଙ୍କୁ ଘୋସାରୁଛି ।"

ଦେବର୍ଷି କହିଲେ, "ଭଗବନ, ମର୍ତ୍ତ୍ୟ ସଙ୍ଗେ କ'ଣ ଆମର ତୁଳନା ହେବ ? ପଣ୍ଡିତ ଜବାହରଲାଲ ଏବେ କହୁଛନ୍ତି, 'ମର୍ତ୍ତ୍ୟର ବିଚାରକମାନେ ଅଧିକ ଉପରେ ରହୁଛନ୍ତି, ଲୋକଙ୍କ ସୁଖ ଦୁଃଖ ଦେଖିବାକୁ ନେଉନାହାନ୍ତି, ସାମାନ୍ୟ ସାମାନ୍ୟ ଆଇନ ପଏଣ୍ଟ ଉପରେ ଲମ୍ବା

Digitized by srujanika@gmail.com

ଶୁଣିପାରୁଛନ୍ତି' । କିନ୍ତୁ ଆମର ଯେ ବଡ଼ବାବୁ ସେ ସମୁଦ୍ର ଭିତରେ ଶୁଅନ୍ତି, ପୁଣି ସାପ ଉପରେ ! ଆର୍ତ୍ତର ଡାକକୁ ସବୁବେଳେ କାନ ଡେରିଥାନ୍ତି । ସହସ୍ର ହାଣ୍ଡିକୁ ଏକ ଠେଙ୍ଗାରେ ସାବାଡ଼ କରିଦିଅନ୍ତି !"

ଭଗବାନ ମୁଣ୍ଡ ଟେକି ହସି କହିଲେ, "ଜବାହରଲାଲ ଜଣଙ୍କୁ ନ ଚିହ୍ନି, ମୋରିବାସ୍ ଭିତରେ ଯାହା ମନକୁ ପାଉଛ ତାହା କହୁଛନ୍ତି । ତୁମେ ବି ସେଇପରି ଜାଣ, ଏଠାରେ ତୁମକୁ ସବୁଖୁଣ୍ ମାଫ୍ । ହେଇଟି, କାର୍ଯ୍ୟରେ ଦେଖ, ତମେ ଓ ମୁଁ କେତେ ହୀନସ୍ତା ହେବା !"

ଭଗବାନ ଘଣ୍ଟି ଦେଲେ; ସାଙ୍ଗେ ସାଙ୍ଗେ ଜୟ-ବିଜୟ ଆସି ହାଜର ହେଲେ । ଭଗବାନ ହୁକୁମ କଲେ, "ଆରେ, ବଡ଼ବାବୁଙ୍କୁ ଡାକିଆଣିଲ ।" ଜୟ ବିଜୟ କୁନ୍ଥୁ କୁନ୍ଥୁ ହୋଇ ଗଲେ । ଆଜିକାଲି କୌଣସି ଅମଲା ସାଢ଼େ ଦଶଟା ଆଗରୁ ଆସୁନାହାନ୍ତି, କି ସାଢ଼େ ଚାରିଟା ପରେ ରହୁନାହାନ୍ତି । ପୂର୍ବେ ସମସ୍ତେ ଭଗବାନଙ୍କୁ ଚାହିଁ କରି ବସିଥାନ୍ତି, ଏବେ ସେମାନଙ୍କର ଅମଲା ସଙ୍ଘ ହେଲାଣି । ପରସ୍ପର ଭିତରେ ସାମାଜିକତା ବଢ଼ିଗଲାଣି । ତେଣୁ ଅସମୟରେ ଯାହାକୁ ଖୋଜିବ, ଏକ କଥା—'ବାବୁ ବୁଲିଯାଇଛନ୍ତି' ।

ଯାହାହେଉ ଜୟବିଜୟଙ୍କ ସୌଭାଗ୍ୟକୁ ବଡ଼ବାବୁ ଜଣଙ୍କ ଘରୁ ସେଇ କାଳେ ବସାକୁ ଫେରୁଥିଲେ । ନାରଦଙ୍କ ଯୋଗୁ ଭଗବାନ ଡକାଇ ପଠାଇଛନ୍ତି ଶୁଣି, ସେ ନାରଦଙ୍କୁ ବରି ବରି ମୁହଁରେ ଚାହିଁ ଭଗବାନଙ୍କ ରୁମ୍‌ରେ ଆସି ହାଜର ହେଲେ । ଡକାଇବାର କାରଣ ଶୁଣି କହିଲେ, "ମହିମା ! ସେ କେଉଁଠାର ଲୋକ ଜାଣିଲେ ଯିନା ତା ନଥି ଖୋଜିବ ।"

ନାରଦ କହିଲେ, "ସକାଳୁ ସେ ବଡ଼ ଦେଉଳ ପେଜନଳାରୁ ଅନ୍ନ ଗୁଣେ, ଆଉ ଲୋକନାଥ ପଦାର ବଡ଼ ବରଗଛମୂଳେ ରାତିରେ ଶୁଏ ।"

ଭଗବାନଙ୍କ ଅଫିସ୍‌ର କାଗଜପତ୍ର ଶୃଙ୍ଖଳାକୁ ଧନ୍ୟ କହିବା ନା ନାରଦଙ୍କ ଉତ୍ପୁସ୍ଥାନ ନିର୍ଣ୍ଣୟର କୁଶଳତାକୁ ଧନ୍ୟ କହିବା, ମିନିଟ ଦଶଟା ଭିତରେ ବଡ଼ବାବୁ ଗୋଟିଏ ଫାଇଲ ଆଣି ଭଗବାନଙ୍କ

Digitized by srujanika@gmail.com

ଟେବୁଲ ଉପରେ ଥୋଇଦେଲେ । ଭଗବାନ ଫାଇଲର ନାଲିଫିତା ଫିଟାଇ ମଲାଟର ଶିରୋନାମା ତଳକୁ ଚାହିଁଦେଇ, ନାରଦଙ୍କୁ କହିଲେ, “ହେଇଟି, ତା’ର ପୂର୍ବଜନ୍ମରୁ ଆମ ପାଖେ ମାତ୍ର ଆଠ’ଣ୍ଡା ଜମା ଅଛି । ଆୟୁଷ ଗୁଣ୍ଡାଏ । ତାକୁଇ ବାଣ୍ଟି ବୁଣ୍ଟି ତା’ର ଦୈନିକ ପଡ଼ ଖଞ୍ଜା ହୋଇଛି । ସେ ଆଉ ବଡ଼ ଆଶା କଲେ, ମୁଁ ଆଣିବି କୁଆଡ଼ୁ ?”

ନାରଦ ସାଙ୍ଗେ ସାଙ୍ଗେ ଯାଇ ଅରକ୍ଷିତଆକୁ ଏ ଖବର ଦେଇଦେବେ ବୋଲି ଖୁସିରେ ବାହାରିଲେ । ଭଗବାନଙ୍କ ନଥି କେତେ ବେଗେ ଆସେ, କେତେ ସୁତୁରା ହିସାବ, ଭାବ ଭାବ ଭଗବାନଙ୍କ ଗୁଣଗାନ କରୁ କରୁ ବୀଣା ବଜାଇ ବଜାଇ ସେ ଆଗ ଗଲେ ସେଇ ପେଜ ନଳା ପାଖକୁ । ଅରକ୍ଷିତଆର ଭାତ ଧରା ସରି ନ ଥାଏ ।

ମୁନିଙ୍କ ଉପରେ ତା’ର ନଜର ପଡ଼ିବାରୁ ସେ ଧାଇଁଆସି ମୁଣ୍ଡିଆ ମାରିଲା । ମୁନି ସରଳ ମମତାରେ ସବୁ କଥା ଗାଇଗଲେ । ଫେରିବାକୁ ତରତର ହୋଇ ସେ ଖାଲି ଅପେକ୍ଷା କରିଥାନ୍ତି, ଅରକ୍ଷିତଆ ମୁଣ୍ଡିଆଟିଏ ମାରିଲେ ସେ ତାଙ୍କ ରାସ୍ତା ଧରିବେ ।

ସେତେବେଳକୁ ଅରକ୍ଷିତର ଆଖି ଦି’ଟା ଲାଲେଲାଲ । ସେ ମାର୍ ନ ମାର ହୋଇ ପାଟି କଲା, “ମାହାପୁରୁ ! ଏଇ ଭଗବାନଙ୍କୁ ଆପଣ ଏତେ ଟେକୁଥାନ୍ତି ପରା ? ଆଚ୍ଛା, ସେ ଯେଉଁ ଆଠ’ଣ୍ଡାଟି, ତାହା ମୋର ନା ତାଙ୍କ ବାପ ଗଣ୍ଡି ? ମୋ ସମ୍ପତ୍ତି ମାଡ଼ିବସି ସେ ଇମିତ ଶହେ ବର୍ଷଯାଏଁ ପଡ଼ିଦେବେ କୋଉ ନ୍ୟାୟରେ ? ଆମ ପୁଞ୍ଜାକ ଆମକୁ ଦିଅନ୍ତୁ । ପେଟକୁ ପୁଞ୍ଜାଏ ଭଲ କରି ବକ୍ରେ ଖାଇଲେ ବରଂ ଭଲ, ଇମିତ ପ୍ରତିଦିନ ପେଜ ନଳାରେ ଛେଲୁଆ ପଡେଇବାଠାରୁ । ଆମର ସ୍ୱେ ଲୋଡ଼ା ନାହିଁ । ଏହା କହି ଅରକ୍ଷିତଆ ଛେଲୁଆ ଖଣ୍ଡିକ ଏମିତି ତଳେ କୁଟିଦେଲା ଯେ ସେ ଏକାବେଳକେ ଗୁଣ୍ଡ ଗୁଣ୍ଡା ହୋଇଗଲା । ଖପରା ଖଣ୍ଡେ ଆସି ନାରଦଙ୍କ ଗୋଡ଼ପାଖେ ବାଜେ ନ ବାଜେ ।

ନାରଦଙ୍କ ବୁଦ୍ଧି ବଣା । ସେ ଅତି ନମ୍ରଭାବରେ ପଚାରିଲେ, “ହଉ, ଏବେ କ’ଣ କହୁଛୁ ?”

Digitized by srujanika@gmail.com

ଚେଲୁଆ ଖଣ୍ଡି ଯିବା ପରେ ତ ଅରକ୍ଷିତର ସ୍ବର ଦଉଡ଼ି କଟିଗଲା । ସେ ସ୍ବର ଚଢ଼ା ଗଳାରେ କହିଲା, "ମୁଁ କ'ଣ କହିବ, ମାହାପୁରୁ ? ଆପଣ ନିଜେ ବିଗ୍ରର କରୁ ନାହାନ୍ତି ? ପାଞ୍ଚଜଣଙ୍କୁ ପଗ୍ଚରିବେ ଯଦି ପଗ୍ଚରନ୍ତୁ । ଏ ତ ସୃଷ୍ଟିରେ ନ ଥିବା କଥା ! ସେ ସମ୍ପତ୍ତି ସେ ରଖିବେ କାହିଁକି, ଇମିତି ଅନୁଗ୍ରହ କଲାପରି ପଢ଼ି ଦେବେ କାହିଁକି ? ମୋର ଆଠ'ଣ୍ଡା ହେଉ, ବା ସୂ୍‌ତା ଭିତରେ କିଛି କମିଥାଉ, କଡ଼ା ହିସାବରେ ହିସାବ କରି ମତେ ଦେଇଦିଅନ୍ତୁ; ମୁଁ ସେଥିରେ ବଦନେ ଚଳେ ବା ଓଲଟେ ଚଳେ !

ନାରଦ ଚୁପ୍ । ଅରକ୍ଷିତ ଟିକିଏ ଥଣ୍ଡା ହେବା ପରେ ସେ ଡରି ଡରି କହିଲେ, "ହଇରେ •ବାଇଆ ! ଭଗବାନଙ୍କଠାରେ ଇମିତି ଦ୍ରୋହୀ ହେଉଛୁ କାହିଁକି ? ତାଙ୍କ ମନ ଧରି ନ ଚଳିଲେ କ'ଣ ସଂସାରରେ ଚଳି ହେବ ?"

ଅରକ୍ଷିତର ରାଗ ପୁଣି ପଞ୍ଚମକୁ ଚଢ଼ିଲା । ସେ ପୁଣି ପାଟିକଲା, "ମାହାପୁରୁ, ଯାହାଙ୍କର ବିତ୍ତ ଅଛି, ପିଲାକୁଟୁମ୍ବ ଅଛନ୍ତି, ଭଗବାନଙ୍କ-ଠାରୁ ଯେ ଅକାଳେ ସକାଳେ ପୁଞ୍ଜି ପାଉଛନ୍ତି, ସେ ସିନା ମନ ଧରି ବସିବେ, ମୋତେ କ'ଣ ସେ ତାଙ୍କ ବାପ ଗଣ୍ଠି ଦେଉଛନ୍ତି କି ? ଓଲଟି ଆମ ଧନ ସେ ମାଡ଼ି ବସିଛନ୍ତି । ଆମେ ମନ ଧରିବୁ କାହିଁକି ? ଆପଣ କହୁନାହାନ୍ତି ?"

ନାରଦ ଆଉ କହିବେ କ'ଣ ? ଆଶ୍ରମକୁ ବା ଫେରିବେ କମିତି ? ସେଇଠାରୁ ସେ ପୁଣି ବାହୁଡ଼ିଲେ ବୈକୁଣ୍ଠକୁ । ସେତେ-ବେଳକୁ ଭଗବାନ୍ ଖାଇସାରି ଗଡ଼ତ ଚଉଡ଼ତ ହେଉଛନ୍ତି । ତାଙ୍କୁ ଉଠାଇବେ କପରି ? ନାରଦ ଆସିବାର ଜାଣିପାରି ଭଗବାନ୍ ତାଙ୍କୁ ପାଖକୁ ଡାକି କହିଲେ, "କଓ, ସେଇ ଅରକ୍ଷିତଆ ଯୋଗୁଁ ଫେରିଲ ଟି ? ସେ ସବୁତକ ଏକା ଦିନକେ ପାଇବାକୁ କହୁଚି ଟି ?"

ନାରଦ ଭକ୍ତିରେ ଗଦ୍ ଗଦ୍ ହୋଇ କହିଲେ, "ମହାପ୍ରଭୁ ! ଆପଣ ତ ଅନ୍ତର୍ଯ୍ୟାମୀ !"

ଭଗବାନ କହିଲେ, "ଏଣ୍ଟିକରେ ଯଦି ଅନ୍ତର୍ଯ୍ୟାମୀ ହୁଅନ୍ତି, ତେବେ ତ ସମସ୍ତେ ଅନ୍ତର୍ଯ୍ୟାମୀ । ତୁମେ କ'ଣ କଳି ପାରି ନ ଥିଲ,

Digitized by srujanika@gmail.com

ସେ ତା ପୁଞ୍ଜିଟା ନିଜ ହାତରେ ପାଇବାକୁ ଜିଦ୍ କରିବ ବୋଲି ? ହଉ, ଯାଅ, ତାକୁ କହିବ, ସେ ତା ଆଠ'ଣ୍ଠାଟି କାଲି ବଡ଼ ସକାଳୁ ପାଇଯିବ । ଏଥର ତା' କଥା ସେ ବୁଝୁ ।"

ନାରଦ ବିଦାୟ ନେଲାବେଳେ ଭଗବାନ୍ ପୁଣି ଚେତାଇ ଦେଲେ, "ବୁଝିଲ ନାରଦ ! ଏପରି ଭୁଲ ଆଉ କରିବ ନାହିଁ । ଲୋକେ ଯଦି ତାଙ୍କର କର୍ମଫଳ ଜାଣିଯିବେ, ତେବେ ଏକାଦିନକେ ସେ ସବୁ ହାତ କରିବାକୁ ଚାହିଁବେ; ଆମ କମ୍ପାନୀରେ ଏକା ଦିନକେ ଲାଲବତୀ ଜଳିଯିବ ।"

ତହିଁ ଆରଦିନ ସକାଳୁ ତାର ସମସ୍ତ ପାଉଣା ଚୁକ୍ତି ହୋଇଯିବ ଏଇ ଆଶାରେ ଅରକ୍ଷିତର କର୍ମପ୍ରେରଣା ଲୋପ ହୋଇଗଲା । ଆଗରୁ ତ ନିଜ ଜୀବନ ନିର୍ବାହ ଶସ୍ତା ଖଣ୍ଡ ଯାଇଛୁ । ସେ ଯାଇ ନିଜ ଗଛ ମୂଳରେ କଡଲାଗି ହୋଇଗଲା । ଆଉ ପେଜ ଗୁଣିବା ଦରକାର ନାହିଁ, କି କାହାକୁ ହାତ ପତାଇବା ଦରକାର ନାହିଁ ।

ରାତି ହେଲା । ରାତିଯାକ ସେ ସ୍ୱପ୍ନ ଦେଖୁଥାଏ । ଭଗବାନଙ୍କ ଆଠ'ଣ୍ଠା କେତେ ? ସେ ବିଷୟରେ ନାନାପ୍ରକାର କଳ୍ପନା ତା ଆଗରେ ରୂପ ନେଇ ସିନେମା ଚିତ୍ର ପରି ଚାଲିଯାଉଥାଏ । କେତେବେଳେ ଦିଶେ, ଆଠ'ଣ୍ଠା ବୋଇଲେ ଗୋଟାଏ ବାଇହାଣ୍ଡି ମାହାରିଦ, ଡାଲି ଭୁଜଣି ହୋଇ ଘର କୁଡ଼ୁଆ । କେତେବେଳେ ଜଣାଯାଉଥାଏ, କୋଠାବାଡ଼ି, ପୋଇଲି ପରିବାର, ପଲଙ୍କ ସୁପାତି, ହାତୀ ଘୋଡ଼ା । କେତେବେଳେ ଜଣାଯାଉଥାଏ, ଆମର ଦେଶୀ ହିସାବରେ ଆଠଗଣ୍ଡା ବୋଇଲେ ଦୁଇ ନୂଆପଇସାରୁ ବେଶୀ, କିନ୍ତୁ ଅ◌ଡ଼ଇରୁ କମ ହୋଇଥିବାରୁ ଆଜିକାଲି ବୁଝାମଣାରେ ସେଇ ଦୁଇଟି ମାତ୍ର ମିଳିବ । ଏମିତି ଗୁଡ଼ାଏ ସ୍ୱପ୍ନ ଦେଖି ସ୍ୱପ୍ନରୁ ଉଠି ବସୁଥିର, ପୁଣି ସ୍ୱପ୍ନ ଦେଖି, କୋଇଲି ବୋବେଇବା ବେଳ ହେଲା ବେଳକୁ ତାକୁ ଟିକିଏ ନିଦ ଆସି ଯାଇଛି, ତା' ଆଗରେ ଜଣେ କିଏ ଠିଆ ହେଲାପରି ଦିଶିଲା । ସେ ତଡ଼ବଡ଼ରେ ଉଠି ବସି କହିଲା, "କିଏ ସେ ?"

ସୌରି ସାଉକାରେ ଅଞ୍ଚଳର ଜଣେ ବଡ଼ ବ୍ୟବସାୟୀ । ଜାହାଜରେ ମାଲପତ୍ର ନେ ଆଣ କାରବାର କରୁଥିଲେ । ପ୍ରାୟ ୧୨।୧୩

Digitized by srujanika@gmail.com

ବର୍ଷ ହେଲା ଗଲେ ଯେ ଆଉ ଫେରିଲେ ନାହିଁ । 'ସେ ଆଉ ଫେରିବେ ନାହିଁ' ଏହି ଧାରଣା ବର୍ଷେ ଖଣ୍ଡେ ପରେ ଜଣେ ଦୁଇଜଣଙ୍କ ମନରେ ଉଙ୍କି ମାରିଲା । ଏବେ ବଡ଼ି ବଡ଼ି ତାଙ୍କ ସ୍ତ୍ରୀଙ୍କ ବ୍ୟଙ୍ଗିତ ଆଉ ସମସ୍ତଙ୍କଠି ମାଡ଼ିଯାଇଥାଏ । ସ୍ତ୍ରୀ କିନ୍ତୁ ବିଶ୍ୱାସ କରୁଥାନ୍ତି ଯେ ତାଙ୍କର ସ୍ୱାମୀ ନିଶ୍ଚୟ ଫେରିବେ—ଆଜି ନେତାଜୀ ସୁଭାଷ ବୋଷ ନିଶ୍ଚୟ ଫେରିବେ ବୋଲି ଯେପରି କେତେ ଜଣ ବିଶ୍ୱାସ କରୁଛନ୍ତି । ଏପରି ବିଶ୍ୱାସ କଲେ, ଲୋକେ ମୂର୍ଖ ବୋଲି କହିବେ, ପାଗଳୀ ବୋଲି କହିବେ—ପ୍ରିୟ ଲୋକେ ସାହୁକାରିଆଣୀଙ୍କୁ ଏଇପରି ବୁଝାନ୍ତି । ତାଙ୍କ ମନକୁ କିନ୍ତୁ ଏକଥା ପାଏ ନାହିଁ । ସେ କହନ୍ତି, "ମୋ ସ୍ୱାମୀ ଫେରିବେ ବୋଲି ମୁଁ ବିଶ୍ୱରୁଛି, ବାୟା ବୋଲି କିଏ କାହିଁକି କହିବ ? ମୋର ତ ଅନ୍ୟ ଗତି ନାହିଁ, ସେ ଆସିବେ ବୋଲି ବିଶ୍ୱରିଲେ ଦୋଷ କ'ଣ ହେଲା ?" ସେ ଏପରି ଖାଲି ଯେ ବିଶ୍ୱରନ୍ତି ତା ନୁହେଁ, ଅହିଅ ମାଇପିଙ୍କ ପରି ଅଳଙ୍କାର ପିନ୍ଧି ନାଇଥାନ୍ତି । ଖୁଣିଲେ କହନ୍ତି, "କେଜାଣି ସେ କେତେବେଳେ ଆସି ପହଞ୍ଚିବେ, ମୁଁ ତ ପୁଣି ସେତେବେଳକୁ ଗୁହାଁ ଚଳିବ ।"

ସୂାଙ୍କର ବାଡ଼ଦୁଆରେ ଦଣ୍ଡେ ବସି କଥାବାର୍ତ୍ତା ହେବାକୁ ଅରକ୍ଷିତଆକୁ ଭରି ସୁଖ ଲାଗେ । ଆଗେ ତାଙ୍କର ଦୁଆରୁ ମୁଠାକ ମିଳୁଥିଲା । ଏବେ ଦୁଇ ଗୃରିବର୍ଷ ହେଲା ସେ ବି ହେଲେଣି ଅରକ୍ଷିତ । ଅରକ୍ଷିତଆର ଥିଲେ ସେ ତାଙ୍କୁ ଦିଅନ୍ତା । ତାଙ୍କୁ ମାଗିବ କମିତ, ଯାଚିଲେ ବା ନେବ କମିତ ? ତଥାପି ଭୁଣ୍ଡ ହେମନ୍ତ୍ ଟିକିଏ ଦେବାପାଇଁ ସେ ସକାଳୁ ଆପଣାପୁଞ୍ଜାକ କରିସାରିଲେ ସାହୁକାର ଘରକୁ ଗୃଲିଯାଏ । ସାହୁକାର ଥିବାବେଳେ ତାଙ୍କ ଘରୁ ପୁଞ୍ଜିଏ ପାଇବାକୁ ଯାଉଥିଲା । ଏବେ ସେ ଅଡ଼ୁଆ ବାଙ୍କ ରହି ନ ଥାଏ ।

କାଲି ତ ସାହୁକାରିଆଣୀଙ୍କ ସଙ୍ଗେ ଦୁଃଖ ସୁଖ ହେଲାବେଳେ ସୌରି ମହାଜନଙ୍କ ମୁହଁଟା ତା' ଆଗରେ ଦିଶିଯାଇଥିଲା । ସେଇ ରୂପଟା ହଠାତ୍ ସ୍ୱପ୍ନରେ ଆସି ଦିଶିଯିବାରୁ ଅରକ୍ଷିତଆ 'କିଏ ସେ ?' ବୋଲି ପାଟିକରି ଉଠିଲା ।

ସେ କହିଲେ, "କରେ ଅରକ୍ଷିତଆ, ତୁ' ଯେଉଁଠି ସେଇଠି ଶୋଉଥିବୁ ପରା ବୋଲି ବିଗୃରି ଏଇବାଟେ ଗାଁକୁ ଯାଉଛୁ ।"

Digitized by srujanika@gmail.com

'ଏଁ, ଏଁ' ବୋଲି କହି ଅରକ୍ଷିତ ଉଠି ଠିଆ ହୋଇ ପଡ଼ିଲା । ହାତ ଯୋଡ଼ି କହିଲା, "ସାହୁକାରେ ? ଆହେ ମୁଁ ସ୍ୱପ୍ନ ବୋଲି ବିଚାରୁଛି ? ହଉ ହଉ, ସା'ନ୍ତ ବେଗେ ଘରକୁ ଯାଅ । ସାଆନ୍ତାଣୀ ଚାହିଁଛନ୍ତି ପରା ! ……ହଁ ସା'ଆନ୍ତେ ! ମିଛ ନୁହଁ ! କାଲି କହୁଥିଲେ, 'ଅରକ୍ଷିତ ! ସମସ୍ତେ କହୁଛନ୍ତି ଅସମ୍ଭବ । ଯିବା ତ ଅସମ୍ଭବ ହେଲା ନାହିଁ, ଆସିବା ଅସମ୍ଭବ ହେବ କାହିଁକି କହିଲ ?' ତାଙ୍କୁ ଦେଖି ପରା ମୁଁ କାବା ହେଉଛି, ସାଆନ୍ତେ ! ପୁଅଙ୍କର ମଧ୍ୟ ବିଚାର ତାଙ୍କରି ପରି । ସାଙ୍ଗ ପିଲାଟେ ପଚାରିଦେଲା ଯେ, ସାନ ସାଆନ୍ତେ ଧାଇଁ ଯାଉ ଯାଉ କହିଲେ, 'କାଲି ସକାଳେ' । ଯାଅ ସାଆନ୍ତ, ଯାଅ, ସେ ତ ଉଠି ନ ଥିବେ ପହଞ୍ଚିଯିବ ।"

ସାହୁକାରେ ତରତର ହେବାର ଲକ୍ଷଣ ନ ଦେଖାଇ କହିଲେ, "ଆରେ ! ତୋ'ଠୁ କଥା ଶୁଣିଲେ ତ ଘରେ ଯାଇ ପହଞ୍ଚି ସାରିଲା ପରି ଲାଗୁଛି । ହଁ ସାଆନ୍ତାଣୀ ରାଣ୍ଡ ହୋଇଛନ୍ତି ନା ଅହିଅ ଅଛନ୍ତି ବି ?"

ଅରକ୍ଷିତ ହସି ହସି ବାଟେଇ ଦେଉ ଦେଉ ହସି ହସି କହିଲା, "ସେଇଥିପାଇଁ ପରା କହୁଛି ବେଗେ ଯିବାକୁ ।"

ସାହୁକାରେ ଆଗକୁ ଗୋଡ଼ କାଢ଼ୁ କାଢ଼ୁ ଅଣ୍ଟାରୁ କ'ଣଟେ କାଢ଼ି ଅରକ୍ଷିତ ଆଡ଼କୁ ବଢ଼ାଉ ବଢ଼ାଉ କହିଲେ, "ଆରେ ! ନେ ନେ ! ଶଳା ଜନ୍ମ ଅରକ୍ଷିତ, ମାସେ ଖଣ୍ଡେ ଅଇସ କର ।"

ଅରକ୍ଷିତକୁ ଜାଲୁ ଜାଲୁଆରେ ବି ଦିଶିଲା, ହଳଦିଆ ରଙ୍ଗ ! ସାଙ୍ଗେ ସାଙ୍ଗେ ମନେ ପଡ଼ିଗଲା, ନାରଦଙ୍କ କଥା । ଭଗବାନଙ୍କ ଆଠ'ଣ୍ଡା ! ଯାହାକୁଇ ବାଣ୍ଟି କୁଣ୍ଟି କରି ଦେଉଥିଲେ ! ସୁନାର ମୂଲ୍ୟ ବଢ଼ିଗଲା ! ଶହେ ବର୍ଷର ଖୁରାକ !

ଅରକ୍ଷିତ ଗାଧୋଇ ପଡ଼ି, ସୁନା ମୋହରଟିକୁ ଭଲ କରି ବାଲି ରଗଡ଼ି ଘଷାଘଷି କରି ଧୋଇ ଦେଲା, ଆଞ୍ଜୁଳା କରି ବରଗଛର ସିନ୍ଦୂର-ମୁଣ୍ଡିଙ୍କ ଆଗରେ ତାକୁ ତଳେ ଥୋଇ କହିଲା, "ମା ! କାଲି ମୋ କଥାରେ ଚିଡ଼ିଯାଇ ଠାକୁରେ ସବୁତକ ପଠେଇ ଦେଇଛନ୍ତି । ତୋ'ରି ପାଖରେ ରହୁ । ଆଜି ତାକୁ ତୋ'ରି ପିଣ୍ଡା ଖର୍ଚ୍ଚ କରିଦେଉଛି ।"

Digitized by srujanika@gmail.com

ତା' ଧମକରେ ମା' କେତେ ଡରିଲେ କେଜାଣି, ଅରକ୍ଷିତଆ ଯାଇ ଦେଉଳ ଦୁଆରେ ଯାହାକୁ ଦେଖିଲା, କହିଲା, 'ଆଜ ଟିକିଏ ପିଦେ ସିନ୍ଦୂର ମୂର୍ତ୍ତି ଙ୍କଠିକି ।' 'ମାହାପୁରୁ ! ଆପଣ ପାଣି ମୁନ୍ଦେ ଛୁଞ୍ଚିଦେବେ', 'ମହାଜନେ, ତମେ ଟିକିଏ ପଚ୍ଛଞ୍ଚେଇଦେବ; ମୁଁ ଆଜ ତାକୁ କାହିଁକି ଛୁଇଁବ', 'ହ ଭାଇ, ଯାହାକୁ ଦେଖିବୁ କହିଦେବୁ', 'ସାଆନ୍ତ, କେତେ ମୁଁ କହିବ କମିତି, ଭଗବାନ ପରା ତାକୁ ଶହେ ବର୍ଷକୁ ସାଇତିଥିଲେ, ଆପଣ ଯେତେ କହିବେ ସେତେ ଜଣ ଆଣିବେ ।'

ଏଇପରି ପ୍ରଚାର ସକାଶ ଲୋକ ମିରୁନାହାନ୍ତି ବୋଲି ସିନା ଟେଲିଭଜନ ଯାଏ ଗଲାଣି ! ଥାନ ମୁଣ୍ଡରେ ଯାଇ ମଣିଷ ଢେର ପହଞ୍ଚିଲେ । ବ୍ରାହ୍ମଣ ୨୭ ଜଣ, ଆଶ୍ଚର୍ଯ୍ୟ କଥାଟାଏ ଦେଖିବେ, ଏଥିପାଇଁ ପିଲା ପିଶକା ବି ଆଣିଥାନ୍ତି । ତାଙ୍କ ଅରକ୍ଷିତଆ ଠାକୁରାଣୀ ମାଜଣା କରୁଚ୍ଛି ବୋଲି ସହରର ସବୁତକ କୁଡ଼ୀ କାଙ୍ଗାଳ ଯାଇ ସେଇଠାରେ ହାଜର । ଗୁଡ଼ାଏ ବି ଛନଷ ଆସିଥାଏ । ଏ ମୋହରଟା କେତେକୁ ଚଳୁଚ୍ଛି ଜଣା ନ ପଡ଼ିବାରୁ ସୁନା କଷରେ ମହାଜନ ନେଲା ଯେ ଭୂମି କରି ଶହେଶ ଟଙ୍କା ବଢ଼ାଇଦେଲା । ଅରକ୍ଷିତ କହିଲା, 'ମହାଜନେ, ଅଧକର ଲୁଗା ଦିଅ, ଅଧେ ଟଙ୍କା ଦିଅ ।' ମହାଜନ ଫକଲୁ ଶୁଣି ଜିଭ କାମୁଡ଼ି ପକାଇଲା । ତାକୁ ଜଣା ପଡ଼ିଲା, ସତେ ଯିମିତି ସିନ୍ଦୂରମୂର୍ତ୍ତି ଜିଭ ବାହାର କଲାଣି । ଶସ୍ତା କାଳ ତ ! ଦ'ଗାଣ୍ଠି ଲୁଗା ଯୋଡ଼ାଏ ମୋଟିଆ ନେଇ ହାଜର ହୋଇଥାନ୍ତି । ଟଙ୍କାରେ ପୁଣି ଦ'ଶହକୁ ତିନି ଶହ । ଗୁଡ଼ିଆ ମହାଜନମାନେ ବି ଦୟା କଲେ । ଯେତକ ସରଞ୍ଜାମ ଜୁଟିଥିଲା, ସେଥିରୁ ଫଳେ ପୁଷ୍ପେ ହଜାରେ ଲୋକ ପାଇଗଲେ । ଶେଷକୁ ବାହ୍ମଣ ସାଆନ୍ତେ ଜଣ ଜଣ ହୋଇ ବିଦାକ ନ ନେଇ ନିଜ ନିଜ ଗାଁ କୋଠମାନଙ୍କୁ ଅଣାଏ ଲେଖାଏଁ ଟଙ୍କେ ନ'ଅଣା (ଅର୍ଥାତ୍ ଏକଟଙ୍କା ୫୪ ନୂଆ ପଇସା—ସମାନ ଛୁଣ୍ଡିଗଲା !) ନେଇ ସନ୍ତୋଷରେ ଗଲେ ।

ଅରକ୍ଷିତ ଚଉତରା ଓଳେଇ ଦେଇ ଧୂଆ ଧୋଇ ହୋଇ ସେଇ ଗଛର ସନ୍ଧିରୁ କୁଡ଼ୁଆଟି ବାହାର କରି ତା ଭିତରୁ ମୁଠାଏ ପାଟିକି ପକାଇ ପୁଣି ଯାଇ ପାଣି ପିଇ ଆସିଲା । ସେଥିରେ ବଳିଥିବା ପ୍ରସାଦକୁ ଅଟକଳ କରି କହିଲା, "ପ୍ରେ ଯେଉଁ ଦିନ ସରିବ, ସେଇ ଦିନ ଶେଷ । ପ୍ରେ କମିତି! ନୋଇଲେ ନାଇଁ କ'ଣ୍ନା ପେଜନଳାକୁ ଛେଲୁଆ ଦେଖାଇ

Digitized by srujanika@gmail.com

ଥା !" ମହାସନ୍ତୋଷରେ ଅରକ୍ଷିତିଆ ଘୁଙ୍ଗୁଡ଼ି ମାଇଲା । ଭଗବାନଙ୍କ ଯୁକ୍ତ କଥା ହୋଇଗଲା ସହଜରେ । ଆଠ ଗଣ୍ଡା ବୋଇଲେ ଛ'ଅ ଶହ ! ତିନି ଶହକୁ ଦୁଇଗାଣ୍ଠି ଲୁଗା, ନଗଦ ତିନି ଶହ ।

ଦିନେ ଦି'ଦିନ ଯାଇଛି କି ନାହିଁ ; ଯଜମାନ ଘିଇତାମାଇପେ ଦିହେଁ ନୋଟ୍ ବିଡ଼ାଟେ ବଢ଼ାଇଦେଇ କହିଲେ, "ଆରେ ଅରକ୍ଷିତ ! ସେଥର ଯିମିତି କରେଇଥିଲୁ ଯିମିତି ଗୋଟାଏ ମାଜଣା କରେଇ-ଦେବୁ ।" ବରଗଛ କୋରଡ଼ର କୁଡ଼ୁଆଟି ଇମିତି ହେଉ ହେଉ ସବୁବେଳେ ପୂର୍ଣ୍ଣ ରହିଲା । ଅରକ୍ଷିତ ଆପଣା ପାଇଁ ପଦ ପକାଏ ନାହିଁ । କହେ, "ସାଆନ୍ତ ! ଏତକ ତ ସବୁ । ଏତକ ସରିଲେ ସରିଲା । ଆପଣଙ୍କ ପ୍ରସାଦ ସେବା କରୁ କରୁ ତ ଉମର ବିତିଲା । ସେଇ ପ୍ରସାଦ ଟିକିଏ ମୁଁ ଶୋଇଲା ବେଳକୁ ପାଏ, ଶୁଏ ।"

ପ୍ରତିଦିନ ଗୋଟାଏ ଲେଖାଏଁ ମାଜଣା ! ଦିନେ ଦିନେ ଦି'ଟା । ଲେଖନକାର ଜଣେ ରହିଲେ, ପୂଜକ ନମୁଦ ହେଲେ, ମୋଟିଆ ସେବେଇତ ହୋଇ ଜଣେ ଜଣେ ନମୁଦ ହେଲାପରି ହୋଇଗଲେ । ଅରକ୍ଷିତିଆକୁ ରହସ୍ୟରେ ଡାକୁ ଡାକୁ ସମସ୍ତେ ସବୁବେଳେ ଡାକିଲେ, ଅରକ୍ଷିତ ବାବା ! ନାରଦଙ୍କ ସାଙ୍ଗେ ଦେଖାହେବା ଦିନଠାରୁ ସବୁକଥା ବୋଟି ଗୋଟି କରି ମନେ ପକାଇ ଅରକ୍ଷିତ ଭଗବାନଙ୍କୁ ଜଣାଏ, "ମାହାପୁରୁ ! ଏକାଦିନେ ପରା ସବୁ ଦେଇପକେଇବେ ବୋଲି କହିଥିଲ ! ଆଜଯାଏ ସରିଲା ନାହିଁ ? ଏଇ କଷ୍ଟିରେ ସରୁ ଭଲ !"

ସରୁଛି କେତେବେ ? ବର୍ଷ ପାଞ୍ଚଟାରେ ଅରକ୍ଷିତ ବାବାଙ୍କପାଇଁ ଗୋଟାଏ ପୀଠ ହୋଇଗଲା-- ପୀଠ କାହିଁକି, ସିଂହାସନ । ଦିନ ତମାମ ଗୁଲିଲା ଖଇରାତ । ଦଶବର୍ଷ ସରିକି ଅରକ୍ଷିତ ବାବାଙ୍କ ମଠର ନାମ ଗୁରୁଆଡ଼େ ବିଖ୍ୟାତ ହୋଇଗଲା ।

ଦିନେ ନାରଦଙ୍କର ହଠାତ୍ ମନେପଡ଼ିଲା ଅରକ୍ଷିତିଆ କଥା । ଲୋକଟା ପଛରେ ଧାଇଁ ଧାଇଁ ଆସି କହିଥିଲା, "ମାହାପୁରୁ, ପାସୋରିବ ନାହିଁ" ବୋଲି । ନାରଦଙ୍କ ମନ ଡେଙ୍କେଇଲା ସିନ୍ଦୂରମୁଣ୍ଡିଙ୍କ ଆଡ଼କୁ । ତା'ପରେ ମନେପଡ଼ିଲା, ଭଗବାନଙ୍କ ଅଠ'ଣ୍ଡାଟା କେତେ ଜାଣିଗଲେ

Digitized by srujanika@gmail.com

ତାଙ୍କ ସମ୍ଭାର କଳ ହୋଇଯିବ । ହିସାବ କିତାପର ପ୍ରୟୋଜନ ହେବ ନାହିଁ । ସେ ଖଡ଼େଦମ୍ ବାହାରିଲେ । ଯେଜନଳା ପାଖରେ ଗୁଡ଼ାଏ ଅନୁଷା କଲେ, ବରଗଛଟା ତ ଏକାବେଳକେ ଠଉରେଇ ପାରିଲେ ନାହିଁ ! ଦୁ' ଚାରିଜଣଙ୍କୁ ପଚାରିଲେ, "ସେ ଯେଉଁ ଲୋକଟି ଯେଜନଳାରୁ ଭାତ ଗୁଣି ଖାଉଥିଲା, ଲୋକନାଥ ପଦା ବଡ଼ ବରଗଛ ମୂଳେ ଶୋଉଥିଲା, ସେ କେଉଁଠି ଅଛି ? ଅଛି ନା ମଲାଣି ?" କିଏ ହସିଲା, କିଏ ମୁଣ୍ଡରେ ଆଙ୍ଗୁଠି ବୁଲେଇ କହିଲା, 'ଏମିତି ଲୋକ ତ ଆମେ ଦେଖିନାହୁଁ'; ଜଣେ ଯାତ୍ରୀ ଆଉ ଜଣକୁ କହିଲା, 'ଆହା ବିଚାରା, ଡୋର କୌପୀନ ସିନା ଧରିଛି, ସଙ୍ଗ ଛାଡ଼ିପାରିନାହିଁ । କିଏ ଗୋଟିଏ ଆପଣାର ଲୋକ ଏଇଠେଇ ଭିକ ମାଗୁଥିଲା, ତାକୁ କେଡ଼େ ଝୁରୁଛି ଦେଖ'; ଆଉ କିଏ କହିଲା, 'ବାଇଆଟାଏ ମ ! ଏଠେଇ ପୁଣି କେଉଁ ଅରକ୍ଷିତଟା ଯେଜନଳାରୁ ଭାତ ଗୁଣୁଥିଲା ?'

ନାରଦ ତଲାସ କରିବା ବୃଥା ବୋଲି ବିଚାରିଲାବେଳକୁ, ଜଣେ ବୁଢ଼ାଲିଆ ଲୋକ କହିଲା, "ମାହାପୁରୁ ! ସେ ଯେଜନଳା ଅରକ୍ଷିତକୁ ଆଉ ଦେଖିଲେ ବି ଚିହ୍ନିପାରିବ ନାଇଁ । ସେ ପରା ଏଇଲେ ଅରକ୍ଷିତ ବାବା ବାବାଜି ହେଲେଣି । ସେଇ ଲୋକନାଥ ପଦା କଣରେ ତାଙ୍କର ମଠ ; ଯାଅ ଖୋଜିବ, ଦେଖା ହେଲେ ହୋଇଯାଇପାରେ ।"

ନାରଦ ଯାଇ ପହଞ୍ଚିଲା ବେଳକୁ ଭାରି ଭିଡ଼ । ଲୋକ ପାଞ୍ଚଶହ ହେବେ, ସଦର ଦରଜାବାଟେ ଭିତରକୁ ପଶିବାକୁ ସମସ୍ତେ ଏକାବେଳକେ ମୁଷ୍ଟ୍ରେଇଥାନ୍ତି । ନାରଦ ତାଙ୍କର ଭିତରେ ପଶି ଗୁଡ଼ାଏ ଧକାଂଧକ୍କା ଖାଇଲେ । ଭଗବାନଙ୍କ ଚରଣାମୃତ ପାନ କରି କରି ତ ତାଙ୍କ ଦେହରେ କଣ୍ଠା ରହିଥାଏ । ସେ ଏ ଧସ୍ତାଧସ୍ତିକୁ ପାରନ୍ତି କେତେକେ ? ସେ ତଳେ ପଡ଼ି ଚକଟି ହୋଇଗଲେ । ସଦର ଦରଜାର ନେପାଳି ଦରୁଆନର ନଜର ନ ପଡ଼ିଥିଲେ ସେ ସେଇଠାରେ ମୋକ୍ଷ ପାଇଯାଇଥାନ୍ତେ । ଦରୁଆନ ବିଚାରା ତାଙ୍କୁ ଟେକିନେଇ ମଠ ଭିତରେ ଶୁଆଇଲା । ବହୁତ ଛିଞ୍ଚା ବଞ୍ଚା ପରେ ସେ ସାସ୍ଥାମ ହେଲେ ।

ଅଭ୍ୟାଗତଯାକ ଖାଇ ପିଇ ଲୁଗା ପଟା ନେଇ ଫେରିଲେ । ଗହଳ ଟିକିଏ ଭାଙ୍ଗିଲା । ବାବା ମଣୋହି କରିବେ ବୋଲି ତାଙ୍କ ଅଇଣ୍ଠା

Digitized by srujanika@gmail.com

କୁଡ଼ୁଆ ଆସି ଥିଆ ହେଲାଣି, ବାବାଙ୍କ କାନରେ ବାଜିଲା, ସକାଳୁ ଜଣେ ବୈଷ୍ଣବ ଅଣ୍ଟା ଜଖମ ହୋଇ ପଡ଼ିଛନ୍ତି । ତାଙ୍କ ଖବର ବୁଝି ଆସିବାକୁ ସେ ବାହାରିଲେ । ଘର ଭିତରେ ପଶି ଯାଉ ଯାଉ ତାଙ୍କର ନଜର ପଡ଼ିଲା, ନାରଦଙ୍କ ଉପରେ । ସେ ଶେଯ ପାଖରେ ସାଷ୍ଟାଙ୍ଗ ଦଣ୍ଡବତ ହୋଇ ଚିତ୍କାର କଲେ, "ମାହାପୁରୁ ! ତମକୁ ପୁଣି ଏ ଦଣ୍ଡ କିଏ ଦେଲା ? ଓହୋ ! ଭଗବାନଙ୍କର ରାଗ ଏତେ ବେଳଯାଏଁ ଛଡ଼ିନାହିଁ ।"

ନାରଦ ସତକୁ ସତ ଅରକ୍ଷିତଆକୁ ଚିହ୍ନିପାରିଲେ ନାହିଁ । ଯେ ସେଇ ଅରକ୍ଷିତ ବୋଲି ଯେତେବେଳେ ସେ ଜାଣିଲେ, ତାଙ୍କ ମନରେ ଅପୂର୍ବ ଆନନ୍ଦ ହେଲା । ଭଗବାନଙ୍କ ଉଦ୍ଦେଶ୍ୟରେ ନମସ୍କାର କରି ସେ ଗାଇଲେ, "ମହାପ୍ରଭୁ ! ଧନ୍ୟ ତମର ଲୀଳା ! ତମେ ବଗୃରିଲେ ସୋଲ ବୁଡ଼େ, ପଥର ଗଗନମାର୍ଗରେ ଉଡ଼େ ।" ତାଙ୍କ ପୀଡ଼ା କୁଆଡ଼େ ଉଭେଇଗଲା ।

ଅରକ୍ଷିତ ତାଙ୍କର ପାଖେ ଦୁଃଖସୁଖ ହେଉ ହେଉ କହିଲା, "ମାହାପୁରୁ ! ତମର ସାଙ୍ଗେ ଦେଖା ହେଲାଦିନୁ ମୁଁ ବଡ଼ କଷ୍ଟ ପାଉଛି ! କେଡ଼େ ଅଚିନ୍ତ ହୋଇ ଥିଲି । ଘଣ୍ଟାଟିଏ ମେହେନତ୍ କରିଦେଲେ ଖାଇବା ପୁଞ୍ଜିକ ମିଳିଯାଉଥିଲା । ମୋ ଆଠ'ଣ୍ଡା କରେଇଦେଲେ ଯେ, ଦେଖ, ଏ ପର୍ଯ୍ୟନ୍ତ ସଜିଲା ନାହିଁ । ପାହାନ୍ତିଆରୁ ରାତିଅଧ ଯାଏଁ ସବୁବେଳେ ଘୂ ଘୂ ଲାଗିଛି । ସନ୍ଥ ମହନ୍ତମାନଙ୍କର କେତେ ପୀଡ଼ା ନ ହେଉଛି । ଆଜ ପୁଣି ଆପଣଙ୍କୁ ଯ୍ୱା ହେଲା ! ଭଗବାନଙ୍କୁ ଟିକିଏ କହିବେ, ଆଠ'ଣ୍ଡାରୁ ଆଉ ଯାହା ବଳୁଛି ସେ ଆଗପରି ରଖନ୍ତୁ, ମୋତେ ଯେମିତି ଗଡ଼ ଦେଉଥିଲେ ଦିଅନ୍ତୁ । ଯ୍ୱାଠାରୁ ସେ ସହସ୍ର ଗୁଣେ ଭଲ ଥିଲା ।"

ଭଗବାନଙ୍କ ଦୁଆରେ ହାଜରା ଦେବାରେ ଡେରି ହୋଇଛି ବୋଲି ମନେପଡ଼ିବାରେ ନାରଦ କୁନ୍ଥେଇ ମନ୍ଥେଇ ହୋଇ ଉଠିଲେ, ଟିପେଇ ଟିପେଇ ରାସ୍ତା ଧଇଲେ ।

ଖଣ୍ଡେ ବାଟ ଯାଇଛନ୍ତି, ଗୋଟିଏ ଗଛମୂଳେ ଜଣେ ବାବାଜି ବାଇବଳୁ ହେବାର ଦେଖି ସେଠାରେ ଦଣ୍ଡେ ବସେଇଲେ । ବାବାଜି

Digitized by srujanika@gmail.com

ଅରକ୍ଷିତ ବାବାଙ୍କଠାରୁ ଲୁଗା ଗାମୁଛା ଦି'ଖଣ୍ଡ ଓ ଖଣ୍ଡେ କମ୍ବଳ ସକାଳୁ ଆଣି, ଲୁଗା ଗଣ୍ଠିଲିଟି ମୁଣ୍ଡକୁ ଦେଇ ଟିକିଏ ଶୋଇପଡ଼ିଥିଲେ । ମୁଣ୍ଡତଳୁ ଗଣ୍ଠିଲିଟି କିଏ ମାରିନେଇଛି । ଆଗରେ ଘୋର ଶୀତଦିନ ! କାଳ କମିତି କଟିବ ସେଇଥିପାଇଁ ସେ ବାଡ଼େଇ କଚାଡ଼ି ହେଉଥାନ୍ତି । ତାଙ୍କ ଦୁଃଖ ଦେଖି ନାରଦ ଆଶ୍ୱାସନା ଦେଇ ଦେଇ ନିଜର ପରିଚୟ ଦେଲେ ; ବରାଦ ବି ପାଇଲେ, "ମହାରାଜ, ଭଗବାନଙ୍କୁ ପଚାରିବେ, ମୁଁ ଏଇପରି ଅସୁବିଧାରେ ଆଉ କେତେଦିନ ଘାଣ୍ଟି ହେବି ?"

ନାରଦ ଗୋଟିଏ ଗୋଡ଼ ଦାବି ଦାବି ଆସୁଥିବାର ଦୂରରୁ ଲକ୍ଷ୍ୟ କରି ଭଗବାନ ନିଜେ ପାଛୋଟି ଗଲେ ; ନାରଦଙ୍କୁ ନିଜେ ଟେକି ନେଇ ରାଣୀହଂସପୁରକୁ ଗଲେ । କିଏ ନାରଦଙ୍କ ଗୋଡ଼ ଚିପି ଦେଲା, କିଏ ଚଉସମ ପିଆଇଲା, ଭଗବାନ ନିଜେ ବି ଆଉଁସି ପକାଉଥାନ୍ତି । ନାରଦ ଝାଡ଼ଝୁଡ଼ ହୋଇ ବସି, ଅରକ୍ଷିତଆ କଥା ସବୁ ବଖାଣ କଲେ । ଭଗବାନ ମୁରୁକି ହସିହସି କହିଲେ, "ଦେଖିଲ ନାରଦ ! ମୁଁ ସେଦିନ କହିଥିଲି ନା, ତମେ ଏପରି ଯାହାକୁ ତାହାକୁ ଚହଲାଦେଇ ଆପେ ଘାଣ୍ଟି ହେବ, ମତେ ବି ଘାଣ୍ଟିବ ?"

ନାରଦ ପ୍ରତିବାଦ କଲେ, "ଭଗବାନ ! ମୁଁ ତ ଦେହରେ ମୁଣ୍ଡରେ ପାଇଲି । ଆପଣଙ୍କର କ'ଣଟାଏ ହୋଇଗଲା ?"

ଭଗବାନ ଲକ୍ଷ୍ମୀଙ୍କ ଆଡ଼କୁ ଚାହିଁ ହସି ହସି କହିଲେ, "ଶୁଣ ସ୍ତ୍ରୀଙ୍କ କଥା । ସ୍ତ୍ରୀଙ୍କର ଅଣ୍ଟା ଟିକିଏ ଜଖମ ହେଲା ବୋଲି ସ୍ତ୍ରୀଙ୍କୁ କେଡ଼େ ବଡ଼ ଦିଶୁଛି ? ସମାନ ଦଶ ବର୍ଷ ହେଲା, ଆମେ ଯାହା ହରକତ ହେଲୁଣି, ସ୍ତ୍ରୀ ଜାଣିବେ କୁଆଡ଼ୁ ? ସ୍ତ୍ରୀଡ଼େ ଆମ ଘରେ କଳି ଲଗାଇ ଦେଇ, ସେ ଅରକ୍ଷିତଆଟା ଦିନରାତି ମୋତେ ଦୋଷ ଦେଉଛି—କ'ଣ ନା, ମୋର ଯୋଗୁଁ ସେ ପରା ଗୁଡ଼ାଏ ଅଡୁଆରେ ପଡ଼ୁଛି !"

ନାରଦ ନିଡର ହୋଇ ବସି କହିଲେ, "ହଁ ମହାପ୍ରଭୁ, ମତେ ତ ମିନତି କରୁଥିଲା । ଆପଣଙ୍କୁ ପୁଣି ସେ କି ଦଣ୍ଡ ଦେଉଛି ?"

ଭଗବାନ କହିଲେ, ଲକ୍ଷ୍ମୀଙ୍କୁ ପଚାର ! ଆହେ ସେଦିନ ଇମିତି ବଳାତ୍କାର କରି ତା ପାଣିହା ନେଇଗଲ । ତହିଁଆର ଦିନ ବଡ଼

Digitized by srujanika@gmail.com

ଘେରରୁ ତା ଆଠ'ଣ୍ଟା ତାକୁ ଦେଇଦେଲ । ସେତକ ନେଇ ସିନ୍ଦୂରମୁଣ୍ଡି ଠାକୁରାଣୀଙ୍କଦ୍ୱାରା ଆମ ଗନ୍ତାଘରେ ମୁତ୍ଫରକା (miscellaneous) ଡିପୋଜିଟ୍ କରିଦେଲା । ସିନ୍ଦୂରମୁଣ୍ଡି ତ ସେଇ ଡିପୋଜିଟ୍ ବଳରେ ପ୍ରତିଦିନ ବୁହାଇ ଲଗିଛନ୍ତି । ଲକ୍ଷ୍ମୀଙ୍କ ସାଙ୍ଗରେ ତାଙ୍କର ଏଇଥିପାଇଁ ଝିଟାପିଟା ଲଗିଲଣି ।"

ନାରଦ କହିଲେ, "ଓହୋ ! ଲୋକଟା ତ ଖୁବ ଲୁଚ୍ଚକ୍ !"

ଭଗବାନ କହିଲେ, "କ'ଣ ସେତିକି ! ସେ ଡିପୋଜିଟ୍ ପୁଣି ଜାଲ । ନାମକୁ ମାନ ଟଙ୍କା ଡିପୋଜିଟ୍ ହେଲା, ସବୁତକ ଦରିଦ୍ର ନାରାୟଣ ସେବାରେ ଲଗେଇ ଦେଲା । ତା'ର ଫଳରେ ତା' ଭଣ୍ଡାର ପୂର୍ଣ୍ଣ ହେଲା । ଯେତିକି ଦେଲା ବିଭବ ସେତିକି ବଢ଼ିଲା । ଆପଣା କର୍ମର ଫଳରେ ସେ ଧାଣ୍ଡି ହେଉଛି, ଏଣେ ପ୍ରଚାର କରୁଛି କ'ଣ ନା, ଆମ ଆଠ'ଣ୍ଟା ଆମେ ଦେଉନୁ ସେ ସରନାହିଁ । ଏବେ ଦିନେ କହୁଥିଲା, ତହିଁ ଆର ଦିନ ସକାଳେ ସବୁ ଦେବୁ ବୋଲି କହି ଆମେ ଜବାବଭ୍ରଷ୍ଟ ହେଲୁ । ତମର ଯୋଗୁଁ ତ ଅପବାଦ ! କହିବି କାହାକୁ ?"

ନାରଦ କାଇଲ ହୋଇ କହିଲେ, "ମହାପ୍ରଭୁ, ଆଜି ତ ଆଉ ଗୋଟାଏ ବାଣ୍ଡୀ ଆଣିଛି !" ଆମ୍ବଗଛ ମୂଳ ବାବାଜିଙ୍କ କଥା ବର୍ଣ୍ଣନା କରି ନାରଦ କୈଫିୟତ ଦେଲେ, "ପ୍ରଭୋ ! ଆଜି ଅଣ୍ଟାର ପୀଡ଼ାରେ ବୁଦ୍ଧି ହଜିଯାଉଥାଏ, ନ ବୁଝିକରି ପରଚୟ ଦେଇଦେଇଛି ।"

ଦେହ କଷ୍ଟ ଉପରେ ମନକୁ କଷ୍ଟ ଦେବା ଠିକ୍ ହେବ ନାହିଁ ବୋଲି ଭଗବାନ ନାରଦଙ୍କୁ ଦୋଷ ନ ଦେଇ ବଡ଼ବାବୁଙ୍କୁ ଡକା-ଇଲେ । ବଡ଼ବାବୁ ନଥି ଆଣି ଶୁଣେଇଦେଲେ, "ଆମ କୋଠରୁ ତାଙ୍କୁ କୌପୀନ ଖଣ୍ଡେ ମିଳିଥିଲା, ସେତକ ବି ପଅରଦିନ ସକାଳେ ଓ୍ୱାପସ ଆସିବ ।"

ନାରଦ ନଥିର ଭୁଲ ଦର୍ଶାଇ କହିଲେ, "ଆଜି ସକାଳୁ କମଳ, ଲୁଗା, ଗାମୁଛା ସେ ପାଇବ ର ନିଜେ କହୁଛି । ଖାଲି କୌପୀନ ମିଳିଥିଲା ବୋଲି ଲେଖିଦେଇଛ କମିତି ?"

ଭଗବାନ ବୁଝାଇଦେଲେ, "ସେ ଯୁ ତା ଜିନିଷ ନେ ଆଣି କରୁଥିବ ନା; ଯେଉଁ କମ୍ବଳ ଲୁଗା ଗାମୁଛା କଥା କହୁଛ ସେତକ ଆଉ

Digitized by srujanika@gmail.com

ଜଣଙ୍କୁ ମିଳିଥିବ । ବାବାଜି ଡାକ 'ପିଅନ ହୋଇ ବୋଝ ଆଣିଥିଲି ମାତ୍ର ।"

ବଡ଼ବାବୁ ଆଉ ଟିକିଏ ନଥି ଲେଉଟା ଲେଉଟି କରି କହିଲେ, "ହଜୁର, ତା'ର ଲେଖାଅଛି । ସେଇ ପଡ଼ିଆରେ ଗଉଡ଼ ପିଲାଟିଏ ଗାଈ ଚରଉଥିଲା । ତା'ର ପାଇଁ ବାବାଜି ଆଣିଥିଲେ ଲୁଗାପଟା । ଗଉଡ଼ ପିଲାକୁ ମଠରୁ ସିଧା ସଳଖ ମିଳିପାରିବ ନାହିଁ ବୋଲି ଏଇ ବାବାଜୀଙ୍କୁ ପିଅନ ନିଯୁକ୍ତ କରାହୋଇଥିଲା ।"

ନାରଦ ହସି ହସି ଆକଟାମାକଟା ହୋଇ କହିଲେ, "ଡାକପିଅନ ମନିଅର୍ଡ଼ର ଟଙ୍କା ଆସାମୀକୁ ଗଣିଦେଇ ହାତରୁ ପଇସା ଗଲାଘର ବୋଲି ମୁଣ୍ଡ ପିଟିବା କଥା ଇଏ । ଆପଣଙ୍କ ଲୀଳାରେ ପଶିବ କିଏ ମହାପ୍ରଭୁ !"

ତହିଁଆରଦିନ ଯାକ ନାରଦ ମନକୁ ଦାବିଲେ, ବାବାଜିର କୌପୀନ ଭଗବାନ କପରି ଓ୍ୱାପସ ପାଇବେ ଦେଖିବାକୁ ଯିବେ ନାହିଁ । କେଜାଣି କୌତୂହଳ ଦେଖୁ ଦେଖୁ ପୁଣି କ'ଣ ଗୋଳମାଳ ହୁଏ ! କିନ୍ତୁ ଅସଲ ବେଳକୁ ମନଟାଣ ରହିଲା ନାହିଁ । ବଡ଼ ସକାଳୁ ଯାଇ ସେଇ ଆମ୍ବ ଗଛରେ ଚଢ଼ି ପତ୍ର ଗହଳରେ ସେ ଛପିକରି ବସିଥାନ୍ତି ।

ବାବାଜି ନିଦରୁ ଉଠି ଧୂନିରେ ଟିକିଏ ତାଉ ଦେଲେ । ନିଆଁ ପୁଆଇଁ ଟିକିଏ ସାଙ୍ଗା ହେବାରୁ ବାହାରପାଣି ଗଲେ । କଣରେ ଶୌଚ କରୁଛନ୍ତି, ତାଙ୍କର ନଜର ପଡ଼ିଲା ରାସ୍ତାରେ ଦିଗମ୍ବର ସନ୍ନ୍ୟାସୀ ଜମଉତ ଯାଉଛନ୍ତି । ତାଙ୍କୁ ଗୁହିଁ ବାବାଜିଙ୍କର ମନହେଲା, "ଏ କୌପୀନ ଖଣ୍ଡକୁ ଧରିଛି ମାହାଳିଆକୁ । ଏ ଖଣ୍ଡ ଗଲେ ତ ମୁଁ ମହା ମଉଜରେ ଏଇ ସନ୍ନ୍ୟାସୀଙ୍କ ସଙ୍ଗେ ମିଶିଯାନ୍ତି ।"

ଶୌଚ କରିବାକୁ ତ କୌପୀନର ଗୋଟିଏ ମୁଣ୍ଡ ଫିଟିଥିଲା । ଆଉ ଯାଖଟି ବାବାଜି ଧୀରେ କରି ଖସାଇ ଦେଇ ଦିଗମ୍ବର ସନ୍ନ୍ୟାସୀ ହୋଇ କଣରୁ ବାହାରି ଜମଉତରେ ମିଶିଗଲେ ।

ନାରଦ ନିର୍ଭୟରେ ଗଛରୁ ଓହ୍ଲାଇ ରାସ୍ତା ଧରିଲେ ।

Digitized by srujanika@gmail.com

ହଟଚମଟ

"ସର୍ବନାଶ, ସର୍ବନାଶ" !

ଶ୍ରୀମତୀ ସକାଳୁ ଗାଧୋଇସାରି ବୃନ୍ଦାବତୀଙ୍କୁ ପାଣି ଦେବାକୁ ଲଇଁପଡ଼ିଲା ବେଳକୁ ନିଜ ସ୍ୱାମୀଙ୍କ ଶୋଇବା ଘରୁ ଏ ଅମଙ୍ଗଳ ଶବ୍ଦ ଶୁଣି ଚମକି ପଡ଼ିଲେ । ହେଲା କ'ଣ ? ସେ ପାଣି ଢାଳଟି ତୁଳସୀ ଚଉରା ମୂଳରେ ଥୋଇ ଶୋଇବା ଘରକୁ ଯିବାକୁ ଉଦ୍ୟତ ହେଲା-ବେଳକୁ, ବାବୁ ବାରଣ୍ଡାକୁ ବାହାରି କହିଲେ, "ବୃନ୍ଦାବତୀ ପୂଜା ଆରମ୍ଭ ହୋଇଗଲାଣି ପରା ?"

ଶ୍ରୀମତୀ କହିଲେ, "ତମର ଯିନା ଏତେବେଳକୁ ନିଦ ଭାଙ୍ଗୁଛି, ବେଳ କ'ଣ ହୋଇନାହିଁ ବୃନ୍ଦାବତୀଙ୍କୁ ପାଣି ଦେବାକୁ ? ମୁଁ ତ ବରଂ ଭାବୁଛି ଆଜ ଡେରି ହୋଇଗଲାଣି । ତୁମେ ଉଠି ଚା' ମାଗିବା ପୂର୍ବରୁ ମୋ କାମ ମୁଁ ସାରିବାକୁ ତରତର ହେଉ ହେଉ ଏତେବେଳ ହେଲାଣି । ଉଠିବା ମାତ୍ରେ ସର୍ବନାଶ କ'ଣ ହେଲା ମ ? କାହାର ?"

ଶ୍ରୀମାନ୍ ଅନାମ ଚରଣ ଦାସ ବିରକ୍ତି ଓ କ୍ଷୋଭରେ ଉତ୍ତର ଦେଲେ, "ଆଉ କାହାର ? ମୋର, ତୁମର ଓ ଯେଉଁ ପଲକ ଜନ୍ମ କରିଛ ତାଙ୍କର !"

"କାହିଁକି ? କଣ ଦହ ଖରାପ ଲାଗୁଛି ?—ମା ବୃନ୍ଦାବତୀ ! ଏଙ୍କର, ପିଲାଗୁଡ଼ିକର ଦେହପା କୁଶଳ ରଖ ମା ! ମୋ'ର ତୁମେଇ ଭରସା ! କଣ ପାଇଁ ଉଠିବା ମାତ୍ରେ ଏମିତି ଅମଙ୍ଗଳ କଥାଟା କହିଲ, କହୁନାଅଁ ? ମୁଁ ଏଠାରୁ ବେଗେ ଉଠିଲେ ଷ୍ଟୋଭ୍ ଲଗାଇବି ମ ?"

"ପୁଅଝିଅ ଗୁଡ଼ାକ ଗଲେ କୁଆଡ଼େ ? କାହାରି ତ ସୋର ଶବ୍ଦ ଶୁଣୁନାଇଁ । ପିଲେ ଉଠି ନାହାନ୍ତି ପରା ?"

"ସେ ଦୁହେଁ ଗଲେଣି ବାହାରପାଣି । ପିଲାଙ୍କର ଉଠିବା ବେଳ ହୋଇଗଲାଣି । ତୁମେ ଟିକିଏ ଚୁପ୍ ହୁଅ । ସେମାନେ ଆଉ ଟିକିଏ

Digitized by srujanika@gmail.com

ଶୋଇ ରହନ୍ତୁ । ଭଡ଼ିଲିମାନେ ଦ୍ୱାରରେ ଅଳ ଅର୍ଗଳ ଲଗାଇଦେବେ ।
ହଁ, କହୁନାଥିଁ, ସର୍ବନାଶ କାହାର ହେଲା ? ଏଇ ତମ ଚପରାଶିଟା
ଆଉ ପୂଜ୍ୟା କାମ କରିବ ନାହିଁ ବୋଲି କାଲି ତାଙ୍କର କ'ଣ ସଭା
ହୋଇଛି ବୋଲି ବ୍ୟସ୍ତ ହେଉଚ କି ? ମୋତେ ଟିକିଏ ହାଣ୍ଡିଶାଳେ
ଲୁଣକାଠୁଆଟା, ପନକଟା ବଢ଼େଇ ଦେଉଥିଲା ଯେମିତି, ସେମିତି
ଗୁରିବକତ ଖାଉଥିଲା, ବାହାର ଘର ନଗୁଡ଼ିଆ ହୋଇଛି ବୋଲି
ବୈଠକଖାନାରେ ଶୋଉଥିଲା, ନ କଲେ ନ ପାଇବ । ଯୋଉ
ରାନ୍ଧୁଣି ହାତ; ଲୁଣ ତେଲ ତ ପକାଇ ଜାଣୁନି; ସେ ଯାଉ, କୋଉଠି
ରହିବ ରହୁ । ଆମର ସର୍ବନାଶ ହବ କାହିଁକି ? ମା ବୃନ୍ଦାବତୀ ମୋ'
ଗୋଡ଼ ହାତ ଅଚଳ ନ କଲେ ଭାତ ମୁଠେ ଫୁଟେଇ ଦେବାକୁ ମୁଁ
କାହା ଅନୁଗ୍ରହକୁ ଚାହିଁନାଇଁ ।''

ଏଥର ବାବୁ ବଗିଡ଼ିଲା ପରି କହିଲେ, ''ପ୍ରତି କଥାରେ ତମର
ନା ଯେଉଁ 'ମା ବୃନ୍ଦାବତୀ' ଡାକ ସେଇଥିପାଇଁ କହୁଚି ସର୍ବନାଶ ।
ଚପରାସି ତ କାଲି ତାଙ୍କ ସଭାରେ ଶୁଣାଇ ଦେଇ ଆସିଛି, 'ବାବୁଘରେ
କାମ ନ କଲେ ମୁଁ ଚଳିପାରିବ ନାହିଁ । ସେମିତି ହେଲେ ଚାକିରି ଛାଡ଼ି
ଖାଲି ପୂଜ୍ୟା କାମ କରିବି' ।''

ଶ୍ରୀମତୀ ହସି ହସି ଉତ୍ତର ଦେଲେ, ''ଓଃ, ଏଇ ବୃନ୍ଦାବତୀଙ୍କ
ଯୋଗୁଁ ମନ ବଗିଡ଼ିଗଲା ! କାଇଁ, ତାଙ୍କର ତ ଭୁଣ୍ଡ ଫିଟୁନାହିଁ; ମୁଁ
ତ ଖୁଣ୍‌କିନ ଶବ୍ଦ ବି କରିନାହିଁ । ନବ ଭାଙ୍ଗିଲା କାହିଁକି ? ଯାଅ, ଆଉ
ଟିକିଏ ଗଡ଼ ପଡ଼ ହୁଅ ।''

''ଆଉ ଗଡ଼ପଡ଼ ! ରାତି ଅଧରେ ବର୍ଷା ହେଲା ବେଳୁ ମୋ'ର
ମନ ମରି ସାରିଲାଣି । 'ରାଧାନାଥ'ଙ୍କ ଅନୁଗ୍ରହରୁ ବାକ୍‌ସରେ ଆସି
ପଶୁଥିବା ଧନଯାକ ଏକା ଅସରାକେ କୁଆଡ଼େ ପାଣି ସଙ୍ଗେ ଭାସିଗଲା !
ମୁଁ ରାଧାନାଥଙ୍କୁ ଭଜି ଦି' ପଇସା ପାଇଲାବେଳକୁ, ତୁମ ବୃନ୍ଦାବତୀ
ସେତକ ହାତରୁ ଛଡ଼ାଇ ନେଉଛନ୍ତି ।''

ଶ୍ରୀମତୀ ହସି ପକାଇଲେ, ''ରାଧାନାଥଙ୍କର ବୃନ୍ଦାବତୀଙ୍କର ପୁଣି
ଅପଡ଼ ହେଲା କେଉଁଦିନ ମ ? ବୃନ୍ଦାବତୀ ତ ତାଙ୍କର ଦାସୀ, ପାଦସେବା
କରୁଛନ୍ତି; ରାଧାନାଥ ଦେବେ, ବୃନ୍ଦାବତୀ ନେଇଯିବେ ! ସ୍ୱାଙ୍କର

Digitized by srujanika@gmail.com

ଏଡ଼େ ସାହସ ! ରାଧାନାଥଙ୍କୁ ସିଧା ମାଗିବାକୁ ଭରସି ପାରୁ ନାହିଁ ବୋଲି ସିନା ମୁଁ ତାଙ୍କ ଦାସୀଙ୍କୁ ଧରୁଛି, ମହାପୁରୁଙ୍କୁ କହୁଥିଲି ତୁମ ଦେହପା କୁଶଳ ରଖିବାକୁ ! ଯାହାହେଉ, ତୁମେ ଏବେ ରାଧାନାଥଙ୍କ-ଠାରେ ଧ୍ୟାନ ରଖିଲଣି । ଏଇ ମୋର ବଡ଼ ଭାଗ୍ୟ ! ବେଗେ ଗାଧୋଇ ପଡ଼ କ, ଆଜଠାରୁ ବାପାଙ୍କ ଭାଗବତ ବହିରୁ ଅଧେ ଅଧେ ଗୁଣ । ପିତୃଲୋକରେ ଯାଇ ରହିଲେଣି ସିଏ, କେତେଥର କହିଛନ୍ତି ତୁମକୁ, ସକାଳୁ ଉଠି ଟିକିଏ ପୂଜା ପୂଜ କରିବାକୁ ? କହନ୍ତି, ଚକ୍ରପାଣି ସ୍ମରିଲେ କିଛି ଦୁଃଖ ରହିବ ନାହିଁ । କେତେ ସୁନ୍ଦର ଶ୍ଳୋକଟିଏ ବୋଲନ୍ତି ମ ସବୁବେଳେ ! ପୋଡ଼ାକର୍ମ ମୋହର ସେ ସ୍ୱର ଆଉ ଶୁଣିବି କୁଆଡ଼ୁ ?''

ବାବୁ ଚିଡ଼ିଯାଇ କହିଲେ, ''ପାଟି କଲେ ପରା ପିଲେ ଉଠି ପଡ଼ିବେ ବୋଲି କହୁଥିଲ ! ଏବେ ଯେମିତି ଭାଡ଼ୁରୁ ଭାଡ଼ୁରୁ ହଉଚ, ମିନଟ୍ ଯାକ ଉଠି ଆସିବେ । ମୁଁ କହୁଛି କ'ଣ, ତୁମେ ବୁଝୁଛ କ'ଣ ? ମୁଁ ଚକ୍ରପାଣି ରାଧାନାଥଙ୍କ କଥା କହୁ ନ ଥିଲି । ସେ ଏତେ-ବେଳେ ନୂଆ ପଇସାକର ବି କାମ ଦେଇପାରିବେ ନାହିଁ । ମୁଁ ଭଜେ କଲମପାଣି ରାଧାନାଥଙ୍କୁ । ତାଙ୍କର ଗୋଟାଏ ସମ୍ପାଦକୀୟରେ ବାପୁଜୀ ନଗରରେ ତୁମ ନାମରେ ଖଣ୍ଡେ ଘର ହୋଇଥିଲା; ହସ୍ତାକ ତଳେ ଯେଉଁ ସମ୍ପାଦକୀୟଟା ଲେଖିଛନ୍ତି, ସେଇଥିରେ ସେ ଘରର ଦୋ'ମହଲାଟା ହୋଇଯାଇଥାନ୍ତା । ତୁମ ବୃନ୍ଦାବଣ୍ଟି କାଳ ହେଲେ । କାଲି ରାତିକ ଭିତରେ ଯେତିକି ବର୍ଷା ହେଲାଣି, ଆଉ ସେତିକି ହୋଇଗଲେ ଭାଦ୍ରବ ମାସ ଯାଏଁ ପାଣି ପାଇଁ ରାଧାନାଥ କାନ୍ଦିବେ ନାହିଁ । ଏଥର କହିବେ, 'ଜଳଗହଳେ ସୃଷ୍ଟିନାଶ' । ୧୯୫୫ର ପୁନରାବୃତ୍ତି ନ ହେଲେ ରକ୍ଷା ! ବନ୍ୟାନିରୋଧ ବିଭାଗବାଲାଙ୍କର ଦ'ପଇସାର ବାଟ ଫିଟିବ । ଜଳଗହଳରେ ସେମାନେ କୁମ୍ଭୀରପରି ଖେଳିବେ, ଆମର ହେବ ସର୍ବନାଶ !''

ଶ୍ରୀମଣ୍ଟି ମୁଡ଼ୁକି ମୁଡ଼ୁକି ହସି ନିଜ କାମ ସାରୁ ସାରୁ କହିଲେ, ''ତମେ ଏଇ ସମାଜ-ସମ୍ପାଦକ ରାଧାନାଥଙ୍କ କଥା କହୁଥିଲ ! ମୁଁ ଜାଣନ୍ତି କୁଆଡ଼ୁ ? ଯାହାହେଉ ଭଲ ବର୍ଷା ମୁନ୍ଦିଏ ହୋଇଗଲା ।

Digitized by srujanika@gmail.com

ଗାଁରୁ ସେଦିନ ସାମିଆ ଆସି କହୁଥିଲା, 'ଦଶ ପନ୍ଦର ଦିନ ଭିତରେ ବର୍ଷା ନ ହେଲେ ବେଉଷଣ ପଚ୍ଛେଇଯିବ । ବିଲରେ ଘାସ ମାଡ଼ିଯିବ ।' ମୁଁ ପଚାରିଲି, 'ଏ ବର୍ଷ ତେବେ ଆଉ ଶୁଉଲଗଣ୍ଡାକ ପାଇବା ନାହିଁ ?' ସେ କହିଲା, 'କାହିଁକି କ'ଣ ହୋଇଗଲା କି ? ଆଷାଢ଼ ମାସଟା ବେଳେ ବେଳେ ଏମିତି ନଗଚିଆ ହୁଏ । ବର୍ଷା ଯେବେ ଶ୍ରାବଣ ଅନ୍ଧାର ପକ୍ଷଟା ଅଡ଼ିଯିବ, ତେବେ ସିନା ଗଲେଣି ! ବୁଆ ଟାଣ ହୋଇଗଲେ ବେଉଷଣ ଭଲ ହେବ । ହାଉଳା ଗୁଡ଼ାକ ପାଚି କରୁଛନ୍ତି, ସରିଗଲା ସରିଗଲା ବୋଲି ।' —ମା ବୃନ୍ଦାବତୀ ! ଆଜି ମୁଦ୍ଦିଏ ପକେଇ ଦେ ମା, ସଂସାର ରକ୍ଷିଯାଉ ।'' ଶ୍ରୀମତୀ ଏକାଗ୍ର ମନରେ ବୃନ୍ଦାବତୀମୂଳରେ ମୁଣ୍ଡିଆ ମାରିଲେ । ବାବୁ କହିଲେ—''ହଉ, ହଉ, ବୃନ୍ଦାବତୀ ସେବା ଗୁଡ଼ି ପତିସେବା ଟିକିଏ କର, ସନ୍ତାନସେବା ପୂର୍ବରୁ ଭଲ ଚା ଟିକିଏ ଦିଅ, ଦେଖିବା, ତୁମ ବୃନ୍ଦାବତୀଙ୍କ କରାମତି କେତେ, ଆଉ ଆମ ରାଧାନାଥଙ୍କର କେତେ ? 'ଜଳବଢ଼ୁନେ ସୃଷ୍ଟି ନାଶ' ଅଧ୍ୟାୟଟା ସିନା 'ଜଳଗଢ଼ନେ ସୃଷ୍ଟି ନାଶ' ଅଧ୍ୟାୟ ଫିଟିବା ପୂର୍ବରୁ ଆମ ଦେଖିଲା କାମଟା ହୋଇପାରୁଛି କି ନାହିଁ ପରୀକ୍ଷା କରିବା ।''

ଚା' ଖାଇ ସିଗାରେଟ ଖଣ୍ଡେ ଧରାଇ ଅନାମବାବୁ ଟେଲିଫୋନ୍ ଚୋଙ୍ଗା ଉଠାଇବାକୁ ଯାଉଛନ୍ତି, ଦାଣ୍ଡଦୁଆରେ ଜୋତାର କ୍ଷୀଣ ଶବ୍ଦ ହେଲା । ବାବୁ ଡାକିଲେ 'କିଏ' ?

ଷ୍ଟେନୋବାବୁ ଦୋଷୀ ପରି ଆସି କହିଲେ, ''ଆଜ୍ଞା, ଘୋର ବର୍ଷା ଯୋଗୁଁ ରାସ୍ତା ବୁଡ଼ି ପାଣି ଚାଲୁଛି; ସାଇକଲରେ ଆସି ନ ପାରି ଚାଲିକରି ଆସିବାରୁ ଡେରି ହୋଇଗଲା ।''

'ତୁମ ମୁଣ୍ଡ ଗଣ୍ଡି । ଯାଅ, ଘରକୁ ଫେରିଯାଅ, ରାସ୍ତା ଉପରୁ ପାଣି ଖଲାସ କର । ଆଜି ମୁଁ ଅଫିସକୁ ଯିବି ନାହିଁ । ତୁମେ ଅଫିସ ବେଳେ ଯିବ । ମୋତେ ଯଦି କିଏ ଖୋଜେ, ଟେଲିଫୋନ୍ କରିବ । ଆଚ୍ଛା, ସେ 'ଜଳ ବଢ଼ୁନେ ସୃଷ୍ଟିନାଶ' ସମ୍ପାଦକୀୟଟା ଅନୁବାଦ କରି ସାହେବ ପାଖକୁ ପଠାଇଛ ?''

''ଆଜ୍ଞା, ହଁ ।''

Digitized by srujanika@gmail.com

"ସବୁ କଥାକୁ ଖାଲି 'ଆଜ୍ଞା, ହଁ' । ଶେଷ ଧାଡ଼ଟା—କଳାହାଣ୍ଡି ବଲାଙ୍ଗିରର ଦୁର୍ଦ୍ଦଶା ଏ ବର୍ଷ ସମଗ୍ର ଓଡ଼ିଶାକୁ ନ ହେଲେ ରକ୍ଷା—ଏଥିର ଅନୁବାଦ କରିଛ ଟି !"

"ହଁ, ଆଜ୍ଞା; ଏଥିର ଅନୁବାଦ ତ ଆପଣ ନିଜେ ଡାକି ଦେଇଥିଲେ !"

ଅନାମ ବାବୁ ମୁରୁକି ମୁରୁକି ହସି, ଏଥିର ଅନୁବାଦ ସହିତ ସେ ଯେଉଁ ମନ୍ତବ୍ୟ ଦେଇଥିଲେ, ତାକୁ ମନେ ପକାଇଲେ । ମନେ ପଡ଼ିଲା ବଡ଼ ସାହେବଙ୍କ ସ୍ୱଏ—ଟଙ୍କାକୁ ପରବାୟୁ କରି ନାହିଁ । ଟଙ୍କା ପଛେ ବଙ୍ଗୋପସାଗରକୁ ଭାସିଯାଉ, ମରୁଡ଼ି ହେଲେ ଆମ ପାଖେ ପମ୍ପ ନାହିଁ ବୋଲି ଖବରକାଗଜବାଲା ଯେପରି ନ ଲେଖନ୍ତି । ସେ ଟେଣ୍ଡର ମାଗିବା କଥା କହିବାରୁ, ସାହେବ ରାଗିଯାଇ କହିଥିଲେ, ପୁଅ ମୁଣ୍ଡ ତେଲ ଘଡ଼ି ଉଭୟଙ୍କୁ ଲୋଭ କଲେ ଚଳିବ ନାହିଁ । ଟେଣ୍ଡର୍ ମାଗ ବା ନ ମାଗ, ପନ୍ଦର ଦିନ ଭିତରେ ଶହେଟା ଭଲ ପମ୍ପ ଆଣି ମହଜୁଦ ରଖିବାକୁ ପଡ଼ିବ । ଶେଷରେ କହିଥିଲେ, 'ହଁ, ମନ୍ତ୍ରୀଙ୍କ ଗାଁ ବଗିଚା ପାଇଁ ଗୋଟିଏ ୧ ଅଶ୍ୱଶକ୍ତି ବିଶିଷ୍ଟ ପମ୍ପ ଦରକାର । କେତେ ପଡ଼ିବ ବୁଝି ଆସିବ ।'

ଏହୁ ଆଜିକୁ ହପ୍ତାକ ତଳର କଥା । ସାହେବଙ୍କଠାରୁ ଲିଖିତ ଅର୍ଡ଼ର ଅପେକ୍ଷାରେ ସେ ଏ ହପ୍ତାଟା ତୁନି ହୋଇ ରହି ଯାଇଛନ୍ତି । ଆଉ ତୁନି ରହିଲେ ଚଳିବ ନାହିଁ । ସିଂହ ଶୋଇ ରହିଲେ ମିରିଗ କ'ଣ ବଳେ ବଳେ ଆସି ମୁହଁରେ ବେକ ଦେଖେଇବ ?

କଲିକତାକୁ ଟ୍ରଙ୍କ୍ ଟେଲିଫୋନ୍ ବୁକ୍ କରିସାରି ସାହେବଙ୍କ ପାଖକୁ ଟେଲିଫୋନ୍ ଧରିଲେ । ସାହେବ ଗୋସଲଖାନାରେ, ଆଉ ପାଞ୍ଚ ମିନିଟ୍ ପରେ ସାହେବ ବ୍ରେକ୍‌ଫାଷ୍ଟ ଟେବୁଲ ଉପରେ, ଆଉ ଦଶ ମିନିଟ୍ ପରେ ସାହେବାଣୀଙ୍କ ସଙ୍ଗେ ଗପସପ କରୁଛନ୍ତି । ଘନ ଘନ ଟେଲିଫୋନ୍ କଲେ ଗୋସା ହୋଇପାରନ୍ତି ବୋଲି ସନ୍ତର୍ପଣରେ ଟେଲିଫୋନ୍ ଉଠାଇଲା ବେଳକୁ ଟେଲିଫୋନ୍ ଘଣ୍ଟି ବାଜିଉଠିଲା— କଲିକତା ଟେଲିଫୋନ୍ ଆସିଲା ବୋଲି ଅନାମବାବୁ ଟିକିଏ ଚଡ଼ା

Digitized by srujanika@gmail.com

ମେଜାଜ୍‌ରେ 'ହେଲୋ' ବୋଲି କହିଲାବେଳକୁ ଶୁଣିଲେ ସାହେବଙ୍କ ଗୁଣ୍ଡ—

"ଅନାମ ବାବୁ ! ମନ୍ତ୍ରୀ କାଲି ରାତିରେ ପଚାରୁଥିଲେ ତାଙ୍କ ପମ୍ପ କଥା । ପୁଣି କହୁଥିଲେ, ସାତଗଡ଼କୁ ସାଙ୍ଗେ ସାଙ୍ଗେ ୭ଟା ପମ୍ପ ପଠାଇବାକୁ । ସେ ବିଷୟରେ ତୁମେ କିଛି କାର୍ଯ୍ୟ କରିନାହିଁ ବୋଧହୁଏ । ମୁଁ ପରା କହିଥିଲି, ତୁମେ ନିଜେ କଲିକତା ଯିବାକୁ !"

ଅନାମ ବାବୁ ଏ ବିଷୟରେ ଘଣ୍ଟେ ହେଲା ଭାବିଥିବାରୁ ଯଥାର୍ଥ ଉତ୍ତର ଦେବାରେ ଥାଆମାରା ହେଲେ ନାହିଁ । ତାଙ୍କର ଭୟ ଥିଲା, କାଲିର ବର୍ଷା ଯୋଗୁଁ ସାହେବଙ୍କ ମତ ବଦଳିଥିବ । ସେ ତଡ଼ବଡ଼ରେ ଉତ୍ତର ଦେଲେ, "ଆଜ୍ଞା, ଗୋଟାଏ ବିଶ୍ୱାସ-ଯୋଗ୍ୟ ପମ୍ପ ବ୍ୟବସାୟୀଙ୍କୁ ସେଇଦିନ ଖବର ଦେଇ ଦେଇଛି । ସେ ବୋଧହୁଏ ପମ୍ପ ପଠାଇ ଦେବେଣି । ଆଜି ତାଙ୍କଠାରୁ ବୁଝି ଖବର ଦେଉଛି ।"

"ଦରକାର ହେଲେ ଅଜ କଲିକତା ଯାଇପାର । ଖର୍ଚ୍ଚକୁ ଡରିବ ନାହିଁ । ସରକାରୀ ପଇସାକୁ ତୁମେ ନିଜ ପଇସା ବୋଲି ମନେକର, ମୁଁ ଜାଣେ । କିନ୍ତୁ ଦରକାର ବେଳେ ପଇସାକୁ ଚାହିଁଲେ ଚଳିବ ନାହିଁ..."

ଏତିକିବେଳେ କଲିକତାର ଟ୍ରଙ୍କ-କଲ ଆସିଲା ବୋଲି ଟେଲିଫୋନ୍ ଏକ୍‌ସ୍‌ଚେଞ୍ଜ ଜଣାଇବାରୁ ସାହେବଙ୍କ ଲାଇନ୍ କଟିଗଲା । ଅନାମ ବାବୁ ଆଶ୍ୱସ୍ତ ଯେ, ସାହେବ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ହାତେ ହାତେ ପାଇଗଲେ ।

ଅନାମ ବାବୁ ଆରମ୍ଭ କଲେ—

"କିଏ ? ମିଷ୍ଟର ଘୋଷ ?"

"... ... ..."

"ବଡ଼ ଦରକାର ପଡ଼ିବାରୁ ଆପଣଙ୍କୁ ଅବେଳରେ ଡାକିଲି । ଆମର ଶହେଟା ପାଞ୍ଚ ଅଶ୍ୱଶକ୍ତିବାଲା ପମ୍ପ ଅତି ଜରୁର ଦରକାର ।

Digitized by srujanika@gmail.com

ହପ୍ତାକ ଭିତରେ ଯେପରି ନିଶ୍ଚୟ ଆସି ପହଞ୍ଚିବ । ତା ସାଙ୍ଗେ ଗୋଟାଏ ଗ୍ଲେଟିଆ ପର୍ମ ଦେବେ, ମନ୍ତ୍ରୀଙ୍କ ପାଇଁ—ସ୍ୱାର ଦାମଟା ମୋତେ ଓ ଆପଣଙ୍କୁ ବହନ କରିବାକୁ ପଡ଼ିବ । ସାମାନ୍ୟ ଟଙ୍କା ଦୁଇହଜାର ପାଇଁ ମନ୍ତ୍ରୀଙ୍କୁ ବିରକ୍ତ କରିବା ଉଚିତ ହେବ ନାହିଁ ।”

“..................”

“କୌଣସି ମତେ ସଂଗ୍ରହ ନ କଲେ ନ ଚଳେ । ସାଙ୍ଗେ ସାଙ୍ଗେ ଆପଣଙ୍କ ଟଙ୍କା ମିଳିଯିବାର ବ୍ୟବସ୍ଥା କରୁଛି । ଆଜିକାଲି ବ୍ୟବସ୍ଥା-ସଭାରେ ଟିକକ କଥାକୁ ପାଟିଭୁଣ୍ଡ ହେଉଥିବାରୁ ଅଗ୍ରିମ ଦେବା ସୁବିଧାଜନକ ହେବ ନାହିଁ । ଆପଣ କୌଣସିମତେ ଯୋଗାଡ଼ କରନ୍ତୁ । ସବୁ ନୂଆ ହବା ଦରକାର ନାହିଁ । ମୋର ବିଶ୍ୱାସ, ପଚିଶଟା ନୂଆ ପର୍ମ ଆପଣ ନିଶ୍ଚୟ ଯୋଗାଡ଼ କରିପାରିବେ । ବାକିଗୁଡ଼ିକ ଅଚଳ ଅବସ୍ଥାରେ ଥିଲେ ବି, ରଙ୍ଗ ହୋଇଥିଲେ, ମୁଁ ଚଳାଇ ନେବି ।”

“...............”

“ବଡ଼ ଅସୁବିଧା କଥା । ଶହେଟା ପର୍ମ୍ ପାଇଁ ଟଙ୍କା ଉଠାଇ ସାରିଲେଣି ବୋଲି ଜାଣନ୍ତୁ । ସଂଖ୍ୟା କମିଲେ ଆପଣଙ୍କର କ୍ଷତି, ଆମର ଅସୁବିଧା ଓ ମୋର କ୍ଷତି । ଆପଣ ତ ସବୁ ଜାଣନ୍ତି, କିନ୍ତୁ ଗୋଟାଏ ଉପାୟ କରନ୍ତୁ ।”

“...

...”

“ବେଶ୍, ବେଶ୍—ମୋର ଖାଲି ଶହେଟା ପେଟି ଗଣିବା ଦରକାର । ଏକାସମୟରେ ତ ସବୁ ପେଟି ଫିଟିବ ନାହିଁ । ତିରିଶଟା ଖାଲି ପେଟି ନ ପଠାଇ ଆଉ ପାଞ୍ଚଟା ବଢ଼ାଇଦେଲେ ବି ଚଳିବ । ପ୍ରତ୍ୟେକ ପେଟିରେ ନମ୍ବର ଦେଇଥିବେ, ଯେଉଁ ନମ୍ବରଗୁଡ଼ିକ ଖାଲି ତାହା ମୋତେ ଜଣାଇଦେଲେ ମୁଁ ତାର ବ୍ୟବସ୍ଥା କରିଦେବି । ଏଗୁଡ଼ାକ ଆମ ଗୋଦାମର ବିରାଟ ବକ୍ଷରେ ଅନନ୍ତ କାଳଯାଏଁ ଆଶ୍ରୟ ନେଇପାରନ୍ତି । ଆପଣ କେବେ ପଠାଇ ପାରିବେ ମୋର ସାଙ୍ଗେ ସାଙ୍ଗେ ଜାଣିବା ଦରକାର ।

Digitized by srujanika@gmail.com

“ପେଟି ସଜାଲ୍ କରିବାକୁ, ଫର୍ମ ରଙ୍ଗାଇବାକୁ ସମୟ ଅବଶ୍ୟ ଲାଗିବ । କିନ୍ତୁ ୨୮ ତାରିଖରୁ ଆଉ ବିଳମ୍ବ ହେଲେ ଚାଲିବ ନାହିଁ । କାଲି ଏଠାରେ ଘୋର ବର୍ଷା ହୋଇଯାଇଛି । ଆଜି ବି ମେଘାଚ୍ଛନ୍ନ । ତେଣୁ ଆପଣ ଜିନିଷ ୧୮ ତାରିଖରୁ ପଠାଇଛନ୍ତି ବୋଲି ଲେଖିବା ଦରକାର ।”

“...

...”

ଏତିକିବେଳେ ଟେଲିଫୋନ୍ ଏକସ୍‌ଚେଞ୍ଜରୁ ଶୁଭିଲା ୬ ମିନିଟ୍ ହୋଇଗଲାଣି ।

ବାଘ ମୁହଁରୁ ଆହାର ଛଡ଼ାଇ ନେଲାପରି ଅନାମ ବାବୁଙ୍କୁ ଲାଗିଲା । ସେ ଚଟି ଯାଇ ଉତ୍ତର ଦେଲେ, “ଉପରେ ପଡ଼ି କଥା କହିବା ନିଷ୍ପ୍ରୟୋଜନ । ମୁଁ ଟେଲିଫୋନ୍ ଚୁଙ୍ଗା ଥୋଇଦେଲେ ତୁମେ ସମସ୍ତ ହିସାବ କରିବ ।” ଅନାମ ବାବୁ ଘରୁ ବାହାରିଲେ, ପିଲାଟି ସାଙ୍ଗେ ବି ବଡ଼ ସୌଜନ୍ୟରେ କଥାବାର୍ତ୍ତା କରନ୍ତି । ଆଜି ଗୃହିଣୀ ଓ ଷ୍ଟେନୋ ସଙ୍ଗେ ଟିକିଏ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରିଥିବାରୁ ଓ ଅଫିସକୁ ନ ଯାଇ ଘରେ ଥିବାରୁ ଘରର ମେଜାଜ୍ ଏକସ୍‌ଚେଞ୍ଜ ସଙ୍ଗେ ବଦଳିବାକୁ ଲାଗିଗଲା ।

ଯାହାହେଉ, ଆଉ ୬ ମିନିଟ୍ କଥାବାର୍ତ୍ତାରେ ସବୁ ଠିକ୍ ଠାକ୍ ହୋଇଗଲା । ମିଷ୍ଟର ଘୋଷ ୨୮ ତାରିଖ ଦିନ ନିଶ୍ଚୟ ସବୁତକ ଜିନିଷ ରେଲ୍‌ରେ ବୁକ୍ କରିବେ । ବୁକିଂ କ୍ଲର୍କ ସଙ୍ଗେ ତାଙ୍କ ସଦ୍‌ଭାବ । ସେ ୨୮ ତାରିଖଟା ଏପରି ଲେଖିବ ଯେ ୧୮ ତାରିଖ ପରି ଦିଶିବ । ମିଷ୍ଟର ଘୋଷ ୨୯ ତାରିଖ ସକାଳେ ଆସି ପହଞ୍ଚିବେ । ସାଙ୍ଗରେ ମନ୍ତ୍ରୀଙ୍କ ଫର୍ମଟା ଆଣିଥିବେ । ଦାମ୍ ସତରଶହ ପଚିଶ, କିନ୍ତୁ ପଇସା ନେବେ ନାହିଁ । ସେଇଟା ହେବ ତାଙ୍କର ମନ୍ତ୍ରୀଙ୍କୁ ଭେଟି । ଯେଉଁ ପେଟିଗୁଡ଼ାକ ଫର୍ମା ରହିବ ତାହାର ଓଜନ ଅନ୍ୟ ପେଟିମାନଙ୍କ ସଙ୍ଗେ ଯେପରି ସମାନ ରହେ ସେଥିପ୍ରତି ସତର୍କ ଦୃଷ୍ଟି ଦେବେ । ସାଙ୍ଗେ ସାଙ୍ଗେ ମିଷ୍ଟର ଘୋଷଙ୍କ ପକ୍ଷରୁ ଗୋଟାଏ ଗୋଦାମ ଓ ମରାମତି କାରଖାନା ନୂଆ ରାଜଧାନୀରେ

Digitized by srujanika@gmail.com

ଖୋଲାଯିବ । ସେତକ ହେଲେ ଅକାମୀ ଓ ରଦ୍ଦିମାଲ୍ ମରାମତି ବା ବଦଳ ପାଇଁ ତାଙ୍କ ଦୋକାନକୁ ଦିଆଯାଇଛି ବୋଲି ରସିଦ ରଖି କାଗଜପତ୍ର ସଜାଡ଼ି କରି ହେବ । ବାପୁଜୀ ନଗରରେ ତାଙ୍କର ଯେଉଁ ଘରଟା ଅଧା ହୋଇ ପଡ଼ିଛି ତାହା ଆଜିଠାରୁ ମାସିକ ତିନିଶହ ଟଙ୍କାରେ ମିଷ୍ଟର୍ ଘୋଷଙ୍କୁ ଭଡ଼ା ଦିଆଗଲା ବୋଲି ମୌଖିକ ଚୁକ୍ତି ହୋଇଗଲା । ଯେଉଁ କେତେଟା ପେଟି ଫାଙ୍କା ଆସିବ ତାହାର ନମ୍ବର ଟେଲିଫୋନ୍‌ରେ କହିବା ନିରାପଦ ନୁହେଁ ବୋଲି ସୂଚାଇ ମିଷ୍ଟର୍ ଘୋଷ କହିଲେ, ସେ ନିଜେ ଆସି ସେ ବିଷୟ କହିବେ ।

ବୃଥା ଭୟ । ଅନାମ ବାବୁ ଏ ପର୍ଯ୍ୟନ୍ତ କେତେ କାର୍ଯ୍ୟ ଟେଲି-ଫୋନ୍‌ରେ କଲେଣି । ତାଙ୍କର ବିଶ୍ୱାସ, ଟେଲିଫୋନ୍ କାରବାରଟା ସବୁଠାରୁ ନିରାପଦ । ହାତ କାଟି ଲେଖିଦେଲେ ତ ସରିଲା । ମୁହଁର କଥା ସେଇ ମୁହଁରେ ବେଶ୍ ଫାଙ୍କି ଦେଇ ହେବ ।

ଟ୍ରଙ୍କ୍ ଟେଲିଫୋନ୍ ପରେ କିଛି ସମୟ ଗଡ଼ାଇ ସେ ସାହେବଙ୍କୁ ଖବର ଦେଲେ । ସାହେବ ଖୁସୀ, ସବୁଠାରୁ ବେଶି ଖୁସୀ ହେଲେ ମନ୍ତ୍ରୀଙ୍କ ଫର୍ମ୍ ୨୯ ତାରିଖରେ ଆସି ପହଞ୍ଚିବ ଶୁଣି । ଆଜି ମୋଟେ ଗୁରୁବାର । ସାହେବଙ୍କର ମନ୍ତ୍ରୀଙ୍କଠାରେ ଗୋଟାଏ ମାଗୁଣି ଅଛି । ଅଗଷ୍ଟ ପନ୍ଦର ତାରିଖରୁ ଗୋଟାଏ ନୂଆ କମିସନର ଗୁଦାମ ଖୋଲିବ, ମନ୍ତ୍ରୀ ଗୋଟାଏ ଦସ୍ତଖତ କରିଦେଲେ । ସାହେବ ମନେ ମନେ ହସି ମନକୁ ମନ କହିଲେ, ଗୋଟାଏ ଦସ୍ତଖତର ମୂଲ୍ୟ ସତରଶହ ପଚିଶ ଟଙ୍କା—ଫର୍ମର ଦାମ । ଅନାମ ଦାସ ଲୋକଟା ବେଶ୍ ପାରିବାର, ସେ କମିସନର ହେଲେ ଯ୍ୟାକୁ ସେତେବେଳଟାରେ କରିବାକୁ ଚେଷ୍ଟା କରିବେ ।

ଅନାମ ବାବୁଙ୍କର କିନ୍ତୁ ସେତେବେଳଟାରେ ପଦୋନ୍ନତିର ପ୍ରୟୋଜନ ନାହିଁ । ସେ ଭଲ କି ଏଇ ନୂଆ ରାଜଧାନୀ ଭଲ । ଏଇଠାରେ ଗୃହିଣୀଙ୍କ ବୃନ୍ଦାବଣି ଚଉରା । ଏଇଠାରେ ରହିଲେ ସିନା ସେ ପ୍ରତି ପନ୍ଦର ଦିନରେ ସ୍ୱଚ୍ଛନ୍ଦରେ ଯାଇ ଲିଙ୍ଗରାଜଙ୍କୁ ମୁଣ୍ଡିଆ ମାରି ସ୍ୱାମୀ ଓ ପୁତ୍ର କନ୍ୟାଙ୍କର ଅନନ୍ତ ସୁଖର ବ୍ୟବସ୍ଥା କରିପାରିବେ !

Digitized by srujanika@gmail.com

ଲିଙ୍ଗରାଜ ଯେଉଁ ସୁଖ ଦେବେ ତାହା ଇହକାଳରେ କି ପର କାଳରେ ତାର କେଉଁ ଠିକ୍ ଠିକଣା ଅଛି । ଗୃହିଣୀଙ୍କ ଅର୍ଜିତ ପୁଣ୍ୟ ରହୁ ପରକାଳକୁ । ଅନାମ ବାବୁ ନିଜ ଉଦ୍ୟମରେ, ତାଙ୍କ ଉପାସିତ ନେତା ଓ ମନ୍ତ୍ରୀଙ୍କ ଆଶୀର୍ବାଦରେ ନିଜର ଓ ପିଲାଙ୍କ ଭବିଷ୍ୟତ ପାଇଁ ଯୋଗାଡ଼ କରିବାକୁ ବେଶ୍ ସମର୍ଥ । ଆଜି ସକାଳେ ଏଇ ଯେଉଁ ୧୨ ମିନିଟର ଟେଲିଫୋନ୍ କଥାବାର୍ତ୍ତା ତା'ର ମୂଲ୍ୟ ନିର୍ଣ୍ଣୟ କରିବାକୁ ସେ କାଗଜ ଖଣ୍ଡେ ଧରି ଗୁଡ଼ାଏ ଗାରେଇଲେ । ଭଲ ପର୍ମିଟ୍‌ଗୁଡ଼ାକରେ ବେଶି ଦାବି କରିବେ ନାହିଁ—ଶହେ ଟଙ୍କା ହେଲେ ଯଥେଷ୍ଟ । ମନ୍ଦ ଗୁଡ଼ାକରେ ଦୁଇଶହ କାହିଁକି ତିନିଶହ ଦେବାକୁ ମିଷ୍ଟର ଘୋଷ କୁଣ୍ଠିତ ନ ହେବା ଉଚିତ, ବାକି, ଫାଙ୍କାଗୁଡ଼ାକ—ସେଥିରେ 'ତୋର ଅଧେକୁ ମୋର ଅଧେ' । ଅନାମ ବାବୁଙ୍କର ଆଖି ଖୋସି ହୋଇଗଲା । ଗୋଟାଏ ୫. ଘୋଡ଼ା-କରାମତି ପର୍ମିଟକୁ ତିନି ହଜାର ହେଲେ ବି ତାଙ୍କ ହାତରେ ଆର ମାସର ପାଞ୍ଚ ତାରିଖକୁ ପଚିଶ ହଜାରରୁ ବେଶି ପଡ଼ିଯିବ । ଆଜି ସକାଳେ ସାହେବ କହିଥିଲେ ସରକାରୀ ଧନକୁ ଯେ ଆପଣାର ବୋଲି ମନେ କରନ୍ତୁ ! ଏ ପଚିଶ ହଜାର ତ ଆଉ ମନେ କରିବା କଥା ନୁହେଁ; ଯେହୁ ତ ପୂରା ପୂରି ତାଙ୍କର ହେଲା ବୋଲି ଧରାଯାଇପାରେ ।

ଅନାମ ବାବୁ ପଚିଶ ହଜାର ଟଙ୍କାର ବଜେଟ ମନେ ମନେ ଅଟକଳ କରୁ କରୁ ତାଙ୍କ ମନ ଭିତରୁ ଆନନ୍ଦ ଫାଟି ବାଟେ ଉଚ୍ଛୁଳି ପଡ଼ିଲା । ସେ ହସ ହସ ହୋଇ ଗୃହିଣୀଙ୍କୁ ଭେଟିବା ପାଇଁ ରୋଷେଇ ଘରକୁ ଚାଲିଗଲେ ଓ ଗୃହିଣୀଙ୍କ ଅଣ୍ଟାକୁ କୁତୁ କୁତୁ କରିଦେଲେ । ଗୃହିଣୀ କୃତ୍ରିମ କୋପରେ କହି ଉଠିଲେ, "ପିଲାଙ୍କ ପରି କ'ଣ ହେଉଛ ମ ? କିଏ ଦେଖିବ ?" ଗୃହିଣୀଙ୍କ ଆପତ୍ତିର ମର୍ମ ଅନାମ ବାବୁ ବୁଝିଲେ—କୁତୁକୁତୁରେ ଆପତ୍ତି ନାହିଁ; କେବଳ କିଏ ଦେଖିବ ବୋଲି ଯାହା ଭୟ । ସେତେବେଳକୁ ପିଲେ ସ୍କୁଲକୁ ଯାଇ ସାରିଲେଣି । ପୂଜାରୀ ବି ଅଫିସକୁ ଗଲାଣି । ଆଉ ଚାକର ଟୋକାଟା—ସେ ଦେଖିଲେ କେତେ ? ଚାକର—କୁକୁର । ଆଜି ତ ଏ ଚାକରଠାରୁ ବଡ଼ ବଡ଼ ଲୋକେ ବି ଅନାମ ବାବୁଙ୍କ ଦୃଷ୍ଟିରେ କୁକୁରଠାରୁ ହୀନ ।

ଦିନଗୁଡ଼ାକ ସରିବାକୁ ନାହିଁ । ୨୯ ତାରିଖ ଗଲାଣି । ମନ୍ତ୍ରୀଙ୍କ ପିଏ ଅନାମବାବୁଙ୍କ ଜିପ୍‌ରେ ଯାଇ ମିଷ୍ଟର ଘୋଷଙ୍କ ନିଜ

Digitized by srujanika@gmail.com

ତତ୍ତ୍ୱାବଧାନରେ ସ୍ଥାପିତ ହୋଇ ବର୍ଷା ସୁଡ଼୍ ବୁଡ଼୍ ବଗିଗୁକୁ ଆତୁର ସୁଡ଼୍ ବୁଡ଼୍ କଲଣି—ଅବଶ୍ୟ ପରୀକ୍ଷା ସ୍ୱରୂପ । କିନ୍ତୁ ପାଞ୍ଚ ତାରିଖ ଅଦ୍ୟାପି ଦୁଇଦିନ ବାକି । ଷ୍ଟେସନରୁ ଖବର ନେଇଛନ୍ତି ସେଇଦିନ ମାଲ ଆସି ପହଞ୍ଚିବ । ସାହେବ ମିଷ୍ଟର ଘୋଷଙ୍କ ବିଲ୍ ଦସ୍ତଖତ କରି ସାରିଲେଣି । ଅବା ବିଳମ୍ବ ହୋଇଥାନ୍ତା, ଅନାଗତ ବିଧାତା ମିଷ୍ଟର ଘୋଷ ଗୋଟାଏ ଦାମିକା ଟ୍ରାନ୍‌ଜିଷ୍ଟର ରେଡ଼ିଓ ଓ ଗୋଟିଏ ନୂଆ ଧରଣର ରେଫ୍ରିଜରେଟର ଆଣିଥିଲେ । ଅନାମ ବାବୁ ଦୁଇଟା ଯାକ ନିର୍ଲୋଭରେ ସାହେବଙ୍କ ଘରେ ଥୋଇଦେଇ ଆସିଲେ । ସାହେବ ପଚାରିଲେ, "ଯାର ଦାମ କେତେ ?" ଅନାମ ବାବୁ କହିଲେ, "ବିଲ୍ ଆସି ନାହିଁ । ମେମ୍ ସାହେବ ଏଇ ଜିନିଷ ଦୁଇଟାର ଅଭାବ ଅନୁଭବ କରୁଥିଲେ ବୋଲି ଶୁଣିବାରୁ ବରାଦ କରିଦେଲି ।" ମେମ୍ ସାହେବ ପାଖ ଘରୁ କେତେବେଳେ ଆସି ଠିଆ ହୋଇଥିଲେ, କହିଲେ, "ବାସ୍ତବିକ ମିଷ୍ଟର ଦାସ, ଆପଣ ଆପଣଙ୍କ ପରି ।"

ପାଞ୍ଚ ତାରିଖ ଏଗାରଟା ବେଳକୁ ମାଲ ଖଲାସ ହୋଇ ବୁହା ହେଲା ଗୋଦାମ ଘରକୁ । ସରକାରୀ ପଇସା ବରବାଦ କରିବା ବିରୁଦ୍ଧରେ ଅନାମ ବାବୁ ସବୁବେଳେ ସଜାଗ । ନିଜ ଜିପ୍‌ର ଟ୍ରେଲରରେ ଲଦି ୨୦ ଭଡ଼ାରେ ସବୁତକ ଆସି ସାରିଲା ବେଳକୁ ବେଳ ରତ ରତ ହେଉଛି । ନିଜ ତତ୍ତ୍ୱାବଧାନରେ ସେଗୁଡ଼ିକ ଗୋଦାମରେ ରଖି, ତାଲା ପକେଇ ବାବୁ ତର ତର ହୋଇ ମୁହାଁଇଛନ୍ତି ନିଜ କୋଠିକୁ । କୋଠିର ଅଫିସ ଘରେ ମିଷ୍ଟର ଘୋଷଙ୍କ ସଙ୍ଗେ ଟଙ୍କା ପଇସା କାରବାର ମାତ୍ର ଘଣ୍ଟାକ ପୂର୍ବରୁ ହୋଇଥାଏ । ଏ କାରବାରର ଫଳ ପୁଷ୍ପ ତାଙ୍କ ଅଫିସ ଟେବୁଲର ଉପରରେ ଗୋଟାଏ ମାମୁଲି ତାଲା ପଡ଼ି ରହିଛି । ତାକୁ ଟିକିଏ ଭଲ କରି ଗୁହାଁ ଯଥାସ୍ଥାନରେ ନେଇ ରଖିବାର ପ୍ରବଳ ଆକାଂକ୍ଷା ତାଙ୍କ ପାଦ ଦୁଇଟିକୁ ଅଥୟ କରୁଥାଏ । ଗୋଦାମ ଓ କୋଠିର ମଝି ବାଟରେ ସେ ଆସି ପହଞ୍ଚିଛନ୍ତି, ଏଇ ସମୟରେ ଜଣେ ଚଉହଦା ଶିଖ ଭଦ୍ର ଲୋକ ତାଙ୍କୁ ପୁଲିସ ଠାଣିରେ ଅଭିବାଦନ କରି ବାଟ ଓଗାଳି ରହିଲେ । ଅନାମ ବାବୁଙ୍କର ହଠାତ୍ ଧାରଣା ହେଲା, ଏ ନିଶ୍ଚୟ କେନ୍ଦ୍ର ଗୋଇନ୍ଦା ବିଭାଗର ଲୋକ । ନିଷ୍ପ୍ରଭ

Digitized by srujanika@gmail.com

ସ୍ୱରରେ ତାଙ୍କ ପାଟିରୁ ବାହାରିଲା, "ଆପଣଙ୍କ ମୋ ପାଖରେ କ'ଣ କାମ ?"

ଭଦ୍ରବ୍ୟକ୍ତି ଉତ୍ତର ଦେଲେ, "ବିଶେଷ କିଛି ନୁହେଁ, ଆଜ୍ଞା ! ଆପଣଙ୍କ ଗୋଦାମରେ ମୁଁ ଗୋଟାଏ ଦୋହରା ତାଲା ପକାଇ ସିଲ କରିଦେଲେ, ସେଇଟି ଫିଟାଇ ତନଖି କରିବା କାଳକୁ ରହିପାରେ । ଆପଣଙ୍କ କୋଠିର ଅଫିସ ଘରଟା ମଧ୍ୟ ତଲାସ ହେବାର କଥା । ମୁଁ ପୋଲିସ ପୋଷାକରେ ନାହିଁ । ପୁଣି ମୁଁ କେନ୍ଦ୍ର ସରକାରର ଲୋକ । ମୁଁ ଆପଣଙ୍କ ରାଜ୍ୟର ପୁଲିସଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନଧିକାର ଚର୍ଚ୍ଚା ହେବ । ପୂର୍ବରୁ ଜଣେ ସ୍ୱତନ୍ତ୍ର ପୁଲିସ ଅଫିସର, ସୁପରିଂଟେଣ୍ଡେଣ୍ଟ୍ ପାହ୍ୱଆର, ପାଞ୍ଚଟା ସୁଦ୍ଧା ଆସି ପହଞ୍ଚିବାର କଥା । ମୁଁ ଓ ମୋର ସହକର୍ମୀ ତାଙ୍କରି ଅପେକ୍ଷାରେ ଏ ପର୍ଯ୍ୟନ୍ତ ଅଛୁଁ । ସେ ଆସି ନ ପହଞ୍ଚିଲେ, ସ୍ଥାନୀୟ ଥାନା ଅଫିସରଙ୍କର ସାହାଯ୍ୟ ନେବାକୁ ହେବ ।"

ଅନାମ ବାବୁଙ୍କ ତୁଣ୍ଡରୁ ଫଟା ଗଳାର ରଡ଼ ବାହାରିଲା, "କିନ୍ତୁ— ।"

ଭଦ୍ରଲୋକ ଅପ୍ରକାଶିତ ସଂଶୟ ଦୂର କରିଦେଲେ, "ଏ ଘଟଣାରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ତାଙ୍କ ବିଷୟରେ ଜାଣିବାକୁ ଆପଣ ଚାହିଁବା ସ୍ୱାଭାବିକ । ମିଷ୍ଟର ଘୋଷ ମୋର ମଟରରେ ବସିଛନ୍ତି । ସେ ଜଣେ ବେସରକାରୀ ଲୋକ । ତାଙ୍କୁ ବିନା ଓ୍ୱାରେଣ୍ଟରେ ଜବତ କଲେ ବିଶେଷ ଅଡ଼ୁଆ କିଛି ହେବ ନାହିଁ । ଆଜି ଆପଣଙ୍କ ବଡ଼ ସାହେବ ଓ ମନ୍ତ୍ରୀଙ୍କ କଥା । ଭାରତ ସରକାରଙ୍କୁ ବେତାରବାର୍ତ୍ତା ପଠାଯାଇଛି । ଉତ୍ତର ନ ପାଇବାରୁ ତାଙ୍କ ଦେହରେ ହାତ ପକାଯାଇ ନ ପାରେ । ତା' ପରେ, ଗୋଟାଏ ପମ୍ପ, ଗୋଟାଏ ଟ୍ରାନ୍‌ଜିଷ୍ଟର ଓ ରେଫ୍ରିଜରେଟରରୁ ଆମେ ବା ପାଇବୁ କ'ଣ ?"

ଅନାମ ବାବୁଙ୍କ ଆଖି ଟିକିଏ ଉଜ୍ଜ୍ୱଳ ହୋଇଗଲା, ମନରେ ଆଶାର ସଞ୍ଚାର ହେଲା । ସେ ତ କହୁଛନ୍ତି, 'ଆମେ ପାଇବୁ କ'ଣ ?' ପାଇଲେ ଯଦି କାର୍ଯ୍ୟଟା ତୁଟିଯିବ ତେବେ ମୁକ୍ତିଫରକା ପଇସାକୁ ଏତେ

Digitized by srujanika@gmail.com

ନେଉ କାହିଁକି ? ସେ ଟିକିଏ ସାହସ ବାନ୍ଧି କହିଲେ, "ଆଚ୍ଛା, ମୋ କୋଠି ତ ଦୂର ନୁହେଁ, ଆପଣ ଟିକିଏ ଚା'ଖାଇ ସାରିଲା ପରେ ଯାହା କରିବାର କଥା କରିବା । ମୋର ଟିକିଏ ଚା' ନହାତି ଦରକାର ।" ନିମନ୍ତ୍ରଣ କରିସାରିବା ପରେ ପୁଣି ମନରେ ସନ୍ଦେହ ହେଲା, ସାପକୁ ଦୁଧ ପିଆଉ ନାହାନ୍ତି ତ ?

ଶିଖ୍ ଭଦ୍ରଲୋକ କିନ୍ତୁ ସରଳଭାବେ କହିଲେ, "ମୋର ବି ସେଇ ଅବସ୍ଥା । ଆଜି ୧୨ଟାଠାରୁ ମୁଁ ଏଇ କାମରେ ଲାଗିଛି । କିଛି ଖାଇ ନାହିଁ । ମୁଁ ତ ଟିକିଏ ବସିଥିଲି ; ମୋ'ର ସହକର୍ମୀ ଆପଣଙ୍କ କୋଠି ସାମନା ସଡ଼କରେ ୧୨ଟା ପୂର୍ବରୁ ଅବିଶ୍ରାନ୍ତ ପଦଚାରଣା କରୁଛି ।"

ଏ ସହକର୍ମୀ ଉପରେ ଅନାମ ବାବୁଙ୍କର ଆଜି ଅପରାହ୍ଣରେ ଦୁଇଚାରିଥର ନଜର ପଡ଼ିଛି । ତା'ର ଉଦ୍ଦେଶ୍ୟ ବିଷୟରେ ସନ୍ଦେହ କରି ସେ ଥାନାକୁ ଟେଲିଫୋନ କରିବାକୁ ବସିଥିଲେ । ଭାଗ୍ୟକୁ ତାହା କରି ନାହାନ୍ତି ।

ଚା ଓ ଜଳଖିଆ ଖାଇସାରି ପରିତୃପ୍ତିରେ ଦାଢ଼ିକୁ ପୋଛି ଶିଖ୍ ଭଦ୍ରଲୋକ କହିଲେ, "ଏଭଳି ସୁସ୍ୱାଦୁ ଓ ଉପାଦେୟ ଖାଦ୍ୟ ମୁଁ ଅନେକ ଦିନ ହେଲା ପାଇ ନ ଥିଲି ।"···ଆଉ ଟିକିଏ ପରେ "ଦେଖୁଛି ଆପଣଙ୍କ ଘରେ ଗୁଡ଼ିଏ ପିଲାପିଲି । ପିଲାପିଲି-ବାଲାଙ୍କ ପ୍ରତି ମୋ'ର ହିଂସା ଯେପରି ହୁଏ, ମମତା ବି ସେଇପରି ।"

ନିଜ ଗହଳି କୁଟୁମ୍ବ ପ୍ରତି ସତେ ଯେପରି ନୂଆ ହୋଇ ଅନାମ ବାବୁଙ୍କର ଦୃଷ୍ଟି ପଡ଼ିଲା । ଏମାନଙ୍କର ଭାଗ୍ୟ ଆଜି ପୂର୍ଣ୍ଣ ନିର୍ଭର କରେ ଏଇ ଶିଖ ଉପଦେବତାଙ୍କ ଉପରେ । ମନ୍ତ୍ରୀ ଓ ସାହେବଙ୍କୁ ଅବଶ୍ୟ ସେ ଚା' ଖାଇଲା ବେଳେ ମନେ ପକାଉଥିଲେ । କିନ୍ତୁ ସେମାନେ ଏତେବେଳେ କରିବେ କ'ଣ ? ସ୍ୱାଙ୍କ ମୁଣ୍ଡ ଉପରେ ତ ଚକ୍ର ଘୂରୁଛି । ନିଜ ବିପଦ ବିଷୟରେ ପୂର୍ଣ୍ଣରୂପେ ଅଜ୍ଞାତ ଥାଇ ଜଣେ ମାର୍କେଟ୍ ବିଲଡିଙ୍ଗ ଆଗରେ ଦୁର୍ନୀତି ବିରୁଦ୍ଧରେ ଅନର୍ଗଳ ଭାଷଣ ଦେଉଛନ୍ତି ; ଆଉ ଜଣେ ଅଗଷ୍ଟ ୧୫ ତାରିଖରେ ସମ୍ବଲପୁରରେ ନୂଆ କମିଶନର ପୋଷ୍ଟରେ ଜଏନ କରିବା ପାଇଁ କିନିଷ ପତ୍ର ବନ୍ଧାବନ୍ଧି କରିବାରେ ଓ ବନ୍ଧୁମାନଙ୍କଠାରୁ ବିଦାୟ ନେବାରେ ବ୍ୟସ୍ତ । ଡାକବାଜି ଯନ୍ତ୍ରରୁ ମନ୍ତ୍ରୀଙ୍କ ସ୍ୱର ଭାସି ଆସୁ-ଥାଏ—'ଦୁର୍ନୀତି ବିରୁଦ୍ଧରେ ଆମ ସରକାର ନିର୍ମମ ଅନ୍ତଃକରଣରେ

Digitized by srujanika@gmail.com

ଲାଗିଛି । ସରକାରୀ କର୍ମଚାରୀମାନଙ୍କ ଉପରେ ଆମର କଡ଼ା ଦୃଷ୍ଟି ରହିଛି । ଯେଉଁମାନେ ଦୁର୍ନୀତିଗ୍ରସ୍ତ ବୋଲି ଆମର କିଂଚିତ୍ ସନ୍ଦେହ ହେବ, ସେମାନଙ୍କର ପଦୋନ୍ନତି ତ ଦୂରର କଥା ଅସ୍ତିତ୍ୱ ରହିବା ବି ଅସମ୍ଭବ । ଆମର ହାତ ଟାଣ କରିବାକୁ ଏତେବେଳେ ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ଲୋଡ଼ା...।”

ଅନାମ ବାବୁଙ୍କର ମନ ହେଉଥାଏ ସଭାରେ ଠିଆ ହୋଇ କହିଦିଅନ୍ତେ, ପମ୍ପର ଇତିବୃତ୍ତ । କିନ୍ତୁ ସେ ତ ନିଜେ ନାକଦଣ୍ଡି ଯାଏଁ ଗହୀର ପାଣିରେ ! ଘରୁ ପିଲାଙ୍କ ପାଟି ଶୁଭିଲା, ବୋଉକୁ ପଚାରୁଛନ୍ତି, ଭୂତ ପରି ଏ ବାବୁଟି କିଏ ? ପିଲାଗୁଡ଼ିକ ବଡ଼ ଅଭଦ୍ର ହୋଇଗଲେଣି । ଦେବତାଙ୍କୁ କହୁଛନ୍ତି ଭୂତ ।

ଭଦ୍ରଲୋକ ଓଡ଼ିଆ ବୁଝୁଥିଲେ ବି ତାଙ୍କ ମୁହଁରେ ବିରକ୍ତିର କ୍ଷୀଣ ସଙ୍କେତ ବି ଦିଶୁନଥାଏ । ଘନ କୃଷ୍ଣ ଶ୍ମଶ୍ରୁ ଭିତରୁ ତାଙ୍କର ଆମୋଦ ଫୁଟି ଦିଶୁଥାଏ । ଏଇଥିରେ ଆଶ୍ୱସ୍ତ ହୋଇ ଅନାମବାବୁ ଟେବୁଲର ଡ୍ରୟର ଫିଟାଇ ଭଦ୍ରବ୍ୟକ୍ତିଙ୍କ ଆଡ଼କୁ ନିର୍ବାକ୍ ସଙ୍କେତରେ ନିଜର ନୈବେଦ୍ୟ ଜଣାଇଦେଲେ ।

ଦେବତା ନିଜ ହାତରେ ଡ୍ରୟର ଭିତରୁ ଶହେ ଟଙ୍କିଆ ନୋଟର ଗୋଟିଏ କଣ୍ଟାସିଲେଇ ବିଡ଼ା ଉଠାଇ ନେଇ ତାକୁ ନିଜ ପ୍ୟାଣ୍ଟ ପକେଟର ଅନ୍ଦର ମହଲକୁ ପଠାଉ ପଠାଉ କହିଲେ, “ମୋର ସହକାରୀ ଜଣକୁ ପାଞ୍ଚ ଦେଇ ପାରନ୍ତି ।”

ଅନାମ ବାବୁ ଆଉ ଗୋଟିଏ ଦଶହଜାରିଆ ବିଡ଼ା ଫିଟାଇବାକୁ ଗଲାବେଳେ ଭଦ୍ରଲୋକ କହିଲେ, “ହଁ, ଆମରି ଏ ବେପାରରେ ଆଉ ଜଣେ ମହିଳା ଅଛନ୍ତି । ଟେଲିଫୋନ ଏକ୍ସଚେଞ୍ଜର ଅପରେଟର । ତାଙ୍କଠାରୁ ସୂଚନା ପାଇ ଆମେ ସିନା ଖିଅ ଧରିଲୁ ।”

ଅନାମ ବାବୁଙ୍କର ମନେ ପଡ଼ିଗଲା, ସେଦିନ ଏକ୍ସଚେଞ୍ଜ ସଙ୍ଗେ ବଚନିକା । ବୋଧହୁଏ ସେଇ ଅଭଦ୍ରତା ଟିକିକ ହୋଇ ନ ଥିଲେ କଥା ଏତେ ଦୂର ଯାଇନଥାନ୍ତା । ଯାହା ହେଲା ତ ହେଲା ; ଏତିକରେ କେମିତି ଉପସଂହାର ହୋଇଗଲେ ରକ୍ଷା ବୋଲି ଭାବୁଥିବା ସେ ପୂରା ବିଡ଼ାଟି ଶିଖ୍ ଭଦ୍ରଲୋକଙ୍କ ଆଡ଼କୁ ବଢ଼ାଇ ଦେଲେ । ବିଡ଼ାଟି ମହାଶୟଙ୍କ ଆର ପ୍ୟାଣ୍ଟ ପକେଟ୍‌କୁ ଚାଲି ଯାଉ ଯାଉ ସେ ଉଠି ଠିଆ ହେଲେ ।

Digitized by srujanika@gmail.com

ଅନାମ ବାବୁ ବି ଠିଆ ହୋଇପଡ଼ି ହାତ ଯୋଡ଼ି କହିଲେ, "ହଜୁର, ଆପଣ ଆଜି ଯେଉଁ ଅନୁଗ୍ରହ କଲେ ତାହା ମୋର ଚିରକାଳ ମନେ ରହିବ । ମୁଁ ଋଣୀ ହୋଇ ରହିଲି । ଅନୁଗ୍ରହ କରି ଆଉ କେବେ ଆସିବେ ।"

ଶିଖ୍ ଭଦ୍ରଲୋକ ନଜର ଶ୍ମଶ୍ରୁଳ ମୁହଁକୁ ବିସ୍ତାରିତ କରି କହିଲେ, "ଧନ୍ୟବାଦ ! ଆପଣଙ୍କ ଗୃ ଜଳଖିଆ ତ ମୋତେ ଏଠାକୁ ପ୍ରତ୍ୟହ ଟାଣିବାର କଥା । ମୁଁ ପ୍ରତିଦିନ ୪।୫ ଥର ଭୁବନେଶ୍ୱର ଆସେ । କିନ୍ତୁ ଆପଣଙ୍କର ମୋର ସାମାଜିକ ସ୍ତର ଏତେ ଫରକ ଯେ, ମୁଁ ବାରମ୍ବାର ଆସିଲେ ଆପଣଙ୍କର ସମ୍ମାନରେ ଆଞ୍ଚ ଆସିବ···ମୋତେ ବିଦାୟ ଦିଅନ୍ତୁ । ମିଷ୍ଟର ଘୋଷ ବହୁତ ସମୟ ଅପେକ୍ଷା କଲେଣି । ତାଙ୍କୁ କଟକ ହୋଟେଲକୁ ନେଇ ସେଠାରୁ ରେଳରେ ଚଢ଼ାଇବାକୁ ହେବ ।"

ଅନାମ ବାବୁ ବିସ୍ମୟବିସ୍ଫାରିତ ନେତ୍ରରେ ଚାହିଁ ରହିଲେ । ଶିଖ୍ ଭଦ୍ରବ୍ୟକ୍ତି ଆଉ ଥରେ ନମସ୍କାର କରି ଯିବାକୁ ଗୋଡ଼ କାଢ଼ିବା ପୂର୍ବରୁ କହିଗଲେ, "ହଜୂର, ମୁଁ ଏଠାରେ ଜଣେ ଟ୍ୟାକ୍‌ସି ଡ୍ରାଇଭର । ହଜୂର ମୋ ଗାଡ଼ିରେ କେତେ ଥର କଟକ ଯାଇଛନ୍ତି । ବୋଧହୁଏ ଆଜିର ପରିସ୍ଥିତିରେ ଚିହ୍ନି ପାରିଲେ ନାହିଁ । ମୋର ସହକାରୀ ମୋର ପ୍ରକୃତ ସହକାରୀ, ମୋ ଗାଡ଼ିର କ୍ଲିନର । ଆଉ, ସେ ଟେଲିଫୋନ ଅପରେଟର ଭାରତ-ବିଭାଗ ଦିନୁ ତା'ର ପତିଙ୍କୁ ହରାଇ ମୋ'ରି ଆଶ୍ରାରେ ଅଛି ।"

ଅନାମ ବାବୁଙ୍କ ଆଖି ଲାଲ ହୋଇଗଲା । ଚିନ୍ତିଲେ ସାଙ୍ଗେ ସାଙ୍ଗେ କ୍ୟାପିଟେଲ ଥାନାକୁ ଟେଲିଫୋନ କରିବେ । କିନ୍ତୁ ପର ମୁହୂର୍ତ୍ତରେ ପୁଣି ଭଦ୍ର-ଲୋକଙ୍କୁ ପ୍ରତିନମସ୍କାର ହୋଇ ଅଫିସ ଘରର ଖୋଲା ଦୁଆର ପାଖକୁ ଫେରିଲେ ।

ଶିଖ ଡ୍ରାଇଭର ଯିବାବେଳେ କହିଗଲେ, "ଆମ ତରଫରୁ ଏ ଘଟଣା ଏତିକରେ ଶେଷ । ଆପଣ ଇଚ୍ଛା କଲେ ଘାଣ୍ଟି ପାରନ୍ତି ।"

ଅନାମ ବାବୁ ଅଫିସଘର ରୁଦ୍ଧ ବନ୍ଦ କରି ଅଗଣାକୁ ଗଲେ । ସତୀ ବୃନ୍ଦାବତୀଙ୍କ ମୂଳରେ ଦୀପଟା ବସାଇ ମୁଣ୍ଡିଆ ମାରୁଥାନ୍ତି । ସେ ଗୋଡ଼ରୁ ସାଙ୍ଗେ ସାଙ୍ଗେ ଜୋତା କାଢ଼ି, ଗୃହିଣୀ ମୁଣ୍ଡ ଟେକିବା ପୂର୍ବରୁ, ତାଙ୍କର ପାଖେ ବୃନ୍ଦାବତୀଙ୍କୁ ନିଜ ଅନ୍ତରର କୃତଜ୍ଞତା ଜଣାଇଲେ । ●

Digitized by srujanika@gmail.com

ପଙ୍କ ଓ ପଙ୍କଜ

ପିଲାଟି ସେତେବେଳକୁ ଦୁଇ ତିନି ଶହ ହାତ ପଛରେ ପଡ଼ିଗଲାଣି । ବ୍ରାହ୍ମଣ ଟିକିଏ ଠିଆହେଲେ, ପଛକୁ ଚାହିଁଲେ, ଡାକିଲେ, "ଆରେ ପୁଅ, ଆ, ବେଗେ ବେଗେ ଆ । ଏତିକିବେଳୁ ତ ଏତେ ପଛରେ ରହିଯାଉଛୁ । ତିନି କୋଶ ବାଟ ପଡ଼ି ଯିବା !"

ପୁଅ ଏମାରମଠ ଚଉତରା ପାଖରେ ଠିଆ ହୋଇ ଗୋଟାଏ ଘୋଡ଼ାକୁ ଚାହିଁଥାଏ । ମସ୍ତବଡ଼ ଅଷ୍ଟ୍ରେଲିଆନ୍ ଘୋଡ଼ା । ତା ପାଖରେ ଥୁଆହୋଇଥିବା ଜିନ୍, କଳାଅର, ଲଗାମ, ରେକାବ, ମୁଣ୍ଡର ଏଗ୍ରପକ୍ଷୀ ମୁକୁଟ ସବୁ ନୂଆ ଚକ୍‌ଚକ୍ କରୁଥାଏ । ଘୋଡ଼ାର ଚିକ୍‌କଣ ଦେହ, ଠିଆହେବାର ଠାଣିରୁ, ପିଲାଟିର ଆଖି ଥରକୁ ଥର ଲଦନ ସରଞ୍ଜାମ ଉପରକୁ ଚାଲିଯାଉଥାଏ, ପୁଣି ଫେରି ଆସୁଥାଏ ଘୋଡ଼ାର ରୂପକୁ । ଏଇ ସମୟରେ ଘୋଡ଼ାର ଖାଇବା ଟାଇମ ହୋଇଗଲା । ସଇଶ ଗୋଟାଏ ବଡ଼ ବାଲ୍‌ଟିରେ ଗଅଣ୍ଡୁ ବାଲ୍‌ଟିଏ ବତୁରା ବୁଟ କାଢ଼ି ଘୋଡ଼ାର ମୁହଁରେ ଓହଳାଇଦେଲା । ଘୋଡ଼ା ଖାଉଥାଏ, ସେ ମୁହଁ ଝାଡ଼ିଦେବା ବେଳେ ଗୋଟାଏ ଗୋଟାଏ ବୁଟ ତଳକୁ ଖସିପଡ଼ି ପିଚୁରାସ୍ତା ଉପରେ ଗଡ଼ି ଗଡ଼ି ଯାଉଥାଏ । ପିଲାଟିର ଆଖି ସେଇ ବୁଟ ପଛରେ ଗୋଡ଼ାଇ ଯାଏ । କେଡ଼େ ସୁନ୍ଦର ହଳଦିଆ ରଙ୍ଗ ! ତାର ପାଟିରୁ ନାଳ ଗଡ଼ି ପଡ଼ୁଥାଏ । ଏଇ ସମୟରେ ନନାଙ୍କର ଡାକ ଆସି କାନରେ ବାଜିଲା । ପିଲାଟି ଘୋଡ଼ା ମୁହଁର ବାଲ୍‌ଟି ଆଡ଼କୁ ଥରେ ଥରେ ଫେରି ଚାହିଁ ଚାହିଁ ଯଥାସମ୍ଭବ ତରତରରେ ଯାଇ ନନାଙ୍କ ପାଖରେ ପହଞ୍ଚି ଆକାଙ୍‌କ୍ଷା ମିଶା ସ୍ୱରରେ କହିଲା, "ନନା, ଆମେ ହେଲେ ଘୋଡ଼ା ହୋଇଥାନ୍ତେଇଁ !" ବ୍ରାହ୍ମଣ କିଛି ଉତ୍ତର ଦେଲେ ନାହିଁ । ବାହାରି ଆସୁଥିବା ଦୀର୍ଘଶ୍ୱାସ ଚାପିରଖି କହିଲେ, "ହଉ, ଆ ଆ, ବହୁତ ବାଟ ଅଛି ।"

Digitized by srujanika@gmail.com

ଗୋଟି ଗୋଟି ହୋଇ ସକାଳଠାରୁ ଏ ପର୍ଯ୍ୟନ୍ତ ଘଟିଯାଇଥିବା ସବୁ କଥା ତାଙ୍କର ମନେ ପଡ଼ିଗଲା । ସବୁଦିନ ପରି ସେ ଆଜି ସକାଳେ ଗାଁରୁ ବାହାରିଥିଲେ ପୁରୀ ସହରକୁ, ସବୁଦିନ ପରି ଆଶା କରିଥିଲେ, କେହି ଯଜମାନ ଚଣ୍ଡୀ ବା ସହସ୍ରନାମ ଗୁଣିବାର ଦକ୍ଷିଣା ସ୍ୱରୂପ ବଳେ ମହାପ୍ରସାଦ ଖାଇବାକୁ ଦେବ, ସୁରଣା ଆଠଣା ଦକ୍ଷିଣା ଦେବ ; ସବୁଦିନ ପରି ପିଲାଟି ଚୋରାଣି ମନ୍ଦିଏ ପିଇ ସାଙ୍ଗରେ ଆସିଥିଲା ; ମହାପ୍ରସାଦ ପୁଞ୍ଜିଏ ପାଇଥାନ୍ତା, ଫେରିଲାବେଳେ ପିଲାକଥା ପ୍ରଶ୍ନ ସବୁ ପଚାରି ବାଟର କ୍ଳେଶ ମାରିଥା'ନ୍ତା, ଗୋଟାଏ ଯୋଡ଼ାଏ ଶ୍ଳୋକ ମଧ୍ୟ ଶିଖିଥାନ୍ତା । ଆଜି କିନ୍ତୁ ଘୁରି ଲେଉଟିବା ପର୍ଯ୍ୟନ୍ତ ମୁଠାଏ ବୋଲି ଖାଇବାକୁ ମିଳିଲା ନାହିଁ କି ପଇସାଟିଏ ମିଳିଲା ନାହିଁ । ଜଗନ୍ନାଥଙ୍କୁ ଦେଖିବାର ବି ସୁଯୋଗ ମିଳିଲା ନାହିଁ, ଆଉ କଥା କିଏ ପଚାରୁଛି ?

ଆଜି ପରା ଦିଲ୍ଲୀଆଡ଼ୁ କିଏ ଜଣେ ବଡ଼ଲୋକ, ରଜା କି ମନ୍ତ୍ରୀ ଆସିବାର କଥା ଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ଦେଉଳ ଚାରିପଟେ କଡ଼ା ପୁଲିସ ପହରା । କାହାକୁ ଭିତରକୁ ଛାଡ଼ୁ ଦେଉନାହାନ୍ତି । ଆଗ ଶୁଣାଯାଉଥିଲା ଦଶଟା ବେଳେ ଆସିବେ, ପୁଣି ଶୁଣାଗଲା, ୧୧ଟାରେ ଆସିବେ । ଏମିତି ହେଉ ହେଉ ୧୨ଟା ଗଲା, ଗୋଟାଏ ଗଲା ; ଶୁଣାଗଲା ଗୋଟାକବେଳେ ତାଙ୍କର ଦ୍ୱିପହର ଖିଆ ସାରି ଟିକିଏ ବିଶ୍ରାମ ନେଇ ଆସିବେ । ପୁଲିସ ସବୁବେଳେ ହେଇଟି ଆସିବେ ହେଇଟି ଆସିବେ କହୁଥା'ନ୍ତି । ବ୍ରାହ୍ମଣ ପୁଲିସ ଘେରାଉ ପାଖରେ ୩ ଘଣ୍ଟା-ପର୍ଯ୍ୟନ୍ତ ଠିଆ ହେଲେ । ଶେଷକୁ ମହୀପ୍ରକାଶ ମଠ ଭିତରେ ପଶିଲେ । ସେ ମଠର ବିଅଁଙ୍କ ଆଗରେ ସହସ୍ରନାମ ଗୁଣି ଟିକିଏ ବସିଲେ । ଦେଉଳର ତ ମାତ୍ର କଟିନଥାଏ, ମଠରେ ବା ମଉଚ୍ଛ ହେଉଛି କେତେବେଳେ ? ଖାଲି ପେଟରେ ଖାଲି ହାତରେ ମଣିଷପୂଜାର ଏଇ ବିଭୀଷିକା କଥା ବିଚାରି ଗାଁ ଆଡ଼କୁ ମୁହାଁଇଥା'ନ୍ତି । ପୁଅ ସଙ୍ଗେ କଥାବାର୍ତ୍ତା ହେବାକୁ ଅବସର କାହିଁ ? ପୁଅଟି ବି ଭୋକ ପେଟରେ କାନ୍ଦୁଣ୍ଟ ମାନ୍ଦୁଣ୍ଟ ହୋଇ ଯଥାସମ୍ଭବ ପଛରେ ଲାଗିଥାଏ ।

ବ୍ରାହ୍ମଣ ଆସି ଅଠରନଳା ଉପରେ ପହଞ୍ଚିଲା ବେଳକୁ ପୁଅ ଯାଇ ରହିଲାଣି ଫାଣ୍ଡି ପଛରେ । ବ୍ରାହ୍ମଣ ଟିକିଏ ଠିଆହେଲେ, ନଈ ଭିତରେ

Digitized by srujanika@gmail.com

ଆଖି ପଡ଼ିଲା, ମୁହଁ ଟିକିଏ ହସ ହସ ହୋଇଗଲା, ପୁଅ ଆଡ଼କୁ ଚାହିଁ ମେଲେଇ କରି ଡାକିଲେ, "ଆରେ ପୁଅ ! ଆ ଆ, ହୋଇଛି ଦେଖିବୁ, ଆ ।"

ଗୋଟିଏ କିଛି ବିଶେଷ ଦର୍ଶନୀୟ ବସ୍ତୁ ଦେଖିବା ଲାଳସାରେ ପିଲାଟି ଯଥାସାଧ୍ୟ ଚେଷ୍ଟା କରି ଧାଇଁ ଆସିଲା । ସେ ଶୁଣିପାରିଲା ପରି ଦୂରକୁ ଆସି ପହଞ୍ଚିବାରେ ବ୍ରାହ୍ମଣ କହିଲେ, "ଆରେ ପୁଅ, କହୁଥିଲୁ ପରା ଘୋଡ଼ା ହେବାକୁ, ଆମେ ଘୋଡ଼ା ହୋଇଥିଲେ ହୋଇଥାନ୍ତେ, ହେଇ, ସେଇ ଘୋଡ଼ା !" ଅଠରନଳା ନଈ ଭିତରେ ଗୋଟାଏ ଅତି ମେତର ଘୋଡ଼ା ବିକଳରେ ଦଳ ଚେବାଉଥାଏ । ଠେଙ୍ଗରେ ଗୋଟାଏ ବଡ଼ ଘା, ସେଥିରୁ ପୂଳାଏ ଖୁମ୍ପିବାକୁ ଚେଷ୍ଟା କରୁଥିବା କୁଆକୁ ଘଉଡ଼ିବା ନିମନ୍ତେ ଲାଙ୍ଗୁଡ଼ଟାକୁ ଅନବରତ ଝାଡ଼ୁଥାଏ ; ପାଣି ଭିତରେ ବୁଡ଼ିଥିବା ଚାରିଟାଯାକ ଠାଙ୍କରେ ବୋଧହୁଏ ଜୋକ ଲାଗିଥାନ୍ତି, ବ୍ୟସ୍ତବ୍ୟସ୍ତ ହୋଇ ଗୋଟି ଗୋଟି କରି ଗୋଡ଼ ଟେକୁଥାଏ, ପକାଉଥାଏ ।

ପିଲାଟି ଆଉ ସମ୍ଭାଳିପାରିଲା ନାହିଁ । ଶୋକ ଓ ନୈରାଶ୍ୟରେ ଭେଁ କରି କାନ୍ଦିପକାଇଲା । ବ୍ରାହ୍ମଣ ପିଲାଟିକୁ କୋଳକୁ ଟେକି ଆଣିଲେ । ଗାମୁଛାରେ ଆଖି ପୋଛି ପୋଛି କହିଲେ, "ଛି, ଏତିକରେ କାନ୍ଦି-ପକାଇଲୁ ? ତତେ ପରା ସେ ଦିନ ଶିଖାଉଥିଲି, ପତିତପାବନ ଆମର ପରି, ଏହି ରୋଗିଣା ଘୋଡ଼ାଟି ପରି, ଦୁଃଖୀଙ୍କି ସ୍ନେହ କରନ୍ତି ।"

ପିଲାଟି ନନାଙ୍କ ଆଦରରେ କାନ୍ଦ ବନ୍ଦ କରି ଅଭିମାନରେ କହିଲା, "ଖାଇବାକୁ ତ ପୁଞ୍ଜିଏ ଦେଉନାହାନ୍ତି ! ଆଉ ସ୍ନେହ କ'ଣ କରନ୍ତି, ନନା !"

ବ୍ରାହ୍ମଣ ଉତ୍ତର ଦେଲେ, "ଦେବେନି କି ? ଦେବେ, ଦଉଛନ୍ତି । ଜଗନ୍ନାଥ ମହାପ୍ରଭୁ ଯଦି ଦେଉନାହାନ୍ତି, ତେବେ ତୋ ବୋଉ ବଞ୍ଚିଛି କିମିତି ? ମୁଁ ବଞ୍ଚିଛି କିମିତି ? ତୁ ଏଡ଼ୁଟିଏ ହେଲୁଣି କେମିତି, କହିଲୁ ?"

ପୁଅର ମନ ମାନିଲା ନାହିଁ । ସେ ଅଭିଯୋଗ କଲା, "ନନା ! ଏବେ ସୁନ୍ଦର ପ୍ୟାଣ୍ଟ କୁରୁତା ଯୋତା ପିନ୍ଧି ଯେ ବଡ଼ ଦାଣ୍ଡରେ ଠିଆ

Digitized by srujanika@gmail.com

ହୋଇଥିଲେ, ଏତେ ସୁନ୍ଦର ଚକମକିଆ ମନ୍ଦିର ଯାହାଙ୍କର ସେଠି ରଖା ହୋଇଥିଲା, ସେମାନଙ୍କୁ ତ ଭଗବାନ ସେସବୁ ଦେଇଛନ୍ତି, ରହିବାକୁ ଏତେ ବଡ଼ ବଡ଼ କୋଠା ଦେଇଛନ୍ତି, ପୁଣି ସେ ଘୋଡ଼ାକୁ ତ ଏତେ ସୁନ୍ଦର ରୂପ ଦେଇଛନ୍ତି, ଏମିତି ହଳଦିଆ ବୁଟ ଦେଇଛନ୍ତି ଖାଇବାକୁ; ତେବେ ଏ ଘୋଡ଼ାକୁ କାହିଁକି ଏମିତି ବାନ୍ଧିଛନ୍ତି ? ଆମକୁ ମୁଞ୍ଜିଏ ଖାଇବାକୁ ବି ଦେଲେ ନାହିଁ । ନନା ! ତମକୁ ତ ଖୁବ୍ ଭୋକ ହେଉଥିବ ? ତମେ ତ କାଲି ରାତିରେ କିଛି ଖାଇନାହଁ । ଆଜି ସକାଳୁ ଏତେବେଳଯାଏଁ ପାଣି ବି ଛୁଇଁନାହଁ । ମତେ ସକାଳୁ ବୋଉ ତୋରାଣି ମୁନ୍ଦାଏ ଦେଲା ବୋଲି ସିନା । କହିଲା, ତଳତଳିଆ ହୋଇ ଗିନେ ହେବ ଭାତ ଥିଲା ପରା । ଆଜି ମୁଁ ତାକୁ ଖାଇକରି ଆସିବି ବୋଲି ବୋଉ କାଲି ରାତିରେ କିଛି ଖାଇନଥିଲା । ସେସବୁ କୁଆଡ଼େ ଗଲାଣି । ମୋତେ ଏତେ ଭୋକ ହେଉଛି ଯେ ଚାଲି ପାରୁନାହିଁ ।''

ବ୍ରାହ୍ମଣ ପୁଅକୁ କାଖେଇ ବାଟ ଚାଲିଲେ । ତା ମୁଣ୍ଡରେ, ଦେହରେ ହାତ ବୁଲାଇ ବୁଲାଉ କହିଲେ, ''ହଉ ହଉ, ମୁଁ ତୋତେ ଟିକିଏ କାଖେଇଛି । ତୋ ଦେହରେ ଟିକିଏ ବଳ ପାଉ କି ତୁ ଚାଲିବୁ । ଆଉ ଘଡ଼ିକରେ ତ ଗାଁ ହୋଇଯିବ । ଘରକୁ ଗଲେ ବୋଉ ରାନ୍ଧିଦେବ, ଖାଇବା ।''

ନନାଙ୍କର ଅଜ୍ଞତାର ସଂଶୋଧନ କରି ପୁଅ କହିଲା, ''ଘରେ ଚାଉଳ ନାହିଁ ହେ ନନା ! ଆମେ କାଲି ଯୁ ମୁଞ୍ଜିକ ନେଇଥିଲେ ସେଇ ପରା କାଲି ଉପରବେଳା ରନ୍ଧା ହୋଇଥିଲା । ଆମେ ସିନା ଆଜି ଉପର-ବେଳା ନେଇଥିଲେ ରନ୍ଧା ହୁଅନ୍ତା ।''

ବ୍ରାହ୍ମଣ ବୁଝାଇଦେଲେ, ''ସବୁଦିନ କ'ଣ ଆମକୁ ମୁଷ୍ଟିରେ ମିଳୁଛି ? ନ ମିଳିଲା ଦିନ ବୋଉ ପାଇରେ କାହାଘରୁ ଅଧଡବେ ଉଧାର ଆଣିବ, ପୁଣି ମିଳିଲେ ଶୁଝିଦେବା ।''

ପୁଅ କହିଲା, ''ପଡ଼ଶା ଘର ମାଉସୀଙ୍କର ପରା ଆମ ଉପରେ ଅଢ଼େଇ ଡବା ହେଲାଣି ! ସେ ଯେବେ ନ ଦେବେ ?''

ବ୍ରାହ୍ମଣ କହିଲେ, ''ଦେବେ । ଦେବେନାଇଁ କାହିଁକି । ଶୁଝିବା ନାଇଁ ବୋଲି ଯେବେ ଆମେ ମନରେ ବିଚାରିବା, ତେବେ ମିଳିବ ନାହିଁ ।

Digitized by srujanika@gmail.com

ଶୁଝିବା ପାଇଁ ଆମର ଯେଉଁ ଦିନ ଯାଏ ମନ ଥିବ, ସେ ଦିନଯାଏ ଉଧାର ଜିନିଷ ମିଳିବ । ତାଙ୍କ ଘରୁ ନ ମିଳିଲେ ଆଉ କାହା ଘରୁ ମିଳିବ ।''

ଏଇ ଆଶ୍ୱାସନାରେ ପୁଅର ଭୋକ ଟିକିଏ ମଲା ପରି ! ପଥଶ୍ରାନ୍ତି ବି ଟିକିଏ କମିଗଲା ବୋଧହୁଏ । ସେ କୋଳରୁ ଖସି ହାତ ଧରି ଚାଲିଲା । ଚାଲୁ ଚାଲୁ ପଚାରିଲା, ''ନନା ! କହିଲ ନାହିଁ ଆମେ କାହିଁକି ଏମିତି କଷ୍ଟ ପାଇବା, ଆଉ ସେମାନେ କାହିଁକି ଏଡ଼େ ସୁଖରେ ରହିବେ ? ଭଗବାନ ଏମିତି ଅସମାନ କରି କାହିଁକି ମଣିଷ ଗଢ଼ିଛନ୍ତି ଯେ ?''

ବ୍ରାହ୍ମଣ ଉତ୍ତର ଦେଲେ, ''ଭଗବାନ କାହାକୁ ଅସମାନ କରିନାହାନ୍ତି । ଯଦି ଆମକୁ ଯୋଡ଼େ ହାତ ଦେଇ, ତାଙ୍କୁ ଚାରିଟା ହାତ ଦେଇଥାନ୍ତେ ତେବେ ଯିନା ଭଗବାନ ଅସମାନ କରିଛନ୍ତି ବୋଲି କହନ୍ତୁ । ଭଗବାନ ସମସ୍ତିଙ୍କି ସମାନ କରିଛନ୍ତି । ସମସ୍ତଙ୍କୁ ସମାନ ହାତଗୋଡ଼, ଆଖି, କାନ ଦେଇଛନ୍ତି । ମନ ଓ ବୁଦ୍ଧିର ବି ସମାନ ଦେଇଛନ୍ତି । ଜଣେ ବୁଦ୍ଧିର ଖଟାଉଛି, ଆଉ ଜଣେ ବୁଦ୍ଧିର ଖଟାଉନାହିଁ । ସେଇ ଯୋଗରୁ ଅସମାନ ହୋଇଯାଇଛି । ଯାହା ସବୁ ଅସମାନ ଦେଖୁଛୁ ସେ ସବୁ ମଣିଷର ନିଜ ତିଆରି, ଭଗବାନଙ୍କର ନୁହେଁ ।''

ପୁଅ ପଚାରିଲା, ''କିମିତି ?'' ନନା କହିଲେ, ''ଆମେ ଆଜି ଦେଉଳକୁ ଯାଇପାରିଲେ ନାହିଁ । ଏଇ କଥାକୁ ଟିକିଏ ବୁଝିରେ, ଜାଣିପାରିବୁ । ସେଇ ଯେଉଁ ପୁଲିସବାଲା ବଡ଼ ଦାଣ୍ଡରେ ଘେରି କରି ଠିଆ ହୋଇଥିଲେ, ସେ କ'ଣ ତାଙ୍କ ମନ ଖୁସିରେ ଠିଆ ହୋଇଥିଲେ ? ସେ କ'ଣ ତାଙ୍କ ମନରେ ଆମକୁ ରୋକିଲେ ?''

ପୁଅ କହିଲା, ''ଆମରି ପାଖରେ ପରି, ନନା, ପୁଲିସବାଲା ଗୁଁ ଗୁଁ ହୋଇ ସେ ଦିଲ୍ଲୀବାଲାକୁ କେତେ ଗାଳି ଦେଉଥାଏ । ଯେଉଁ ସମୟରେ ଆସିବ ବୋଲି କହିଥିଲ ସେ ସମୟରେ ନ ଆସିବାରୁ, ତାକୁ ଖୁଣୁଥାଏ । କହୁଥାଏ, 'ଦଶଟା ବେଳେ ଯଦି କହିଲ, ଦଶଟାବେଳେ ଆସ, ନାଇଁ ଯଦି ଦଶଟାବେଳେ ଅସୁବିଧା ହେଲା ଏକାଥରକେ ଉପରବେଳାକୁ ଗଡ଼ାଇଦିଅ, ଯାତ୍ରୀମାନେ ଦର୍ଶନକୁ ଯାଆନ୍ତୁ । ପୁଣି ଆଉ ଥରେ ଉପର-

Digitized by srujanika@gmail.com

ଓଳକୁ ଦେଉନ ଶୋଧ କରିଦିଆନ୍ତୁଅନ୍ତା । ତା ନ କରି ଘଣ୍ଟାକୁ ଘଣ୍ଟା ସମସ୍ତ ଗଡ଼ାଇବାରୁ ଆମେ ଖରାରେ ସିଝୁଛୁ । କେତେ ଆଉର ଯାତ୍ରୀ ହଇରାଣ ହେଉଛନ୍ତି !' ଏମିତି କେତେ ଗାଳୁମାଳୁ ହେଉଥାଏ । ସେ କ'ଣ ଏକୁଟିଆ ? ଯାତ୍ରୀଗୁଡ଼ାକ କ'ଣ କମ୍ ଗାଳି ଦେଉଥାନ୍ତି କି ?"

ବ୍ରାହ୍ମଣ ପଚାରିଲେ, "ସେଇ ଦିଲ୍ଲୀବାଲା ଜଣକର ବିଚାରରୁ ଏ ସବୁ ହେଲାଟିକି ? ସେ ଯଦି ଟିକିଏ ବିଚାର ଖଟାଇଥାନ୍ତା, ତା ଯୋଗୁଁ କେତେ ଲୋକଙ୍କର କେତେ ଅସୁବିଧା ହେଉଛି, ଯଦି ବିଚାରିପାରିଥା'ନ୍ତା, ତେବେ ସବୁ ଠିକ୍ ହୋଇଥାନ୍ତା !"

ପୁଅ କହିଲା, "ସେ ଯଦି ବିଚାରି ନ ପାରିଲା ତାକୁ ଆଉ କିଏ କହିଲେ ନେଇଁ ? ତମେ ପରା କହ, ଆମ ରଜା ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା, ସେ କହିଲେ ନେଇଁ ? ମୁକ୍ତିମଣ୍ଡପର ଏଡ଼େ ବଡ଼ ବଡ଼ ପଣ୍ଡିତ ପୁରୀରେ ଅଛନ୍ତି, ସେ କହିଲେ ନେଇଁ ? ମେନେଜେଷ୍ଟର ଅଛନ୍ତି, ସେ କହିଲେ ନେଇଁ ?"

ବ୍ରାହ୍ମଣ କହିଲେ, "ଆରେ ପୁଅ, ଗୋଟାଏ ଗୋଟାଏ ଲୋକ ଯେତେବେଳେ ଉପୁଜି ହୁଅନ୍ତି ତଳିଆ ଲୋକେ କରପତ୍ର ଯୋଡ଼ି ତୁନି ହୋଇ ରହିଯା'ନ୍ତି । ରଜା ବିଚାରୁଛନ୍ତି, ଦିଲ୍ଲୀବାଲାର ମନ ନେଲେ ତାଙ୍କୁ କ'ଣ ଗୋଟାଏ ପାହିଆ ମିଳିଯିବ । ପଣ୍ଡିତମାନେ ବିଚାରୁଛନ୍ତି, ମୁକ୍ତି-ମଣ୍ଡପରେ ଆଶୀର୍ବାଦ ଶ୍ଲୋକଟାଏ ପଢ଼ିଦେଲେ ପାଞ୍ଚଟଙ୍କା ଦକ୍ଷିଣା ପାଇଯିବେ । ମେନେଜେଷ୍ଟର ତ ସେଇ ଦିଲ୍ଲୀବାଲାର ନୌକର । ମାଲିକ ଖୁସି ହୋଇଗଲେ ହାକିମ ଟିକିଏ ବଢ଼ିଯିବ, ଦରମା ପଚିଶ ଟଙ୍କା ଅଧିକ ମିଳିଯିବ । ଜଣେ ବିଚାର ଛାଡ଼ିବାରୁ, ଏମିତି ଧରାଧରି ହୋଇ ଆଉ ପାଞ୍ଚଜଣ ବିଚାର ଛାଡ଼ୁଛନ୍ତି । ସେଇମାନଙ୍କ ଅବିଚାରରେ ଆମେ ହନ୍ତସନ୍ତ ହେଉଥାଉଁ ।"

ପୁଅ ପଚାରିଲା, "ସେ ସମସ୍ତେ ତ ପୁଣି ଠାକୁରଙ୍କୁ ମାନୁଛନ୍ତି ? ରଜା ଛେରାପହଁରା କରୁଛନ୍ତି ; ପଣ୍ଡିତମାନେ ପ୍ରତିଦିନ ଦର୍ଶନକୁ ଯାଉଛନ୍ତି !"

ବ୍ରାହ୍ମଣ କହିଲେ, "ହଁ ଯାଉଛନ୍ତି ଯେ, ମହାପ୍ରଭୁଙ୍କୁ ମାଗୁଛନ୍ତି କ'ଣ ? ମହାପ୍ରଭୁଙ୍କ ଅନୁଗ୍ରହ ନ ମାଗିକରି, 'ହାକିମ ଖୁସି ହୁଅନ୍ତୁ',

Digitized by srujanika@gmail.com

‘ଦରମା ବଢ଼ାନ୍ତୁ’ ବୋଲି ମାଗୁଛନ୍ତି । ମାହାପ୍ରଭୁ ତ ମାଗୁଣା । ଯେ ଯାହା ମାଗୁଛନ୍ତି ତାଙ୍କୁ ସେୟା ମିଳୁଛି ।”

ପୁଅ ପ୍ରତିବାଦ କଲା, “ତାଙ୍କର ଏବେ କ’ଣ ଖରାପ ହୋଇ-ଯାଉଛି କି ? ରଜା କ’ଣ ଉପାସେ ରହୁଛନ୍ତି ? ହାକିମ ହାକିମି କରି ଖୁସ୍ ; ପଣ୍ଡିତମାନେ ଦକ୍ଷିଣା ପାଇ ମହା ମଉଜରେ ଅଛନ୍ତି ।”

ବ୍ରାହ୍ମଣ କହିଲେ, “ହଉ ଥାଉ । ସେ ବା କେତେ ଜଣ ? କେତେ ଦିନ ପାଇଁ ବା ତାଙ୍କ ଅଇସ ? କହୁଥିଲି ପରା, ଯୁଧିଷ୍ଠିର ମହାରାଜା ସେଇ ଦିଲ୍ଲୀରେ ରାଜୁତି କରୁଥିଲେ । ତାଙ୍କ କାଳରୁ ଆଜି ମଧ୍ୟରେ କେତେ ରଜା ସେଠି ରାଜୁତି କଲେଣି । ସେମାନଙ୍କ ନାଁ କିଏ ମନେ ରଖିଛି ? ତାଙ୍କ ବଂଶରେ ପାଣି ଦେବାକୁ ବି ମଣିଷ ନାହାନ୍ତି ।”

ପୁଅ ପଚାରିଲା, “ଯୁଧିଷ୍ଠିର ତ ଏଡ଼େ ଭଲ ରଜା ଥିଲେ, ସେ କ’ଣ ସବୁ କାଳକୁ ରହିଲେ ? ସେ ଧର୍ମରେ ଚଳୁଥିଲେ । ଜୀବନଯାକ ଘାଣ୍ଟି ହୋଇ ହୋଇ ଶେଷରେ ମଲେ । ଯେ ଅଧର୍ମରେ ଚଳିଲା, ସେ ରାଜଭୋଗରେ ରହି ମଲା । ସମସ୍ତେ ତ ମରିବେ । ଭଲ ଖାଇ କରି ମଲେ ଭଲ ନୁହଁ, ନନା ?”

× × ×

ସେତେବେଳକୁ ଦାମୋଦରପୁର ବଜାର ହୋଇଯାଇଥାଏ । ପଛରୁ ପାଟି ଶୁଭିଲା, “ଆଡ଼େଇ ହୁଅ, ଆଡ଼େଇ ହୁଅ ।” ସଡ଼କ ଦାଢ଼କୁ ଆଉଜି ଯାଇ ତିନିହିଁ ପଛକୁ ଚାହିଁଲା ବେଳକୁ, ଏମାରମଠ ଚଉତରାର ସେଇ ଘୋଡ଼ା କେଡ଼େ ସୁନ୍ଦର ସାଜ ପିନ୍ଧି, ଟପ୍‌ଟପ୍ ହୋଇ ମାଡ଼ି-ଆସୁଥାଏ । ତା ଉପରେ ଜଣେ ପୁଲିସ ସାଇବ ବସି ଗୋଟେ ବଡ଼ କୋରଡ଼ା ଧରି ବ’ପଟକୁ ଫଟ୍‌ଫଟ୍ କରି ପିଟି ଆଡ଼େଇ ହେବାକୁ କହୁଥାନ୍ତି । ଖଣ୍ଡେ ପଛରେ ଗୋଟେ ମଟର ଆସୁଥାଏ । ସେଥିରେ ବହୁତ ଗୁଡ଼ାଏ ଫୁଲମାଳ ଓହଳିଥାଏ । ମଟରଟା ଖୋଲା, ତା ଉପରେ ଛାତ ନ ଥାଏ । ମୋଟାସୋଟା ହୋଇ ଚଉକିରେ ଛଅଜଣ ବସିଥା’ନ୍ତି । ଡ୍ରାଇଭର ପାଖରେ ଜଣେ ବାଘୁଆମୁହାଁ ଲୋକ ଠିଆ ହୋଇଥାନ୍ତି । ପ୍ରକାଣ୍ଡ ଲୋକ, ନାକତଳେ ଗୋଛାଏ ନିଶ, ମୁଣ୍ଡରେ ଗୋଟାଏ ବଡ଼ ଟୋପି, ବାଟରେ ଠିଆ ହୋଇଥିବା ଲୋକଙ୍କୁ ନମସ୍କାର ହେଲାପରି

Digitized by srujanika@gmail.com

ହାତ ଟେକଥାନ୍ତି । କିନ୍ତୁ ଯେପରି ଗର୍ଜୁଁଥାନ୍ତି, ଜଣାପାଉଥାଏ, ଗୋଟା-ସୁଦ୍ଧା ଗିଳିଦେବେ । ମଟରର ଏ ବାପପୁଅଙ୍କୁ ପାର ହୋଇହୁଏ କି ନାହିଁ, ଆଗରେ ହୋ ହୋ ଶବ୍ଦ ଶୁଭିଲା । ବ୍ରାହ୍ମଣ ଓ ତାଙ୍କ ପୁଅ ବଜାର ମୁଣ୍ଡରେ ଯାଇ ପହଞ୍ଚିଲା ବେଳକୁ ଘୋଡ଼ା ଚାଲିଗଲାଣି, ମଟର ବି ଚାଲିଗଲାଣି ।

ପ୍ରାୟ ଦୁଇ ତିନିଶହ ଲୋକ ସଡ଼କ ଉପରେ ଜମା ହୋଇଛନ୍ତି । ମଝିରେ ୨୫-୨୭ ବର୍ଷର ଗୋଟିଏ ଯୁବକ ବେହୋସ ହୋଇ ପଡ଼ିଛି । ତା ମୁଣ୍ଡରୁ ରକ୍ତ ବୋହିଯାଉଛି । ଗୋଟାଏ ପୁଲିସ୍ କନଷ୍ଟେବଲ ତାହା ପାଖରେ ଠିଆହୋଇ ପାଟି କରୁଛି, "ତୁମେମାନେ ଦୂର ହୁଅ । ଗୋଳମାଳ କରିବାରେ କିଛି ଲାଭ ନାହିଁ । ସାଇବ କହିଯାଇଛନ୍ତି, ସେ ସତ୍ୟବାଦୀରୁ ପୁରୀ ବଡ଼ ଡାକ୍ତରଖାନାକୁ ଟେଲିଫୋନ୍ କରିଦେବେ । ଘଣ୍ଟାକ ଭିତରେ ଡାକ୍ତରଖାନାରୁ ଆମ୍ବୁଲାନ୍‌ସ ଗାଡ଼ି ଆସି ପହଞ୍ଚିବ । ସୁ ସାଙ୍ଗରେ ମୁଁ ନିଜେ ଡାକ୍ତରଖାନାକୁ ଯାଇ ଏହାକୁ ଛାଡ଼ିଦେଇ ଆସିବି ।"

ବ୍ରାହ୍ମଣ ରୋଗୀ ପାଖକୁ ଗଲେ, କନଷ୍ଟେବଲର ମନା ନ ମାନି । ଘୋଡ଼ା ଟାପୁ ବାଜି ମୁଣ୍ଡ ଫାଟିଯାଇଥିବା ଯୁବକଟିର ମୁଣ୍ଡ ପାଖରେ ବସି ହୁକୁମ ଦେଲାପରି କହିଲେ, "ତୁମ ଡାକ୍ତର ଆସିଲା ପର୍ଯ୍ୟନ୍ତ ଏଇ ଲୋକଟି ପୁଣି ବଞ୍ଚିବାର ତ ନାହିଁ !" ତାଙ୍କ ବଚନରେ ପାଣି ଆସିଲା । ଲୋକଟିର ତୁଣ୍ଡା ବନ୍ଧା ହେଲା । କିଛି ଖଣ୍ଡେ ଆସି ପୋଡ଼ାହୋଇ ଘୋଡ଼ାର ଟାପୁ ବାଜି ଫାଟିଯାଇଥିବା ଜାଗାରେ ମଡ଼ା ହେଲା । କିଛି ସମୟ ପରେ ଲୋକଟିର ଚେତା ଆସିଲା । ସେ ଝାଡ଼ି ଝୁଡ଼ି ହୋଇ ବସିଲା । ଜନତା କିଛିଟା ଶାନ୍ତ ହେଲେ । ବ୍ରାହ୍ମଣ ଶୁଣିଲେ ଘୋଡ଼ା ମାଡ଼ ଆସିବାବେଳେ ଯୁବକଟି ଅସ୍ତବ୍ୟସ୍ତ ହୋଇ ସଡ଼କର ଏପାଖରୁ ସେପାଖକୁ ପାର ହେଉଥିଲା । ପୁଲିସ ସାହେବଙ୍କ କୋରଡ଼ା ମାଡ଼ରେ ସେ ପଡ଼ିଗଲା ଓ ଘୋଡ଼ା ତାକୁ ଡେଇଁ ଚାଲିଗଲା । ଯୁବକଟି ଜଙ୍ଘରୁ ଲୁଗା କାଢ଼ି କୋରଡ଼ା ଚିହ୍ନ ଦେଖାଇଲା । ବି ଜଙ୍ଘରେ ମାଳ ପଡ଼ିଲା ପରି ଚିହ୍ନ ରହିଯାଇଥାଏ ।

ଏତିକିବେଳେ ପୁରୀ ଆଡ଼ୁ ଜୋର ହର୍ଣ୍ଣ ଦେଇ ଆମ୍ବୁଲାନ୍‌ସ ଆସି ପହଞ୍ଚିଲା । ବ୍ରାହ୍ମଣ କହିଲେ, "ଆରେ ବାପୁ, ଯା, ଡାକ୍ତରଖାନାରେ

Digitized by srujanika@gmail.com

ବାବୁ କ'ଣ ଔଷଧ ଦେବେ, ପୀଡ଼ା ଛୁଡ଼ିଯିବ, ଘା' ବ ବେଗେ ଶୁଖିଯିବ ।"

ଆହତ ଯୁବକର ଏକ କଥା—ସେ କେବେ ଯିବନାହିଁ । ସେ ମାରିଛନ୍ତି ତାଙ୍କ ଡାକ୍ତରଖାନାରେ ସେ ଭଲ ହେବ କପରି ? "ଯାହାଙ୍କୁ ମାରି ଆସେ ତାଙ୍କୁ କ'ଣ ତାରି ଆସେ, ମାହାପୁରୁ ?" ବ୍ରାହ୍ମଣ ତାଙ୍କୁ ପୁଣି ବୁଝାଉଛନ୍ତି, ଏଇ ସମୟରେ ଆରପାଖରୁ ପୁଣି ଶୁଭିଲା, "ଆଡ଼େଇ ହୁଅ, ଆଡ଼େଇ ହୁଅ ।" ପୁଣି ସେଇ ଘୋଡ଼ା ପଛରେ ପୁଣି ସେଇ ମଟର । ଦଲ୍ଲୀବାଲା ହାକମ ସତ୍ୟବାଦୀଙ୍କୁ ଦର୍ଶନ କରି ଫେରୁଥାନ୍ତି । ଏଥର ଠିଆ ନ ହୋଇ ମଟରରେ ବସିଥା'ନ୍ତି; ହାତ ନ ଯୋଡ଼ି ଗୋଟିଏ ହାତ ମଟରର ବାହ୍ମି ଉପରେ ଓ ଆର ହାତଟି ମଟର ସିଟ୍ ଉପରେ ରଖିଥା'ନ୍ତି ।

ମୁହୂର୍ତ୍ତେ ଖଣ୍ଡେ ସେଇ ସ୍ଥାନରେ ମଟର ଠିଆ ହେଲା । ହାକମ ଡ୍ରାଇଭରକୁ କ'ଣ କହିଲେ; ଡ୍ରାଇଭର ତଳେ ବସିଥିବା ଯୁବକଟି ଆଡ଼କୁ ଚାହିଁ ହାକମଙ୍କୁ ବୁଝାଇଦେଲେ, ଲୋକଟିର ଆଘାତ ସେପରି କିଛି ଗୁରୁତର ନୁହେଁ । ମଟର ଚାଲିଗଲା, ଆମ୍ବୁଲାନ୍ସ ଗାଡ଼ି ବ ପୁଣି ଫେରିଗଲା ।

ବ୍ରାହ୍ମଣ ପୁଅକୁ ପଚାରିଲେ, "ହଇରେ ବାପା, ଏଇ ଘୋଡ଼ା ହେବୁ ? ଏଇ ହାକମ ହେବୁ ?"

ପୁଅ କିଛି ନ କହି ଘୃଣା ଓ ବିରକ୍ତିରେ ସେହି ମଟର ଫେରିଥିବା ପୁଣି ଆଡ଼ ରାସ୍ତାକୁ ଚାହିଁଥାଏ । ବ୍ରାହ୍ମଣ ପୁଣି କହିଲେ, "ଆରେ ବାପା, ଆମ ଥାନ ଏଇ ଦଳଖିଆ ଘୋଡ଼ାଙ୍କ ପାଙ୍ଗରେ, ସଡ଼କ ଦାଢ଼ରେ, ମାଡ଼ଖାଇ ପଡ଼ିଥିବା ଲୋକଙ୍କ ସାଙ୍ଗରେ ! ସେଇ ଯେ ଗଲେ, ସେ ଭି ଆମ୍ଭଙ୍କର ଭିତରୁ ବାହାରିଛନ୍ତି, ଯେମିତି ପଙ୍କରୁ ପଦ୍ମ ବାହାରେ । ପଦ୍ମଟି ଫୁଟିଲା ତ ସରିଲା । ପଦ୍ମର ମୁଣ୍ଡାଟି କିନ୍ତୁ ସେହି ପଙ୍କରେ ରହିବ, ପୁଣି ପଦ୍ମ ବାହାର କରିବ । ଯେଉଁ ପଦ୍ମଟି ବାହାରିଲା ସେ ହନେଅଧେ ତୋଫା ହସିବ, ତା'ପରେ କୁଆଡ଼େ ମିଳେଇ କରି ପଡ଼ିବ ଯେ କାହାରି ମନେ ରହିବ ନାହିଁ; କିନ୍ତୁ ପଦ୍ମମୁଣ୍ଡା ସବୁବେଳେ ପଦ୍ମମୁଣ୍ଡା ।

Digitized by srujanika@gmail.com

ଯମଙ୍କ ହଟହଟା

(୧)

ମହାଦେବ ସର୍ବଶେଷରେ ମାନିଲେ, ବାଘୁଆ ଗୋଡ଼ରେ ନାଲି ନ ମାରି ଆଉ ପାଦେହେଲେ ଆଗେଇବା ଅନ୍ୟାୟ ହେବ । କାଲିକୁ କାଲି ସେ ବାଘୁଆକୁ ବାହନ କରି ଆସିଛନ୍ତି । କିନ୍ତୁ ତା' ଗୋଡ଼ରେ ନାଲି ବାଡ଼େଇବା ଏପର୍ଯ୍ୟନ୍ତ ଦରକାର ହୋଇନଥିଲା । ଏବେ ସ୍ବରାଜ୍ୟଆଡ଼େ କଳାମୁଗୁନି ଗୋଟି ବିଛାଇ ଯେଉଁ ସଡ଼କ ତିଆରି ହେଉଛି, ତାହା ପବନ-ଟ୍ୟୁବ ରବର ଚକକୁ ପାଏ ସିନା, ରକ୍ତମାଂସର ଷଣ୍ଢଖୁରା ତାକୁ ସମ୍ଭାଳୁଛି କେତେବେଳେ ? ସଡ଼କ ଦାଢ଼ର ମାଟି ରେଖା ଉପରେ ଚାଲିବାକୁ ସେ ଷଣ୍ଢକୁ ଯେତେ ଅଡ଼ାଉଥାନ୍ତି, ସଡ଼କ ମଝିର ମସୃଣ ଚଟାଣ ତାକୁ ସେତିକି ପ୍ରଲୋଭିତ କରୁଥାଏ । ଆଧୁନିକତାର ଆକର୍ଷଣ ଆଗରେ ପରମ୍ପରାର ତାଡ଼ନା ନିଷ୍ଫଳ ହେଲା । ନିକଟବର୍ତ୍ତୀ ଗାଁ ଭିତରକୁ ମହାଦେବ ପଶିଲେ, କମାରଶାଳ ଖୋଜି, ହଳେ ନାଲିର ଯୋଗାଡ଼ କରିବାକୁ ।

ସେତେବେଳକୁ ରାତି ଅଧ । ହେଲେ, ଗାଁ ମଝି ସଡ଼କ, ଇଲେକ୍‌ଟ୍ରିକ ଆଲୁଅରେ ଦିନପରି ଉଜ୍ଜ୍ୱଳ ଦିଶୁଥାଏ । ଗୋଟିଏ ଘର ଭିତରେ ମଧ୍ୟ ଦୁଇଟା ତେଜସ୍କର ଆଲୁଅ ଜଳୁଥାଏ । ସେଇଠାରେ ମଣିଷ ଚେଇଁଥିବେ ବୋଲି ମହାଦେବ ସେଇ ଦୁଆର ମୁହଁରେ ଡାକିଲେ । ବହୁତ ଡକାଡକିରେ ବାରଣ୍ଡାର ଗୋଟିଏ ଅନ୍ଧାରିଆ କୋଣରୁ ଜଣେ ଲୋକ ମୋଡ଼ାଭଡ଼ା ହୋଇ ଉଠି ଘୋର ବିରକ୍ତିରେ ମହାଦେବଙ୍କ ପାଖକୁ ଆସି, ତାର ନିଦ୍ରାଭଙ୍ଗ ପାଇଁ କୈଫିୟତ୍ ମାଗିଲା । ଆଲୁଅ ଜାଳି ଏତେ ନିଘୋଡ଼ ନିଦ କାହିଁକି ଶୋଇଛ ବୋଲି ମହାଦେବ ପଚାରିବାରେ ସେ ଧୈର୍ଯ୍ୟ ହରାଇ ପାଟିକଲା, "ଆଲୁଅରେ ତୁମକୁ ନିଦ ହେଉନଥିବ, ମୁଁ କିନ୍ତୁ ଯୁଗ'ଠାରୁ ଆହୁରି ଟାଣୁଆ ଆଲୁଅରେ ଶୋଇପାରେ ।

ଏଇ କଥା ପଚାରିବାକୁ ମୋତେ ଏତେ ଗ୍ରାମରେ ଉଠାଇଲ କାହିଁକି ?"

ମହାଦେବ ନିଜର ପ୍ରୟୋଜନ ଜଣାଇବାରେ ସେ କହିଲା, "ସରକାର ଏବେ ନୂଆ ଶିଳ୍ପଶାଳା ଖୋଲିଛନ୍ତି । କମାରଶାଳ ବି ଏଥିରେ ଅଛି । ଦିନ ଦଶଟାବେଳେ ଖୋଲେ, ସନ୍ଧ୍ୟା ପାଞ୍ଚଟାରେ ବନ୍ଦ ହୁଏ । ତା'ର ଭିତରେ ଆସିଲେ ବାବୁଙ୍କ ସଙ୍ଗେ ଦେଖାହେବ । ତମର ଯଦି ଲୁହା ଚୌକି ବା ଆଲମାରି ବା ତାଲା ଦରକାର, ତେବେ ବରାଦ କଲେ, ମାସ ଗୋଟାଏ ଦୁଇଟାରେ ତିଆରି ହୋଇପାରିବ, କିନ୍ତୁ ଏଠି ନାଲ ମିଳିବ ନାହିଁ, କି ଚାଷ ଲୁହା ପଜିଆ ହୁଏ ନାହିଁ ।" ଏତିକି କହି ଆଖି ମୁଜି ମୁଜି ସେ ଶେଯ ଧରିବାକୁ ଯାଉ ଯାଉ କହିଲା, 'ଏ ମଫସଲିଆ ଲୋକଗୁଡ଼ାଙ୍କର କେତେଦିନରେ ବୁଦ୍ଧି ହେବ କେଜାଣି ? ବାବୁମାନେ କାରିଗରି ଶିଖୁଥିବା ଇସ୍କୁଲ୍‌ରେ ନାଲ ଖୋଜୁଛନ୍ତି; ଚାଷଲୁହା, କଣ୍ଟୁରି, କୁରାଢ଼ି ପଜେଇବାକୁ ଆଣୁଛନ୍ତି !'

'ଏ କାମ ଆଉ କେଉଁଠି ହୁଏ' ବୋଲି ପଚାରିଲା ବେଳକୁ ଜଗୁଆଳି ତା ଶେଯ ଧରିଥାଏ । ସେଇଠାରୁ କହିଲା, "ଏ ଗାଁରେ ଆଉ ସେ କାମ ହେଉ ନାହିଁ । ନାଲ ପାଇଁ ଦିନଟିଏ ନିକମା ହେବ ଯେବେ କାଲି ସକାଳୁ ଗୋରୁ ନେଇ ଜଟଣି ଯାଅନ୍ତୁ । ଏ ଗାଁରେ ଗୋଟେ କମାରଶାଳ ଥିଲା । ମହାରଣାର ପୁଅ ମାଇପ ମଲାଦିନୁ ସେ ଶାଳ ବନ୍ଦ କରିଦେଲାଣି ।" ଆହୁରି ପଚାରିବାରେ ସେ ଅତି ବିରକ୍ତିରେ କହିଲା, "ଗାଁ ମୁଣ୍ଡେ ଯେଉଁ ଭଙ୍ଗା କୁଡ଼ିଆ, ମହାରଣାର ଘର ସେଇଠି । ଯାଅ, ଯାଅ, ସେ ତ ରହିଁକରି ବସିଛି, ଏଇଲେ ଶାଳ କରି ତମ ଗୋଡ଼ରେ ନାଲ ବାଡ଼େଇ ଦେବ ! ଆଉ ପଦେ ଯଦି କହିବ, ତେବେ ଦେଖ ଏ କପିଳାସ ଠେଙ୍ଗା । ଏକା ପାହାରକେ ମାସେ ଉଠିପାରିବ ନାହିଁ ।"

ଏ ସ୍ଥାନରେ ମହାଦେବଙ୍କର ଆଉ ରହିବା ଦରକାର ନ ଥିଲା । ଖବର ଦେଇଥିବାରୁ ଜଗୁଆଳିକୁ ଧନ୍ୟବାଦ ଦେଇ ସେ ଗାଁମୁଣ୍ଡକୁ ସଳଖିଲେ । ଦୈବାତ୍ କମାର ବୁଢ଼ା ବାହାରପାଣି ଫିବାକୁ ଉଠୁଥାଏ । ତା'ର ଗ୍ରହଣୀ ରୋଗ । ବୁଢ଼ା ପାଣିସାରି ଦାଣ୍ଡଦୁଆରେ ବସି ପିକାରେ ନିଆଁ ଧରାଉ ଧରାଉ ପଚାରିଲା, "କିଓ, ମିଆଁ ସାହେବ ! ଏତେ

Digitized by srujanika@gmail.com

ରାତିରେ ମୋ ପାଖରେ କ'ଣ କାମ ? ଏ ଷଣ୍ଢଟା କ'ଣ ପଶୁଚିକିତ୍ସା-ବାଲାଙ୍କଠାରୁ ଆଣିଲ ? ଭଲ ଗୋ-ମଙ୍ଗଳ କରୁଛନ୍ତି ! ଷଣ୍ଢଗୁଡ଼ାକ ଧର୍ମଣ କରି ମୂର୍ଖଙ୍କୁ ବକି ଦେଉଛନ୍ତି । ଆପତ୍ତି କଲେ ମୂର୍ଖ ବୋଲି ଗାଳି ଦେଉଛନ୍ତି ।"

ମହାଦେବ ବୁଝାଇବାକୁ ବହୁତ ଚେଷ୍ଟାକଲେ ଯେ, ସେ ମିଆଁ ନୁହନ୍ତି, କି ମୂର୍ଖ ନୁହନ୍ତି, ଷଣ୍ଢ ମଧ୍ୟ ଧର୍ମଣ ହୋଇନାହିଁ, ଯଦିଓ ସେ ଆଜନ୍ମ ବ୍ରହ୍ମଚାରୀ । ବୁଢ଼ା ବୁଝିବାକୁ ନାରାଜ । ଷଣ୍ଢ ଗୋଡ଼ରେ ନାଲି ମାରିବା କଥା ଶୁଣି ସେ ତାଚ୍ଛଲ୍ୟରେ ହସି କହିଲା, "ହଇହେ ! ତମେ ମୂର୍ଖ ନ ହେଲେ କ'ଣ ହେଲା, ଷଣ୍ଢ ତ ବୋହୁଛ ! ମିଆଁଙ୍କୁ ଛାଡ଼ ଷଣ୍ଢ ବୋହୁଛି କିଏ ? ଆମ ଲୋକେ ଯେତେ ଧର୍ମ ଛାଡ଼ିଲେ ହେଲେ କ'ଣ ହେବ, ଷଣ୍ଢ ଧର୍ମଣ ସିନା କରୁଛନ୍ତି, ବୋହିବାର ଭଲି ଶୁଣିଲଣି ?"

ମହାଦେବ କହିଲେ, "ଯେ ଧର୍ମ ଛାଡ଼ୁଛନ୍ତି ସେ ତ ଓପରମୁହାଁ ହେଉଛନ୍ତି; ପ୍ୟାଣ୍ଟ ସିନା ପିନ୍ଧିବେ, ମଟର ଚଢ଼ିବେ, କଣ୍ଢିରେ ହାତ ଦେବାକୁ ଖସିବେ କାହିଁକି ଯେ ଷଣ୍ଢ ବୋହିବା ଦେଖିବ ? ସେ କଥା-ଗୁଡ଼ାକରେ କ'ଣ ଅଛି ? ମୁଁ ନିଜେ ମହାଦେବ । ରାତି ପାହିବା ପୂର୍ବରୁ ନାଲି ହ'ପଟା ମୋ ପାଇଁ କରିଦିଅ । ଦିନ ହେଲେ, ମୋତେ ଲୋକେ ଦେଖିଲେ ବାରି ହୀନଅବସ୍ଥା କରିବେ । ତୁମେ ଯାହା ମାଗିବ ତା' ଦେବି ।"

ବୁଢ଼ା ବିଗିଡ଼ିଯାଇ କହିଲା, "ତମ ଦିହରୁ ମୁଣ୍ଡରୁ ତୁମ ଦାଡ଼ା-ପଣିଆ ଜଣାପଡ଼ୁଛି । ମହାଦେବ ଷଣ୍ଢ ବୁହାନ୍ତି ବୋଲି କ'ଣ ଇମିତି ଷଣ୍ଢ ଗୋଡ଼ରେ ନାଲି ବାଡ଼େଇବାକୁ ବୁଲୁଥାଆନ୍ତି ? ଯାହା କହିଲ, ସେଥିରେ କ'ଣ ଅଛି ? ତମ ଧର୍ମ ତମକୁ ଖାଇବ । ଯେତେ ଯାହା ଦିଅ, ମୁଁ ସୁରବର୍ଷ ହେଲା ଶାଳ ଗଙ୍ଗିଲଣି । ଘରଯାକ ଓଳେଇଲେ ବି ରତିଏ ଲୁହା ମିଳିବ ନାହିଁ । କୋଇଲା କାଇଁ, ଘନ୍ତ କାଇଁ, ନେହିଟୀ କୁଆଡ଼େ ପଡ଼ିଥିବ । ଲୁହା ଘରେ ନାଇଁ । ହେଲେ ବୁଢ଼ୀର ଆଠଣି ମାଳଟେ ଥିଲା, ସେଥିରୁ ହ'ଟା ଭାଙ୍ଗି ନାଲି ଯୋଡ଼ାଏ କରିଦିଅନ୍ତି, ହ' ରାତିହିନ

Digitized by srujanika@gmail.com

ଚଳାଯା'ନ୍ତା, ତମ ସୁବିଧାରେ ତମେ ପୁଣି ଲୁହା ନାଲ କରାନ୍ତ, କିନ୍ତୁ ଏ ଗ୍ରହଣୀ କାଳ କରୁଛି । ଏଇଲେ ପୁଣି ମଡ଼େଇବ ।"

ମହାଦେବ ଆଶ୍ୱାସନା ଦେଲେ, "ଆଉ ସେ ରୋଗ ରହିବ ନାହିଁ ।" ବୁଢ଼ା ଜବାବ କଲା, "ତୁମ କାମ ହେଉ ହେଉ ଯଦି ଆଉ ବାହାରପାଣି ମଡ଼େଇବ ତେବେ କାମ ଯେତକ ହୋଇଥିବ ସେତକ ।" ଏ ସର୍ତ୍ତ ମହାଦେବ ଗ୍ରହଣ କରିବାରେ ବାଧା ବା କ'ଣ ? ବୁଢ଼ା ଲାଗିପଡ଼ି କୁଆଁତରା ଉଇଁଲାବେଳକୁ ଷଣ୍ଢ ଗୋଡ଼ରେ ନାଲ ଦି'ପଟ ବାଡ଼େଇଦେଲା ।

ଷଣ୍ଢ ବର୍ଣ୍ଣକୁ ନାଲର ବର୍ଣ୍ଣ ଏକା ହୋଇଯିବାରୁ ମହାଦେବଙ୍କର ଭାରି ସନ୍ତୋଷ । ସେ କହିଲେ, "ମହାରଣେ ! ବଡ଼ କାମଟାଏ କଲ । ଇମିତି ଉଦ୍ୟମ ହୁଅନ୍ତା କି ଦେଶରେ ସୁନା ଫଳନ୍ତା । ତୁମ ଉପରେ ମୋର ଭାରି ସନ୍ତୋଷ । କ'ଣ ବର ମାଗିବ ମାଗ ।"

ମହାରଣା କହିଲା "ଜାଣିଲ ମିଆଁ, ଷଣ୍ଢ ଗୋଡ଼ରେ ନାଲ ବାଡ଼େଇବା ଅଧର୍ମ କାମ । ତମେ ଗୁଡ଼ାଏ ଲଗାଇବାରୁ କଲି । ଏ ପାପ ତମେ ମୁଣ୍ଡେଇବ । କଳିଯୁଗରେ ଯେ ପାପ କରେ ଓ କରାଏ ତା'ର ପାତକ । ଆଉ ଏଥିପାଇଁ ମାଗିବି କ'ଣ ? ବୁଢ଼ୀ ଥିଲେ ତା' ମାଳ ଛୁଆଁଇ ଦେଇନଥାନ୍ତା । ସେ ତ ଗଲାଣି । ଆଠଣି ମାଳ ପିନ୍ଧିବାକୁ ମୋ ବଂଶରେ କେହି ନାହିଁ, କି ବନ୍ଧୁବାନ୍ଧବରେ କେହି ନାହିଁ । ଥିଲେ ଅବା କ'ଣ ଏ ପୁରୁଣାକାଳିଆ ଅଳଙ୍କାର ପିନ୍ଧନ୍ତେ ! ତମେ ତମ ବାଟରେ ଯାଅ । ଏତେବେଳ ବାହାରପାଣି ମଡ଼େଇଲା ନାହିଁ, ତମର କଥାରେ ମୁଁ ଖୁବ୍ ପାଇଲି, ଆଉ ମୋର କିଛି ଦରକାର ନାହିଁ ।"

ମହାଦେବ ବଳେଇଲେ । ବୁଢ଼ାର ଗୋଟାଏ ମାଗୁଣି ମନେ-ପଡ଼ିଗଲା । ସେ କହିଲା, "ଜାଣିଲ ମିଆଁ, ତମେ ତ ପୀର କି ପୟଗମ୍ବର । ତୁମ କଥା ଫଳୁଛି । ଯଦି ପାରିବ, ମୋର ଗୋଟିଏ କାମ କର । ମୋ ବାଡ଼ିଆଡ଼େ ଗୋଟିଏ ପିଜୁଳି ଗଛ ଅଛି । ବନାରସି ପିଜୁଳି । ପାଚିଲା ଯାଏ ରହନ୍ତା ବୋଇଲେ ତାକୁ ବଳି ଗୃଉଳ କଣନ୍ତ । ଜାଣିଲ ମିଆଁ ସାହେବ, ପେଟରେ ଦାନା ପଡ଼ନ୍ତା ବୋଇଲେ ମୋର ରୋଗ ରହନ୍ତା ନାହିଁ । ଡାକ୍ତରଗୁଡ଼ାକ ଓଷୁଅ ଦେଇ ପଇସା ଟାଣି ନେଉଛନ୍ତି ଯେ,

Digitized by srujanika@gmail.com

ପଥିକୁ ପଇସା ରହୁନାହିଁ, ଔଷଧ ଗୁଣ କରିବ କିମିତି ? ଯଦି ତୁମକୁ କିଛି ଭଲମନ୍ଦ ଜଣା, କହିଦିଅନ୍ତ କି, ଯେ ମୋ ପିଜୁଳି ଗଛରେ ଚଢ଼ନ୍ତି ସେ ମୁଁ ନ କହିଲେ ଓହ୍ଲାଇପାରନ୍ତି ନାହିଁ । ତେବେ ଏ ଛତରା ପିଲାଗୁଡ଼ାଙ୍କୁ ମୁଁ ଠିକଣା କରନ୍ତି । ପିଜୁଳିଗୁଡ଼ାକ କସିରୁ ଆଉ କେହିକେହି ଦେଇପାରନ୍ତେ ନାହିଁ । ପାଚିଲେ ସେଥିରୁ ମୁଁ ଦି’ ପଇସା ଭିଆନ୍ତି !”

ମହାଦେବ ତଥାସ୍ତୁ ବୋଲି କହି ଷଣ୍ଢରେ ବସି ଅନ୍ତର୍ଦ୍ଧାନ ହୋଇଗଲେ । ବୁଢ଼ା ଏ ଘଟଣା ଦେଖି ମହାଦେବଙ୍କୁ ମିଆଁ ପୁଅ ବୋଲି କହିଥିବା ହେତୁରୁ ଅନୁତପ୍ତ ହେଲା ଓ କତରା ମୂଳେ ମୁଣ୍ଡିଆଟିଏ ମାରି ମହାଦେବଙ୍କ ବର କପରି ଫଳିବ, କାଲି ସକାଳୁ ଦେଖିବାକୁ ବଗୁର ବଗୁର ଶୋଇପଡ଼ିଲା ଯେ, ଉଠିଲା ବେଳକୁ ବେଳ ପହରେ । ବାଡ଼ି-ଆଡ଼େ ହୋ ହା ନ ଶୁଭିଥିଲେ ବୁଢ଼ା ଆଉ ଶୋଇଥାନ୍ତା ।

ଝଟକିନା ବାଡ଼ ଦୁଆର ଫିଟାଇ ଦେଖିଲାବେଳକୁ, ପିଜୁଳି ଗଛରେ ପିଜୁଳି ଯେତିକି ପିଲା ସେତିକି, କେହି ଓହ୍ଲାଇ ପାରୁ-ନାହାନ୍ତି । କେତେ ଜଣଙ୍କ ମା’ମାନେ ମଧ୍ୟ ଆସି ଗଛମୂଳରେ କାଉ କାଉ ଲଗାଇଲେଣି । ବୁଢ଼ା ଗୋଟି ଗୋଟି କରି ସବୁ ପିଲାଙ୍କୁ ତଳକୁ ଡାକି ପ୍ରତ୍ୟେକଙ୍କୁ ଦୁଇଟି ଲେଖାଏଁ କାନମୋଡ଼ା ଓ ଗୁଷୁଡ଼ା ଦେଇ ବିଦା କଲା । କହିଲା, “ଆଉ ଯେବେ ଆସିବ ତେବେ ଆହୁରି ଟାଣ ଔଷଧ ଦେବି ।” କହିବା ନିଷ୍ପ୍ରୟୋଜନ ଯେ, ପିଜୁଳି ଗଛରେ ଆଉ ବାଦୁଡ଼ି ବି ବସିଲେ ନାହିଁ । ଟହ ଟହ ପାଚିବାଯାଏ ପିଜୁଳି ଥାଏ । ବେପାରୀ ଆସି ଗଛମୂଳରୁ ନେଇଯାନ୍ତି । ବୁଢ଼ାର ଦି’ଓଳି ଚୁଲି ଜଳିଲା । ତା’ର ଚେହେରା ୧ ଟିକିଏ ବ ଗେଇଯାଇଥାଏ ।

(୨)

ଏ ଘଟଣାର ପ୍ରାୟ ... ମାସ ପରେ— । ଶୀତ ଦି... । ବୁଢ଼ାର କୋଠା ଗରମ ହୋଇଥିବାରୁ ମନ କରିଥାଏ, ତବତ ... ର ପାଣି ପୂରେଇ, କାଇଗଣ ପୋଡ଼ା ସାଙ୍ଗରେ ପଥି କରିବ । ପୁଚୁ । ଗୁଡ଼ଳ

Digitized by srujanika@gmail.com

ପୁଞ୍ଜିଏ ଚୂଲ ଉପରେ ଫୁଟୁଥାଏ, କଅଁଳିଆ ବାଇଗଣଟିଏ ଚୂଲିରେ ପଡ଼ୁଥାଏ, ବୁଡ଼ା ଚୂଲିମୁଣ୍ଡରେ କଡଗଖଣ୍ଡେ ପକେଇ ପଡ଼ୁଥାଏ । ଏଇ ସମୟରେ ଦାଣ୍ଡଦୁଆରେ କେହି ବାଡ଼େଇବାର ଶୁଭିଲା । ବୁଡ଼ା ଟିକଏ ଗାମେଇ କରି ରହିଲା । ଦୁଆରବାଡ଼ିଆ ବନ୍ଦ ନ ହେବାରୁ, ଦୁଆର ଙ୍କେଭରେ ବାଧହୋଇ ଦୁଆର ଫିଟାଇ ଦେଖେ ତ, ସ୍ୱୟଂ ଯମରାଜ ଠିଆ ହୋଇଛନ୍ତି । କାନ୍ଧରେ ବଡ଼ାଏ ଦଉଡ଼, ଦାଣ୍ଡ ମଝିରେ ମଇଁଷିଟା ଠିଆ ହୋଇଛି । ବୁଡ଼ା ଅତିଥିଙ୍କୁ ଘରକୁ ଡାକି ଜଙ୍କାସୁ ହୋଇ ଗହିଁ ରହିଲା ।

ଯମରାଜ କହିଲେ, "ବୁଡ଼ା, ଆସ ! ତମର ତାରିଖ ହୋଇଗଲା । ତୁମେ ଜଣେ ଭଲ ଲୋକ ବୋଲି ଆମ ରେକର୍ଡ଼ରେ ବାହାରିବାରୁ ମୁଁ ନିଜେ ତୁମକୁ ନେବାକୁ ଆସିଲି । ତୁମର କାଳ ପୂରିବାକୁ ହେଇଛି ଆଉ ଦୁଇ ମିନଟ୍ ୨୪ ସେକେଣ୍ଡ୍ ବାକି ।

ବୁଡ଼ା ହାତଯୋଡ଼ି କହିଲା, "ମହାପ୍ରଭୁ ! ମୁଁ ତ ପ୍ରତିଦିନ ଆପଣଙ୍କୁ ଲୋଡ଼େ । ବୁଢ଼ୀ ଗଲା, ତିନି ପୁଅ, ତିନି ବୋହୂ, ଦଶପଟ ନାତିନାତୁଣୀ ସମସ୍ତେ ଗଲେ । ମତେ କାହିଁକି ନେଉନାହାନ୍ତି ବୋଲି ତ ମୁଁ ଆପଣଙ୍କୁ ଦୋଷ ଦିଏ । ମୁଁ ସାଙ୍ଗେ ସାଙ୍ଗେ ବାହାରିବାକୁ ତିଆର । ଖାଲି ଏତିକି—ଗ୍ରାନପୁଞ୍ଜାଏ ଆସି ହୋଇଗଲାଣି, ବାଇଗଣଟା ବି ବାରପଣ ସିଝିଗଲାଣି । ଗୋଟେ ଗାଳି ପାଣି ମୁନ୍ଦେ ପକେଇ ବାଇଗଣ ପୋଡ଼ା ଯୋଡ଼ାଏ ପଥି କଲେ, ମୁଁ ବାହାରିପଡ଼ିବି । ଆପଣ ଟିକିଏ ସହାରନ୍ତୁ ।"

ଯମରାଜ କୁନ୍ଥୁ କୁନ୍ଥୁ ହେଲେ । ବୁଡ଼ା କହିଲା, "ଆଜ୍ଞା, ଆଜିକାଲି ଯେଉଁ ଜଜ ଓ ହାକିମମାନେ ମର୍ତ୍ତ୍ୟରେ ଆପଣଙ୍କ କାମ କରୁଛନ୍ତି, ସେମାନେ ମଣିଷକୁ ଫାସି ଖୁଣ୍ଟରେ ଚଢ଼ାଇବା ଆଗରୁ ଶେଷ ଇଚ୍ଛା କ'ଣ ବୋଲି ପଚାରନ୍ତି । ଆପଣ ଧର୍ମରାଜ— ଟିକିଏ ବିଚାର ନ କଲେ ହବ ? ମୋର ତିନିଦିନ ହେଲା ପେଟ ଗରମ । ପୁଞ୍ଜିଏ ସରଦ ଗରମ କରି ପଥି କଲେ ଆପଣଙ୍କ ସଙ୍ଗେ ଆନନ୍ଦରେ ଯିବି । କୁନ୍ଥୁ କୁନ୍ଥୁ ହେଉଛନ୍ତି କାହିଁକି ?"

Digitized by srujanika@gmail.com

ଯମରାଜ ଏ କଥାର ଯୁକ୍ତିଯୁକ୍ତତା ବୁଝିଲେ । କିନ୍ତୁ ଏତେବେଳେ ସେ କରିବେ କ'ଣ ? ତାଙ୍କର ତ ସବୁବେଳେ କାମ । ମୁହୂର୍ତ୍ତେ ଛୁଟି ନେବାର ଯୁ' ନାହିଁ । ଅନନ୍ତ କାଳରୁ ସେ ଚାକିରି କଲେଣି, ହେଲେ କ୍ୟାଜୁଏଲ ଛୁଟି ବି ନେଇନାହାନ୍ତି ! ବୁଢ଼ାକୁ ସେ ନିଜର ଅସୁବିଧା ଦର୍ଶାଇଲେ ।

ବୁଢ଼ା କହିଲା, "ଆଜ୍ଞା, ଆପଣ ଖାଲି ମୋ ଘର ହାଣ୍ଡିକି ରହିଁ ଠିଆ ହୋଇଥାନ୍ତୁ ବୋଲି ତ ମୁଁ କହୁନାହିଁ । ମୋ ବାଡ଼ିଆଡ଼େ ଅସଲ ବନାରସି ପିଜୁଳି ପାଚିଛି । ଆପଣ ଗଛରେ ଚଢ଼ି ଗୋଟାଏ ଯୋଡ଼ାଏ ଚାଖୁଥାନ୍ତୁ, ମୁଁ ଚଟାପଟ କାମ ସାରିଦେଉଛି । ହେଇଟି ଦେଖନ୍ତୁ, ହାଣ୍ଡିରେ ଭାତ ଲେଉଟିଲାଣି । ମୋ ଆଡ଼ୁ ଆଉ ବେଶୀ ବିଳମ୍ବ ହେବ ନାହିଁ ।"

ଏ ଅଦ୍ଭୁତ ଅନୁରୋଧ ଶୁଣି ଯମରାଜ ବିସ୍ମିତ ଓ ଆନନ୍ଦିତ ହେଲେ । ତାଙ୍କ ଚାକିରି କାଳ ଭିତରେ କେତେ ଲୋକଙ୍କୁ ସେ ନେଲେଣି । କେହି ତାଙ୍କ ଆଡ଼କୁ ସନ୍ତୋଷରେ ବି ଥରେ ଚାହିଁନାହାନ୍ତି । ବୁଢ଼ାର କି ଅମାୟିକ ବ୍ୟବହାର ! ପାଚିଲା ପିଜୁଳିର ସ୍ୱାଦ ବାରି-ବାକୁ ବି ତାଙ୍କର ଟିକିଏ ଆଗ୍ରହ ହେଲା । ସେ ଶୁଣିଛନ୍ତି, ବନାରସ ଆଡ଼େ ଏ ଫଳକୁ ଅମୃତ ବୋଲି କହନ୍ତି । ସ୍ୱର୍ଗର ଅମୃତ ଓ ଏ ଅମୃତର ତୁଳନାତ୍ମକ ବିଚାର କରିବାକୁ ସେ ବୁଢ଼ାର ନିମନ୍ତ୍ରଣ ରକ୍ଷା କଲେ । ବୁଢ଼ା ବାଡ଼ିଦୁଆର ଫିଟାଇ ତାଙ୍କୁ ଗଛମୂଳକୁ ନେଇଗଲା । ଯମରାଜ ଗଛରେ ଚଢ଼ୁ ଚଢ଼ୁ କହିଲେ, "ବୁଢ଼ା ! ମୁଁ ବାରଦୁଆରିଆ ଲୋକ । ବେଶୀ ବିଳମ୍ବ ନ କରି ଆସିଯିବୁ ।" ବୁଢ଼ା କହିଲା, "ଆଜ୍ଞା, ମୋ କାମ ସରିଲା ବୋଲି ଜାଣନ୍ତୁ ।"

ଯମଙ୍କୁ ଗୁଡ଼ାଏ ସମୟ ଅଟକାଇବ ନାହିଁ ବୋଲି ବୁଢ଼ା ତର ତର ହୋଇ ପଥି ସାରିଦେଲା । ଶେଷଥର ବୋଲି ଦି'ଗୁଣା ବଳେଇ ବଳେଇ ଖାଇଲା । ଖାଇ ସାରିଲା ପରେ ଆସକତି ଲାଗି ବାରୁ ଚୁଲି ମୁଣ୍ଡେ କନ୍ଥା ଖଣ୍ଡେ ଲମ୍ବେଇ ଦେଇ ଜକଜକ ହୋଇ ପଡ଼ିଲା । ନିଦ ଭାଙ୍ଗିଲାବେଳକୁ ଘରି ଲେଉଟି ଗଲାଣି ।

Digitized by srujanika@gmail.com

ଯମରାଜ ଘର ବିରକ୍ତ ହେଉଥିବେ ବୋଲି ଅନୁତାପରେ ଜଡ଼ ସଡ଼ ହୋଇ ସେ ତର ତରରେ ବାଡ଼ଦୁଆର ଫିଟାଇ ପିଜୁଳି ଗଛଆଡ଼େ ଗୁହାଁଦେଇ କାବାକାଠ । ଯମରାଜ ଓହ୍ଲାଇବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥାଆନ୍ତି । ବହୁ ସାଧ ସାଧନାରେ ଗଛର ଗଣ୍ଡି ପର୍ଯ୍ୟନ୍ତ ଆସୁଥାନ୍ତି । ପୁଣି କ'ଣ ହେଉଥାଏ, ସଟ୍‌କିନ ଯାଇ ଗଛ ମଝିରେ ହାଜର । ମହାଦେବଙ୍କ ଆଜ୍ଞା ତେବେ ଯମରାଜଙ୍କୁ ବି କାଟୁଛି ! ବୁଢ଼ା ଦେଖିଲା, ଗାଁ ପିଲାଙ୍କର ଯେଉଁ ଅବସ୍ଥା, ଯମରାଜଙ୍କର ସେଇ ଅବସ୍ଥା ! ସେ କାଳ-ବିଳମ୍ବ ନ କରି ବାଡ଼ ଦୁଆରଟି ଭଲକରି କିଳିଦେଇ ଘର ଭିତରେ ପଶିଲା । ବାଡ଼କୁ ଗଲେ ପିନା ଯମଙ୍କ ସଙ୍ଗେ ଦେଖାହେବ, ତାଙ୍କ ଦୁଃଖ ଦେଖି ଓହ୍ଲାଇବାକୁ କହିବାକୁ କେଜାଣି ବା ମନ ହେବ । ସେ ଆଡ଼କୁ ନ ଗୁହାଁଲେ ଗଲା ।

ମୃତ୍ୟୁ ପାଇଁ ତା'ର ଯେଉଁ ଆକାଂକ୍ଷା ଥିଲା ତାହାତ ଲୋପ ହୋଇଗଲା । ଜଣେ କଟକିଆ ବାବୁ ହାବୁଡ଼ିଲେ ଯେ, ବାଡ଼ଆଡ଼େ ଭଲ ବାଡ଼ କରାଇଦେଲେ, ଟାଣୁଆ ଗେଟ୍ ଲଗାଇଦେଲେ, ଦୁଇପଇସିଆ ଟିକଟ୍ ଗୁଡ଼ାଏ ଛପାଇଦେଲେ—

ଆସନ୍ତୁ···ଦେଖନ୍ତୁ
ପିଜୁଳି ଗଛରେ ଯମରାଜ !

ପ୍ରବେଶ ମୂଲ୍ୟ ଦୁଇ ପଇସା (ତିନ ନୂଆପଇସା) ।

ଏହି ମର୍ମରେ ପାଞ୍ଚ ସାତ ପ୍ରକାରର ହ୍ୟାଣ୍ଡବିଲ୍ ଛପା ହେଲା । କବିମାନେ ୪ ପଇସିଆ ବହି ଲେଖି ହାରମୋନିୟମରେ ଗୀତ ଗାଇ ବହୁ ବିକ ଦି' ପଇସା କଲେ । ଜଣେ ବେକାର ବୃଦ୍ଧ ସେ ଗାଁରେ ଗୋଟିଏ ଗ୍ରେଟିଆ ଛପାଖାନା ବି ଆରମ୍ଭ କରିଦେଲେ । ଗାଁରେ ସବୁ ପିଲାମାନଙ୍କ ମୁହଁରେ ଗୀତ । ପୋଖରୀ ତୁଠରେ, ଖେଳପଡ଼ିଆରେ, ଶେଯରେ ବିଳିବିଳେଇ ଗାଇଲେ—

ଆସ ଭାଇ ଆସ ଦେଖି, ରସ, ହସ
ପିଜୁଳି ଗଛରେ ଯମ ।
ପାଚି ନାଳିଗୁରେ ପଥ ହୁଡ଼ିବାରେ
ଠୁକନ୍ତି ନିଜ କରମ ।

Digitized by srujanika@gmail.com

ବହୁତ ପଇସାର କାରବାର ହେଉଥାଏ । କଟକିଆ ବାବୁ ଖୁବ୍ ହାତସଫେଇ କରୁଛନ୍ତି, ବୁଢ଼ା ଶୁଣେ । କିନ୍ତୁ କାହାକୁ କିଛି କହେ ନାହିଁ, କି ମନ ବିରକ୍ତ କରେ ନାହିଁ । ତାକୁ କଟକିଆ ବାବୁ ଯେଉଁ ଟଙ୍କା କୋଡ଼ିଏଟି ସଞ୍ଜକୁ ଦେଇଦିଅନ୍ତି ସେ ତାକୁ ଯଥେଷ୍ଟ । ଫସଲ ଉଠିଲା ପରେ, ଲକ୍ଷେ ଇଟା ପୋଡ଼ାଇବାକୁ ସେ ବନ୍ଦୋବସ୍ତ ଦେଇ-ସାରିଲାଣି । ପ୍ରତିଦିନ ସକାଳୁ, ଘରଠାରୁ କୋଶେ ବାଟରେ ଥିବା ସୋମନାଥ ମନ୍ଦିରରେ ପାଦୁକ ପାଇବାକୁ ଯାଏ । ସବୁଦିନ ଏକ ମାଗୁଣି—"ମହାପ୍ରଭୁ ! ଗଛର ଡାଳ ନ ଭାଙ୍ଗୁ । ଯମରାଜ ସବଂଶୁଦ୍ଧରେ ଆଜି ଦିନ କେତେଟା ରହିଥାନ୍ତୁ । କୋଠା ଘର ବଖରା କରିଦେବି, କୂଳ ରଖିବାକୁ ଗୋଟିଏ କାହାକୁ ପୁଅ କରି, ବାହାଥୁଆ କରିଦେବି, ତା'ର ଚଳାଚଳ ପାଇଁ ଜମି ୫।୭ ବାଟି କିଣିଦେବି, ଟଙ୍କା ପାଞ୍ଚ ସାତ ହଜାର ପୋଷ୍ଟ ଅଫିସରେ ଜମାଇ ଦେବି; ତା' ପରେ ଯାହା ହେବାର ହେଉ ।"

ଘଟଣା ଯେପରି ଗତି କରୁଥାଏ; ଜଣାପଡ଼ୁଥାଏ, ସୋମନାଥ ଦେବ ବୁଢ଼ାର ଗୁହାରି ମଞ୍ଜୁର କରିଛନ୍ତି ।

(୩)

ଯମରାଜ ଯାଇ କମାର ବୁଢ଼ାର ବାଡ଼ଆଡ଼ ପିଜୁଳି ଗଛରେ ରହିବାର ଛ'ମାସ ହୋଇଗଲା । ଟିକିଏ କରି ଯମଙ୍କୁ ଦେଖାଇବାରେ ସମ୍ପୃକ୍ତ ଲୋକଙ୍କ ବ୍ୟତୀତ, ଆଉ ସମସ୍ତଙ୍କ ଭିତରେ ଘୋର ଅଶାନ୍ତି, ଅସନ୍ତୋଷ ଦେଖାଗଲା । ଯୁଦ୍ଧ ହେଲା, ବୋମା ପଡ଼ିଲା, ଆଣବିକ ବୋମା ବି ପଡ଼ିଲା—କିନ୍ତୁ କେହି ମଲେ ନାହିଁ । କେହି ନ ମରିବାରୁ କଳାଗୋଳର ନିଷ୍ପତ୍ତି ମଧ୍ୟ ହେଲା ନାହିଁ । ବଡ଼ ବାଡ଼ ସମ୍ପର୍କୀୟ ଫୌଜଦାରୀଠାରୁ ଆରମ୍ଭ କରି ଦେଶ ଦେଶ ଭିତରର ଯୁଦ୍ଧ ବିଗ୍ରହ ସବୁ ଅମୀମାଂସିତ ରହିଗଲା ।

ବାପ ମରନ୍ତେ, ବାକ୍ସ ଗୁଡ଼ିକ ହାତକୁ ଆସନ୍ତା, ସ୍ୱଚ୍ଛନ୍ଦରେ ଖର୍ଚ୍ଚବାର୍ଚ୍ଚ କରିବାକୁ ହୁଅନ୍ତା ବୋଲି ଧନୀ ଲୋକଙ୍କ ପିଲେ ଗୁନ୍ଥିଁକରି

Digitized by srujanika@gmail.com

ବସିଥାନ୍ତି । ଦୁରାରୋଗ୍ୟ ରୋଗରେ ପଡ଼ିଥିବା ଲୋକେ ଘଣ୍ଟ ବଦଳାଇବାକୁ ଉତ୍ତପିଚ୍ଛ ହେଲେ, ଡାକ୍ତରଖାନାର ମୂର୍ଚ୍ଛାର ବୁଢ଼ା ଗାଡ଼ି ଅଚଳ ହୋଇ ପଡ଼ିବାରୁ, ରୋଗୀଙ୍କ ପାଇଁ ଖଟିଆ ଅଣ୍ଟିଲା ନାହିଁ, ବୁଢ଼ାମାନଙ୍କ ଚିକିତ୍ସା ଓ ପଥ୍ୟରେ ଏତେ ଔଷଧ, ଦୁଧ ଓ ଫଳମୂଳ ଖର୍ଚ୍ଚ ହେଲା ଯେ ଉତ୍ତଆଣି ପିଲା ଭୋକ ଉପାସରେ ଛଟପଟ ହୋଇ କାନ୍ଦ ବୋବାରେ ବାପମା'ଙ୍କୁ ଅଥୟ କରିପକାଇଲେ । ମୃତ୍ୟୁନିରୋଧ ଚାଲୁଥିବାଯାକେ ଜନ୍ମନିରୋଧ ଚାଲୁ ରଖିବାକୁ ଡାକ୍ତର ଓ ଔଷଧ ବିତରଣରେ ସରକାରଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବାରୁ, ଉନ୍ନୟନ ଯୋଜନାର ବିଭିନ୍ନ ବାବଦର ଖର୍ଚ୍ଚ ବନ୍ଦ ରହି ଖାଲି ଜନ୍ମନିରୋଧ କାର୍ଯ୍ୟ ଚାଲୁ ରହିଲା । ଯୁଦ୍ଧଖର୍ଚ୍ଚ, ଉନ୍ନୟନ ଖର୍ଚ୍ଚ ସବୁ ବନ୍ଦ ହେବାରୁ ସେ ବିଭାଗରେ ଥିବା କର୍ମଚାରୀମାନେ ଛଟେଇ ଭୟରେ ପ୍ରତିଦିନ ପ୍ରତିବାଦ ସଭା କଲେ । କଂସେଇଖାନା ବନ୍ଦ ହୋଇଗଲା । ହଣା ହୋଇଥିବା ଗାଈ, ଛେଳି, କୁକୁଡ଼ାର ପ୍ରାଣ ନ ଯିବାରୁ ଲୋକେ ସେମାନଙ୍କ ଯୋଗୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ଦଶତୋଠ କାର୍ଯ୍ୟ କରୁଥିବା ଓ ଚୂଡ଼ାଦହି ଖାଉଥିବା ବ୍ରାହ୍ମଣମାନେ ଦେବ ମନ୍ଦିର-ମାନଙ୍କରେ ଚଣ୍ଡୀ, ବଗଳାମୁଖୀ ବୋଲି, ମଧୁସୂଦନ କୀର୍ତ୍ତନାଦି କରି ଭଗବାନଙ୍କୁ ଦୁଃଖ ଜଣାଇଲେ ।

ଭଗବାନ ତ ସହଜେ ଚଙ୍କନ୍ତି ନାହିଁ । ଅବସ୍ଥା ଏପରି ଗୁରୁତର ହେଲା ଯେ ଶେଷରେ ସେ ଖେଳ ବନ୍ଦ କରି ଏ ବିଷୟରେ ଅନୁସନ୍ଧାନ ଆରମ୍ଭ କଲେ । ଯମରାଜଙ୍କ ଅଫିସରେ କ'ଣ ଗଲତି ହୋଇଛି ବୁଝିବାକୁ ଯେଉଁ ପରିଦର୍ଶକ ପଠାଇଥିଲେ ସେ ଆସି ଖବର ଦେଲା ଯେ ସ୍ୱୟଂ ଯମରାଜ ଛ'ମାସ ହେଲା ନିରୁଦ୍ଦିଷ୍ଟ । ତାଙ୍କ ଖାତାପତ୍ରରୁ ଜଣାଗଲା ପୌଷ କୃଷ୍ଣ ଦ୍ୱିତୀୟା ଦିନ ଅନାମପୁର ଗ୍ରାମର ଅଲେଖ ମହାରଣା କମାରକୁ ଆଣିବା ପାଇଁ ଯମରାଜ ଯାଇଥିଲେ, ଆଉ ଫେରିନାହାନ୍ତି । ଅଲେଖ ମହାରଣା ବି ଆସି ନାହିଁ । ଅନୁସନ୍ଧାନ କରିବାକୁ ବାୟୁ ଦେବତା ସେଠାକୁ ପଠାହେଲେ । ସେ ଛଦ୍ମବେଶରେ ଯାଇ ଯମରାଜଙ୍କ ସଙ୍ଗେ ଦେଖା କଲେ ଓ ଯମରାଜଙ୍କୁ ଉଡ଼ାଇ ଆଣିବାକୁ ଚେଷ୍ଟା କରି ବିଫଳ ହେଲେ । ଭଗବାନ ଏ ସମ୍ବାଦ ଶୁଣି ଚମକିତ ହେଲେ, "ଏଥି ଭିତରେ ନିଶ୍ଚୟ କିଛି ଗୁରୁତର କଥା ଅଛି ।" ନିଜେ ବୁଝିବାକୁ ସେ

Digitized by srujanika@gmail.com

ସ୍ୱୟଂ ବନେ ଗର୍ତ୍ତରେ ପ୍ରଦର୍ଶନୀ ବନ୍ଦ କରି ସମସ୍ତେ ଘରକୁ ଗଲା ପରେ, କମାର ବୁଢ଼ାର ବାଡ଼ିଆଡ଼ ପିଜୁଳିଗଛ ମୂଳରେ ଆସି ପହଞ୍ଚିଲେ । ଭଗବାନ ଯମରାଜାଙ୍କୁ ଦେଖି ରାଗରେ ମାର୍‌ନମାର । ଯମରାଜ ଚଟପଟ ହୋଇ ଚୁପ୍ ହୋଇ ରହିଲେ ।

ଭଗବାନ କହିଲେ, "ଏ ନବରଙ୍ଗ କ'ଣ ? ନିଜର କର୍ତ୍ତବ୍ୟ ଭୁଲି ପିଜୁଳି ଖାଇବାକୁ ପିଲାଳିଆ ଆଗ୍ରହ ଦେଖାଇ ତୁମେ ଛ'ମାସ ହେଲା ବନେ ଖରାବର୍ଷା ଖାଇ ପଡ଼ିଛ; ସଂସାର ଆସି ଅଚଳ ଅବସ୍ଥାରେ ପହଞ୍ଚିଲାଣି । ଏହାର କୈଫିୟତ କ'ଣ ଦିଅ ।"

ଯମରାଜ କହିଲେ, "ମହାପ୍ରଭୁ ! ମୋର ଆଉ କୈଫିୟତ କ'ଣ ? ମୋର ଦୀର୍ଘଜୀବନରେ ମୁଁ ଏପରି ଅବିବେଚନା ଆଉ କେବେ-ହେଲେ କରିନାହିଁ, ଏହାହିଁ ମୋର ଏକମାତ୍ର ଅର୍ଜି । ଭଗବାନ୍ ! ମୋତେ କ୍ଷମା ଦିଅନ୍ତୁ, ଏ ହଟହଟାରୁ ମୋତେ କୌଣସିମତେ ରକ୍ଷା କରନ୍ତୁ ।"

ଯମଙ୍କ ସରଳ ସ୍ୱୀକାରୋକ୍ତି ଭଗବାନଙ୍କର ମନକୁ ପାଇଲା । ଦୋଷ ପାଇଁ ଦଣ୍ଡ ଦେବା କଥା ପଛକୁ ରଖି, ଉପସ୍ଥିତ ବିପଦରୁ ଯମଙ୍କୁ ରକ୍ଷା କରିବା ପାଇଁ ସେ ସଚେଷ୍ଟ ହେଲେ । ଧ୍ୟାନରେ ବସି ସେ ଜାଣିଲେ, ମହାଦେବଙ୍କ ବର ଯୋଗୁଁ ଏପରି ହୋଇଛି । ସାଥେସାଥି ଗରୁଡ଼ ଉପରେ ବସି ସେ ମହାଦେବଙ୍କ ପାଖକୁ ଗଲେ । ମହାଦେବ ସବୁ କଥା ଶୁଣି, ଏ ଘଟଣାରେ ହସ୍ତକ୍ଷେପ କରିବାକୁ ଏକାବେଳକେ ନାସ୍ତି କରିଦେଲେ । କହିଲେ, "ନାରାୟଣ, ଦୁଃଖୀକୁ ଅନୁଗ୍ରହ କରିବା, ଦୋଷୀକୁ କ୍ଷମା ଦେବା ଆପଣଙ୍କ କାମ; ମୋର ନୁହେଁ । ମୁଁ କ୍ଷମା କରିପାରେ ନାହିଁ କି କହିଥିବା କଥାର ଅନ୍ୟଥା କରେ ନାହିଁ । ନିଜର କର୍ତ୍ତବ୍ୟ ଛାଡ଼ି ଯମ ପିଜୁଳି ଖାଇବାକୁ ବସିଲେ ସଂସାର ଚଳିବ କିମିତି ? ସେ ଧର୍ମରାଜ ହୋଇ ଯଦି ଏପରି କରନ୍ତି, ତେବେ ଆଜିକାଲି ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନେ ଲାଞ୍ଚମିଠା ଖାଇ ଯେ କଳାକୁ ଧଳା କରୁଛନ୍ତି ସେଥିରେ ଦୋଷ କ'ଣ ?"

ଭଗବାନ୍ କହିଲେ, "ସେ କଥା ତ ଠିକ୍ । କିନ୍ତୁ ଏହାର ସମାଧାନ କିପରି ହେବ ?"

Digitized by srujanika@gmail.com

ମହାଦେବ କହିଲେ, "ୟାର ସମାଧାନ ଧ୍ୱଂସ । ଯମରାଜ ସେଇ ପିଜୁଳି ଗଛରେ ସିମିତ ଥା'ନ୍ତୁ । ନୂଆ ଯମରାଜ ନିଯୁକ୍ତ କରି କାର୍ଯ୍ୟ ଚଳାଅ । ନ ହେଲେ ପ୍ରଳୟ ହେଉ, ପୁଣି ସୃଷ୍ଟି ଆଉ ଥରେ ଯଥାପୂର୍ବଂ ଗତି କରିବ ।" ଭଗବାନ କହିଲେ, "ଏମିତି ସାମାନ୍ୟ କଥାରେ ଯଦି ପ୍ରଳୟ ହେବ, ତେବେ ତ ସୃଷ୍ଟିର ସତ୍ତା ରହିବ ନାହିଁ !"

ମହାଦେବ ଚିନ୍ତିତ ହେଲେ; କହିଲେ, "ତେବେ ଆପଣ ଯାଇ ସେଇ କମାରକୁ କହନ୍ତୁ, ସେ ଓହ୍ଲାଅ ବୋଲି କହିଲେ, ଯମରାଜ ଓହ୍ଲାଇବେ । ୟା ବାଦ୍ ଆଉ କିଛି ହୋଇନପାରେ । ମୁଁ ଦେଇଥିବା ବରକୁ ପ୍ରତ୍ୟାହାର କରି ନ ପାରେ ।" ଭଗବାନ ଅନନ୍ୟ ହୋଇ ଫେରିଲେ କମାର ବୁଢ଼ା ପାଖକୁ ।

କମାର ବୁଢ଼ା ସବୁକଥା ଶୁଣି କହିଲା, "ମହାପ୍ରଭୁ ! ଆପଣ ତ ହିନସ୍ତା କରୁଛନ୍ତି । ଏକଥା କ'ଣ ଆପଣଙ୍କୁ ପସନ୍ଦ ହେଉଛି ? ଯମରାଜଙ୍କୁ ଓହ୍ଲାଅ ବୋଲି ମୁଁ କହନ୍ତି, କିନ୍ତୁ ମୋ'ଠାରେ ପରା ତାଙ୍କ କାମ ବାକି ଅଛି ! ସେ ତ ଓହ୍ଲାଇବା ମାତ୍ରେ ମୋର ଚୋଟି ଧରିବେ ! 'ଆ କଣ୍ଟା ମୋତେ ବିନ୍ଧ' ଅବସ୍ଥା । କିନ୍ତୁ ୟା କରିବା କ'ଣ ଆପଣ ପସନ୍ଦ କରୁଛନ୍ତି ?"

ଭଗବାନ କହିଲେ, "ଆଚ୍ଛା, ଏପରି ଯଦି ବ୍ୟବସ୍ଥା ହୁଏ ଯେ, ତୁମକୁ ଯମରାଜ ଛୁଇଁ ପାରିବେ ନାହିଁ, ତୁମେ ଚିରଞ୍ଜୀବୀ ହୋଇ ରହିବ, ତେବେ ତୁମର ଆପତ୍ତି କ'ଣ ?"

କମାର କହିଲା, "ମହାପ୍ରଭୁ ! ମୋ' ପାଇଁ କ'ଣ ସଂସାରର ନିୟମ ବଦଳିଯିବ ?"

ଭଗବାନ କହିଲେ, "ନିୟମ ବହୁବାର ବଦଳିଛି । ନିୟମ ରହିଲେ ତାହାର ବ୍ୟତିକ୍ରମ ରଖିବାକୁ ହେବ । ପରଶୁରାମ, ହନୁମାନ, ବିଭୀଷଣ ଏମାନଙ୍କୁ ତ ମୁଁ ଚିରଞ୍ଜୀବୀ କରିଛି । ବିଶ୍ୱର ଉପରେ ନିୟମର ବ୍ୟତିକ୍ରମ ଦରକାର ହେଲେ, କରିବାକୁ ହୁଏ, ଯେପରି ଆଇନକାନୁନ-ମାନଙ୍କର ସଂଶୋଧନ ଏବେ ହେଉଛି । ସେଥିପାଇଁ ତୁମେ ଭାବିତ

ହେବାର ନାହିଁ । ଯମରାଜ ତୁମର କେଶାଗ୍ର ସ୍ପର୍ଶ କରିପାରିବେ ନାହିଁ । ତୁମେ ଆସ, ତାଙ୍କୁ ଓହ୍ଲାଇବାକୁ କହ ?"

ବୁଢ଼ା ସିମିତି ହାତଯୋଡ଼ି କରି ଠିଆ ହୋଇଥାଏ, ହଁ ନାହିଁ କିଛି ନାହିଁ । ଭଗବାନ ଅସନ୍ତୁଷ୍ଟ ହୋଇ ପଚାରିଲେ, "ଆଉ ବାକିସବୁ କାହିଁକି ?" ବୁଢ଼ା ବିନୀତଭାବରେ କହିଲା, "ଆଜ୍ଞା, ଆଉ କିଛି ନାହିଁ । ଆପଣଙ୍କ ହାବୁଡ଼ରେ ଯେତେବେଳେ ପଡ଼ିଲଣି, ଆଉ ଉପାୟ ନାହିଁ, ଦେଖୁଛି ! ହାତରେ ନ ମଲି ଭାତରେ ତ ମରିବ ! ହଉ ଚାଲନ୍ତୁ ।"

ଭଗବାନ କହିଲେ, "ନା, ନା, ମୁଁ ଯାହାକୁ ରକ୍ଷା କରିବି, ତାକୁ ପୁଣି ମାରିବ କିଏ ?"

ବୁଢ଼ା କହିଲା, "ଆଜ୍ଞା, ପିଜୁଳି ଗଛଟି ଯୋଗୁ ଚଳୁଥିଲି । ଯମରାଜ ତାକୁ କୁଦାଚକଟା କରି ଏମିତି କଲେଣି ଯେ ସେ ଆଉ ପାଞ୍ଚ ବର୍ଷ ଯାଏଁ କସି ଧରିବ ନାହିଁ । ପ୍ରଦର୍ଶନୀ ଯୋଗୁଁ ଦି' ପଇସା ମିଳୁଥିଲା, ତା' ବାଟ ବି ବନ୍ଦ ହେଉଛି । ମୁଁ ଚିରଞ୍ଜୀବୀ କଲେ କ'ଣ ହେବ, ଅନ୍ନ ବିହୁନେ ପ୍ରାଣ ଯିବ ହିଁ ଯିବ ।"

ଭଗବାନ ଅନୁଗ୍ରହ କଲେ, "ଯେଉଁ ଜିନଷ ପ୍ରତି ତୁମର ମନ ହେବ, ତାହା ଆସି ତା ମନକୁ ପହଞ୍ଚିବ ।" ଭଗବାନ ଏହା କହୁ କହୁ ବୁଢ଼ାର ମନ ହେଲା ୫୦ ବସ୍ତା ସରୁ ଚାଉଳ, ଟିଣେ ଭଲ ଘିଅ, ବସ୍ତାଏ ହରଡ଼ ଡାଲି, ମହଣେ ଆଳୁ ଆସିଯାଆନ୍ତା କି ? ମନରେ ବିଚାର ସରିଛି କି ନାହିଁ, ସେସବୁ ଆସି ପହଞ୍ଚିଗଲା । ଜିନିଷ ସବୁ ରଖିବା ପାଇଁ ଗୋଟାଏ ଗନ୍ତାଘର ବି ହୋଇଗଲା ।

ବୁଢ଼ା ଏସବୁ ସବୁ ଦେଖି ଦଣ୍ଡେ ବିସ୍ମିତ ହୋଇ ଠିଆ ହୋଇଗଲା । ମୋଟେ ଦଣ୍ଡେ ମାତ୍ର । ତା'ପରେ ତା' ଦେହ ଥରିଲା । ଆଖିରୁ ଲୁହ ଗଡ଼ିଲା । ବୁଢ଼ା ବଡ଼ ବିକଳ ଦୃଷ୍ଟିରେ ଭଗବାନଙ୍କ ପାଦପଦ୍ମକୁ ଅନାଇ ରହିଲା ।

ଭଗବାନ ପଚାରିଲେ, "ଆଉ କ'ଣ ? ଏଥର ଆସ ପିଜୁଳି ଗଛ ମୂଳକୁ । ମୁଁ ଯିବି, ବହୁତ କାମ ମାରା ହେଲାଣି ।"

Digitized by srujanika@gmail.com

ବୁଢ଼ା କହିଲା; "ଆଜ୍ଞା, ହଉ ଗଲନ୍ତୁ । ଆପଣଙ୍କ କାମ ହୋଇ-ଯାଉ, ମୁଁ ମନରେ କହେଲେ ବଞ୍ଚେ । ମୋ ପାଇଁ ଆପଣ କାହିଁକି ହଇରାଣ ହେବେ ?"

ଭଗବାନ ଏ କଥାର ଆଦ୍ୟ ଅନ୍ତ ପାଉନଥାନ୍ତି । ପଚାରିଲେ, "କଉ କ'ଣ ? ସବୁ ତ ପାଇଲ, ଆଉ ଖାଇବା ଚିନ୍ତା ତ ନାହିଁ ବ୍ୟସ୍ତ କାହିଁକି ?"

ବୁଢ଼ା କହିଲା, "ମହାପ୍ରଭୁ, ବ୍ୟସ୍ତ କାହିଁକି, ଆପଣ କ'ଣ ବୁଝିପାରୁ ନାହାନ୍ତି ? ଘରେ କିଛି ନ ଥିଲା, ଗୋଟିଏ ରକମ ଭଲ ଥିଲା । ଏବେ ଏତେଗୁଡ଼ାଏ ଗୁଡ଼ଉଳ, ଡାଲି ଦେଖି ମୋର ହଂସା ଉଡ଼ିଲାଣି । ମୋର କଣ ଆଉ ବଳବୟସ ଅଛି, ଯାକୁ ଫୁଟେଇ କରି ଖାଇବ ? ବୁଢ଼ୀ ଆସନ୍ତା କି ?"

ଭଗବାନ ସାଙ୍ଗେ ସାଙ୍ଗେ କହିଲେ, "ହଉ, ତମର ଚାକିରି ଆସୁ । ଯୌବନରେ ତୁମେ ଯେପରି ଥିଲ, ସେପରି ହୋଇଯାଅ । ବୁଢ଼ୀ ମଧ୍ୟ ଆସୁ ।"

ବୁଢ଼ା ହବ୍ୟ ସୁନ୍ଦର ଯୁବକ ହୋଇଗଲା । ବୁଢ଼ୀ ବି ଆସି ଠିଆ ହେଲା, ସାତବର୍ଷ ପୂର୍ବେ ଯେପରି ଦିଶୁଥିଲା, ସେଇପରି—ପାକୁଆ ପାଟି, ଟାକୁଆ ଗାଲ, ପାଚିଲା ବାଳ, ଧୂଡ଼ୁ ଧୂଡ଼ୁ ଦେହ ପୁଣି ଅବିକଳ ସେଇ ପୁରୁଣା ପ୍ରକୃତି ।

ଏ ଅପରୂପ, ସ୍ୱଦେହରେ ବୁଢ଼ୀ ନା ତା' ଭୂତ ଜାଣିବା ପାଇଁ, ବୁଢ଼ା ବୁଢ଼ୀ ଆଡ଼କୁ ଘୁଞ୍ଚିଆସି ତା ଦେହରେ ଟିକିଏ ହାତ ବଜାଇ ଦେଇଛି କି ନାହିଁ, ଆଗ୍ନେୟଗିରି ପରି ବୁଢ଼ୀର ବିସ୍ଫୋରଣ ଆରମ୍ଭ ହୋଇଗଲା । ସେ କହିଲା, "କରେ ବା'ଡ଼ପଡ଼ା ! କେଡ଼େ ସୁନ୍ଦର ରୂପ କମେଇ ରସିକ ହେବାକୁ ମନେ ଉକେଇ ଆଣିଛୁ ! କେଡ଼େ ବେହେଲ ହେଇଗଲୁଣି ଯା ଭିତରେ ସତେ ! ଭଲ ଲୋକ ଆଗରେ ପାଖକୁ ଘୁଞ୍ଚିଆସି ଦେହରେ ହାତ ଲଗେଇ ଦଉଚୁ !"

ମାଇକିନିଆଙ୍କ ସୌଭାଗ୍ୟ ଭଗବାନଙ୍କର ଅଙ୍ଗେ ନଭେଇବା କଥା । ଯେ କାଳବିଳମ୍ବ ନ କରି ଆପଣା ମନକୁ ବୁଢ଼ୀର ରୂପ ବଦଳାଇ ଦେଲେ, ଷାଠିଏ ବର୍ଷ ପୂର୍ବେ ପହିଲପାଳି ଆସିଲାବେଳେ ବୁଢ଼ୀ ଯିମିତି

Digitized by srujanika@gmail.com

ବଣୁଥିଲା, ସିମିତ । ଖାଲି ଫରକ ଏତିକି—ପିନ୍ଧା ଲୁଗାଟା, ପୁରୁଣା କାଳିଆ କବଚା ପରିବର୍ତ୍ତେ ହାଲି ଫେସନ୍ 'ନଜରବନ୍ଦ' ଶାଢ଼ୀ, ବ୍ଲାଉଜ ସମେତ । ଅଳଙ୍କାର ବି ଯୁଗୋପଯୋଗୀ ।

ବୁଢ଼ୀ ଭଗବାନଙ୍କ ଆଡ଼କୁ ଗୁହିଁ ଲାଜରେ ଆଗ ଲୁଗା ସଜାଡ଼ି ପକାଇଲା କିନ୍ତୁ ବୁଢ଼ାକୁ ଗୁହିଁଲା ମାତ୍ରେ ତା'ର ପ୍ରକୃତି ବାହାରିଲା । ସେ କହିଲା, "ତତେ ଟିକିଏ ଲାଜ ମାଡ଼ୁନାହିଁ, ବାଡ଼ପଡ଼ା ! ହରିଆ ଗଲା, ଗୋବରିଧା ଗଲା, ଗୋପାଳିଆ ଗଲା, ତାଙ୍କ ପିଲାମାଇପେ ଗଲେ, ବାଡ଼ପଡ଼ାର ତାଙ୍କ କଥା ମନେ ପଡ଼ୁ ନାହିଁ । ଆମେ ପୁଣି ଟୋକାଟୋକୀ ହୋଇ ସୁଖ କରିବା, ନା ! ପୋଡ଼ଯାଉ ନାହିଁ ତୋ ମୁହଁ, ଅଲାଜୁକ ? (ଭଗବାନଙ୍କ ପ୍ରତି) ମିଟି ମିଟି ହେଇ ଗୁହୁଁଛୁ କମିତି ଦେଖିବଟି ସାଆନ୍ତ !"

ଭଗବାନ ଯା ଶୁଣି ବୁଢ଼ା ଆଡ଼କୁ ନଜେ ମିଟିମିଟି କରି ଗୁହିଁବାକୁ ବାଧ୍ୟ ହେଲେ । ବୁଢ଼ା ତ ସବୁ ହାତରେ ଅର୍ଜିଛୁ । ଘରର ଇଜ୍ଜତ ଦାଣ୍ଡରେ ପଡ଼ିଲା ବୋଲି ତଳକୁ ମୁହଁ କରିଥାଏ । ଭଗବାନ ଶେଷରେ ପଗ୍ଚରିଲେ, "କଓ ବୁଢ଼ା, କ'ଣ ବର୍ଚ୍ଚର ?"

ବୁଢ଼ା ସାହସ ଧରି କହିଲା, "ମାହାପୁରୁ ! ବୁଢ଼ୀକୁ ମୁଁ ଲୋଡ଼ୁଛୁ ଯେତେବେଳେ, ଚିରଞ୍ଜୀବୀ ହେବାକୁ ମାଗିଛୁ ଯେତେବେଳେ, କାଳକାଳକୁ ଏ ସତ୍ୟାନାଶୀଠାରୁ ମାଡ଼ ଗାଳି ଖାଇବାକୁ ବିଧି ମନ କାଠ କରିବାକୁ ହେବ ଇ ହେବ । ହଉ ଗୁଲନ୍ତୁ । ତେବେ ମୁଁ ବର୍ଚ୍ଚରୁଛୁ, ହରିଆ, ଗୋବରିଧା, ଗୋପାଳିଆଙ୍କ କଥା । ତାଙ୍କ ପିଲା କବିଲାଙ୍କୁ କାଖେଇ ଲାଉ କରି କାଳ କଟୁଥିଲା । ବୋହୁଟିମାନେ ଏ ବୁଢ଼ୀଠାରୁ ମତେ ରକ୍ଷା କରୁଥିଲେ । ଏତେ ତ ଦେଲେଣି ସେଇମାନଙ୍କୁ ଦିଅନ୍ତୁ । ଆଉ ଏ ବୁଢ଼ୀ କଥା ଶୁଣିବ ନାହିଁ; ସାଙ୍ଗେ ସାଙ୍ଗେ ଆପଣଙ୍କ କାମଟି ଭୁଲେଇ ଦେବ ।"

ପୁଅ ବୋହୂ ନାତି ନାତୁଣୀଙ୍କ ସଙ୍ଗେ କଥାବାର୍ତ୍ତା ହେବା ପୂର୍ବରୁ ବୁଢ଼ା ପିଜୁଳି ଗଛମୂଳକୁ ମୁହାଁଇଲା । "ବାଡ଼ପୋଡ଼ା, ଭଲଲୋକ ଆଗେ ମୋ ନାଁରେ କ'ଣ କହିଲୁ" ବୋଲି କହି ବୁଢ଼ୀ ବୁଢ଼ା ପଛରେ ଗୋଡ଼ାଇ ଥାଏ ।

Digitized by srujanika@gmail.com

ଅକାଳ ଚଢ଼କ

ଜିଲ୍ଲା ସାହେବ ଆଜି ଓପରଓଳି ପାଞ୍ଚଟା ବେଳେ ନୂଆ ଜିଲ୍ଲା ସାହେବଙ୍କୁ ଚାର୍ଜ ଦେଇଦେଲେ । ତିନିବର୍ଷ କାଳ ସେ ଏ ଜିଲ୍ଲାରେ ନିରଙ୍କୁଶ କ୍ଷମତା ଜାହିର କରି ଆସିଛନ୍ତି । ତାଙ୍କ ଅନୁଗତ ଲୋକେ ବେଳେ ବେଳେ ମୁହଁ ଉପରେ ମଧ୍ୟ ଭରସି କହନ୍ତି ଯେ, ସ୍ୱରାଜ୍ୟ ପୂର୍ବର ଗୋରା ସିଭିଲିଆନ୍‌ଙ୍କଠାରୁ ସେ ଅଧିକ ଖ୍ୟାତି ଓ ସମ୍ଭ୍ରମ ଉତ୍ପାଦନ କରି-ପାରିଛନ୍ତି । ରାଜଧାନୀର କର୍ତ୍ତାମାନେ ମଧ୍ୟ ଗସ୍ତରେ ଆସିଲେ ତାଙ୍କର ତାରିଫ୍ କରି ଯା'ନ୍ତି । ନ ହେବ କାହିଁକି ? ତାଙ୍କୁ ଯେ ଏ ଯୁଗର ବ୍ରହ୍ମାସ୍ତ୍ର ଜଣା ! କର୍ତ୍ତାମାନଙ୍କର ଯେଉଁମାନେ ଏଠାରେ ପ୍ରିୟପାତ୍ର ତାଙ୍କୁ ସେ ସବୁବେଳେ ହାତ ମୁଠାରେ ରଖିଥାନ୍ତି । ମଝିରେ ମଝିରେ ଏଗୁଡ଼ାକଙ୍କ ପାଇଁ ଗୋଟାଏ ଗୋଟାଏ କ୍ଷୁଦ୍ର ସୁବିଧା ଦେଇ ଦେଲେ, ଏମାନେ କୁକୁରର ଲାଙ୍ଗୁଳ ଚାଳନ ବିଧିରେ ଆଜ୍ଞାବହ ହୋଇ ରହନ୍ତି । ଶଗାଳ ପଲ ! ହାଡ଼ଖଣ୍ଡେ ଚେକେଟିବାକୁ ଫୋପାଡ଼ି ଦେଲେ ଏମାନେ ସନ୍ତୁଷ୍ଟ !!

ସାହେବ ନିଜର ଖାସ୍ କାମେରାର ସୋଫା ଉପରେ ଆରାମରେ ଆଉଜି ପଡ଼ିଲେ । ଟୁଇ ନିଦ ଲାଗିଗଲା । ଆଜି ସକାଳୁ ଏପର୍ଯ୍ୟନ୍ତ କି ଭୟାନକ ବ୍ୟସ୍ତତା ! ଜିଲ୍ଲା ପରିଷଦର ସମ୍ବର୍ଦ୍ଧନା, ମ୍ୟୁନିସିପାଲିଟିର ଅଭିନନ୍ଦନ, ଜିଲ୍ଲା କୋଅପରେଟିଭ ସୋସାଇଟିର ମାନପତ୍ର, ସ୍ଥାନୀୟ ବ୍ୟବସାୟୀ ସଂଘ ତରଫରୁ ଆୟୋଜିତ ବିଦାୟ ଭୋଜି—ଏ ସବୁ ସାରି ଇଜ୍‌ଲାସ ଉପରକୁ ଆସିଲା ବେଳକୁ ପ୍ରାୟ ତିନିଟା । ଅଫିସ୍ କାମ ଗୁଡ଼ାଏ ବି ବାକି ଥିଲା ! ସେତକ ସାରି ନୂଆ ଜିଲ୍ଲା ସାହେବଙ୍କୁ ଚାର୍ଜ ଦେବାକୁ ଡାକିଲା ବେଳକୁ ୫ଟା ବାଜିବାକୁ ଆଉ ମାତ୍ର ୫ମିନିଟ ବାକି । ସେଇ ପାଞ୍ଚ ମିନିଟ୍‌ରେ ସେ ଚାର୍ଜ ପରବାନା ଦସ୍ତଖତ କରିଦେଇ ନୂଆ ଜିଲ୍ଲା

Digitized by srujanika@gmail.com

ସାହେବଙ୍କୁ ପଦେ ଦି' ପଦ ମୁରବିପଣରେ କହି ବିଦାୟ ଘେନି ଆସିଲେ । ତାଙ୍କର ଉତ୍ତରାଧିକାରୀ କରି ସରକାର ଗୋଟାଏ ଅପଗଣ୍ଡ ଶିଶୁ ପଠାଇଛନ୍ତି ! ଗ୍ରେଟ ଜିଲ୍ଲାକୁ ଏମିତି ଅଫିସର ପାରିଲେ ପାରିବେ କିନ୍ତୁ ସେ ଜିଲ୍ଲା କିଏ, ସେ କିଏ ? ପୁଣି ତାଙ୍କ ପଛକୁ ! ଯାଉ, ତାଙ୍କର କ'ଣ ଅଛି ? ମନ୍ତ୍ରୀଙ୍କୁ ସେ ଦୁଇ ଦୁଇ ବାର ଅନୁରୋଧ କଲେ, ଆଉ ଅନ୍ତତଃ ବର୍ଷେ ତାଙ୍କୁ ଏଠାରେ ରଖିବାକୁ । କେତେ ଯୋଜନା ଆରମ୍ଭ କରି ଦେଇଛନ୍ତି । ତିନିକୋଟି ଟଙ୍କାର ବଡ଼ ବଡ଼ କାମର ଶୁଭ ଦିଆଯାଇଛି ମାତ୍ର । ସେଗୁଡ଼ାକ ଟିକିଏ ଆଗେଇ ଯାଇଥାନ୍ତା ; ସେ ଆତ୍ମସନ୍ତୋଷ ପାଇଥାନ୍ତେ । ଆଉ ବି କିଛି ମିଳିଥାନ୍ତା !

ନିଜର ଭାଗ୍ୟକୁ ନିନ୍ଦିବାର କୌଣସି କାରଣ କିଛି ସାହେବଙ୍କର ନ ଥିଲା । ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ତାଙ୍କ ନାମରେ, ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ନାମରେ ଯେତେ କିଣା ହେଲାଣି ସେ ସବୁ ମିଶାଇଲେ ଅଢ଼େଇ ଲକ୍ଷରୁ କିଛି କମ୍ ହେବ । ଯା ବାଦ୍ ବାକ୍ସରେ ଅଛି ମାତ୍ର ଦେଢ଼ ଲକ୍ଷ । ତା' ପରେ ଗହଣାଗାଣ୍ଠି ପିଲାଙ୍କ ଦେହରେ ଯାହା ଅଛି, ତାକୁ ଛାଡ଼ି ପ୍ରାୟ ଶହେ ଭରି ଯାଏଁ ଶ୍ରୀମତୀଙ୍କ ହାତବାକ୍ସରେ ଅଛି । ସୁନା କଣ୍ଟ୍ରୋଲ୍ ଆଇନ୍ ଅନୁସାରେ ଏ ସବୁର ବିବରଣୀ ସରକାରଙ୍କୁ ଜଣାଇ ଦେଇଥିଲେ ହୋଇଥାନ୍ତା । କିନ୍ତୁ ସେ ପୁଣି କେଉଁ ସରକାରଙ୍କୁ ଜଣାଇବେ ? ତାଙ୍କୁ କୈଫିୟତ୍ ମାଗିବ କିଏ ? ଅବଶ୍ୟ ଆଜି ରାତିକ ସେ ଏ ଜିଲ୍ଲାରେ କେହି ନୁହନ୍ତି । କାଲି ସକାଳୁ ଏ ସ୍ଥାନ ତ୍ୟାଗ କରିବାକୁ ହେବ । ଯେଉଁ ଜିଲ୍ଲାରେ ତାଙ୍କ ନାମ ଶୁଣିଲେ ଗର୍ଭିଣୀ ଗାଈ ଆଢ଼େଇ-ହୋଇ ଯାଉଥିଲା, ସେଠାରେ ସେ ବିନା କ୍ଷମତାରେ ଗୋଟିଏ ରାତି ରହିବେ କାହିଁକି ? କାଲି ସକାଳୁ ବାହାରିଲେ ସନ୍ଧ୍ୟାବେଳକୁ ସେ ତାଙ୍କ ନୂଆ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିଯିବେ; ଦିନେ ବିଳମ୍ବ ନ କରି ତହିଁ ଆରଦିନ ସେକ୍ରେଟାରିଏଟ୍‌ରେ ଚାର୍ଜ ନେଇଯିବେ । ସେ ଏହାଠାରୁ ବି ବଡ଼ ବ୍ୟୂହ । ତାଙ୍କଠାରୁ କେତେ ବଡ଼ ବଡ଼ ଜୀବ ସେଠାରେ ନିରାପଦରେ ରହିଛନ୍ତି । ବଡ଼ ଦେବତାଙ୍କୁ ଟିକିଏ ଭୁଆଜ୍ କରିବାକୁ ହେବ । ତାଙ୍କୁ ତ ସେ ମୂଳରୁ ଭୁଆଜ କରି ରଖିଛନ୍ତି । ତାଙ୍କର ଆଶୀର୍ବାଦ ମିଳି ନ ଥିଲେ କ'ଣ ଆଜି ଏ ଘରେ ଆରାମ କରିବାର ସୌଭାଗ୍ୟ ମିଳିଥାନ୍ତା !

Digitized by srujanika@gmail.com

ତୁଇ ନଦରେ ଅନ୍ତରର ଘଟଣାବଳୀ ଚଳଚିତ୍ର ପରି ଆଖି ଆଗରେ ଭାସି ଯାଉଥାଏ । ନଗଦ ଘଟଣା ପରି ଦିଶିଲା ୪୦ ବର୍ଷ ପୂର୍ବର ସେ ଘଟଣା । ଆଜିକୁ କାହାରି ମନେ ନ ଥିବ । ମଫସଲର ଗୋଟିଏ ହାଇସ୍କୁଲର ହେଡ୍‌ମାଷ୍ଟରଙ୍କ ଅଫିସ୍ । ବୁଢ଼ା ହେଡ୍‌ମାଷ୍ଟ୍ରେ ବେତ ଧରି, ସତେ ଯିମିତି ଖାଇଦେବେ—ଏପରି ଚାହିଁଥାନ୍ତି । ମଝିରେ ମଝିରେ କହୁଥାନ୍ତି, "ଆରେ, ମାନି ଯା, ଛାଡ଼ିଦେବି । ଭଲ ପଢ଼ୁଛୁ; ଦୈବ ପ୍ରତିକୂଳ ନ ହେଲେ ଭବିଷ୍ୟତରେ ବଡ଼ ଲୋକ ହେବୁ ; ଆଜି ଅଭାବରେ ପଡ଼ି ସାଙ୍ଗ ପିଲାର ବାକ୍ସରୁ ପାଞ୍ଚଟଙ୍କା ନେଇଯାଇଛୁ, ବଡ଼ ଦିନକୁ ତୋ'ର ଏ ଅଭାବ ରହିବ ନାହିଁ, ମୁଁ ଆଶୀର୍ବାଦ କରୁଛି । ଦୋଷ ମାନିଯା, ପାଞ୍ଚଟଙ୍କା ତୋ ପାଇଁ ମୁଁ ସେ ପିଲାକୁ ଦେଉଛି । ମୋର ଗୋଡ଼ ଛୁଇଁ, ଭଗବାନଙ୍କୁ ସ୍ମରଣ କରି ଆଜି ଶପଥ କର, ଆଉ ଏପରି କାର୍ଯ୍ୟ କେବେଁ କରିବୁ ନାହିଁ । ବାପା ପରି ! ଅମାନିଆ ହେବାରେ ଫଳ କିଛି ନାହିଁ ; ନିଜେ ନିଜର ଅନିଷ୍ଟ କରୁଛୁ ; ସାକ୍ଷୀ ସବୁ ଦେଖିଛନ୍ତି ; ତୁ ନିଜେ ବି ତୋ ନିଜ ବିରୁଦ୍ଧରେ ସାକ୍ଷୀ । କାଲି ତୋ ପାଖରେ ପଇସାଟିଏ ନ ଥିଲା ବୋଲି ମୋତେ କହିଛୁ ; ଆଜି ପକେଟରୁ ପାଞ୍ଚ ଟଙ୍କା ବାହାରୁଛି କିମିତି ?"

ହେଡ୍‌ମାଷ୍ଟ୍ରେ ପାଞ୍ଚ ବର୍ଷ ହେଲା ମରିଗଲେଣି । ତାଙ୍କ ଆଶୀର୍ବାଦ ସଫଳ ହୋଇଛି । ତାଙ୍କର ଦାରିଦ୍ର୍ୟ ଘୁଞ୍ଚିଛି । ଆଜି ହଠାତ୍ ଦୈବ ଦୁର୍ଘଟଣାରେ ପ୍ରାଣ ଚାଲିଗଲେ ବି ତାଙ୍କ ପିଲେ ତିନି ପୁରୁଷ ଯାଏଁ ତାଙ୍କ ନିଜ ପିଲା ଦିନର ଅବସ୍ଥାକୁ ଛୁଇଁ ପାରିବେ ନାହିଁ । ଆଉ ତାଙ୍କର ସେ ଦିନର ଶପଥ ! ମାତ୍ର ଭୟରେ ଯେ ଦିନ ସେ ଯାହା କହିଥିଲେ, ତାହା ଭଗବାନଙ୍କ ଇଜଲାସରେ ତାଙ୍କ ବିରୁଦ୍ଧରେ ଯିବନାହିଁ । ପୁଲିସ ଆଗରେ ଦୋଷ ମାନିଯାଇଥିବା କେତେ ଆସାମୀଙ୍କୁ ସେ ନିଜେ ବେକସୁର୍ ଖଲାସ୍ କରି ନାହାନ୍ତି ! ପୁଣି, ସେ ତ ଆଉ କାହାର ବାକ୍ସ ଭାଙ୍ଗି ସେ ଦିନ ପରି ଚେଷ୍ଟା କରିନାହାନ୍ତି । ଯେ ଦେଇଛି, ସେ ନିଜେ ଆଣି କେତେ ସନ୍ତର୍ପଣରେ ତାଙ୍କ ଗୋଡ଼ ତଳେ ଭେଟି ଥୋଇ ଦେଇ ଯାଇଛି । ବିନୋବା ତ ହେଲେ ଭୂଦାନ ପାଇଁ, ଥରକୁ ପାଞ୍ଚ ଥର ଦ୍ୱାରସ୍ଥ ହେଉଛନ୍ତି, ବଳାଜୋରି କଲାପରି ଧମକ ଚମକ ଦେଉଛନ୍ତି । କିନ୍ତୁ ସେ ? କାହାକୁ ଦିନେ ତୁଣ୍ଡ

Digitized by srujanika@gmail.com

ଫିଟାଇ ନେବାରୁପଇସାଟିଏ ବି ମାଗି ନାହାନ୍ତି । ଅନୁଗ୍ରହ କରି ଯାହା ଅର୍ପିତ ହୋଇଛି ତାକୁ ସ୍ୱୀକାର କରିଛନ୍ତି ମାତ୍ର । ସେଇ ଅନୁଗ୍ରହ ଫଳରେ ଆଜି ସେ ଗୃହଲକ୍ଷର ମାଲିକ । ପଚିଶି ବର୍ଷରେ ସରକାରଠାରୁ ମିଳିଥିବା ଧନ ତାଙ୍କର ଇତିମଧ୍ୟରେ ହୋଇଥିବା କୋଠା ଦୁଇଟାର ଇଟାକୁ ବି ନାଅଣ୍ଟ ।

ସାହେବ ଟିକିଏ ବିଶ୍ରାମ କରି ତାଜା ହେଲେ । ଏ ସ୍ଥାନ ଛାଡ଼ିବା ପୂର୍ବରୁ ବିଶ୍ରାମ ଏତିକି । ଅନ୍ତତଃପକ୍ଷେ କୋଡ଼ିଏଟା ବାକ୍ସ ପ୍ୟାକ୍ କରିବାକୁ ହେବ, ସେଥିରୁ ତିନୋଟି ନିଜ ହାତରେ ପ୍ୟାକ୍ ହେବା ଦରକାର । ଗୃହିଣୀ କ'ଣ କରିଥିବେ କେଜାଣି ? ଅତି ଅପଦାର୍ଥ ! ରୂପ ନାହିଁ କି ବୁଦ୍ଧି ନାହିଁ । ସେତେବେଳେ ନ ହୋଇଥିଲେ ଏଇଟାକୁ ଛୁଇଁଥାନ୍ତା କିଏ ? ଇଏ ଜନ୍ମରେ ସେ ଯୁଆଙ୍କଠାରୁ ଶହେ ଗୁଣରେ ଯୋଗ୍ୟ, କେତେ ରୂପସୀଙ୍କର ସାନ୍ନିଧ୍ୟ ପାଇନାହାନ୍ତି ! ହେଲେ କ'ଣ ହେବ ? ତାଙ୍କ ଉତ୍ତରାଧିକାରୀଙ୍କର ମା' ତ ! ଆଜି ସିନା ବୁଢ଼ୀ, ଯୁଆଙ୍କର ବି ଦିନ ଥିଲା । ସୁଦୂର ଅତୀତର ଦୁର୍ବାକ୍ଷତ ଦିନ ମନେ ପଡ଼ିଗଲା । ମନ ଟିକିଏ ନରମି ଗଲା । ସେ କୋଠି ଭିତରକୁ ଚାଲି ଚାଲି ହୋଇ ଯାଇ ଭିତରକୁ ଲକ୍ଷ କରି କହିଲେ, "କ'ଣ କାର୍ତ୍ତିକମାହାତ୍ମ୍ୟ ପଢ଼ା ଚାଲିଚି ?"

ଗୃହିଣୀ ବାରଣ୍ଡାକୁ ଆସିଲେ । ଅକାଳ ବାର୍ଦ୍ଧକ୍ୟ ଆସିଗଲାଣି । ହେଲେ ବି ମୁହଁରେ ଗୋଟାଏ ଅପୂର୍ବ ତେଜ । କପାଳରେ ସିନ୍ଦୂର ଉପରକୁ ଚନ୍ଦନ ଟୋପାଟାଏ ଦାଉ ଦାଉ ହୋଇ ଦିଶୁଛି । ନିକଟକୁ ଆସି ନମ୍ର ସ୍ୱରରେ ସେ କହିଲେ, "ତମ ହାତରେ ଆଉ କାର୍ତ୍ତିକ ପୁରାଣ ମନେପଡ଼ୁଛି ? ତିନ ଅଧା ବାଜିଆ ପଡ଼ିଲାଣି । ସକାଳୁ ୪ଟା ଯାଏଁ ପେଟି ସବୁ ମୁଦ ହବିଷ ପୁଞ୍ଜାଏ ବସେଇଛି । ତମେ ଲୁଗା ପାଲଟି ସେ ନାଗସାପ ଗରଳଗୁଡ଼ାକ ରଖି ଦେଇ ପେଟି ତିନୋଟା ବନ୍ଦ କର ।"

ସାହେବ ହସି ହସି କହିଲେ, "ନାଗସାପ ଗରଳ, ନା ? ସେଇ ଗରଳରେ ତିନ ପୁରୁଷ ଯାଏଁ ତୁମର ଓ ତୁମ ଛେଲୁଣୀ ପୋକ ପଲର ଅଭାବ-ସନ୍ନିପାତ ଦୂର ହେବ ।"

ଗୃହିଣୀ ଉତ୍ତର ଦେଲେ, "ମୋ ପିଲାଙ୍କର ସେ ସବୁ ଦରକାର ନାହିଁ । ଷଠିଦୁସୀ ତାଙ୍କୁ ଆୟୁଷ ଦେଇଥାନ୍ତୁ, ମୁଁ ସେତିକି ମାଗୁଛି ।

Digitized by srujanika@gmail.com

ସଂସାରରେ କାହା ପେଟ ଅପୋଷା ରହିବନାହିଁ, ସୁଖର ବ ରହିବ ନାହିଁ ।"

ସାହେବ ଟିକିଏ ଚଟିଗଲେ, "ତେବେ କ'ଣ ଗୃହିଣୀ ଛ, ଏସବୁ ଜଣରେ ମେଳାଦେବ ? ଆଜି ତୁମଠାରୁ ଏଇଆ ଶୁଣିବ ବୋଲି ମୁଁ ଏତେ ସାହସ କରି ଏସବୁ ସଂଗ୍ରହ କରିଛି, ନାହିଁ ?"

ଗୃହିଣୀଙ୍କର ଦକା ପଶିଗଲା । ସେ କହିଲେ, "ଆଜି ଏମିତି କାହିଁକି ହେଉଛ ଯେ ? ଅଫିସ୍‌ରେ କ'ଣ ଖଡ଼ଥିଲ କି ; ଗୃ କରିବ ?"

ସାହେବ ନାଁ ବୋଲି କହି, ପେଟି ଉପରେ ତାଲା ବାଡ଼େଉ ବାଡ଼େଉ କହିଲେ, "ମଞ୍ଜୁ ! ତୁମରି ପାଇଁ, ତୁମ ପିଲାଙ୍କ ପାଇଁ ମୁଁ ଦିନରାତି ଖଟୁଛି, ଆଉ ମୋର ସେଉଁଥିରେ ଶ୍ରଦ୍ଧା ତୁମେ ତାକୁ ଗୋଡ଼ ମାଟି ବୋଲି ଜ୍ଞାନ କରୁଛ !"

ଗୃହିଣୀ କହିଲେ, "ହଉ, ହଉ, ମୋର ତମ ସାଙ୍ଗେ କଳି କଜିଆ କରିବାକୁ ବେଳ ନାହିଁ । ତେଣେ ଭାତ ପୁଞ୍ଜାକ ନକେଇ ହୋଇ ଯିବ । ତୁମେ ଯାଅ, ବିଶ୍ରାମ କର, ଗୃ' ଦରକାର ହେଲେ ପୁନାଶିଙ୍କୁ ଡାକିବ । ମୁଁ ମୋ କାମ ସାରିଦିଏ । ଭୋରରୁ ଟ୍ରକ ପାଇଁ ବନ୍ଦୋବସ୍ତ କରିଛ ତ ? ମୋର ମନ ହେଉଛି, ସକାଳଯାଏ ନ ରହି, ଏଇ ରାତିରେ ଏ ଥାନ ଛାଡ଼ନ୍ତେ ।"

ସାହେବ କିଛି ନ କହି ବଗିଚାକୁ ଯାଇ ଟିକିଏ ପଦଚାରଣା କଲେ । ତାଙ୍କର ବି ସେଇ ଇଚ୍ଛା; ରାତି ରାତି ଏ ସ୍ଥାନ ଛାଡ଼ିଦିଅନ୍ତେ । କ୍ଷମତା ଛାଡ଼ିବା ପରେ ଏ ନନ୍ଦନକାନନ ଜଙ୍ଗଲ ପରି ଲାଗୁଛି । ପ୍ରଥମ ଦିନ ଯେତେବେଳେ ଏ କୋଠିରେ ଆସି ପାଦ ଦେଇଥିଲେ, ସେ କଥା ମନେ ପଡ଼ିବାରୁ ମନଟା ଖାଁ ଖାଁ ହୋଇଗଲା । ବଗିଚାରେ ବୁଲିବାକୁ ସୁଖ ଲାଗିଲା ନାହିଁ । ଅଳ୍ପ ସମୟ ପୂର୍ବେ ଆସ୍ୱସ୍ତି ଦେଇଥିବା ଖାସ୍ କାମରାର ସୋଫା ଆଡ଼କୁ ସେ ମୁହାଁଇଲେ ।

କାମରା ଭିତରକୁ ଗୋଡ଼ ଦେବା ସାଙ୍ଗେ ସାଙ୍ଗେ ତାଙ୍କ ଆଖି ନାଲି ହୋଇଗଲା । ସେ ଦେଖିଲେ, ତାଙ୍କ ଟେବୁଲ ପାଖ କୁରୁଶରେ ବସିଛନ୍ତି ସେଇ ବୁଢ଼ା, ଯେ କାଲି ତାଙ୍କ ସଙ୍ଗେ ସାକ୍ଷାତ କରିବାକୁ ଆସିଥିଲେ ।

Digitized by srujanika@gmail.com

ଷୋଡ଼ଏ ବର୍ଷ ପୂର୍ବେ ଏ ମହାଶୟଙ୍କର ସେ ସହକର୍ମୀ ଥିଲେ ସମୁଦ୍ର-ଉପକୂଳବର୍ତ୍ତୀ ଗୋଟିଏ ଜିଲ୍ଲାରେ । ଯାଙ୍କର ଯୋଗୁଁ ସେତେବେଳେ ତାଙ୍କର ବଦ୍‌ନାମ ହୋଇଥିଲା । ଆଜକୁ ୧୫ ବର୍ଷ ହେଲା ପେନ୍‌ସନ୍ ନେଇ ସେ ଏଇଠାରେ ରହୁଛନ୍ତି । ତାଙ୍କର ହାକମି ତନ ବର୍ଷରେ, ହନେ ହେଲେ ମୁହଁ ଦେଖାଇ ନ ଥିଲେ । କାଲି ହଠାତ୍ ଆସି ପହଞ୍ଚିବାରୁ ତାଙ୍କୁ ଏତେ ବିରକ୍ତ ଲାଗିଥିଲା ଯେ, ସେ ବୃଦ୍ଧ ସହକର୍ମୀଙ୍କୁ ବସିବାକୁ ବ ନ କହି ସେତିକି ଦେଇଥିଲେ, ମୋର ଆଜି ବେଳ ନାହିଁ ବୋଲି କହି । ଆଜି ବ ସେଇ ବୃଦ୍ଧ ଅନଧିକାର ପ୍ରବେଶ କରିବା ଦେଖି ତାଙ୍କୁ ଆହୁରି ଚିଡ଼ା ମାଡ଼ିଲା । ସେ କିଛି କହିବା ପୂର୍ବରୁ, ବୃଦ୍ଧ ଅଭିବାଦନ କରି କହିଲେ, "କାଲି ଆପଣଙ୍କର ସମୟ ନ ଥିଲା ବୋଲି ଚାଲି ଯାଇଥିଲି । ଆଜି ତ ଆପଣ ଦାୟିତ୍ୱମୁକ୍ତ । ସୁଖ ଦୁଃଖ ଦୁଇପଦ ହେବାକୁ ଆସିଛି ।"

ଯାଙ୍କର ପୁଣି ସୁଖଦୁଃଖ ପାଇଁ ମନ ! ବୃଦ୍ଧ, ଟେକ୍ରିଟିଆ ପେନ୍-ସନର୍ ! ସାହେବ ଉତ୍‌କ୍ଷିପ୍ତ ହୋଇ କହି ପକାଇଲେ, "ମୋର ବର୍ତ୍ତମାନ ବହୁତ ଜଞ୍ଜାଳ । କାହା ସଙ୍ଗେ ଗୁପ୍‌ଗପ କରିବାକୁ ମୋର ବେଳ ନାହିଁ । ଆପଣ ବାହାରେ ଅପେକ୍ଷା ନ କରି ଘରକୁ ପଶି ଆସିବା ଘୋର ଅଭଦ୍ରତା ବୋଲି ମୁଁ ମନେ କରେ ।"

ବୃଦ୍ଧ ଇତସ୍ତତଃ ଭାବେ ଠିଆ ହୋଇ ରହିଛନ୍ତି, ଏତିକିବେଳେ ସଦର ଦରଜାରେ ଠୁକୁଠୁକୁ ଶବ୍ଦ ହେଲା ; ଜଣେ ବାହାରୁ କହିଲେ, ଆପଣଙ୍କର ଅନୁମତି ଅପେକ୍ଷାରେ ଆମେ ବାହାରେ ଅଛୁ ।

ସାହେବଙ୍କୁ ଜଣାଗଲା ତାଙ୍କର ଜଣେ ପ୍ରିୟ କଣ୍ଟ୍ରାକ୍‌ଟରଙ୍କର କଣ୍ଠସ୍ୱର ପରି । ସେ ଆସନ୍ତୁ, ଆସନ୍ତୁ କହି ସଦର ଦରଜା ଆଡ଼କୁ ଆଗେଇ ଗଲେ ଓ ଆଗନ୍ତୁକଙ୍କୁ ଦେଖି ବାଘ ଦେଖିଲା ପରି ହୋଇ ପଛେଇ ପଛେଇ ନିଜ ଆସନ ଗ୍ରହଣ କଲେ । "ବସନ୍ତୁ, ବସନ୍ତୁ. ଆପଣଙ୍କର ମୋ'ଠାରେ ଏତେବେଳେ କ'ଣ କାମ" ବୋଲି ଯାହା କହିଲେ, ତାହା ଆଗନ୍ତୁକଙ୍କୁ ଶୁଭ ନ ଥିବ ପରା ! ତଥାପି ଆଗନ୍ତୁକ ଓ ତାଙ୍କ ବନ୍ଧୁ ନିକଟବର୍ତ୍ତୀ ଆସନ ଦୁଇଟି ଭିଡ଼ ଆଣି ବସିଲେ । ଆଗନ୍ତୁକ ଆରମ୍ଭ କଲେ, "ଆମେ କାହିଁକି ଆସିଛୁ, ତାହା ଆପଣ ଜାଣିଲେଣି ବୋଲି ଆପଣଙ୍କର ମୁହଁରୁ ଜଣାପଡ଼ୁଛି । ତେବେ, ଆପଣଙ୍କୁ କୌଣସି ପ୍ରକାର ଅସୁବିଧା

Digitized by srujanika@gmail.com

କରିବା ମୋର ଇଚ୍ଛା ନୁହେଁ । ମୁଁ ସେଣ୍ଟ୍ରାଲ୍ ସି· ଆଇ· ଡ଼ି·ର ଜୋନାଲ୍ ଇନ୍‌ସ୍‌ପେକ୍ଟର ଜେନେରାଲ ; ଏଁାଙ୍କୁ ତ ଆପଣ ଚିହ୍ନନ୍ତି, ଏ ଜିଲ୍ଲାର ଏସ୍·ପି· । ହେଉଛି ଆପଣଙ୍କ ଉତ୍ତରାଧିକାରୀଙ୍କ ଦସ୍ତଖତରେ ସର୍ଚ୍ଚ ଓ୍ୱାରେଣ୍ଟ । ଆମେ ଯଥାସମ୍ଭବ ଢଙ୍ଗରେ ଅପ୍ରୀତିକର କାର୍ଯ୍ୟଟା କରିବାକୁ ଚାହୁଁ । ଆମେ ଖାନ୍‌ତଲାସିରେ ଆସିଛୁ ବୋଲି କେହି ଜାଣିବେ ନାହିଁ । ଆପଣ ଆମ ପାଇଁ ଚା ଇତ୍ୟାଦିର ବରାଦ କରନ୍ତୁ । ବନ୍ଧୁଦର୍ଶନରେ ଆସିଥିଲୁ ବୋଲି ଦାଣ୍ଡକୁ ଦିଶିବ । ଆପଣଙ୍କ ସେଭିଂସ୍ ଏକାଉଣ୍ଟ ଆମେ ବ୍ୟାଙ୍କରୁ ପାଇଛୁ । ଆମର ଖବର, ଆପଣଙ୍କ ପାଖରେ ବହୁତ ଗୁଡ଼ାଏ ଟଙ୍କା ଓ ଅଳଙ୍କାର ପତ୍ର ଅଛି । ସେତକ ଜବତ କରିବା ଆମର କାମ । ଆପଣ ଆପଣଙ୍କର ସବୁ ଆସବାବପତ୍ର ପ୍ୟାକ୍ କରି ସାରିବେଣି । କେବଳ ଟଙ୍କା ଇତ୍ୟାଦି ଯେଉଁ ପେଟିରେ ଅଛି ସେଇତକ ଖୋଲିଲେ ଚଳିବ । କେତେ ଟଙ୍କା ଅଛି, ତାହାର ଗୋଟିଏ ମୋଟାମୋଟି ଧାରଣା ମଧ୍ୟ ଆମର ଅଛି ।"

ବୃଦ୍ଧ ପେନ୍‌ସନର୍ ତାଟକା ହୋଇ ଏଁା ମୁହଁରୁ ତା ମୁହଁ ଚାହୁଁଥାନ୍ତି । ଅଳ୍ପ ସମୟ ପୂର୍ବେ ତାଙ୍କ ଆଡ଼କୁ ବାଘ ପରି ମାଡ଼ି ଆସୁଥିବା ଜିଲ୍ଲା ସାହେବଙ୍କ ମୁହଁ ଏତେବେଳକୁ କୋକ ମୁହଁପରି ହୋଇଯାଇଥାଏ । ସେ ଯେ ଅପ୍ରୀତିକର ପରିସ୍ଥିତିରେ ଆଉ ରହିବା ଉଚିତ ମନେ ନ କରି ଦାଣ୍ଡଆଡ଼କୁ ମୁହାଁଇଲାବେଳେ ଏସ୍· ପି· ତାଙ୍କୁ କହିଲେ, "ରାମାନୁଜ ବାବୁ, ମୁଁ ଆପଣଙ୍କ ପାଖକୁ ଡ଼ି· ଏସ୍· ପି·ଙ୍କୁ ପଠାଇଛି । ପେନ୍‌ସନ୍‌ପ୍ରାପ୍ତ ପୁଲିସ ସାହେବ ହରେକୃଷ୍ଣ ବାବୁ ବି ବର୍ତ୍ତମାନ ଆସିବେ । ଆପଣ ଅନୁଗ୍ରହ କରି ବସନ୍ତୁ । ଖାନତଲାସ ତାଲିକାରେ ଆପଣ ସାକ୍ଷୀ ପଡ଼ିବେ ବୋଲି ଆମ୍ଭମାନଙ୍କର ଅନୁରୋଧ ।"

ଆଗନ୍ତୁକ ଜିଲ୍ଲା ସାହେବଙ୍କ ନିସ୍ତବ୍ଧତା ଭାଙ୍ଗିବାକୁ କହିଲେ, "ମିଷ୍ଟର—ଆଉ ବିଳମ୍ବ କାହିଁକି ? ଆମ କାମ ଚାଲୁ । ଆଗ ଚା' ମଗାନ୍ତୁ ନା !"

ସରିଗଲାଣି ତ.........

ଗୋଟିଏ ପ୍ରାସାଦର କଡ଼ପଟ କାମରା—ପ୍ରକାଣ୍ଡ ହଲ । ସୁରୁଚି-ସମ୍ପନ୍ନ ସାଜସଜ୍ଜା—ଆଡ଼ମ୍ବର ନାହିଁ କି ଅତି ନିରାଡ଼ମ୍ବର ବି ନୁହେଁ । ଗୋଟାଏ କୁଣରେ ସୋଫା ସେଟ୍‌ଟିଏ ପଡ଼ିଛି । ଘରର ବାକି ଅଂଶଟାରେ କିଛି ନାହିଁ । କାନ୍ଥ ଆଲମାରି, ଲମ୍ବପାଖ ଦୁଇ କାନ୍ଥରେ ଦୁଇ ଧାଡ଼ି ତିଆରି ହୋଇଥିଲା ଲାଇବ୍ରେରୀ କରିବା କଳ୍ପନାରେ । ବହିପତ୍ର ବିଶେଷ କିଛି ନାହିଁ । ବିଭିନ୍ନ ଅଞ୍ଚଳର କ୍ଷୁଦ୍ର କାରୁକାର୍ଯ୍ୟ କେତୋଟି ମାତ୍ର ରହିଛି, ଆଉ ରହିଛି ବାବୁଙ୍କୁ ମିଳିଥିବା ଉପଢୌକନମାନ । ଆଲମାରିମାନଙ୍କ ଉପରକୁ କାନ୍ଥରେ ଧାଡ଼ି ହୋଇ ରହିଛି, ବଡ଼ ଆକାରର ଫଟୋ ସବୁ—ପ୍ରତ୍ୟେକ ଫଟୋରେ ପ୍ରଧାନ ବ୍ୟକ୍ତି ଜଣେ—ବାବୁ । କେଉଁଠି କୌଣସି ନୂଆ ଅନୁଷ୍ଠାନର ଶୁଭ ଦେଉଛନ୍ତି ; କେଉଁଠି ଜନତାକୁ ଉଦ୍‌ବୋଧନ ଦେଉଛନ୍ତି ; କେଉଁଠି ଗ୍ରସନ୍ନନୀମାନଙ୍କୁ ପୁରସ୍କାର ବିତରଣ କରୁଛନ୍ତି ; ଠାଏ ଗୋଟାଏ ଜାହାଜକୁ ବନ୍ଦରରୁ ବାହାରିବାକୁ ସଙ୍କେତ ଦେଉଛନ୍ତି ; ଆଉ ଠାଏ ଗୋଟିଏ ପ୍ରକାଣ୍ଡ ଉଡ଼ାଜାହାଜ ପାଖେ ଠିଆ ହୋଇଛନ୍ତି । ବହୁ ବର୍ଷ ପୂର୍ବେ 'ଦୈନିକ ଆଶା'ର ସାପ୍ତାହିକ ସଂସ୍କରଣରେ ଗୋଟିଏ ଫଟୋ ବାହାରିଥିଲା—୧୯୩୦ ମଡେଲର ଗୋଟିଏ ନୂଆ ଫୋର୍ଡ଼ ଗାଡ଼ିର ପାଉଁଦାନରେ ହଗପହଣ୍ଡି ରାଜା ଠିଆ ହୋଇଥାନ୍ତି । ଖର୍ବାକୃତି ରାଜା, ମଟରର ଶବଦରେ କୁଆଡ଼େ ମିଶିଗଲା ଭଳି ଦିଶୁଥାନ୍ତି । କିନ୍ତୁ ଏଠାରେ ବାବୁ ପ୍ରକାଣ୍ଡ ଉଡ଼ାଜାହାଜକୁ ଖର୍ବ କରି ନିଜେ ଫିଟି ଦିଶୁଥାନ୍ତି । ଖାଲି ଫଟୋ-ଗ୍ରାଫିର କୌଶଳ ଯୋଗୁଁ ନୁହେଁ, ସ୍ବାଙ୍କର ରୂପଟା ସେମିତି । ଗୃହାଣରେ ଚକ୍ରବର୍ତ୍ତୀ ଠାଣି । ଆଖି ଯୁଆଡ଼େ ପଡ଼ୁଛି ସବୁ ସତେ ଯେପରି ସ୍ବାଙ୍କର । ଚକ୍ଷୁର ଅନ୍ତରାଳରେ ଆଉ ଯାହା ଯୁଆଡ଼େ ରହିଯାଉଛି ତାହା ସବୁ ବି, ସତେ ଅକ୍ତିଆର ହୋଇ ସାରିଲାଣି ପରି ଭୁଲତାରେ ମୁଗ୍ଧ ଆତ୍ମସନ୍ତୋଷ ଉକୁଟି ଦିଶୁଥାଏ ।

ବାବୁଙ୍କ ସଙ୍ଗେ ଦେଖା କରିବାକୁ ଆସୁଥିବା ବଡ଼ ଲୋକମାନଙ୍କୁ ଏଇ ଘର ଭିତରେ ଅପେକ୍ଷା କରିବାକୁ ଦିଆଯାଏ । ସେମାନେ ବସି

Digitized by srujanika@gmail.com

ପନ୍ଦର ମିନଟ୍ ଏଠାରେ ବସି ଫଟୋଗୁଡ଼ିକରେ ବାବୁଙ୍କ ଆଖି ଦୁଇଟିକୁ ଚାହିଁ ପ୍ରଭାବିତ ହୋଇସାରିଲା ପରେ, ଅଚାନକ ଭାବେ ଭିତର ଘରକୁ ଫିଟିଥିବା ଦୁଆରବାଟେ ବାବୁ ହଠାତ୍ ଆବିର୍ଭୂତ ହୁଅନ୍ତି ଓ ଫଟୋରେ ଯେଉଁତକ ଅଭାବ ଥାଏ—ସ୍ୱର, ସେ ପୁଣି ଅତି ବେପରୁଆ, ସେତକ ଶୁଣାଇ ଆଗନ୍ତୁକଙ୍କୁ ଭେଳେକ ଲଗାଇବାକୁ ଯେଉଁତକ ବାକି ଥାଏ ସେତକ ପୂରଣ କରି ଦିଅନ୍ତି । ବାବୁ ଯାହା ଚାହୁଁଥାନ୍ତି, ସେଇଆ ହୁଏ, କିନ୍ତୁ ଆଗନ୍ତୁକ ଫେରିଲାବେଳେ ବସ୍ତୁରେ, ସେ ଯେଉଁ ଉଦ୍ଦେଶ୍ୟ ନେଇ ଆସିଥିଲା ତାହା ପୂରଣ ହୋଇଛି ।

ଆଜି ବାବୁ ସୋଫାର ଗୋଟିଏ କୁଣକୁ ବସିଥାନ୍ତି; ଦୁଇ ହାତର ଅଞ୍ଜଳିରେ ଓଠ ଥାଏ; କହୁଣି ଦୁଇଟି ରହିଥାଏ ସୋଫାର ଆଗରେ ଥିବା ଗ୍ଲେଟ ଟେବୁଲ ଉପରେ; ଆଖି ଦୁଇଟି ମୁଦି ହୋଇଥାଏ ତଳମୁହାଁ ହୋଇ; ସ୍ୱର ଶୁଣାଇବାକୁ କେହି ନ ଥାନ୍ତି ସେ ଘରେ, ବାବୁଙ୍କ ପ୍ରକାଣ୍ଡ ଅଣ୍ଡିରା ଆଲସେସିଆନ୍ କୁକୁର ବ୍ୟତୀତ । ଅତି ଅନୁଗତ କୁକୁରଟି ବାବୁଙ୍କ ମନର ଭାବ ବୋଧହୁଏ କଳି ପାରିଥାଏ; ସେ ଖଣ୍ଡେ ଦୂରରେ ଗାଲିଚା ଉପରେ ପଡ଼ିଥାଏ; କିନ୍ତୁ ଆଖିର ପିତୁଳାଯୋଡ଼ିକ ନାକର ଦୁଇ-ପାଖକୁ ଲାଗି, ରହିଥାଏ ବାବୁଙ୍କ ବିଷଣ୍ଣ ମୁଖମଣ୍ଡଳରେ ।

ହଲର ବାହାର ଦୁଆର ମୁଣ୍ଡେ ଗୋଟିଏ ଟୁଲରେ ବସିଥାଏ ବାହାଦୁର, ହାକି—ଆଲସେସିଆନ୍ ପରି ଅନୁଗତ, ନେପାଳୀ ଲୋକ । ତା'ଠାରୁ ଟିକିଏ ଦୂରରେ କାନ୍ଥକୁ ଲାଗି ରଖାହୋଇଥିବା ତିନୋଟି ଚଉକିରେ ବସିଥାନ୍ତି ତିନିଜଣ ଭଦ୍ରଲୋକ । ବାବୁଙ୍କ ଡାକରାରେ ଆସିଥାନ୍ତି । ଭିତରକୁ ଏମାନଙ୍କ ନାମାଙ୍କିତ କାର୍ଡ଼ ଖଣ୍ଡିଏ ଖଣ୍ଡିଏ ବାହାଦୁର ନେଇ ବାବୁଙ୍କ ଟେବୁଲ ଉପରେ ଥୋଇଦେଇ ଆସିଛି । କିନ୍ତୁ ବାବୁଙ୍କ ଆଡ଼ୁ କିଛି ସୋର ଶବ୍ଦ ନ ମିଳିବାରୁ ବାହାଦୁର ଛାତକୁ ଚାହିଁ ବସିଥାଏ, ଓ ଆଗନ୍ତୁକ ଭଦ୍ରଲୋକମାନେ ତଳକୁ ମୁହଁ ପୋତି ବସିଥାନ୍ତି ।

ଚାରି ପାଖେ ଶ୍ମଶାନର ନିସ୍ତବ୍ଧତା । ତାକୁ ଭଙ୍ଗ କରି ଗାଉଁ ଗାଉଁ ହେଲା, ପାହାଞ୍ଚ ତଳ ମୁଣ୍ଡରେ ଗୋଟାଏ ଖୁଣ୍ଟିରେ ବନ୍ଧା ହୋଇ-ଥିବା ବାଘ କୁଆଟା । ବାବୁଙ୍କର ଅତି ପ୍ରିୟ ଏ କୁଆଟି । ଯାଉଣୁ ଆସୁଣୁ ବାବୁ ଯା' ପାଖରେ ଦଣ୍ଡେ ଲେଖାଏଁ ଠିଆ ହୋଇ ଟିକିଏ ଆଉଁସା

Digitized by srujanika@gmail.com

ଫାଉଁସା କରନ୍ତି । ଆଜି ସେଇତକ ଅଭାବ ହେବାରୁ ଏ ଗର୍ଜନ । ଆଜିର ଗର୍ଜନରୁ ଜଣାପଡ଼ୁଥାଏ, ବାଘ ଛୁଆ କୈଶୋର ଅତିକ୍ରମ ପରେ ଯୌବନରେ ପଦାର୍ପଣ କଲାଣି । ଏ ଗର୍ଜନ ଜଙ୍ଗଲରେ ଶୁଣିଲେ ହୃତ୍‌କମ୍ପ ହେବାର କଥା । ବାଘଟା ଦୁଇ ତିନିବାର ଗର୍ଜନ କଲା ପରେ, ବାବୁଙ୍କ ବୈଠକଖାନା ଭିତରୁ ଗର୍ଜନ ଶୁଭିଲା, "ବାହାଦୁର, ଜାନୁଆର୍‌କୋ ଗୁଲି କରୋ ।"

ବାହାଦୁର ଧଡ଼ କରି ଉଠି ଠିଆ ହେଲା । ଅପେକ୍ଷମାଣ ଭଦ୍ର-ବ୍ୟକ୍ତିମାନେ ମଧ୍ୟ ଧଡ଼କିନି ଉଠି ଠିଆ ହୋଇ ପଡ଼ିଲେ; 'ଜାନୁଆର' ଶବ୍ଦଟା ଶୁଭା ନ ଯାଇ ସେମାନଙ୍କୁ 'ଗୁଲିକରୋ' ଶବ୍ଦ ଦୁଇଟି ଶୁଣା-ଯାଇଥାଏ । ତିନିଟା ଯାକ ଶବ୍ଦ ଶୁଣିଥିଲେ ବି ସେମାନେ ଯେ କମ୍ ଆତଙ୍କିତ ହୋଇଥାନ୍ତେ ତା' ନୁହେଁ । ବାବୁ ଠିକକ କଥାରେ ସେମାନଙ୍କୁ ଜାନୁଆର ବୋଲି ସାର୍ଟିଫିକେଟ ଦେବାର ନଜିର ପୂର୍ବରୁ ଥାଏ ।

ଯାହା ହଉ; ଏମାନଙ୍କ ଆତଙ୍କ ଓ ବାହାଦୁରର କର୍ତ୍ତବ୍ୟସଂଶୟ ଦୂର କରି ଏତିକବେଳେ ଜଣେ ମହିଳା ଆଉ ଗୋଟିଏ ଦୁଆରୁ ବାହାରି ବାହାଦୁରକୁ ନିର୍ଦ୍ଦେଶ ଦେଲେ, ଥଣ୍ଡା-ଆଲମାରିରୁ ବଡ଼ କରି ଖଣ୍ଡେ ମାଂସ ନେଇ ବାଘର ପିଞ୍ଜରାରେ ପକାଇ ଦେଇ ସେଥିରେ ତାକୁ ଭର୍ତ୍ତି କରିଦେବାକୁ । ରାତିରେ ଯ୍ୟାକୁ ମିଳେ ପାଞ୍ଚ କେଜି ଗୋମାଂସ । ବାହାଦୁର ଯ୍ୟାକୁ ଛୁଇଁବାକୁ ଆଗେ କୁଣ୍ଠିତ ହେଉଥିଲା । ଗୁଳିକରି ମାରିଦେବାକୁ ଧମକାଇବା ଦିନଠାରୁ ସନ୍ତର୍ପଣରେ ମାଂସ ଖଣ୍ଡିକ ନେଇ ସେ ବାଘ ପିଞ୍ଜରାରେ ଫୋପାଡ଼ି ଦିଏ ଓ ରାତି ଅଧିକୁ ଘରକୁ ଫେରିଲେ, ରାମନାମ ଗ୍ରହଣ କରି ମନରୁ, ଓ ଗଙ୍ଗାମୃତ୍ତିକାରେ ହାତମାଟି କରି ଦେହରୁ ପାପ ଛଡ଼ାଏ । ତା' ସ୍ତ୍ରୀ ଥରେ କହିଥିଲା, 'ଯ୍ୟାଙ୍କ ପାଖରେ ଚାକିରି କରି ଏତେ ଅଧର୍ମ କରୁଛ କାହିଁକି ?' ବାହାଦୁର ଜବାବ ଦେଇଥିଲା, 'ଛତୀ ପିଲାକୁ ଯେ ହେଉ଼ା ଛୁଆଁଉଛି, ତା ଧର୍ମ ଅଧର୍ମ ସେ ବୁଝିବ, କିନ୍ତୁ ପେଟ ଚିନ୍ତି ପଇସା ଦେଉଛି ଯେ ! ଦରମା ବାଦ୍ ଆଉ କେତେ ଟଙ୍କା ବାବୁ ବାବୁଆଣୀଙ୍କଠାରୁ ମିଳୁଛି, ଜାଣିଛୁ କି ? ଆଉ କିଏ ଏମିତି ଦେବ ?' ଗୃହିଣୀ ଏତିକିରେ ତୁନି ହୋଇଥିଲା ।

ଖାଲି ବାହାଦୁର ପରି ଶ୍ରେଷ୍ଠ ଚାକିରିଆ ନୁହନ୍ତି, ଚଉକିରେ ବସିଥିବା ତିନିଜଣ ଯାକ ଓ ତାଙ୍କପରି ଆଉ ଶହଶହ କର୍ମଚାରୀ ଯେ

Digitized by srujanika@gmail.com

ବାବୁଙ୍କ ଗାଳିଗୁଲଜ, ବର୍ବରତା ସହି ରହିଛନ୍ତି ତାହା ଏଇ ଟଙ୍କା ଯୋଗୁଁ । ଯେ ମାସକୁ ପଚିଶ ପାଏ, ସେ ବକତ୍ ବେଳେ ପାଞ୍ଚଶହ ହାତଟେକିଆ ପାଇଯାଏ । ବଡ଼ବଡ଼ଆଙ୍କ କଥା ତ ବଡ଼ କଥା । ଆଜି ନିର୍ବାଚନରେ ସବୁ ବିପର୍ଯ୍ୟୟ ନ ହୋଇଥାନ୍ତା', ତେବେ ସ୍ୱାଙ୍କ ଭିତରୁ କେତେ ନିଜର ସତ ବା କାଳ୍ପନିକ ଅଭାବ ଅସୁବିଧା ଦେଖାଇ କେତେ ଯେ ହାତ ଚଉଠ କରିଥାନ୍ତି ତା'ର ଠିକଣା ନାହିଁ । ଆଜି ଏତିକିବେଳେ ଏଠାରେ ହରିଲୁଟ୍ ଲାଗିଥାନ୍ତା । ବିଧି ବାମ ହେବାରେ ଗୃହପଟ ନୀରବ ନିସ୍ତବ୍ଧ । ଯେଉଁ ତିନଜଣ ହାଣ ମୁହଁରେ ବନ୍ଧା ହୋଇଥିବା ଛେଳିପରି ଏଇ ବରଣ୍ଡାରେ ଅବକା ବସିଛନ୍ତି, ସେମାନଙ୍କର ଏକମାତ୍ର ଚିନ୍ତା କେମିତି ଛୁଟି ମିଳିଯାନ୍ତା, ଘରକୁ ଫେରି ଯାଇ ପା'ନ୍ତେ ।

ବାବୁଆଣୀ ସେମାନଙ୍କ ପାଖକୁ ଯାଇ କହିଲେ, "ଆପଣ-ମାନଙ୍କୁ ଡାକିଛନ୍ତି ପରା ! ଆଉ ଟିକିଏ ଅପେକ୍ଷା କରନ୍ତୁ । ମୁଁ ଶୀଘ୍ର ବିଦା କରିବାର ବ୍ୟବସ୍ଥା କରୁଛି । ଆଜିର ଅବସ୍ଥାଟା ତ ବୁଝୁଥିବେ × × × ।"

ମୋଟା ଗାଲିଚାରେ ବି ପାଦ ଟିପି ଟିପି ଯାଇ ଶ୍ରୀମତୀ, ବାବୁ ବସିଥିବା ସୋଫା ପାଖରେ ଠିଆ ହେବାରେ, ବାବୁ ତାଙ୍କ ମୁହଁ ନ ଉଠାଇ କହିଲେ, "କଣ ? କୁଆଡ଼େ ?"

"ଭାଇ ଆସିଲେଣି । ଖାଇବାକୁ ଡାକୁଥିଲେ । ତୁମେ ଆଜି ଖାଇବ ନାହିଁ ବୋଲି ନାହିଁ କରିବାର କହିଦେଇଛି ।"

"ଠିକ୍ କହିଛ । କହିଲେ କ'ଣ ?"

"କହିଲେ, 'ଖେଳୁଆଡ଼ ମନୋବୃତ୍ତିରେ ବିପର୍ଯ୍ୟୟ ସହିଯିବାକୁ ହୁଏ । ଖାଇବ ନାହିଁ କାହିଁକି ? ଖାଇବା ଘରକୁ ନ ଆସୁ ପଛେ, ଶୋଇବା ଘରେ ତାକୁ କିଛି ଖାଇବାକୁ ଦେବ' ।"

"ଖେଳୁଆଡ଼ ମନୋବୃତ୍ତି ! କହିଦେବା ଭାରି ସହଜ । ଭାଇ ତା'ର ସଂକୀର୍ଣ୍ଣ ପରିଧି ଭିତରେ ବେଶ୍ ଶାନ୍ତିରେ ଅଛି । ତା' ନ ହେଲେ ବେପରୁଆ ଭାବରେ ଅନ୍ୟକୁ ପରାମର୍ଶ ଦେଇ ହୁଅନ୍ତା କୁଆଡ଼ୁ ?"

"କାହିଁକି ? ସେ କ'ଣ ଖରାପ କଥାଟେ କହିଲେ କି ? ଆଉ ତେବେ କ'ଣ, ତୁମେ ଯେମିତି ପରା ୨୪ ଘଣ୍ଟା ହେଲା ନ ଖାଇ ନ ପିଇ

Digitized by srujanika@gmail.com

ବସିଛ, ସେଇଟା ଭଲ୍ ? ତୁମେ ତ କହୁଛ ଜୁଡ଼ା ହୋଇନାହିଁ ଯେ, ଆଜି ହାରିଗଲେ ଭବିଷ୍ୟତଟା ଏକାବେଳକେ ଅନ୍ଧାର ହୋଇଯିବ । ଏ ତ ଗୋଟାଏ ଖେଳ , ହାରଜିତ ତ ଲାଗି ରହିବାର କଥା ।"

"ହଇ, ଦେଖୁଛୁ, ତୁମକୁ ବେଶ୍ ଶିଖାଇଛୁ, ଗେନୁ ! ଖେଳରେ ଥରେ ହାରିଗଲେ ଭବିଷ୍ୟତରେ ଜିଣିବାର ଆଶା ଜାଗ୍ରତ ହୋଇ ମନକୁ ଥୟ କରେ । କିନ୍ତୁ ମୁଁ ଯେଉଁ ଖେଳ ଖେଳୁଥିଲି, ସେଥିରେ ଏକାବେଳକେ ଇସ୍‌ପାର୍, ନାହିଁ ତ ଉସ୍‌ପାର !"

"ହେଲେ ହଉ, ମୁଁ ତ ଅନେକ ଦିନରୁ କହୁଛି ଆମେ ବେପାରରେ ହିଁ ରହିବା । ଆଜି ରାଜନୀତିକ ଲୋକେ ବେପାରୀଙ୍କର ସଖି କୁଣ୍ଢେଇ ହୋଇଛନ୍ତି ! ଖବର କାଗଜରେ ଦେଖିଥିବ, ବେପାରୀମାନେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନିଯୁକ୍ତିରେ ଟଙ୍କା ଖଟାଇଲେଣି ।"

"ଟଙ୍କା ଖଟାଇ ଅନ୍ୟକୁ ରାଜନୀତିରେ ଠିଆ କରିବା, ଓ ଟଙ୍କା ଖର୍ଚ୍ଚ କରି ନିଜେ ରାଜନୀତିରେ ମାତିବା ଏ ଦୁଇଟା ଭିତରେ କେତେ ଯେ ପାର୍ଥକ୍ୟ ତାହା ଆଜି ଜାଣୁଛି । କିନ୍ତୁ ଆଉ ଗତି ବଦଳାଇବାକୁ ବେଳ ନାହିଁ ।"

"ବେଳ ସବୁବେଳେ ସବୁଥିପାଇଁ ଅଛି । ମୋ'ର ତ ପୂରା ବିଶ୍ବାସ ହେଉଛି, ଆଜି ଯଦି ତୁମେ ରାଜନୀତିରୁ ଏକାବେଳକେ ମନ ଛଡ଼ାଇଦିଅ ତେବେ ଖାଲି ବେପାର କରି ପୁଣି ଆଗ ପରି ଆମେ ହୋଇଯିବା ।"

ବାବୁ ଏକଲୟରେ ପତ୍ନୀଙ୍କ ଆଡ଼କୁ ଦଣ୍ଡେ ଚାହିଁଲେ । ତା'ପରେ ଆଖି ବୁଲାଇଗଲେ କାନ୍ଥର ଫଟୋଗୁଡ଼ିକ ଉପରେ । ଦୀର୍ଘ ନିଃଶ୍ବାସ ଗୋଟାଏ ବାହାରି ଆସିଲା । ନିଜ ମନକୁ ମନ କହିଲା ପରି କହିଲେ, "ଗେନୁ ! ସେ ବେଳ ଯାଇଛି । ଆଉ ଆଗପରି ଆମେ ? ଯେଉଁଗୁଡ଼ାଙ୍କୁ ମୂଳିଆ ବୋଲି ତାଚ୍ଛଲ୍ୟ କରୁଥିଲି ତାଙ୍କ ପରି ବି ହେବାକୁ ଆଉ ଭାଗ୍ୟରେ ନାହିଁ ।"

ତା'ପରେ ଦଣ୍ଡେ ଖଣ୍ଡେ ଉଭୟେ ନୀରବ ରହିଲେ । ବାବୁ ପୁଣି ମୁହଁ ତଳକୁ ପୋତିଲେ, ବାବୁଆଣୀ ତାଙ୍କର ଆଡ଼କୁ ଚକିତ ଭାବେ ଚାହିଁଥାନ୍ତି । କେତେବେଳ ଏଇମିତି କଟିଲା ପରେ ବାବୁଆଣୀ କହିଲେ,

Digitized by srujanika@gmail.com

"କନବାବୁ ହେରକା ବାହାରେ ବସିଛନ୍ତି । ତାଙ୍କୁ କହିଦିଅ, କାଲିକୁ ଆସିବେ ।"

ବାବୁ ହଠାତ୍ ଚେଙ୍ଗେଁକା ହୋଇ ଉଠିଲେ ; କହିଲେ, "ଗେନୁ ! ତୁମେ ଯାଅ ପିଇବା ପାଇଁ କ'ଣ ଟିକିଏ ଆଣ । ମୁଁ ଏମାନଙ୍କୁ ପଦେ ପଦେ କଥାରେ ବିଦା କରି ଦେଉଛି । ତିନି ପେଗ୍ ଖଣ୍ଡେ ଦେବ— କାଲି ଯେଉଁ ବୋତଲଟା ଆଣିଥିଲି ସେଇଥିରୁ ।"

ଶ୍ରୀମତୀ ଉଠୁ ଉଠୁ କହିଲେ, "ଆଜି ବହୁତଗୁଡ଼ାଏ ପିଇଲଣି । ପିଉଁଣପୁର ଗୋଳମାଳ ଏତେବେଳେ ବଢ଼ିବ ଟି !"

ବାବୁ ଟିକିଏ ଉତ୍କ୍ଷ ହୋଇ କହିଲେ, "ତୁମେ ଆଉ ଡାକ୍ତର ହୁଅ ନାହିଁ । ଯାହା କହୁଛି କର । ନ ହେଲେ ମୋତେ ନିଜେ ଉଠିବାକୁ ହେବ ।"

ଶ୍ରୀମତୀ ସାଙ୍ଗେ ସାଙ୍ଗେ ଅର୍ଡ଼ର ତାମିଲ କଲେ । ବୋତଲର ମାଲ୍ ମଧ୍ୟ ସାଙ୍ଗେ ସାଙ୍ଗେ ତା'ର କରାମତି ଦେଖାଇଲା । ବାବୁ ପୂର୍ବର ଠାଣିରେ କନବାବୁ ପ୍ରଭୃତିଙ୍କୁ ଡାକିଦେବାକୁ ବାହାଦୂରକୁ ହୁକୁମ ଦେଲେ । କିନ୍ତୁ ସେମାନେ ଆସି ସନ୍ତର୍ପଣରେ ବସିଲା ବେଳକୁ, ବାବୁ ପୁଣି ଟେବୁଲରେ ମୁହଁ ପୋତି ରହିଲେଣି ।

ବୋଧହୁଏ ଟିକିଏ ଘୁମ ଲାଗିଗଲା । ସ୍ୱପ୍ନ ଅପେକ୍ଷା କରିଥିଲା ଏଇ ଅବସରକୁ । ବାବୁ ସ୍ୱପ୍ନ ଦେଖିଲେ—

ସେ ଯାଇ ବସିଛନ୍ତି ଗୋଟାଏ ଅପନ୍ତରା ବାଟରେ । ନିର୍ଜନ ଖରା ; ମୁଣ୍ଡ ଗୁଞ୍ଜି ଦେବାକୁ ଗୋଟାଏ ବି ଗଛବୃଛ ଦିଶୁନାହିଁ ଆଖି ପାଆନ୍ତାରେ । ଭାରି ଶୋଷ । ଦୂରଆଡ଼େ ପାଣି ଜମିଥିଲାପରି ଦିଶୁଛି । କିନ୍ତୁ ସେ ସବୁ ମରୀଚିକା ।

ଶୋଷ ଧକାଳରେ ମରୀଚିକା ପଛରେ ଗୋଡ଼ାଇ ଗୋଡ଼ାଇ ସେ ଦକ୍ଷିଣ ଦିଗରେ ଖଣ୍ଡେ ଦୂରରେ ଦେଖିଲେ ଗୋଟିଏ ପାଣି ଚବକା । ପିଇବାକୁ ସେ ପାଣି ପାଖକୁ ଯାଇ ଆଞ୍ଜୁଳି ବଢ଼ାଇଦେଲାବେଳକୁ ସେ ପାଣି ଭିତରୁ ବାହାରିଲାପରି ଦିଶିଲା ଗୋଟାଏ କଦାକାର ବୁଢ଼ା । ମୁଣ୍ଡରେ

Digitized by srujanika@gmail.com

ଗୋଟିଏ ବୋଲି ବାକି ନାହିଁ । ରୋଗଣା ଆଖି ଦୁଇଟାରୁ ବାହାରୁଛି ଘୃଣା, ତାଚ୍ଛଲ୍ୟ ଓ ଅବିଶ୍ୱାସ । ବାବୁ ପାଣିରେ ହାତ ଦେବାକୁ ଭରସିଲେ ନାହିଁ ।

ଗୁହାଁଲେ ପୂର୍ବ ଆଡ଼କୁ । ଗୋଟାଏ ଶ୍ରେଣୀ ଲୋକ ଥାକ ଥାକ କରି ବୋତଲ ସଜାଇ ରଖିଛି ଗୁରି ପଟେ । ଦାମିକା ପାମ୍ପସୁପରି ଦିଶୁଛି । ବାବୁଙ୍କର ମନ ହେଲା ତାଙ୍କ ପାଖକୁ ଯାଇ ମୁନ୍ଦାଏ ପିଅନ୍ତେ । କିନ୍ତୁ ବୋତଲ ଥାକମାନଙ୍କୁ ବେଢ଼ିକରି ରହିଛନ୍ତି ଗୁଡ଼ାଏ ଅସୁର । କି ବିକୃତ ତାଙ୍କ ଚେହେରା । ଠେଙ୍ଗା, ବାଡ଼ି, ଖଣ୍ଡିଆ ଇଟା, ମୁଣ୍ଡା ଗୁଞ୍ଜୁଳି ଧରି ସେମାନେ ଜାଗ୍ରତ ହୋଇ ରହିଛନ୍ତି । କେହି ପାଖକୁ ଆସିଲେ ପିଟି ପକାଇବେ । ତାଙ୍କ ମେଳରେ ଠିଆ ହୋଇଛି, ଧଳା ଲୁଗା ଧଳା ପଞ୍ଜାବୀ ପିନ୍ଧି ଗୋଟାଏ ପାକଲବାଳିଆ ବୁଢ଼ା । ତା' ବେକରେ ଖଣ୍ଡେ ଗୁଦର । ହାତରେ କିଛି ଅସ୍ତ୍ର ଶସ୍ତ୍ର ନାହିଁ । କିନ୍ତୁ ତା ମୁହଁରୁ ବାହାରୁଛି ଖାଲି ଗରଳ—ଅତି ଗରମ ଅତି କଡ଼ା । ତା'ର ଧାସରେ ବାବୁଙ୍କ ମୁହଁ ପୋଡ଼ିଗଲା ପରି ଲାଗିଲା ।

ସେ ମୁହଁ ଫେରାଇଲେ ପଶ୍ଚିମକୁ । ସେ ଦିଗକୁ ଜଗିଛି ଗୋଟିଏ ଶୀର୍ଣ୍ଣକାୟ ଲୋକ । ତାକୁ ଦେଖିଲେ ଦିଶୁଛି, ସତେ ଯେମିତି ଫୁଙ୍କଲେ ପଡ଼ିଯିବ । କିନ୍ତୁ ତା' ଆଖିରୁ ବାହାରୁଛି ନିଆଁ । ନିଆଁ ଗୁଡ଼ାକ ମୁନିଆଁ ଶରଭଳି ଆସି ବାଜିଲା ବାବୁଙ୍କ ହୃଦରେ —ଗୋଟାଏ ପରେ ଗୋଟାଏ ଅଣଆଶ ପବନ ପରି ଅଣଚାଶଟା ଅଗ୍ନିଶଳାକା ବାବୁଙ୍କ ଆଡ଼କୁ ଦ୍ରୁତ ଗତିରେ ଧାଇଁ ଆସିବାର ଦେଖି ବାବୁ ଚମକି ପଡ଼ିଲେ । ଶୀର୍ଣ୍ଣକାୟ ଲୋକଟି ୬୦ ବର୍ଷର ରୁଦ୍ର ପ୍ରତିହିଂସା-ଅନଳରେ ପାଚପୁଚ କମାରଶାଳର ପାଚିଲା ଲୁହାପରି ରଙ୍ଗ ଦିଶୁଥାଏ ।

ସେଠାରୁ ମୁହଁ ଫେରାଇ ବାବୁ ଗୁହାଁଲେ ଦକ୍ଷିଣକୁ । ବହୁକାଳ ତାଙ୍କ ପିଠିରେ ହାତ ମାରି ହେମତ ଦେଇଥିବା ବୃଦ୍ଧ, ଦଳେ ସ୍ତ୍ରୀ ପୁରୁଷଙ୍କୁ ମେଳାଇ ତାଙ୍କରି ଆଡ଼କୁ ଅଭିଯାନରେ ବାହାରିବାର ଦିଶିଲା । ବୃଦ୍ଧଙ୍କ ଆଖିରେ ନିର୍ମମ ସ୍ଫୁରତା ଦେଖି ବାବୁ ଚମକି ପଡ଼ିଲେ । ବାକି ତିନ ଦିଗ ଅପେକ୍ଷା ଏଇ ଦିଗଟା ଜଣାଗଲା ତାଙ୍କୁ ସବୁଠାରୁ ପ୍ରତିକୂଳ । କୌଣସି ଦିଗରେ ଆଶ୍ରୟ ପାଇବାର ଆଶା ନ ଦେଖି ସେ ତଳକୁ ଗୁହାଁଲେ, ମାଟିରେ ପଶିଯାଇ ଆତ୍ମରକ୍ଷା କରିବାକୁ । କିନ୍ତୁ ଟିକିଏ ବି ଛିଦ୍ର କେଉଁଠି

Digitized by srujanika@gmail.com

ନାହିଁ । ତା'ପରେ ସୃହିଁଲେ ଉପରକୁ ; ଉଡ଼ି ପଳାଇବେ କୁଆଡ଼େ ଏମାନଙ୍କଠାରୁ ରକ୍ଷା ପାଇବାକୁ । ସେଇ ଆଶାରେ ଡାକଦେଲେ, "କନ, ସାଙ୍ଗେ ସାଙ୍ଗେ ଉଡ଼ାଜାହାଜର ବ୍ୟବସ୍ଥା କର ।"

କନବାବୁ ଉତ୍ତର ଦେଲେ, "ଆଜ୍ଞା, କାଲି ଉପର ଓଳ ଛନଟାକୁ ବନ୍ଦୋବସ୍ତ କରିଛି ।"

ବାବୁଙ୍କ ନଦ ଗୁଡ଼ିକନ ଭାଙ୍ଗିଗଲା, ସେ ଚଟ୍‌କିନ ଉପରକୁ ମୁହଁ ଟେକ ଗୃହିଁଲେ । ତାଙ୍କର ଅଳ୍ପ ଦୂରରେ କନବାବୁ ବସିଛନ୍ତି ; ତାଙ୍କ ପାଖକୁ ଲଗି ପାନ୍ନୁଲୁ ବାବୁ ଓ ପାନ୍ନୁଲୁ ବାବୁଙ୍କ ବାଁକୁ ରସୁବାବୁ, ଯାହାଙ୍କ ପାଇଁ ଏଥର ବୃଥାରେ ଲକ୍ଷେ ପର୍ଯ୍ୟନ୍ତ ଟଙ୍କା ବାହାର ହୋଇଗଲା ।

ବାବୁ, ପାନ୍ନୁଲୁଙ୍କ ଆଡ଼କୁ ଗୃହିଁ ଘୁମେଇଲା ପରି ପଚାରିଲେ, "ପଇସା ପତ୍ରର ଅବସ୍ଥା କ'ଣ ?"

ପାନ୍ନୁଲୁ ବାବୁ ଟିକଏ ଚିନ୍ତିତ ହୋଇ କହିଲେ, "ନିର୍ବାଚନ ପୂର୍ବରୁ ଯାହା ଥିଲା ତହିଁରୁ ପ୍ରାୟ ପଚାଶ ଲକ୍ଷ ବଢ଼ିଗଲାଣି ।"

ବାବୁ ମନକୁ ମନ କହିଲେ, "ଏଥର କୋଟି ଋଣ ଉପରେ ଆଉ ଅଧକୋଟିଏ ମାତ୍ର ; ପଚାରେ କଏ ?"

ପାନ୍ନୁଲୁ ବାବୁ ଟିକଏ ବିବ୍ରତ ହୋଇ କହିଲେ, "ସରକାର ହାତରେ ନ ରହିଲେ, ଏ ଟଙ୍କାରୁ ଅଧାଅଧି ସାଙ୍ଗେ ସାଙ୍ଗେ ଭରଣା କରିବାକୁ ହେବ ।"

ବାବୁ ବିରକ୍ତିରେ କହିଲେ, "ରାଜ୍ୟ ସରକାର ନା କେନ୍ଦ୍ର ସରକାର ? ଅଦ୍ୟାପି ଲକ୍ଷ୍ମୀଦେବୀ କେନ୍ଦ୍ରର କର୍ଣ୍ଣିଙ୍କରେ ଅଛନ୍ତି । ପୁଣି ବି ରହିବେ ବୋଲି ଆଶା । ଏତେ ହଡ଼ବଡ଼େଇ ଯାଉଛ କାହିଁକି ?"

ପାନ୍ନୁଲୁ ବାବୁ ଆଉ କ'ଣ କହି ଆସୁଥିଲେ, ତୁନି ହେଲେ । ବାବୁ ହୁକୁମ ଦେଲେ, "କାଲି ଏଗାରଟା ବାରଟା ସୁଦ୍ଧା ୧୦ ଲକ୍ଷ ପର୍ଯ୍ୟନ୍ତ ଶହେ ଟଙ୍କିଆ ନୋଟ୍‌ରେ ସଂଗ୍ରହ କର ।"

ପାନ୍ନୁଲୁ ବାବୁ—"ଏତେ ବୋଧହୁଏ ସମ୍ଭବ ନୁହେଁ ।"

"ସମ୍ଭବ କରିବାକୁ ହେବ । ନ ହେଲେ, ଫଳାଫଳ ପାଇଁ ମୁଁ ଦାୟୀ ନୁହେଁ । ଯାଅ ।"

Digitized by srujanika@gmail.com

ପାନୁଲୁ ତିନ୍ତୁଳି ଖାଇଲା ପରି ମୁହଁ କରି ଠିଆହେଲେ । କମ୍ପାଣିର ପାଣ୍ଠିରୁ ଯେତେ ଟଙ୍କା ଇତି ମଧ୍ୟରେ ସେ ବାବୁଙ୍କ ହୁକୁମରେ କାଢ଼ି ଦେଇଛନ୍ତି, ସେଥିରୁ ଉପଯୁକ୍ତ ରସିଦ ମିଳନାହିଁ । ବାବୁ ଟିକିଏ ମୁହଁ ମୋଡ଼ିଦେଲେ ସେ ନିଜେ ସିଧା ତହବିଲ୍ ତୋଷରଫରେ ମାମୁଁ ଘରକୁ ଚାଲିଯିବେ । ଏ ଲେକଟାକୁ ହାତରେ ରଖିବାକୁ କୌଣସିମତେ କାଲି ଟଙ୍କା ବାହାର କରିବାକୁ ହେବ । କିନ୍ତୁ କୁଆଡ଼ୁ ?

ସେ ଯିବା ପରେ ବାବୁ କିନବାବୁଙ୍କ ଆଡ଼କୁ ଚାହିଁ ପଚାରିଲେ, ‘‘ପାଖରେ କିଛି ଅଛି, ନା ସବୁ ସରିଛି ?’’

କିନବାବୁ ଏ ପ୍ରଶ୍ନ ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ । ସେ ପକେଟରୁ ଖଣ୍ଡିଏ କାଗଜ ବାହାର କରି ଟିକିଏ ଚାହିଁ ଚାହିଁ କରି କହିଲେ, ‘‘ମାତ୍ର ପାଞ୍ଚ ହଜାର ।’’

ବାବୁଙ୍କର ରାଗ ପଞ୍ଚମକୁ ଚଢ଼ିଗଲା । ସେ ଗର୍ଜନ କଲେ, ‘‘ପଅର ଦିନ ମୋତେ କହିଥିଲୁ ନା ୮୦ ହଜାର ଅଛି ବୋଲି ?’’

‘‘ଯା ଭିତରେ ଅନେକ ଆସି ନେଲେଣି ।’’

‘‘ଭୋଟ ପରେ ଟଙ୍କା ଦେବାକୁ ତୋତେ କିଏ କହିଥିଲା ? ପରେ ଯେଉଁ ଟଙ୍କା ଗଲା ସେ ସବୁ ଗଲା ତୁମମାନଙ୍କର ହାତ ପାଣ୍ଠିକି !’’

କିନବାବୁ କିଛି ନ କହି ତୁନି ରହିଲେ । ଭୋଟ ପୂର୍ବରୁ ଯେଉଁ ଟଙ୍କା ଯାଇଛି ସେଥିରୁ ଅଧିକାଂଶ ତାଙ୍କର ଓ ଅନ୍ୟ ପ୍ରାର୍ଥୀଙ୍କର ବାକ୍ସରେ ଅଦ୍ୟାପି ରହିଛନ୍ତି, ଘରବାଡ଼ି ତୋଳିବା ପ୍ରତ୍ୟାଶାରେ । ଗର୍ଜନକୁ ସହିଯିବା ଏତେବେଳେ ବୁଦ୍ଧିମାନର କାର୍ଯ୍ୟ ।

ବାବୁ ପୁଣି ଟିକିଏ ମୁହଁକୁ ତଳକୁ ପୋତି ରହିଲେ । କିଛି କ୍ଷଣ ପରେ ପୁଣି ମୁହଁ ଟେକି ବେପରୁଆ ଭାବେ କହିଲେ, ‘‘ଆଚ୍ଛା, ଜିପ୍‌ଗୁଡ଼ାକ ସବୁ ଫେରିଲାଣି ?’’

‘‘ଅନେଶତ ଖଣ୍ଡ ଫେରିଛି । ଆଉ ଖଣ୍ଡେ ରାଜୁବାବୁ ରଖିଛନ୍ତି । ସେଖଣ୍ଡ ଆପଣ ତାଙ୍କୁ ଦେବାକୁ କହିଛନ୍ତି ବୋଲି କହିଲେ ।’’

Digitized by srujanika@gmail.com

"ଡ୍ୟାମ୍, ରାସ୍‌କାଲ୍ ! ଧ୍ରାୟୁ ଚାଳିଶ ହଜାର ନେଇଗଲା । ମୁଁ ଶୁଣିଲି, ପାଞ୍ଚ ହଜାର ମଧ୍ୟ ଖର୍ଚ୍ଚ କରିନାହିଁ । ତା'ପରେ କହ୍ ! ଫୌଜ- ଦାରୀ କେସ୍ କର ।"

"କମ୍ପାନୀ ଚିଠି ଦେଇଛୁ, ତା'ର ବାକୀ ଟଙ୍କା ଲକ୍ଷ ଶୀଘ୍ର ନ ପାଇଲେ କେସ୍ କରିବ ।"

"କାହା ଉପରେ ? ତୁମେ କ'ଣ ରସିଦ୍ ଦେଇଛ ? ଟେଲି- ଫୋନରେ ସବୁ କାମ କର ବୋଲି କହିଥିଲି ନା ?"

"ସେ ତ ରସିଦ ପାଇଁ ଜିଦ୍ କଲା । ମୋତେ ରସିଦ୍ ଦେବାକୁ ଆପଣ କହିଲେ । ଅବଶ୍ୟ ରସିଦ୍‌ରେ ମୁଁ ଟିକିଏ ପେଞ୍ଚ ରଖିଛୁ । ସେ ସହଜରେ ଡିଗ୍ରୀ ପାଇବ ନାହିଁ ।"

"ବେଶ୍, ଠିକ୍ ହୋଇଛୁ । ତାକୁ ସେ କଥା ଶୁଣାଇଦିଅ । କହ, କପ୍‌ଗୁଡ଼ାକ ନେଇଯାଉ । ଟଙ୍କାଟା ପାଇବାକୁ ଆମର ଭଲ ସମୟକୁ ଅପେକ୍ଷା କରିବାକୁ ହେବ ।"

ତା'ପରେ ରଘୁ ବାବୁଙ୍କୁ ଚାହିଁ, "ତୁମର କ'ଣ ?"

"କଲିକତା ପ୍ରେସବାଲା ଆସି ବସିଛୁ, ତା' ଟଙ୍କା ପାଇଁ । ସେ ମାତ୍ର କୋଡ଼ିଏ ହଜାର ପାଇଛୁ । ତାର ଆଉ ଲକ୍ଷେ ବାର ହଜାର ।"

"ସେ ଟଙ୍କା ଆସନ୍ତା ଦୁଇ ବର୍ଷ ଭିତରେ ମିଳିପାରିବ ନାହିଁ, ଜଣାଇ ଦିଅ ।" ଟିକିଏ ରହି "ମୁଁ ଦିଲ୍ଲୀରୁ ଫେରିଲେ ସେ ପୁଣି ଦେଖା କରିବେ ।"

"ଆଜ୍ଞା, ଆମର ନିଜ କର୍ମଚାରୀମାନେ ଦରମା ପାଇଁ ବ୍ୟସ୍ତ କଲେଣି ।"

"ତାଙ୍କୁ ବି ସେଇଆ କହ । ଦିଲ୍ଲୀରୁ ନ ଫେରିବା ପର୍ଯ୍ୟନ୍ତ କିଛି ହୋଇ ପାରିବ ନାହିଁ ।" ପରେ କନିଦାବୁଙ୍କୁ ଚାହିଁ, "ତୋ' ପାଖରେ ଯେଉଁ ପାଞ୍ଚ ହଜାର ଅଛି, ଯୁଆକୁ ଦେଇଦେବୁ ।"

ବାବୁ ଧଡ଼ିକିନା ଉଠି ଶୋଇବା ଘରକୁ ଚାଲିଗଲେ । ବାବୁଆଣୀ ବାରଣ କରୁ କରୁ ମୁଣ୍ଡ ପାଖ କାନ୍ଥ ଆଲମାରୀରୁ ଗୋଟାଏ ବୋତଲ ବାହାର କରି, ସେଇ ବୋତଲକୁ ମୁହଁରେ ଲଗାଇଦେଲେ । ବୋତଲ

Digitized by srujanika@gmail.com

ତଳକୁ ଭୁଡ଼ୁ ଭୁଡ଼ୁ ହୋଇ ଭୁଡ଼ୁକା ଯେପରି କ୍ଷିପ୍ର ଗତିରେ ଉଠିଲା ସେଥିରୁ ଜଣାଗଲା, ବୋତଲର ଅଧାରୁ ଅଧିକ ସରିଗଲା । ତାପରେ ବାବୁ ଖଟ ଉପରେ ମୁହଁ ମାଡ଼ି ଶୋଇଲେ ।

ସାଙ୍ଗେ ସାଙ୍ଗେ ନିଦ ହୋଇଗଲା ଓ ସାଙ୍ଗେ ସାଙ୍ଗେ ସ୍ୱପ୍ନ ଦେଖିଲେ—ରାଜଧାନୀର ସ୍ୱପ୍ନ ।

—ଲକ୍ଷ୍ମୀ ଦେବୀ ତାଙ୍କ ସାମନାରେ ଟେବୁଲର ଆର ପାଖ ଚଉକିରେ ବସିଛନ୍ତି । ଯେ ପରିଶ୍ରିବା ପୂର୍ବରୁ ସେ ଆରମ୍ଭ କଲେ— ଅବସ୍ଥା ଭଲ ନୁହେଁ । ସେଠିଙ୍କ ତୁମରି ପରି ବିଶ୍ୱାସ କରନ୍ତି ଯେ ପଇସା ଖର୍ଚ୍ଚ କଲେ ସବୁ ହୋଇ ଯାଇପାରିବ । ସେ ଶ୍ୱରକୋଟି ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ତିଆରି । କୋଟିଏ ଖଣ୍ଡେ ଖର୍ଚ୍ଚକରି ସାରିଲେଣି । ଲକ୍ଷକରୁ କମ୍ କୌଣସି ମେମ୍ବର ଗ୍ରହଣ କରୁନାହାନ୍ତି । କିନ୍ତୁ ମୋର ଆଶଙ୍କା, ପଇସା ନେଇକରି ମଧ୍ୟ ସେମାନେ ବିଶ୍ୱାସଘାତକତା କରିବେ—”

“ମୋର ତ ସେଇ ଅଭିଜ୍ଞତା । ପଇସା ଖର୍ଚ୍ଚ କଲେ ସବୁ ହୋଇଯିବ ବୋଲି ମୋର ଆଉ ବିଶ୍ୱାସ ନାହିଁ ।

“ବିଶ୍ୱାସ ଥାଉ ବା ନ ଥାଉ, ଆମର ଆଉ ଦେବାକୁ କ’ଣ ଅଛି ? ଆଉ ଯାହା ଅଛି ବା ଥିଲା ତାକୁ ଆରବର୍ଷ ତମାମ ଯଥେଚ୍ଛା ଖର୍ଚ୍ଚ କରି ଆଜଯାଏଁ ସମ୍ଭାଳି ଆଣିଲି । ଏବେ ତ କିନ୍ତୁ ବନ୍ଧୁମାନେ ଶତ୍ରୁ ହେଲେଣି । ସେ ନିଗ୍ରୋଟା—”

“ସେ ବି କଣ ଶତ୍ରୁ ?”

“ସେ ତ ବଡ଼ ଶତ୍ରୁ । ସେ ଧରି ବସିଛି, ମୋରି ଯୋଗୁଁ ଏଥର ଆମର ବିପର୍ଯ୍ୟୟ ହେଲା । ତା ନିଜ ପରାଜୟର ବି କାରଣ ମୁଁ ବୋଲି ସେ କହିବାକୁ ଆରମ୍ଭ କଲାଣି ।”

“ମୁଁ ଯାଉଛି, ତା ସାଙ୍ଗେ ଟିକିଏ କଥାବାର୍ତ୍ତା ହେବି ।”

“ନା—ନା, ଆଦୌ ଯାଅ ନାହିଁ । ତୁମ ଯୋଗୁଁ ତ ସେ ମୋ ଉପରେ ବେଶୀ ଚିଡ଼ିଛି । ସେ କହୁଛି, ମୁଁ ଜିଦ୍ ନ ଧରିଥିଲେ ସେ ତୁମକୁ ଏଥର ନିର୍ବାଚନ ସଂଗ୍ରାମରୁ ଏକାବେଳକେ ଆଡ଼େଇ ଦେଇଥାନ୍ତା ।

Digitized by srujanika@gmail.com

ତୁମେ ଅଲଗା ହୋଇ ଯାଇଥିଲେ, ତୁମ ରାଜ୍ୟର ଅବସ୍ଥା ଏତେ ଖରାପ ହୋଇ ନ ଥାନ୍ତା ବୋଲି ତାର ବିଶ୍ୱାସ ।"

"ବାବୁ ଲକ୍ଷ୍ମୀ ଦେବୀଙ୍କ ଆଡ଼କୁ ଟେବୁଲର ଏ ପାଖରୁ ଯେତେ ଝୁଙ୍କି ପାରନ୍ତି ଝୁଙ୍କି ପଡ଼ି କହିଲେ, "ତୁମେ କି କଣ ସେଇଆ ବିଶ୍ୱାସ କର ?"

"ନ କରେ ବୋଲି କହିବାକୁ ତ ଆଉ ସାହସ ନାହିଁ । ସେ ତ ଯାହା କହୁଥିଲା ସେଇଆ ହେଲା । ସେ ସବୁ ପଛ କଥା, ଛାଡ଼ । ବର୍ତ୍ତମାନ ମୋର ଏକମାତ୍ର ଅନୁରୋଧ, ତୁମେ ତୂମା ହୋଇ ଏଠା ଛାଡ଼ ଚାଲିଯାଅ । ତୁମେ ରହିଲେ ମୋର ଆଶା ଆହୁରି କ୍ଷୀଣ ହୋଇଯିବ ।"

ଛକ ଉପରେ ରିକ୍‌ସାବାଲା ଗାଉଥାଏ କବିସୂର୍ଯ୍ୟଙ୍କ ଚଉପଦୀ —"ସରିଗଲାଣି ତ ଏଇଠାରୁ ମନୋରଥ......" ସେଇ ଶବ୍ଦରେ ବାବୁଙ୍କର ନିଦ ଭାଙ୍ଗିଗଲା । ସେ କାନ ଡେରି ଗୀତ ଶୁଣିଲେ —ଶୁଣୁ ଶୁଣୁ, ତାଙ୍କୁ ଦିଶିଲା, ତାଙ୍କର ଭବିଷ୍ୟତ୍ ଆଶା କୃଷ୍ଣଙ୍କ ପରି ଅକ୍ରୂରର ରଥରେ ବୃନ୍ଦାବନ ଛାଡ଼ି ଚାଲି ଯାଉଛି, ରାମଚନ୍ଦ୍ରଙ୍କ ପରି ବଣକୁ ବାହାରିଛି ; ସୀତାଙ୍କ ପରି ଗଙ୍ଗାନଦୀର ଆରପାରି ବାଲ୍ମୀକି ଆଶ୍ରମକୁ ନିର୍ବାସିତ ହୋଇଯାଉଛି ।

ସେ ମୁଣ୍ଡ ଟେକି ନିଜର ପତ୍ନୀଙ୍କ ଆଡ଼କୁ ଚାହିଁଲେ । ସେ ନିଘୋଡ଼ ନିଦରେ ଶୋଇଥାନ୍ତି ! ମୁହଁରେ ପୂର୍ଣ୍ଣ ଶାନ୍ତି ବିରାଜ କରୁଛି । ସତେ ଅବା କାହା ସଙ୍ଗେ କଥାବାର୍ତ୍ତା ହେଲା ପରି ଓଠ ଦୁଇଟି ଅଳ୍ପ ଅଳ୍ପ ଥରୁଛି ।

ବାବୁ ଧୀରେ ଧୀରେ ଉଠିଲେ, କାନ୍ଥ ଆଲମାରୀର ତଳ ଥାକରୁ ରିଭଲ୍‌ଭର୍ ବାହାର କରି ତା ଭିତରେ ଗୋଟା ଅଛି କି ନାହିଁ ଦେଖିଲେ । ୬ଟା ଯାକ ଗୋଟା ଅକ୍ଷୁର୍ଣ୍ଣ ହୋଇ ରହିଛି । ଭୋଟ ଗଣତି ଦିନ ଏଥିରୁ ଗୋଟାଏ ସବ୍‌ଡିଭିଜନ୍ ଅଫିସର ଉପରେ ଖର୍ଚ୍ଚ କରିବେ ବୋଲି ବିଚାରିଥିଲେ । ସେଇ ଗୋଟାକ......।

ସେ କ୍ଷିପ୍ରପଦରେ ଗାଧୁଆଘର ଆଡ଼କୁ ବାହାରିଲେ । ଭିତରୁ ଦୁଆର ବନ୍ଦ କରିଦେଲେ, ବାହାରକୁ କିଛି ଶବ୍ଦ ହେବ ନାହିଁ । ସକାଳୁ ଜାଣିବେ । ଜୀବନସାରା ଯେଉଁମାନେ କିଲ୍‌ବିଲ୍ କରି ଖାଇ ଯାଉଥିଲେ ଯାଉଥିଲେ ସେମାନେ ଠିକ୍ ଜବାବ୍ ପାଇବ ।

Digitized by srujanika@gmail.com

ବାବୁ ଗାଧୁଆ ଘର ଭିତରେ ପଶିଯାଇ ସେପଟୁ ଦୁଆର ଆଉଜାଇ ଦେଲାବେଳକୁ ତାଙ୍କର ପତ୍ନୀ ଦୁଆର ସନ୍ଧିରେ ଗୋଡ଼ ଭର୍ତ୍ତି କରି କହୁଛନ୍ତି, "ତୁମକୁ ମୋ ରାଣ, ଆସ ଭିତର । ରିଭଲ୍‌ଭର୍‌କୁ ଭାଙ୍ଗି ଗୁଳି ଦେଖି ନେଲାବେଳେ ଯେଉଁ ଠୁକ୍ କରି ଶବ୍ଦ ଶୁଭିଲା, ସେଥିରେ ମୋର ନିଦ ଭାଙ୍ଗି ନ ଥିଲେ ଆଜି କି ସର୍ବନାଶ କରିଥାନ୍ତ ! ତେଇଁ ରିଭଲ୍‌ଭର ବୋଲି କେଡ଼େ ଜିଦ୍ କରିଥିଲ । କାଳନିଦ କୁଆଡ଼ୁ ଘୋଟି ଆସିଥିଲା । ମୋ ରାଣ ! ଆସ ଭିତର । ସେଥର ତୁମେ ପାହାନ୍ତିଆ ଯାଏ ଲକ୍ଷ୍ମୀ ଦେବୀଙ୍କ ଘରୁ ନ ଫେରିବାରୁ ମୁଁ ଆତ୍ମ-ହତ୍ୟା କରିବାକୁ ବସିଥିଲି । ତୁମେ କ'ଣ କହି ମୋତେ ନିବର୍ତ୍ତାଇଥିଲ, ମନେ ଅଛି ତ ? ଆସ, ଅବସ୍ଥା ସୁଧାରିବାକୁ ସଂକଳ୍ପ ଧରି ପୁଣି ଆଗେଇଯିବା । ସମସ୍ତେ ଛାଡ଼ିଯିବେ, ଯାନ୍ତୁ । ମୁଁ ଅଛି, ଶେଷ ଯାଏଁ ତୁମର ସଙ୍ଗିନୀ ହୋଇ । ମତେ ଏକୁଟିଆ ଛାଡ଼ି ଯାଅ ନାହିଁ । ଚାଲ, ଏ ରାଜ୍ୟ ଛାଡ଼ି, ଏ ଦେଶ ଛାଡ଼ି ବାହାରି ଯିବା ଗୋଟାଏ କେଉଁ ଅଜଣା ରାଜ୍ୟକୁ—ସେଇଠାରେ ପୁଣି ସୁଦିନ ପାଇଁ ଅପେକ୍ଷା କରିବା ।"

Digitized by srujanika@gmail.com

ବିଡ଼ମ୍ବନା

ବୃଦ୍ଧ କାଠଯୋଡ଼ର ପାଣିଧାର ପାର୍ ହୋଇ, ପୁଣି ଟିକିଏ ପଛକୁ ଚାହିଁ ଠିଆହେଲେ ! ଗାଧୋଇ ପଡ଼ିଥିଲେ ହୋଇଥାନ୍ତା ! ଦେହରୁ ହୁଳା ଉଠୁଥିଲା ; ଆଣ୍ଠୁ ପର୍ଯ୍ୟନ୍ତ ଗୋଡ଼ ପାଣିରେ ରହିଯିବାରୁ ପାଦର ଗରମ ମୁଣ୍ଡକୁ ଚଢ଼ିଯାଇଥାଏ । ମନ ବି ଭାରି ଖରାପ ! ଯେଉଁ ଆଶାରେ ଯାଇଥିଲେ, ତାହା ଆଜି ଫଳିଲା ନାହିଁ । ଲୋକଟା ଜବାବ କରିଥିଲା । ସେ ସବୁବେଳେ ତା ଜବାବ ରଖେ । ଆଜି କ'ଣ ଗୋଟାଏ କିଛି ଅଡ଼ୁଆ ପଡ଼ିଥିବ । କୌଣସି ଘର ଭିତର କାମରେ ହୁଏତ କୁଆଡ଼େ ଚାଲି ଯାଇଥିବ । ବୃଦ୍ଧ ଦ୍ୱିପ୍ରହର ଖରାରେ ନଈବାଲି ତାତିକୁ ଖାତିର୍ ନ କରି ଯାଇଥିଲେ ଭାରି କଟକ । ସିଧା ସିଧା ତା'ର ଦୁଆରେ ଯାଇ ଡାକିଲେ । ଶୋର ଶବଦ କିଛି ନାହିଁ । ପାନବାଲା ଟୋକା ଜଣେ କହିଲା, ଲୋକଟି ମାମୁଁ ଘର ଯାଇଛି । ବୃଦ୍ଧ ନିରାଶ ହୋଇ ଘରକୁ ଫେରୁଥାନ୍ତି । ନଈ ବାଲିର ତାତି ଚାଲିଯାଇଥାଏ । କିନ୍ତୁ ଦ୍ୱିପ୍ରହର କଷ୍ଟ ସାଙ୍ଗକୁ ମନ ଭିତରର ତାତି ମିଶି ତାଙ୍କ ଦେହରୁ ହୁଳା ବାହାରୁଥାଏ । ସେଇ ହେତୁରୁ ସେ ପଛକୁ ଫେରି ନଈଧାରକୁ ଚାହିଁଥାନ୍ତି, ଟିକିଏ ଗାଧୋଇବା ବିଚାରରେ ।

ସେ ଦେହରୁ ଲୁଗାପଟା କାଢ଼ୁଛନ୍ତି, କଟକଆଡ଼ୁ ଜଣେ ବାବୁ ପାଣିରେ ପଶିଲେ । ଫୁଲ ପ୍ୟାଣ୍ଟ ପିନ୍ଧା, ମହା କଷ୍ଟରେ ତାକୁ ପେଣ୍ଡାଯାଏ ଟେକିଥାନ୍ତି ; କିନ୍ତୁ ଯେଉଁ ଜାଗାରେ ପାର ହେଉଥାନ୍ତି, ସେଠାରେ ଜଙ୍ଘେ ପାଣି । ବୁଢ଼ା ଡାକ ଦେଲେ, 'ଆଉ ଉପରକୁ ମାଡ଼ି ଚାଲ—ଆଉ ଡାହାଣକୁ ମାଡ଼ି ଚାଲ । ଯଦି ସିଧା ଆସିବ ପ୍ୟାଣ୍ଟ କାଢ଼ିକରି ଧର ।' ବାବୁ ପ୍ୟାଣ୍ଟ କାଢ଼ିଲେ ନାହିଁ । ସତେ ସିମିତି ଅନିଚ୍ଛା ସତ୍ତ୍ୱେ ଟିକିଏ ଡାହାଣକୁ ମାଡ଼ି ପ୍ୟାଣ୍ଟର ଚୁଖଣ୍ଡେ ଖଣ୍ଡେ ଓଦା କରି ନଈ ପାରହେଲେ । ବୁଢ଼ାଙ୍କ ପାଖେ ଆସି ପଦହସ୍ତ ହାତକୁ ସଲାମ କଲାପରି ଟେକି, ତୁଣ୍ଡରେ କହିଲେ, 'ନମସ୍କାର, ମଉସା !'

ବୁଢ଼ା ଟିକିଏ ଗୁମ୍ ମାରି ରହିଲେ । ରାଗ ବେଳରେ ରାଗ ସମ୍ଭାଳି ହୋଇ ପାରିଲା ନାହିଁ । କଥା ବାହାରି ପଡ଼ିଲା, "ହୁଁ ମଉସା ! ହଃ, କାଲି

Digitized by srujanika@gmail.com

ତ ସ୍ୱା ଶୁଣଉଛୁ ; ତା’ ସାଙ୍ଗକୁ ପୁଣି ନମସ୍କାର ! ହଉ ! ହଉ ! ନମସ୍କାର ନମସ୍କାର, ଆପଣ କଏ ସେ ?”……ସାଙ୍ଗେ ସାଙ୍ଗେ ବୁଢ଼ାଙ୍କର ମନ ବଦଳିଗଲା । ସେ କହିଲେ, “ବାବୁ, କିଛି ବଗୁରିବ ନାହିଁ । ଆମେ ତ ହେଲୁ ପୁରୁଣାକାଳିଆ ଲୋକ ; ଆମର ମନ, ଆମକୁ ଗୋସେଇଁ ବୋଲି ଲୋକେ ଟିକିଏ ମାନ୍ୟ କରନ୍ତେ ! ଏ ଯୁଗରେ ସିଏ ମିଳୁଛି କୁଆଡ଼ୁ ? ପୁଣି ଏ ନମସ୍କାର କଥାଟା ଆମର ଭିତରେ ଚଳୁଥିଲା । ଇଂରେଜ ତ ସମସ୍ତେ ଚଳେଇ ଦେଲେଣି । ମୁଁ ଇମିତ କହେ ନାହିଁ ଯେ, ଆଜ ମନଟା ଟିକିଏ ବିଗିଡ଼ି ଯାଇଛି । ହଉ, ଆପଣ କୁଆଡ଼େ ଯିବା ହଉଛନ୍ତି ?”

ବାବୁ କହିଲେ, “ମଉସା ! ତୁମେ ମୋତେ ଚିହ୍ନି ପାରୁନାହଁ କି ? ମୁଁ ପର ଗୋପାଳ !” ବୁଢ଼ାଙ୍କର ମନେ ପଡ଼ିଗଲା । “ଏଁ, ଗୋପାଳ, ଆରେ ! ପାର-ପୁଅ ଗୋପାଳ । ମୁଁ ତୋ ଭାଇନାକୁ ଦେଖିଥିଲି । ସେ ଗମ ହେଲେ, ତୁ ତ କୃଷ୍ଣପର ହୋଇଚୁ । କେଡ଼େ ଭୁଲ କଲି ମ ? ତୋ କଳା ରୂପଟାକୁ ଦେଖି ଇତର ଜାତି ବୋଲି ବିଚାରି ତୁ ମୋତେ ମଉସା ଡାକିଲୁ ନମସ୍କାର ହେଲୁ ବୋଲି ଖୁସିଛି । ହଉ, ହଉ, କୁଆଡ଼େ ଯାଉଛୁ ବାପ ! ହଉ, ମୋ ସାଙ୍ଗରେ ଆ । ଆଜ ରାତିକ ତୋ ବଡ଼ ମାଉସୀ ପାଖେ ରହି, କାଲିକ ଯୁଆଡ଼େ ଯିବୁ । ପାର-ପୁଅ ! ତୁ ଏଡ଼ୁଟିଏ ହେଲୁଣି ! ବାବୁଭୟା ହେଲପରି ଦିଶୁଛୁ ?”

ବୁଢ଼ାଙ୍କର ମନ ବହୁତ ପଛକୁ ଫେରିଗଲା··ସେ ବିଭା ହେବାକୁ ଯାଇଥାନ୍ତି । ଦେବୀ ଗାମ ପରି ଙ୍କ ଘର ପାହାଚ ଉଠିଲାବେଳକୁ ଏଇ ପାର, ତାଙ୍କ ଦେହକୁ ମୁଠେ ହଳଦୀଗୁଣ୍ଡା ଫୋପାଡ଼ି ଦେଇଥିଲା । ସେତେବେଳକୁ ତାକୁ ପାଞ୍ଚ ସାତ ବର୍ଷ ବୟସ ହେବ ପରା ! ସେଇ ପାରର ସାନ ପୁଅ, ପଚିଶ ବର୍ଷର ଭେଣ୍ଡା ହେଲାଣି । ଲୁଗାପଟାରୁ ଜଣା ଯାଉଛି କ’ଣ ଗୋଟାଏ ବଡ଼ ଚାକିରିଦାକରି କଲାଣି !

ବାହାଘର ଦିନ କଥା ମନେ ପଡ଼ନିବାରୁ, ସେ ଦିନ ସନ୍ଧ୍ୟାବେଳ କଥା ମନେ ପଡ଼ିଲା । ଶଳାଗୁଡ଼ାକ, ସେ ଦିନ ଗୁଡ଼ାଏ ଦେଶୀ ପଡ଼ି ବାଟି ବେଲପଣା ବୋଲି ତାଙ୍କୁ ପିଆଇ ଦେଇଥିଲେ । ସେ ଯେତେ ନାହିଁ ନାହିଁ କରୁଥାନ୍ତି, ସେମାନେ ଧେତକ ବଳେଇ ବଳେଇ ପିଆଉଥାନ୍ତି, ଖାଲି

Digitized by srujanika@gmail.com

ଗୋଲମରିଚ ପଡ଼ୁଛି ବୋଲି କହି । ରାତି ଦି ପହରକୁ ହୁଲୁସ୍ଥୁଲ କାଣ୍ଡ । ଶଶୁର ନିଜେ ଆସି ପାଖରେ ବସି ଗୁଡ଼ାଏ କସ୍ତୁଁ ।ମଣ୍ଡ ପିଆଇଲେ । ବହୁ ବିଳମ୍ବରେ ତାଙ୍କର ବାଉଳା ଚାଉଳା ବନ୍ଦ ହେଲା ।

ସେ ଦିନ ଆଉ ଏ ଦିନ ! ବୁଢ଼ା ନିଃଶ୍ୱାସଟାଏ ମାରି ପାଣି ଭିତରେ ପଶି ମୁଣ୍ଡ ବୁଡ଼ାଇ ଗାଧୋଇଲେ । ଗାଧୋଇ ସାରି ଗାଁମୁହାଁ ଚାଲୁ ଚାଲୁ ସ୍ୱଶୁର ସାଙ୍ଗେ ଦୁଃଖସୁଖ ହେଲେ । ଶୁଣିଲେ—ପାରି କହୁଛି, ମାଉସୀକୁ ଲୁଚାଇ କରି କ'ଣ ଗୋଟାଏ ଜିନିଷ ଦେବାକୁ । ବୁଢ଼ା ହସି ହସି ପଚାରିଲେ—ଆରେ କ'ଣ ଗୋଟାଏ ଇମିତି ଲୁଚାଚୋରା କଥା, ମୋତେ କହୁନୁ ? ଗୋପାଳ ବାବୁ କହିଲେ, "ବୋଉ କହିଛି, ସେ କଥା ତୁମକୁ କହିଦେଲେ, ତୁମେ ବେକରେ ଡେଙ୍ଗୁରାଟାଏ ପକାଇ ପିଟି ପିଟି ଗାଁସାକ ବୁଲିବ । ଆଉ ସବୁତକ ତୁମକୁ ଦେଖାଇଦେଲେ ତୁମେ ଏକାଥରେ ସବୁତକ ଦିଆନିଆ କରି ଉଜାଡ଼ିଦେବ ।" ବୁଢ଼ା କହିଲେ, "ତୋ' ବୋଉତ ତାହାହେଲେ ଆମକୁ ଖୁବ ମଣିଷରେ ଲେଖା କରୁଛି ! ହଃ, ଦେଖୁଥିଲି ନା ଚାହାଁ ଅଛି । ତୋ ଭାଇନା ବଡ଼ୁ ଘରକୁ ଯାହା ତୁମ ଘରକୁ ଯାଇଥିଲି ସେତିକି । ତୋ ନନା କଟକରୁ ଗୁଡ଼ାଏ ଖିରମୋହନ ନେଇ ଥାଏ । ମୋତେ ଦେଲେ ପରଷିବାକୁ । ଦେଉ ଦେଉ ସବୁତକ ସରିଗଲା । ପରଷୁଣି ପାଇଲେ କେତେ । ମାଇପେ ସେହି ଖିରମୋହନ ସିରା ହାପୁରି-ଥିବେ । ତୋ ବୋଉ ସେହି କଥା ମନେ ରଖିଛି । ସେ କଥା ଗଲାଣି । ଆଉ ଦାତାପଣ ନାହିଁ, କି ଅପରକୁ ଖୁଆଇବାରେ ଆନନ୍ଦ ନାହିଁ । ପନ୍ଦର ଦିନ ତଳେ କଟକ ଆସିଥିଲି ଯେ. ଦେଡ଼ ଟଙ୍କା ଦେଇ କାଗଜ ପୁଡ଼ାରେ ଟିକିଏ ଦେଶୀ ପତ୍ରି ଆଣିଥିଲି । ସେହିତକ ତୋ ମାଉସୀ ଲୁଚେଇ ଲୁଚେଇ ଦଶ ବାର ଦିନ ଚଳେଇଲା । ସରକାର ତ ଏକାଥରକେ ଦେଶୀ ପତ୍ରି ନାଁ ଧରିଲେ ନିଆଁ ହୋଇ ଯାଉଛନ୍ତି । ସାହିସାକ ସବୁ ବୁଢ଼ାଙ୍କର ସେଇଥିରେ ମନ । ତିନି ଦିନ ତଳେ ଦି'ଜଣ ଆସି ପହଞ୍ଚିଲେ, କହିଲେ, 'ଭାଇନା, ଆଜି ଟିକିଏ ନ ହେଲେ ହେବନି ।' ତୋ ମାଉସୀ ସଙ୍ଗେ କଳିକଜିଆ କରି ଘଡ଼ା ଖାଲି କରିଦେଲି । ଫାନେ କୋଉଥିକୁ ସହସ୍ରେ ଘୋଡ଼ାଟାପୁ, କାହାକୁ କିଛି ଜଣାପଡ଼ିଲା ନାହିଁ । ଆଜି ସକାଳୁ ତିନିଜଣ କି ଚାରିଜଣ କହୁଛନ୍ତି, 'ରାମ ଭାଇନା, ଏଥର ଯାଉଛ, ଟିକିଏ ଦେଶୀ କରି ଆଣିବ ।'

Digitized by srujanika@gmail.com

ଆସାମୀର ଦର୍ଶନ ବି ମିଳିଲା ନାହିଁ । ବୁଢ଼ାବୁଢ଼ୀଙ୍କ କ'ଣ ସହଜରେ ବିଶ୍ୱାସ କରିବେ ? ସମସ୍ତେ କହିବେ, 'ରାମ ଭାଇନା ଆଣିଛି । ଭାଇଜି ଲୁଚେଇଛି ।' କି କାଳ ହେଲା ? ଏଡ଼କ ଅବୁଝାମଣା ରଜା ଜନ୍ମିଛନ୍ତି ଯେ, ବୁଢ଼ାବୁଢ଼ୀଙ୍କୁ ବି ଟିକିଏ ଶାନ୍ତିରେ ମରିବାକୁ ଦେବେ ନାହିଁ ?

ବୁଢ଼ା ସରକାରଙ୍କୁ ଆଶୀର୍ବାଦ କରିକରି ଲମ୍ବା ହୋଇ ଆଗକୁ ଚାଲିଲେ । ଗୋପାଳବାବୁ ବି ପଛେ ପଛେ ଚାଲୁଥାନ୍ତି । ଲମ୍ବା ହୋଇ ମଝିରେ ମଝିରେ ଦୁଇ ପ୍ୟାଣ୍ଟ ପକେଟ ଉପରେ ଟିକିଏ ହାତ ମାରି ଦେଉଥାନ୍ତି । ଖସ୍ ଖସ ଶବ୍ଦ ଶୁଣିଲେ ଟିକିଏ ଆଶ୍ୱସ୍ତ ହେଉଥାନ୍ତି—ଜିନିଷ ନିରାପଦରେ ଅଛି !

ଶବ୍ଦଟା ଥରେ ବୁଢ଼ାଙ୍କ କାନରେ ପଡ଼ିଗଲା, "କିରେ, କ'ଣ ବିସ୍କୁଟଗୁଡ଼େ ଆଣିଛୁ କିରେ ? ତୋ ବୋଉ କ'ଣ ଦେଖିପାରି କରି ମୋ ପାଇଁ ବିସ୍କୁଟ ପଠେଇଛି ? ଦାନ୍ତ ଗୋଟିଏ ନାହାନ୍ତି ଆଉ । କଟକରେ ଜଣେ କହୁଥିଲା ଦାନ୍ତ ଲଗେଇବାକୁ । ତୋ ବୋଉକୁ କହିବୁ, ଏ ବିସ୍କୁଟ ଇମିତି ଥାଉ, ଦାନ୍ତ ଲଗେଇବାକୁ ଶହେ ପଚଣ ଟଙ୍କା ଦେଉ, ଖାଇବି । ତା'ରତ ପିଲେ ପାରିଗଲେଣି, ହାତରେ ପାଣ୍ଠି କରିଥିବ । ହଁ, ତୁ କ'ଣ କରୁଛୁ ପୁଅ, କହିବୁନି ?"

ଗୋପାଳବାବୁ ଶଙ୍କିଶଙ୍କି କହିଲେ, "ମଉସା, ମୁଁ ଅବକାରୀ ଇଲାକାରେ କାମ କରୁଛି ।"

ମଉସା ଗୋପାଳ ବାବୁଙ୍କ ଆଡ଼କୁ ଟିକିଏ ଚାହିଁ ତାଙ୍କୁ ଅଭୟ ଦେଲାପରି ସ୍ୱରରେ କହିଲେ, "ତୁ ଶଙ୍କୁଛୁ କାହିଁକି ? ତୁମର କଣ ଦୋଷ ? ଯୁ ଅବୁଝାମଣା ଇମିତି ଆଇନ କରିଛନ୍ତି, ସେ ଆମ ମେଳରେ ବସନ୍ତେ କି, ଶୁଣନ୍ତେ । ତାଙ୍କର ତ ଟୋକାଙ୍କଠି ମନ । ଗୋଟାଏ ସେଥିରୁ ଆସିଥିଲା, ପାଠାଗାର ଉଦ୍‌ଘାଟନ କରିବାକୁ । କହିଦେଇ କରି ଗଲା, 'ଏ ବୁଢ଼ାଙ୍କୁ ମାନନାହିଁ' । କିଏ ଆମକୁ ମାନୁଛି ଯେ ? ମତେ ଖାଲି ତାଜୁବ୍ ଲାଗୁଥାଏ, ନିଜେ ତ ବୁଢ଼ା, ବୁଢ଼ାଙ୍କୁ ମାନନାହିଁ ବୋଲି କହୁଛି କମିତି ? କଣ ଆପଣାକୁ ନ ମାନିବାକୁ ବୁଝୋଉଛି ?" ଗୋପାଳବାବୁ ପଚାରିଦେଲେ, "ମଉସା, ତୁମେ କଣ ସେ ସଭାକୁ ଯାଇଥିଲ ?" ବୁଢ଼ା କହିଲେ, "ହଁ ଯାଇଥିଲି, ଥରକୁ ତିନ ଥର ଡାକିଲେ, ନ ଯାନ୍ତି କମିତି ? ଲଗେଇଲେ ବୋଲି ବେଦ ସୂକ୍ତଟିଏ ପଢ଼ିଲି । ଦି'ଧ ପଢ଼ନ୍ତ-

Digitized by srujanika@gmail.com

ଥିଲେ କାହିଁକି କେଜାଣି ? ମୁଁ ତ ଯାହା ପଢିଥିଲି, ତାର ଓଲଟା କାମ ସବୁ ହେଲା ।" ଗୋପାଳ କହିଲେ, "ତୁମେ କିଛି କହିଲ ନାହିଁ ?" ବୁଢ଼ା କହିଲେ, "ରାମ, ରାମ, ଦର୍ଦ୍ଦୁର ଯତ୍ର ବକ୍ତାରଃ ତତ୍ର ମୌନଂ ହି ଶୋଭନମ୍ । ସେ ଆଜ ଆସିଥିଲା, ତା କଥା କହିବ ବୋଲି ଆସିଥିଲା ନା ଆମ କଥା ଶୁଣିବ ବୋଲି ଆସିଥିଲା ? ଯାହା ହେଉ, ସେ ମହାତ୍ମା ସୁରୁଖୁରୁରେ ରାଜଧାନୀକୁ ଫେରିଗଲା । ସେ ଖୁସ୍, ଆମ ପିଲେ ବି ଖୁସ୍ । କଣ ଟଙ୍କା ପଚିଶଟି ଦେଇଗଲା, ବହି କିଣିବାକୁ । ମୁଁ ପଛରେ ପିଲାଙ୍କୁ କହିଲି, ସଂସ୍କୃତ ମହାଭାରତ, ରାମାୟଣ, ଭାଗବତ ଅଣାଅ, ରଖିଥାଅ, କେତେବେଳେ ମନ ଟିକିଏ ଫେରିଲେ ଚାହିଁବ । ମନ୍ତ୍ରୀ ତ କହିଯାଇଛନ୍ତି ବୁଢାଙ୍କ କଥା ନ ଶୁଣିବାକୁ, ତାଙ୍କ କଥା ନ ଶୁଣି କଣ ଆମ କଥା କରନ୍ତେ ? ଆପଣା ଆପଣା ଭିତରୁ ପୁରୁଣା ବହି ଦଶ ପଚିଶଟା ମଗାମଗି କରିଦେଲେ, ମିଛରେ ଗୋଟିଏ ରସିଦ କାଟିଦେଲେ । ମନ୍ତ୍ରୀଙ୍କ ପଚିଶ ଟଙ୍କାଟି ମିମିତ ମିଳିଲା, ସେଥିରେ ଯୋଡ଼ାଏ ଛେଳି କାଟି ଭୋଜି କଲେ । ସେତକରେ ହେଲା ନାହିଁ ସେ, ପୁଣି ମୋତେ ଡାକୁଛନ୍ତି ଖାଇବା ପାଇଁ ! ଆଉ ହବ ହେଉ ନାହିଁ, ଜାଣିଲ, ଏ ପିଲାଙ୍କ ରବାଦ୍ । ଦେଶୀ ଟିକିଏ ମିଳୁଥିଲେ ଏଗୁଡ଼ାକ ଆଉ ସେତେ ବାଧୁ ନ ଥାନ୍ତା, ଟିକିଏ ଆତ୍ମଚିନ୍ତା କରିବାକୁ ମନ ହେଉଥାନ୍ତା । ଗୃହଅଭ୍ୟନ୍ତର ଏ ଗଣ୍ଡଗୋଳରୁ ଟିକିଏ ନିବୃତ୍ତି ରହି, ଆପଣା ମନ ଆନନ୍ଦରେ ମଣିଷ ରହନ୍ତା । ତା'ର ବି ବାଟ ବନ୍ଦ । ସେଥିରେ ପୁଣି କେତେ ନ୍ୟେବିଲୁତି । ନ ମିଳିଲା ଭଲ ହେଲା । ସେଥିରୁ ଟିକିଏ ଅଣ୍ଟାରେ ଥିଲେ ମଣିଷ ଗୋଟାର ଫର ଆସୁଥାନ୍ତା । ଆଉ କ'ଣ କଥା ବାହାରୁଥାନ୍ତା । ଛାଡ଼ ସେ କଥା । ହଉ ବାପା, ତୋର ଇଆଡ଼େ ଆଜ କିମିତି ମନେ ପଡ଼ିଗଲା ?"

ଗୋପାଳ ବାବୁ ସେତେବେଳକୁ ନିଜେ ଗୋଟାର ପରି, ଯଥାସମ୍ଭବ ଅଳ୍ପକେ ଜଣାଇଦେଲେ, ଗୋଟାଏ ଲୋକ ବହୁତ ଦିନ ହେଲା ଦେଶୀ ଗଞ୍ଜେଇ କାରବାର କରୁଥାଏ । ସେ ବହୁତ ଦିନ ହେଲା ତା ପିଲ୍ଲା ଲାଗି ଲାଗି ଏବେ ପନ୍ଦର ଦିନ ତଳେ ତା' ଘର ଖାନତଲାସ କରି ଦୁଇ ସେର ଦେଶୀ କଲ୍କି, ପାଞ୍ଚ ସେର ପତ୍ରି ଜବତ କଲେ, ମକଦ୍ଦମା ହୋଇ ଆଜ ତାକୁ ତିନ ମାସ ଜେଲ୍ ହେଲା । ହାକିମ ତାଙ୍କ କାମରେ ଖୁବ୍ ଖୁସି

Digitized by srujanika@gmail.com

ହୋଇ ଗସ୍ତରେ ଲେଖିଛୁ । କାଲି ଛୁଟି ଅଛୁ, ବୋଉ ମାଉସୀ ପାଖକୁ ଆସିବାକୁ କହିଥିଲା, ଆଜ ସୁବିଧା ମିଳିବାରୁ ଆସିଛନ୍ତି ।

ବୁଢ଼ା କହିଲେ, "ଆରେ ସୁବିଧା, ଅସୁବିଧା କ'ଣ ? କାଠ-ଯୋଡ଼ଟା ପାର ହେଲେ ତିନି କୋଶରେ ଆମ ଘର । ତୁମେ ତ ଏଇ କଟକରେ ଅଛ । ଯେଉଁ ଦିନ ବଗୁରିବ ଯେ'ଦିନ ଆସିପାରିବ···। ହଁ, ହଇରେ ଗୋପାଳ, ଯୋଉ ବଗୁରମାନେ ପାଞ୍ଚ ଭରି ଦଶ ଭରି ଲେଖାଏଁ ଗଞ୍ଜେଇ ରଖି କାରବାର କରୁଛନ୍ତି, ସେମାନଙ୍କ ପଛରେ ତମେ କାହିଁକି ଲାଗିଛ ? ମୁଁ ତ ଦେଖୁଛି, କଟକରେ ପୁଞ୍ଜେ ବିଲାତି ମଦ ଦୋକାନ ଖୋଲିଗଲାଣି । ଦିନ ଦୁଇପହରେ ଭଲଲୋକ ପିଲାଗୁଡ଼ାକ ଦୋକାନରେ ବସି ମଦ ବିକୁଛନ୍ତି । ତାଙ୍କୁ ଧରୁନାହଁ ? ଶଙ୍କୁଡ଼ ଚପୁଛ କାହିଁକି ?" ଗୋପାଳ ବାବୁ କୈଫିୟତ୍ ଦେଲେ, "ବିଲାତି ମଦ ଯେ ପର୍ମିଟ୍ ନେବ, ତାକୁ ଆଗ ମିଳୁଥିଲା । ଏବେ ବିନା ପରମିଟ୍‌ରେ ମିଳିଲାଣି । ସରକାରଙ୍କ ଇଚ୍ଛା, ଯାହାଙ୍କର ପଇସା ଅଛି, ସେମାନେ ଇଚ୍ଛା କଲେ ବେଶୀ ଦାମ୍‌ରେ ବିଲାତି ମଦ କିଣି ଖା'ନ୍ତୁ । ତାଙ୍କ ପଇସା ଦାଣ୍ଡକୁ ଆସିବ; ସରକାରଙ୍କ ଯୋଜନାରେ ଲାଗିବ ।"

ବୃଦ୍ଧ କଥାଟି ସମସ୍ତ ଚୂପ ହୋଇ ବାଟ ଚାଲି ଚାଲି ତା'ପରେ କହିଲେ, "ଆରେ ବାପା, ତୁମମାନଙ୍କ ବୁଦ୍ଧିକୁ ତ ଲଙ୍ଗଳ ଦଉଡ଼ି ପାଇବ ନାହିଁ ! ଶସ୍ତା ଜିନିଷ ବନ୍ଦ କରି, ମହଙ୍ଗା ଜିନିଷ ଯାଚିଲେ, ଯେଉଁମାନଙ୍କର ସେ ଜିନିଷ ନ ହେଲେ ନ ଚଳେ, ସେମାନେ କରିବେ କ'ଣ ? ଘରଭଳି ତାଲରୁ ପଇସା କାଟି ମଦ କିଣିବାକୁ ଯିବେ କି ନାହିଁ ? ତୁମ ଧୋବଲଙ୍କୁ ଡରୁଛନ୍ତି ବୋଲି, ଶ୍ରେଷ୍ଠ ଲୋକେ ତୁମ ବିଲାତି ମଦ ଦୋକାନକୁ ଯାଇନାହାନ୍ତି । ଭଲ ହୋଇଛି । ଡର ଛାଡ଼ିଗଲେ, ମାଇପ ଦେହରେ ଖଡ଼ୁ କଣ୍ଠି ରହିବ ନାହିଁ ! ଆଚ୍ଛା, ବାପା ! ଏ ବିଲାତି ମଦ ଆସୁଛି କେଉଁଠୁ ?"

ଏହା ବିଦେଶରୁ ଋଣ-ସୂତ୍ରରେ ଆସୁଛି ବୋଲି ଶୁଣି ବୃଦ୍ଧ କହିଲେ, "ଏ ଋଣ ତ ପୁଣି ଦିନେ ଶୁଝିବାକୁ ହେବ ? ଟଙ୍କା ଦେଇନପାରିଲେ ଦେଶକୁ ବିକିବ, ନ ହେଲେ ଖଣିଗୁଡ଼ାକ ପଟ୍ଟା ଦେବ । କି ଅଭାଗ୍ୟ

ଘୋଟିଛି ଜାଣିଲ ! କରଜ ଆଣି ସେ ଲୋକଙ୍କୁ ମଦ ଖୁଆଉଛନ୍ତି, ଉଆସ ତୋଳୁଛନ୍ତି, ସେମାନଙ୍କ ମୁଣ୍ଡରେ କ'ଣ ଅଛି କେଜାଣି ?''

ଏତେବେଳକୁ ମଉସା ପୁତୁରା ଦୁହେଁ ନଈ ପାର ହୋଇ ବ୍ରାହ୍ମଣୀ ଗାଁ ଛପି ଗଲେଣି । ଆଉ ଘର, ବାଟ କୋଶେ ମାତ୍ର । ଘରପାଖ ହେବାରୁ ବୁଢ଼ାଙ୍କର ବୋଧହୁଏ ମନେ ପଡ଼ିଗଲା 'ବିଜୟାମୃତ-ସାର' ଲାଳସୀ ସଙ୍ଗୀମାନଙ୍କ କଥା । ଟୋପେ ସେ ନିଜେ ପା'ନ୍ତେ ବୋଇଲେ ପଥଶ୍ରାନ୍ତି ଦୂର ହୁଅନ୍ତା, ଖରାରେ ଯିବା ଆସିବା ଫଳରେ ପେଟରେ ଯେଉଁ ତେଜାମଗରମ ହୋଇଛି ତାହାର ବି ଶାନ୍ତି ହୁଅନ୍ତା । ମୂର୍ଖଗୁଡ଼ାକ ! ଦେଶୀ ପତ୍ରି ବନ୍ଦ କରି ବିଲାତି ମଦ ଯାଚୁଛନ୍ତି ! ବୃଦ୍ଧଙ୍କର ମନେ ପଡ଼ିଗଲା, ସ୍ମୃତିର ନିଷେଧ । ମଦ ଖାଇବା ଓ ଗୁରୁପତ୍ନୀ ହରଣ କରିବା ଏକ ପର୍ଯ୍ୟାୟର ପାପ ହେବାର କଥା । ଅଗମ୍ୟାଗମନରେ ଚିତ୍ତଶାନ୍ତି ଦୂର ହୁଏ, ମଦ୍ୟ ପାନ କଲେ ଚିତ୍ତବୃତ୍ତି ଉଦ୍‌ବେଳିତ ହୋଇ ହିତାହିତ ଜ୍ଞାନ ଦୂର ହୋଇଯାଏ । କିନ୍ତୁ ଦେଶୀ ପତ୍ରି ! ଚିତ୍ତ ଶାନ୍ତ କରେ, ମନକୁ ପ୍ରସନ୍ନ କରେ, ପେଟର ସବୁ ପ୍ରକାର ଗୋଳମାଳ ଭାଙ୍ଗେ । ତାଙ୍କର ମନେ ପଡ଼ିଗଲା ପିଲାଦିନର କଥା—ତାଙ୍କ ନନା ପ୍ରତି ଦିନ ସନ୍ଧ୍ୟା ବେଳେ ଟିକିଏ ମରିଚପାଣି କରନ୍ତି, ସିଠାଟିକ ତାଙ୍କୁ ଦେଇ କହନ୍ତି, 'ଏହାକୁ ଖାଇଲେ ଜାଣ୍ଠଶକ୍ତି ବଢ଼ିବ' । ନନା ମରିଚପାଣି ଟିକିଏ ଖାଇଲେ, ପୁରାଣ ଅର୍ଥ କେଡ଼େ ସୁନ୍ଦର ବିଶ୍ଳେଷଣ କରନ୍ତି ! ତାଙ୍କ ନିଜ ଅଭିଜ୍ଞତାରେ ସେ ଜାଣିଛନ୍ତି, ଯେଉଁଦିନ ମରିଚପାଣି ଟିକିଏ ପଡ଼ିଥାଏ, ସେଦିନ ନିତ୍ୟ-କର୍ମରେ ମନଟା ଖୁବ୍ ବସେ । ଏ ପଦାର୍ଥର ମହତ୍ତ୍ୱ ଆଜିକାଲିର ସରକାର ବୁଝି ନ ପାରିବାରୁ ସେ ମନେ ମନେ ତାଙ୍କର ସପ୍ତପୁରୁଷଙ୍କୁ ଉଦ୍ଧାର କଲେ ।

ପୁଣି ମନ ଯାଇ ପହଞ୍ଚିଲା ଖଟ୍‌ବିନ୍ ସାହେବର ସେହି ଲୋକଟି ଉପରେ, ଯେ ଆଜିକୁ ପ୍ରାୟ ବର୍ଷେ ହେଲା ତାଙ୍କୁ ନିୟମିତଭାବେ ମାସକୁ ଦୁଇ ଭରି ଲେଖାଏଁ ଅସଲ ଦେଶୀ ପତ୍ରି ଯୋଗାଉଥିଲା । ସେତିକରେ ତାଙ୍କର ଓ ତାଙ୍କ ସାଇର ଚାରି ପାଞ୍ଚ ଜଣ ବୃଦ୍ଧଙ୍କର ଦିନଟିମାନ କେଡ଼େ ଆନନ୍ଦରେ ନ କଟିଛି ! ଦି'ପହରୁ ଦିହଟା ଟିକିଏ ମୋଡ଼ିଭାଙ୍ଗ ହୁଏ ! ସନ୍ଧ୍ୟାହେଲେ ମରିଚପାଣି ଟିକିଏ ମିଳିବ—ଏହି ଆଶାରେ ଦେହର

Digitized by srujanika@gmail.com

ଅସ୍ୱସ୍ତି ସବୁହୋଇଯାଏ । ମଶରପାଣି ମୁଦ୍ଧକ ମିଳିଗଲେ ସମସ୍ତେ ତାହାର ମଙ୍ଗଳ କାମନା କରନ୍ତି । ଆଜ ତା' ସଙ୍ଗେ ଟିକିଏ ଦେଖା ହୋଇଯାଇ ଥିଲେ ମନର ସବୁ ଚିନ୍ତା ଦୂର ହୋଇଥାନ୍ତା ! କୁଆଡ଼େ ଗଲା ଆଜ ସିଏ ? ଦେଖା ହୋଇଯାଇଥିଲେ, ଦୁଇ ଭରଟି ଦେଶୀ ମାଲ ହାତକୁ ଆସିଥାନ୍ତା, ମାସକର ଗୁଜରାଣ ମେଣ୍ଟିଥାନ୍ତା । ଗୋପାଳ ଯେଉଁ ଲୋକ-ଟାକୁ ଆଜ ଜହଲ ଦିଆଇଲା, ସେ ସେ ନୁହେଁ ତ ? ଯାହାଠାରେ ଭକ୍ତିଭାବ ଗାୟତ୍ରୀ ଜପୁଥିବା ବ୍ରାହ୍ମଣଙ୍କର ଏତେ ସନ୍ତୋଷ, ତାକୁ ତ ଦଣ୍ଡ ହେବାର ନୁହେଁ ! ସନ୍ତର୍ପଣରେ ବ୍ରାହ୍ମଣ ଗୋପାଳ ବାବୁଙ୍କୁ ଲୋକଟି ବିଷୟରେ ପ୍ରଶ୍ନ କରିବାକୁ ଆରମ୍ଭ କଲେ ।

କି ଦୁର୍ଭାଗ୍ୟ ! ସେଇ ସଦାନନ୍ଦ ସିଂହକୁ ଗୋପାଳ ଜହଲରେ ପୂରାଇ ଆସିଛନ୍ତି । ବିଚରାର ରୋଗିଣୀ ମାଇପଟିଏ, ଯୋଡ଼ାଏ ସାନପିଲା । ସେ ଯେତେଥର ତା ଦୁଆରକୁ ଯା'ନ୍ତି ସଦାନନ୍ଦ ସେତେଥର ସେ ପିଲା ଦିଓଟିକୁ ଆଣି ତାଙ୍କ ଗୋଡ଼ ତଳେ ମୁଣ୍ଡିଆ ମରାଏ । ତାଙ୍କ ସନ୍ତୋଷ ଓ ଆଶୀ-ର୍ବାଦର କ'ଣ ତେବେ ଏଇଆ ଫଳ ! ବିଚରା ଦଶଦର୍ଷ ହେଲା ଘାଣ୍ଟି ହୋଇ ହୋଇ ଶେଷକୁ ଜହଲ ଗଲା ! ତା'ର ଆଗ ଖଣ୍ଡିଏ ଘୋଡ଼ାଗାଡ଼ି ଥିଲା । ସାଇକଲ ରିକ୍ସା ଆସିବାରୁ ଆଉ ଘୋଡ଼ାଗାଡ଼ି ଚଳିଲା ନାହିଁ । ଘୋଡ଼ାଗାଡ଼ିଟି ବିକି ଖଣ୍ଡିଏ ସାଇକଲ ରିକ୍ସା କରିବ ବୋଲି ଯେତେ ବିଚାରିଲା, କିଛି ଫଳ ହେଲା ନାହିଁ । ଖାଇବାକୁ ନ ପାଇ ଘୋଡ଼ା ଦି'ଟା ମଲେ । ଗାଡ଼ିଖଣ୍ଡ ପଚିଶ ଟଙ୍କାକୁ ବିକାହୋଇ ଗୁଜଳ କଣା ହେଲା । ଦେଶୀ ପତ୍ତି କାରବାରରେ ଚଳୁଥିଲା ଯେ ସେତକ ଗଲା । ଯାହାହେଉ, ପତ୍ତିତକ ସରକାର କଣିନେଇ ଯେଉଁ ଦଶ ପଚିଶି ଦେଇଥିବେ, ସେଇଥିରେ ପିଲା ମାଇପ ଚଳୁ ଚଳୁ ସଦାନନ୍ଦ ପୁଣି ଫେରି ଆସିବ । ମରଦ ପୁଅ, ପୁଣି କ'ଣ ଫନ୍ଦିଫିକର କରି ଚଳିବ ।

ଗୋପାଳବାବୁ ଏ ସୁଖ ସ୍ୱପ୍ନ ଭାଙ୍ଗି ଦେଲେ । ବୃଦ୍ଧ ତାଙ୍କଠାରୁ ଶୁଣିଲେ, ଏଭଳି ଆସାମୀଙ୍କଠାରୁ ଯେଉଁ ମାଲ ବରାମଦ୍ ହୁଏ, ତାକୁ ସରକାର ପୋଡ଼ାଇ ଦିଅନ୍ତି । କି ମୂର୍ଖତା ! ଗଞ୍ଜେଇ ଧୂଆଁ ଅନିଷ୍ଟକାରୀ ! ତାହା ପାଖଆଖ ଲୋକଙ୍କର ନାକରେ ବାଜି କେତେ ଅନିଷ୍ଟ ହେଉନଥିବ । ପୁଣି ଏତେଗୁଡ଼ାଏ ସମ୍ପତ୍ତିର ଧ୍ୱଂସ ! ବୃଦ୍ଧଙ୍କ ମନସ୍ତାପ ଦୂର କରିବାକୁ

Digitized by srujanika@gmail.com

ଗୋପାଳବାବୁ କହିଲେ, "ମଉସା ! ସରକାର ଜାଣିବାକୁ ସିନା ସେ ସବୁ ପୋଡ଼ାହୁଏ । ଆମ ଡିପାର୍ଟମେଣ୍ଟ ଲୋକ ପୁଞ୍ଜାଏ ନାଆଁକୁ ପକାଇ ସେ ସବୁ ରଖି ନଅନ୍ତି । ଘରକୁ ନେଇ ନିଜେ ଖା'ନ୍ତି, କାହାକୁ କମିତି ଦିଆନଆ କରନ୍ତି ।"

ବୁଢ଼ାଙ୍କର କ୍ରୋଧ ସୀମା ଲଙ୍ଘନ କଲା । କହିଲେ, "ଓହୋ ! ତମକୁ ଧର୍ମ ସହୁଛି କମିତି ରେ !" ହଠାତ୍ କିନ୍ତୁ ପ୍ରକୃତିସ୍ଥ ହୋଇ ସେ କହିଲେ, "ଆରେ ପୁଅ ! ମୋର ଆଉ ଜ୍ଞାନ ରହୁନାହିଁ । ମୁଁ ତତେ ଅଭିଶାପ ଦେଉଛି କାହିଁକି ? ଏମିତି ମହାପାପ ତୁ ତ କେଭେ କରୁନଥିବୁ । ପାରପୁଅ ଦରିଦ୍ରଙ୍କୁ ଜେଲ୍‌ଖାନାରେ ପୂରାଇ ତାଙ୍କ ସମ୍ପତ୍ତି ଲୁଟି କରିବା ଅସମ୍ଭବ । ରଜା ଗୁଣରେ ତ ଧର୍ମ । ରଜା ସିମିତି କରଉଛି । ତୁ କ'ଣ କରିବୁ ? ଆଚ୍ଛା, ତୋ' ସାଥିବାଲାମାନେ ସେ ଜିନିଷ ନେଇ ତ ଲୁଚେଇ କରି ଖାଉଥିବେ ? ଅପରକୁ ଯେଉଁ ଦୋଷ ପାଇଁ ଧରୁଛ, ସେ ଦୋଷ ନିଜେ କରୁଚ କମିତିରେ ? ତୁ କେଭେଁ ଇମିତି କରିବୁ ନାହିଁଟି ? ଆହା ! ବିଚରା ସଦାନନ୍ଦର ପିଲାଗୁଡ଼ାକ ! ସେ ଉପୋସରେ ପଡ଼ିଥିବେ, ତାଙ୍କ ବାପା ଜହଲ ଖଟୁଥିବ । ସେ ଯେଉଁ ପତ୍ତି ପାଇଁ ଜହଲ ଗଲା, ତାକୁ ଖାଉଥିବେ ଯେ ତାକୁ ଜହଲ ପକେଲେ ! ଗୋବିନ୍ଦ, ଗୋବିନ୍ଦ !"

ବୁଢ଼ା ଆଉ କିଛି ନ କହି, ଗୁମ୍ମାରି ବାଟ ଚାଲିଲେ । ସତକୁ ସତ ଦୁଆରେ ଉଠିଲାବେଳକୁ ଦାମ ଦାସେ, ଗୋପାଳ ଶତପଥି, ରଘୁ ତିଆଡ଼ଙ୍କ ସଙ୍ଗେ ଆଉ ଦୁ'ଚାରିଜଣ ତାଙ୍କ ଆସିବାକୁ ଚାହିଁକରି ବସିଛନ୍ତି । ଗୋଡ଼ ଧୋଇବା ପୂର୍ବରୁ ରାମ ମିଶ୍ରଙ୍କୁ କଟକର ହାଲ ହକିକତ ସବୁ ବଖାଣିବାକୁ ପଡ଼ିଲା । ସଦାନନ୍ଦ ସିଂହ ଓ ତା'ର ଅରକ୍ଷିତ ପିଲା ଦୁଇଟିଙ୍କ ଦୁରବସ୍ଥାରେ ସମସ୍ତେ ସମବେଦନା ପ୍ରକାଶ କରୁଛନ୍ତି, ଏଇ ସମୟରେ ଗୋପାଳବାବୁ ଘରୁ ପାଣି ଢାଳେ ଆଣିଦେଲେ, ମଉସା ଗୋଡ଼ ଧୋଇବେ ବୋଲି । ରାମ ମିଶ୍ରେ ତାଙ୍କୁ ଚିହ୍ନାଇ କହିଲେ, "ଆହେ ! ଯା ସାଙ୍ଗରେ ବାଟରେ ଦେଖା ହେବାରୁ ସବୁ ଜାଣିଲି ସିନା ! ସେ ଗୋପାଳ, ମୋ ଶାଳୀ ପାରର ସାନ ପୁଅ । ଯାର ହାତରେ ସଦାନନ୍ଦ ମାମୁଁ ଘରକୁ ଗଲେ, ଆମ ଭେଳା ବୁଡ଼ିଲା । ଯାର ଦୋଷ କ'ଣ ? ଚାକିରି ତ କରିଛି ।"

Digitized by srujanika@gmail.com

ଗୋପାଳ ବାବୁ ଲେଖାଯୋଖା ମଉଧାମାନଙ୍କୁ ନମସ୍କାର ହୋଇ କଥା ବାର୍ତ୍ତା ହେଉଛନ୍ତି, ଘର ଭିତରୁ ଶିକୁଳି ଖଡ଼ଖଡ଼ ହେଲା । ସେଇ ଗୋଟାକ ରାମ ମିଶ୍ରଙ୍କ ସନ୍ତାନବହ୍ମିନ ଘରେ ଡାକରା ଘଣ୍ଟି । ସେ ଯାଇ ଦଣ୍ଡକେ ଫେରି ଆସି ଖୁସିରେ ଗଦ୍ ଗଦ୍ ହୋଇ କହିଲେ, "ଆରେ ! ଯୁା ମାଉସୀ କହୁଛି ଘରେ ଟିକଏ କ'ଣ ଅଛି । ତମେ ସବୁ ବସ ।"

ଅଧ ଘଣ୍ଟାକ ଭିତରେ ମଶଚ ପାଣିର ଆସର ବସିଗଲା । ରଘୁ ଭଆଉଡ଼ ଗ୍ଲାସରୁ ଟୋକେ କଣ୍ଠସ୍ଥ କରି ରାଏ ଦେଲେ, "ଆରେ ! ଘଉଜ ଯୁାକୁ କୁଆଉଡ଼ ଆଣିଲମ ? ଯେତ ଚଉକାଣ୍ଡ ମାଲ ।" ରଘୁ ଭଆଉଡ଼ଙ୍କ ଚନ୍ଦ୍ରରାପଣ ସେ ଗାଁର ଆଡ଼ପାର୍ଦ୍ଧ ପାଞ୍ଚ କୋଶରେ ସମସ୍ତଙ୍କୁ ଜଣା ।

ତେଣେ ଘରେ ଗୋପାଳବାବୁ କହୁଥାନ୍ତି, "ମାଉସୀ ! ମୁଁ ଯୁାକୁ ଆଣିଥିଲି ବୋଲି ମଉସା ଯିମିତି କେଭେ ନ ଜାଣିବେ । ନଈପାଣି କେଜାଣି ବାଜଯିବ ବୋଲି ମୁଁ ପ୍ୟାଣ୍ଟ ପକେଟରେ ଯୁାକୁ ଟେକ ଧଇଲା ବେଳେ ମଉସାଙ୍କ ନଜର ପଡ଼ ଯାଇଥିଲା । ସେ ବସ୍ତୁଟ ବୋଲି ଆଗରୁ କହିଦେଲେ । ନ ହେଲେ ମୋଠାରୁ ସତ କଥା ବାହାର ପଡ଼ିଥାନ୍ତା ।" ମାଉସୀ ଉତ୍ତର ଦେଲେ, "ନାଇଁମ ! ସେ ଯିମିତି ଅବଗୁଣିଆ ଲୋକ, ସରକାରୀ ଜନଷ ଭୁ ଟେୃରେଇ ଆଣିଚୁ ବୋଲି ଜାଣିଲେ ସେ ତୋ' ପାଖକୁ କଟକଯାଏ ଚହଟି ଯିବେ । ଏଣେ ସବୁଦିନ ଏଥିରୁ ଟିକିଏ ନ ହେଲେ ରାତିରେ ନିଦ ହେବ ନାହିଁ । ବାପା ! ତୋ ଯୋଗୁ ଏଇଲେ ତିନିମାସ ସବୁ ସୁରୁଖୁରୁରେ ଚଳିବ । ମାଉସୀ ଦୁଇଟିଯାକ ବଡ଼ କାଗଜପୁଡ଼ା ଗୋଟିଏ ଘଡ଼ିରେ ଭୁଞ୍ଜାଇ ସାଇତିଲେ ।

●

Digitized by srujanika@gmail.com

ଉନ୍ନୟନ ଯୋଜନା

ଅକାରଣପୁର ରାଜ୍ୟରେ ଜଣେ ରାଜା ଥାନ୍ତି, ତାଙ୍କ ନାମ ଅବ୍ୟବସ୍ଥିତ ସିଂହ । ଶହେ କୋଡ଼ିଏ କୋଶ ମୁଲକ । ଟାଣୁଆ ରାଜା ବୋଲି ଚାରିଆଡ଼େ ନାମ ଡାକ । ତାଙ୍କ ମୁହଁ ଉପରକୁ କେହି ଯିବାକୁ ଇଚ୍ଛା କରନ୍ତି ନାହିଁ । ତାଙ୍କ ରାଗବେଳେ ଯେ ହାବୁଡ଼ିଯିବ, ସେ ଆଉ ଥରେ ନିଘଷରା ହୋଇ ନ ଗଲେ ଆଉ ତାଙ୍କ ପାଖ ମାଡ଼ିବ ନାହିଁ । ତାଙ୍କ ଖୁସିବେଳେ ଯେ ଯିବ ସେ ପୁଣି ଯିବାକୁ ଚାହିଁବ—କିନ୍ତୁ ଖୁସି, ରାଗ, ଲୋଭ, ଶୋଚନା, ହିଂସା, ନୈରାଶ୍ୟ, ଏତେ ଶୀଘ୍ର ଶୀଘ୍ର ମନକୁ ଅଧିକାର କରନ୍ତି ଯେ, ସେ ଆଜି ଖୁସି ଅଛନ୍ତି ବୋଲି କାଲି ଯଦି ଆଶା କରି ଆସିବ, ତେବେ ବିପରୀତ ଫଳ ହେବାର ସମ୍ଭାବନା ଅଧିକ । ତେଣୁ ସମସ୍ତେ ତାଙ୍କୁ ଆଡ଼େଇ ହୋଇ ଚଳିବାକୁ ଶ୍ରେୟ ମନେ କରନ୍ତି । ସେ ମଧ୍ୟ ଅନ୍ୟ କାହାକୁ ସେପରି ବେଶି ଲୋଡ଼ନ୍ତି ନାହିଁ କି ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଇଚ୍ଛା କରନ୍ତି ନାହିଁ । ତାଙ୍କ ନିଜ ମନ ସଙ୍ଗେ ଲଢ଼େଇ କରୁ କରୁ ତାଙ୍କର ବେଳ ଯାଏ । ଯଦି ବା ନିଜ ମନକୁ ସମ୍ଭାଳି ରଖିଲେ, ରାଣୀଙ୍କୁ କେବେ ସମ୍ଭାଳ ହୁଏ ନାହିଁ । ଈଶ୍ୱରଙ୍କ ବରାଦ, ଯେମିତି ସ୍ୱାମୀକୁ ସେଇପରି ସ୍ତ୍ରୀ ଯୋଗାଇ ଦିଅନ୍ତି ! ରାଣୀ ବି ପୂରା ଅବ୍ୟବସ୍ଥିତା । ଉଭୟଙ୍କର ଏକ ସମୟରେ ଏକ ମନୋବୃତ୍ତି ହେଲେ ଅବା ଯେନକେନ ପ୍ରକାରେ ଚଳିଯାନ୍ତା । କିନ୍ତୁ ବିଧିର ବିଡ଼ମ୍ବନାରେ, ରାଜାଙ୍କ ଖୁସି ବେଳକୁ ରାଣୀଙ୍କର ରାଗବେଳ, ରାଜାଙ୍କ ରାଗ ବେଳକୁ ରାଣୀଙ୍କର ଅନୁଶୋଚନା ଆତ୍ମପରୀକ୍ଷା ବେଳ—ରାଜାଙ୍କର ହିଂସା ବେଳକୁ ରାଣୀଙ୍କର ନୈରାଶ୍ୟ ବେଳ ଲାଗିଥାଏ—ତେଣୁ ରାଜା ରାଣୀ ବି ଯଥାସମ୍ଭବ ପରସ୍ପରଠାରୁ ଅଲଗା ହୋଇ ରହିବାକୁ ପସନ୍ଦ କରନ୍ତି ।

ଶାସନ କାର୍ଯ୍ୟରେ ମନ୍ତ୍ରୀମାନେ କେବେ ଆସି ପରାମର୍ଶ କରିବାକୁ ସାହସ କରନ୍ତି ନାହିଁ । ସବୁ ଲେଖି ପଠାଇ ଦିଅନ୍ତି—ତାହା ରାଜାଙ୍କ ପାଖରେ ଯେଉଁ ବେଳରେ ଯାଇ ପହଞ୍ଚେ ସେଇ ବେଳକୁ ଚାହିଁ ଅର୍ଡ଼ର ହୁଏ । ଅର୍ଡ଼ରକୁ ମଧ୍ୟ କେହି ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ, କାରଣ

Digitized by srujanika@gmail.com

ଅର୍ଡ଼ରେ ଆସି ମନ୍ତ୍ରୀଙ୍କ ପାଖେ ପହଞ୍ଚିଲା ବେଳକୁ ହୁଏତ ରାଜାଙ୍କ ମନ ବଦଳିସାରିଥିବ । ସମସ୍ତେ ସେହି ଉପାୟରେ ଥାନ୍ତି ।

ମନ୍ତ୍ରୀଙ୍କ ଭିତରେ ବି ଭାରି ରାଗରୁଷା ହୁଏ । କିନ୍ତୁ ସବୁଠାରୁ ବେଶୀ ଥାଏ ମନ୍ତ୍ରୀଷଣ୍ଢ ଓ ଦେଶୋନ୍ନତିଠେଲଣ ମନ୍ତ୍ରୀଙ୍କ ଭିତରେ । ମନ୍ତ୍ରୀଷଣ୍ଢଙ୍କୁ ଆଗ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା । କିନ୍ତୁ ସେ ସମସ୍ତଙ୍କୁ ଜିଗ୍‌ଗରରେ ଆଡ଼ପଟେଇ ରହିବା ହେତୁ ତାଙ୍କୁ ଷଣ୍ଢ ବୋଲି କୁହାଗଲା । ଷଣ୍ଢ ନ କହି ପୁଂଗବ ବୋଲି କହିବାକୁ ସେ ଭାରି ଜିଦ୍ ଧରିଲେ, କିନ୍ତୁ ଏ ପ୍ରସ୍ତାବ ରାଜାଙ୍କ ପାଖରେ ଖୁସୀ ବେଳେ ଯାଇ ପହଞ୍ଚିଲା ; ସାଧାରଣ ଲୋକେ ପୁଂଗବ ଶବ୍ଦ ବୁଝି ପାରିବେ ନାହିଁ ବୋଲି ସେ 'ଷଣ୍ଢ' କହିବାକୁ ପସନ୍ଦ କଲେ । ସେହି ଦିନଠାରୁ ସେ ହେଲେ ମନ୍ତ୍ରୀଷଣ୍ଢ । ଉନ୍ନୟନ ମନ୍ତ୍ରୀଙ୍କୁ ସେହି କାରଣରୁ ଦେଶୋନ୍ନତିଠେଲଣ ମନ୍ତ୍ରୀ ଅର୍ଥାତ୍ ଦେଶକୁ ଉପରକୁ ଠେଲିବା ବିଭାଗ ମନ୍ତ୍ରୀ ବୋଲି କୁହାଗଲା । ମନ୍ତ୍ରୀଷଣ୍ଢ ଓ ଉନ୍ନତିଠେଲଣ ମନ୍ତ୍ରୀଙ୍କ ଭିତରେ ଭାରି ପ୍ରତିଦ୍ୱନ୍ଦ୍ୱିତା ଥାଏ ।

ସ୍ୱାଧୀନତା ଦିବସ ଦିନ ଗୋଟିଏ ଖୁବ୍ ବଡ଼ ସଭା ହୋଇଥାଏ । ନାଚ ଗୀତ ଦେଖିବା ଲୋଭରେ ସେ ଦିନ ବହୁତ ଲୋକ ଉପସ୍ଥିତ ଥିଲେ । ସେଥିରେ ଡେରି ହେଲା, ରାଜା ଖୁବ୍ ଲମ୍ବା ବକ୍ତୃତା ଦେଲେ—ଲୋକେ ଅଧୀର ହୋଇ ପାଟି ଭୁଣ୍ଡି କଲେ । ରାଜା ରାଗିକରି ବକ୍ତୃତା ବନ୍ଦ କରି ଘରକୁ ବାହାରିଗଲେ । ରାଜା ଉଆସରେ ପହଞ୍ଚି ଟେଲିଫୋନ୍‌ରେ ଡକାଇଲେ ମନ୍ତ୍ରୀଗଣଙ୍କୁ । କାହିଁକି ଗୋଳମାଳ ହେଲା ବୋଲି କୈଫିୟତ ମଗା ହେବାରେ, ମନ୍ତ୍ରୀଷଣ୍ଢ ଉତ୍ତର ଦେଲେ, "ମହାରାଜ ! ମୁଁ ଆପଣଙ୍କୁ ଏ କଥା ବହୁବାର ଲେଖିକରି ଦେଇଛି । ମୋର ସହକର୍ମୀ ଦେଶର ଉନ୍ନତି-ଠେଲଣ ପରିବର୍ତ୍ତେ ଲୋକଙ୍କୁ ଉତ୍ତେଜିତ କରିବାରେ ସାହାଯ୍ୟ କରୁଛନ୍ତି । ସ୍ୱାଧୀନତା ଫଳରେ ଲୋକଙ୍କ ଭିତରେ ଯେଉଁ ଉତ୍ସାହ ଜାତ ହୋଇଛି ତାକୁ କାର୍ଯ୍ୟରେ ଲଗାଇବା ପରିବର୍ତ୍ତେ ସେମାନଙ୍କ ଭିତରେ ଖାଲି ଗୁଡ଼ାଏ ଆଶା ଜାଗ୍ରତ କରାଉଛନ୍ତି, ସେ ଆଶା ପୂରଣ ନ ହେବା ହେତୁ ଲୋକେ ଉତ୍ତେଜିତ ହେଉଛନ୍ତି ।"

ରାଜା ହୁକୁମ ଦେଲେ, "ଉନ୍ନତିଠେଲଣ ମନ୍ତ୍ରୀଙ୍କୁ ଡକାଅ ।" ସେ ଆସିଲାରୁ ରାଜା ଭାରି ରାଗିଯାଇ କହିଲେ, "କିଓ, ତୁମେ କ'ଣ କରୁଛ ?

Digitized by srujanika@gmail.com

ମୁଁ ଠିକଣା କରିଛି ଆଉ ତୁମେ ରହିବା ଦରକାର ନାହିଁ । ତୁମେ ଜଣେ ଅତି ପେଙ୍କୁଆ ଲୋକ । ତୁମକୁ କୁହାଗଲା, ଦେଶକୁ ଉପରକୁ ଠେଲ, ତୁମେ ଲୋକଙ୍କ ଭିତରେ ଆମ ପ୍ରତି ଅଶ୍ରଦ୍ଧା ଜାତ କରାଉଛ ?"

ଉତ୍‌ଠେଲଣ ମନ୍ତ୍ରୀ ତୁନି ହୋଇ ରହିଲେ । ରାଜା ଗର୍ଜନ କଲେ, "କୈଫିୟତ୍ ଦିଅ, ତୁମର କ'ଣ କହିବାକୁ ଅଛି, କହ ।" ଉତ୍‌ଠେଲଣ ମନ୍ତ୍ରୀ ଶଙ୍କି ଶଙ୍କି ଉତ୍ତର ଦେଲେ, "ମହାରାଜ, ମୋତେ ଚବିଶ ଘଣ୍ଟା ସମୟ ଦିଅନ୍ତୁ । ମୁଁ ମୋର କୈଫିୟତ୍ ଲେଖିକରି ଦେବି ।" ରାଜା ଏ କଥା ଯୁକ୍ତିଯୁକ୍ତ ବୋଲି ଭାବିଚିନ୍ତି ରାଜି ହେଲେ ।

ଉତ୍‌ଠେଲଣ ମନ୍ତ୍ରୀ ଯାଇ ତାଙ୍କ ପରାମର୍ଶଦାତା ଟାଇପ୍ ବାବୁଙ୍କ ଆଶ୍ରୟ ନେଲେ । ସେ କହିଲେ, "ହଜୁର, ଏଥିକୁ କିଛି ଭାବନା ନାହିଁ । ଆପଣଙ୍କୁ ତ ସେ ପଚାରିଛନ୍ତି କ'ଣ କରୁଛ ବୋଲି । ଆପଣ ଲେଖନ୍ତୁ, ଆପଣ ଏ ଦେଶରେ ସୁନା ଫଳାଇବାକୁ ଗୋଟିଏ ଯୋଜନା ତିଆରି କରିଛନ୍ତି । ସେ ଯୋଜନାର ଗୋଟିଏ ଖଡା ମଧ୍ୟ କୈଫିୟତ୍ ସାଙ୍ଗରେ ଯୋଡ଼ିଦେବା । ଆପଣ ଯଦି ଅନୁମତି ଦେବେ ତେବେ ମୁଁ ସେ ଯୋଜନା ତିଆରି କରି ଅତି ସୁନ୍ଦରଭାବେ ଟାଇପ୍ କରିଦେଉଛି ।" ଉତ୍‌ଠେଲଣ ମନ୍ତ୍ରୀ ମନ ଉଲ୍ଲାସରେ ନିଃଶ୍ୱାସ ମାରି କହିଲେ, "ତୁମକୁ ବହୁତ ଧନ୍ୟବାଦ ତୁମକୁ ମୁଁ ଉଚ୍ଚ ପଦ ଦେବାକୁ ଭୁଲିବି ନାହିଁ ।"

କୈଫିୟତ୍ ପଢ଼ି ରାଜାଙ୍କ ମନ ଭାରି ଖୁସି । ଲୋକଙ୍କୁ ସନ୍ତୋଷ ରଖିବାର ଗୋଟିଏ ଉଜ୍ଜ୍ୱଳ ଚିତ୍ର ତାଙ୍କୁ ଦେଖାଦେଲା । ତାଙ୍କୁ ଦିଶିଲା, ସେ ଏଇ ଯୋଜନା ଯୋଗୁ, ଦେଶର ଅଭାବ ଦୂର କରିଦେଇ ପାରିବେ । ବେକାର ସମସ୍ୟା ଦୂର ହେବ, ତାଙ୍କର ଯେଉଁ ଆତ୍ମୀୟମାନେ କାମ ନ ପାଇଲେ ବୋଲି ରାଣୀ ଅସନ୍ତୁଷ୍ଟ ହେଉଥିଲେ ସେମାନଙ୍କର ଗୋଟିଏ କିନାରା ହୋଇଯିବ । ଦେଶର ସମୃଦ୍ଧ ଉନ୍ନତି ଫଳରେ ତାଙ୍କର ଆସନ ବି ଦୃଢ଼ ହୋଇଯିବ । ସେ ସାଙ୍ଗେ ସାଙ୍ଗେ ନିଜର ଉଆସ ଧୁଆଇବାକୁ ଆଦେଶ ଦେଇଦେଲେ; ବୈଠକଖାନାର ସବୁ ଆସବାବ ବଦଳାଇ ଦେବାକୁ ହୁକୁମ ଦେଲେ ଏବଂ ନିଜ ପରିଜନଙ୍କୁ ନୂଆ ପୋଷାକ ଓ ବଢ଼ିଆ ପଗଡ଼ି ଦେବାକୁ ହୁକୁମ କରିଦେଲେ ।

Digitized by srujanika@gmail.com

ସାଙ୍ଗେ ସାଙ୍ଗେ ଉତ୍ତେଳେଣ ମନ୍ତ୍ରୀଙ୍କୁ ଡକରା ହେଲା । ମନ୍ତ୍ରୀ ଯୋଜନାର ଲକ୍ଷ୍ୟଟି ବୁଝାଇ ଦେଲେ ଯେ ଏହା ଫଳରେ ଦେଶରେ ଘରେ-ଆଙ୍ଗେ ସୁନା ଫଳିବ; କିନ୍ତୁ ପ୍ରଥମେ ଗୋଟିଏ ସ୍ଥାନ ବାଛି ସେଇଠାରେ ସୁନା ଫଳାଇ ଲୋକଙ୍କୁ ଦେଖାଇଦେବାକୁ ହେବ । ତାହା କରିବାକୁ ଆଗ ଆମର ଏ ବିରାଟ ରାଜ୍ୟ ତମାମ ଖୋଜି ଗୋଟିଏ ଉପଯୁକ୍ତ ସ୍ଥାନ ନିର୍ଣ୍ଣୟ କରିବାକୁ ହେବ । ବର୍ତ୍ତମାନ ଏ ବର୍ଷର ଯେଉଁ ଛ'ମାସ ଅଛି ସେଥିରେ ଏଇ ସ୍ଥାନ ନିର୍ଣ୍ଣୟ କରିବାକୁ ମୁଁ ଯୋଜନା କରୁଛି । ଏଥିରେ ପାଞ୍ଚଲକ୍ଷ ଖର୍ଚ୍ଚ କରିବାକୁ ହେବ ।

ଭବିଷ୍ୟତର ଯେଉଁ ଚିତ୍ର ରାଜାଙ୍କ ଆଖି ଆଗରେ ଥିଲା ସେଥିରେ ଏ ଖର୍ଚ୍ଚ ତ ଅତି ସାମାନ୍ୟ । ସେ କହିଲେ, "ଯୋଜନାରେ ଅଗ୍ରସର ହୁଅ । ଆଚ୍ଛା ! ଏଥିରେ କି କି ଚାକିରି ସବୁ ଖୋଲିବ ?"

ସେ କହିଲେ, "ଆଜ୍ଞା ! ଆମର ଏ ରାଜ୍ୟରେ ଏ ଯୋଜନା କାର୍ଯ୍ୟକାରୀ କରିବାକୁ ଲୋକ ମିଳିବେ ବୋଲି ମନେ ହେଉନାହିଁ । ବିଭିନ୍ନ ଜାଗାର ମାଟି ପରୀକ୍ଷା କରିବାକୁ ହେବ । ତହିଁରେ କି କି ଉପାଦାନ ଅଛି, ଆମେ ଯେଉଁ ଫସଲ ଉତ୍ପାଦନ କରିବାକୁ ଯାଉଛେ ତାହା କେଉଁ ଜମିରେ ଉପଯୋ ହେବ ସେ କଥା ଅନୁସନ୍ଧାନ କରିବା ଦରକାର । ସେଥିପାଇଁ ଲୋକ ଦରକାର ହେଲେ ବାହାରୁ ଆଣିବାକୁ ହେବ । ଯଦି ଏଠାରେ ତଳ ପାହାଚରେ ଯୋଗ୍ୟ ଲୋକ କେହି ଥା'ନ୍ତି ସେମାନଙ୍କୁ ଉପରକୁ ଠେଲିବାକୁ ହେବ ।"

ରାଜା ଖୁବ୍ ଖୁସୀ ହୋଇ କହିଲେ, "ନିଶ୍ଚୟ, ନିଶ୍ଚୟ ! ସେଇ ତ ତୁମର କାର୍ଯ୍ୟ । ହଁ ! ଦେଖ, ନୂଆ ଲୋକ ନେବା ବେଳେ ଆମ ଉଆସରେ ରାଣୀଙ୍କର ଯେଉଁ ଭାଇ ଅଛନ୍ତି ତାଙ୍କୁ ଭର୍ତ୍ତି କରିଦେବ । ସେ ଏଠା ମାଟିକୁ ଖୁବ୍ ଚିହ୍ନି କାମୁଡ଼ି ପଡ଼ିରହିଛନ୍ତି । ସେ ଭଲ କରିବେ ।"

ମୃତ୍ତିକା ବିଶାରଦ ଭାବରେ ସେ ନିଯୁକ୍ତ ହେଲେ ; ତାଙ୍କ ସାଙ୍ଗକୁ ଆଉ ୩।୪ ଜଣ ବାହାରୁ ଆସିଲେ । ଟାଇପ୍ ବାବୁ ମନ୍ତ୍ରୀଙ୍କର ପ୍ରଧାନ ସହକର୍ମୀ ପାହାଚକୁ ଉଠିଲେ । ଗସ୍ତ କରିବାକୁ ୧୨ ଖଣ୍ଡ ନୂଆ ଜିପ୍‌ଗାଡ଼ି କିଣା ହେବାର କଥା ହେଲା । ଗସ୍ତଖର୍ଚ୍ଚ ପାଇଁ ମୋଟା ଟଙ୍କା ବ୍ୟବସ୍ଥା

Digitized by srujanika@gmail.com

ହେଲା । ମନ୍ତ୍ରୀଙ୍କ ଏ କାର୍ଯ୍ୟ ତାଙ୍କ ଦପ୍ତରରେ ଗତାନୁଗତିକ କାର୍ଯ୍ୟର ବାହାରେ ବୋଲି ତାଙ୍କୁ ମଧ୍ୟ ମାସକୁ ପାଞ୍ଚଶହ ଟଙ୍କା ଅଧିକ ଦରମା ମିଳିଲା । ନୂଆ ଘରଭଡ଼ା ନିଆଗଲା—ଏ ଯୋଜନା ପାଇଁ ସ୍ୱତନ୍ତ୍ର ଏକ ଏକମହଲା କୋଠା ତୋଳିବା ପାଇଁ ଟଙ୍କା ମଧ୍ୟ ମଞ୍ଜୁର ହେଲା ।

ବର୍ଷ ସରିବାକୁ ଆଉ ମୋଟେ ମାସେ ବାକି । ମଟରଗୁଡ଼ାକ ଆସି ପଡ଼ିଛି । ରେଜିଷ୍ଟ୍ରେସନ ପାଇଁ ଟଙ୍କା ନିଅଣ୍ଟ ହେବାରୁ ସେଗୁଡ଼ିକ ବ୍ୟବହାର ହୋଇପାରୁନାହିଁ । ଅଫିସରମାନେ ନିଜ ନିଜ ମଟରରେ ଖାଲି ଭଲ ସଡ଼କ ଯେଉଁ ପର୍ଯ୍ୟନ୍ତ ଅଛି ସେତିକ ଯାଇ ଥରକୁ ଥର ଫେରୁଛନ୍ତି । ଦେଶୋନ୍ନତି-ଠେଲିଣ ମନ୍ତ୍ରୀ ମଝିରେ ମଝିରେ ଠେଲି ଦେଉଥାନ୍ତି, ମଟର ରେଜିଷ୍ଟ୍ରେସନ ଟଙ୍କା ମଞ୍ଜୁର କରାଇବାକୁ । ଏଣେ ମନ୍ତ୍ରୀଷଣ୍ଢ ଚୁଗୁଲି କରିବାରେ ସନ୍ତୁଷ୍ଟ ନ ରହି, "କାର୍ଯ୍ୟ କେଉଁ ପର୍ଯ୍ୟନ୍ତ ଅଗ୍ରସର ହେଲା" କୈଫିୟତଟାଏ ମାଗିଦେଲେ । ଦେଶୋନ୍ନତିଠେଲିଣ ବିଭାଗର ଅକଲ ଗୁଡ଼ୁମ୍ ହୋଇଯାଇ ଥାନ୍ତା, ଯଦି ସେ ବିଭାଗର ପ୍ରଧାନ ସହକର୍ମୀ (ପୂର୍ବର ଟାଇପ୍ ବାବୁ) ଅତି ବିଚକ୍ଷଣ ନ ହୋଇଥାନ୍ତେ ।

ସେ ଅକାରଣପୁର ରାଜ୍ୟର ବିଭିନ୍ନ ସ୍ଥାନର ମାଟିକୁ ପରୀକ୍ଷା କରାଇ ଗୋଟିଏ ରିପୋର୍ଟ ଦେଲେ ଯେ, ମନ୍ତ୍ରୀଷଣ୍ଢଙ୍କ ବିରାଟ ଉଆସ ଯେଉଁ ହତାରେ ଅଛି, ସେଇ ହତାର ମାଟି ସୁନା ଫଳିବା ପାଇଁ ଏକମାତ୍ର ଉପଯୁକ୍ତ ସ୍ଥାନ । ବିଶାରଦମାନଙ୍କ ରିପୋର୍ଟ—ଏଥିରେ ଉଁ ଚୁଁ କରିବ କିଏ ? ମନ୍ତ୍ରୀଷଣ୍ଢ ବାଧ୍ୟ ହୋଇ ଅନ୍ୟ ଘରକୁ ଗଲେ ଓ ବହୁତ ଟଙ୍କା ଖର୍ଚ୍ଚ କରି ପୁରୁଣା ଉଆସରେ ଯେଉଁ ସବୁ ଅଦଳ ବଦଳ କରିଥିଲେ, ସେହିପରି ଅଦଳବଦଳ ନୂଆ ଘରେ କରାଇବା ପାଇଁ ଟଙ୍କା ମଞ୍ଜୁର କରାଇନେଲେ । ତାଙ୍କ ପୁରୁଣା ଘର ସୁନା ଉତ୍ପାଦନ ଯୋଜନାର କେନ୍ଦ୍ର ଅଫିସ ହେଲା ।

ତହିଁ ଆର ବର୍ଷ ପାଇଁ ଯୋଜନା ହେଲା, ହତା ପାଇଁ ଗୋଟିଏ ଉଚ୍ଚ ଇଟା ବାଡ଼ ହେବ ଓ ଭୂମି ଶୋଧ ହେବ । ପ୍ରକାଣ୍ଡ ଜାଗା, ପ୍ରାୟ ୧୦ ଏକର ହେବ, ତା' ଚାରିପଟେ ୧୨ ଫୁଟ ଉଚ୍ଚର ପାଚିରି ତୋଳିବାକୁ ଯେତେ ଇଟା ଦରକାର ତାହା ବର୍ଷାବେଳେ ତିଆରି କରିବା ଅସମ୍ଭବ । ଏଣେ ଶୀଘ୍ର ପାଚିରି ନ ହେଲେ ନ ଚଳେ—ସ୍ଥିର ହେଲା, ବିଦେଶରୁ ଦରକାରୀ କଳ ସବୁ ଆସି ବାଲି ସିମେଣ୍ଟରେ ଫମ୍ପା ଇଟା ତିଆରି କରାଇ

Digitized by srujanika@gmail.com

ବର୍ଷା ହେଲେ ପାରେଶ କରିଦେବାକୁ ହେବ । ଯେଉଁ ତାର ବାଡ଼ ହୋଇଛି ତାହା ଥାଉ ବୋଲି କେହି କେହି କଥା ଉଠାଇଥିଲେ । କିନ୍ତୁ ତାର ବାଡ଼ ରହିଲେ ଦକ୍ଷିଣା ଓ ଉତ୍ତରୀ ପବନର ମାଡ଼ ବାଜି ଗଛ ନଷ୍ଟ ହେବାର ଭୟ, ପୁଣି ବାଣ୍ଡ ଲୋକଙ୍କର ଲୋଲୁପ ଦୃଷ୍ଟି ପଡ଼ିବ, ଏଣେ କାମ କରୁଥିବା ଲୋକଙ୍କର ଏକାଗ୍ରତା ବି ଭାଙ୍ଗିଯିବ —ଏତେ ଅସୁବିଧା ସ୍ଥଳେ ତାରବାଡ଼ ଚଳିବ କିପରି ? ପ୍ରଶ୍ନ ହେଲା, ପ୍ରାୟ କେତେ ସୁନା ଫଳିବ—ଅଟକଳଟା ମିଳିଯିବାରୁ ଆସେମ୍ବ୍ଲି ଓ ଅର୍ଥମନ୍ତ୍ରୀ ମଙ୍ଗିଲେ ଯେ ଏ ଯୋଜନା ଉପରେ ଖର୍ଚ୍ଚ ପାଇଁ କୁଣ୍ଠ କୁଣ୍ଠ ହେଲେ ଚଳିବ ନାହିଁ । ଯେଉଁ କଳ ଆସିଲା, ତାହା ଚଳାଇବାକୁ ଲୋକର ଅଭାବ । ସ୍ଥିର ହେଲା ତିନି ଜଣ ଉଚ୍ଚଶିକ୍ଷିତ ଇଞ୍ଜିନିଅର ୬ ମାସ ବୃତ୍ତି ପାଇ ତାହା ଚଳାଇବାକୁ ଶିଖି ଆସିବେ ।

ଏ ସବୁ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ ରହିବାରୁ ବଳଦ ପାଇଁ ଯୋଗାଡ଼ କରିବାରେ ଡେରି ହୋଇଗଲା । ଏଣେ କେତେ ହଳ ବଳଦ ଆସିବେ ସେ ବିଷୟରେ ମଧ୍ଯ କମ୍ ଘଣ୍ଟାଚକଟା ହେଲା ନାହିଁ । ସୁନା ଚାଷ ପାଇଁ ଜମି କେତେ ଓଡ଼ ଚାଷ ହେବ ସେ ବିଷୟରେ କୌଣସି ବିଶ୍ୱାସ-ଯୋଗ୍ୟ ଶାସ୍ତ୍ର ବଚନ ମିଳିଲା ନାହିଁ । ବହୁ ଗବେଷଣା କରାଇ ଦେଶୋଦ୍ଧା-ଠେଲଣ ମନ୍ତ୍ରୀ ନୋଟ ଦେଲେ, "ମୂଳା ନିମନ୍ତେ ଷାଠିଏ ଓଡ଼ ଚାଷ କରିବା ଦରକାର ହୁଏ । ମୂଳାର ଦାମ ଅନୁପାତରେ ସୁନା ଚାଷ ପାଇଁ ୬୦୦୦ ଥର ଚାଷ କଲେ ବି ଯଥେଷ୍ଟ ହେବ ନାହିଁ । ତେବେ ପ୍ରଥମ ବର୍ଷ ବଡ଼ ଲଙ୍ଗଳରେ ଅନ୍ତତଃ ୬୦ ଥର ଚାଷ କରାଯିବା ଦରକାର । ସାଧାରଣ ଚାଷୀମାନଙ୍କର ୫ ଏକର ପାଇଁ ହଳେ ବଳଦ ଦରକାର ହୁଅନ୍ତି, ସେ ପୁଣି ମୋଟେ ତିନି ଓଡ଼ ଚାଷ କରେ । ସେହି ମାପ କାଠିରେ ୧୦ ଏକର ଜମି ୬୦ ଓଡ଼ ଚାଷ କରିବାକୁ ତ୍ରୈରାଶିକ ନିୟମରେ ୪୦ ହଳ ଦରକାର । କିଣା ହେଉଥିବା ବଳଦ ତ ସବୁବେଳେ କାର୍ଯ୍ୟକ୍ଷମ ରହିବେ ନାହିଁ ; ସେମାନଙ୍କ ଛୁଟି ବେଳେ କାର୍ଯ୍ୟ ଚଳାଇବାକୁ ଅନ୍ତତଃ ୫ ହଳ ଅଧିକା ପାଖରେ ଥିବା ଦରକାର ।" ଏ ଯୁକ୍ତିଯୁକ୍ତ କଥାରେ କିଏ ବା ଆପତ୍ତି କରିବ ? ବହୁ ଦୂରକୁ ଯାଇ ୩ ମାସରେ ବଳଦ ଆସିଲେ । ସେମାନେ ଆସିଲେ ତାଙ୍କର ହେପାଜତ କରିବାକୁ ଓ ହଳ କରିବାକୁ ୯୦ ଜଣ ଲୋକ ଏଣେ ମୁକରର ହୋଇ ତିନିମାସ ହେଲା ଅପେକ୍ଷା କରିଥାନ୍ତି ।

Digitized by srujanika@gmail.com

ବଳଦ ଆସି ହିପଦାଞ୍ଚଲ ବେଳକୁ ମାର୍ଚ୍ଚ ମାସ ହୋଇଗଲାଣି । ମହାନଦୀରୁ ପାଣି ଆଣି ଶୁଷ୍କ ମାଟିକୁ ଲଙ୍ଗଳ କାଟିଲା ଭଳି କରିବା ପାଇଁ ୩ଟା ପାଣିବୁହା ଟ୍ରକ କଣା ହେଲା । ହଳ ହୋଇ ମାଟି ଅବର ପର ହୋଇଗଲା । ଗୋଟାଏ ଗୋଟାଏ ଯାହା ଗୋଡ଼ ଥିଲା, ସେ ସବୁ ଚୂଲୁଣିରେ ଚଲାହୋଇ ବାହାରିଲା । ଆଉ କିଛି ବାକି ନାହିଁ, ମଞ୍ଜି ଆସି ଗୃବା ପ୍ରସ୍ତୁତ ହେଲେ ରୁଆ ହେବ । କେଉଁ ଖଣ୍ଡରେ ରୁଆ ହେବ ଓ କ ସାର ଦିଆଯିବ ସେକଥା ଠିକଣା ହୋଇସାରିଥାଏ । ସରକାରୀ ଖତ ଦେଲେ ମାଟିର ଉର୍ବରତା ଚୂଲିଯାଏ ବୋଲି ଗୋଟାଏ ବିଖ୍ୟାତ କାଗଜର ଖଣ୍ଡେ ଟୁକୁରା ଜଣେ କିରାଣୀ ସେ ଫାଇଲରେ ଗୁଞ୍ଜି ଦେଇଥିଲେ । ବିଚାର ହୋଇ ହୋଇ ସିଦ୍ଧାନ୍ତ ହେଲା 'ସରକାରୀ ପିଢ଼ିଆ ଯେତିକ ଦିଆହେବ, କମ୍ପୋଷ୍ଟ ଖତ, ଗୋବର ଓ ହାଡ଼ଗୁଣ୍ଡ ପ୍ରତ୍ୟେକରୁ ସେଇ ପରିମାଣରେ ଦିଆଯିବ ।' ସେଥିପାଇଁ କଣ୍ଟ୍ରାକ୍ଟର ନିଯୁକ୍ତ ହୋଇସାରିଥାନ୍ତି ।

ମଞ୍ଜି ଆସି ପାର୍ଶଲ ଖୋଲା ହୋଇସାରିନାହିଁ, ଏଇ ସମୟରେ ଗୋଟାଏ ଖବରକାଗଜ ପଚାରିଦେଲା, "ଯାହା ଆସିଲା ସେ ସବୁ ଘୁନା ଗଛର ମଞ୍ଜି ନା ନୁହେଁ ?" ରଜା ମନ୍ତ୍ରୀ ସମସ୍ତେ ବିଗିଡ଼ିଲେ, ଏ ଖବରକାଗଜଗୁଡ଼ାକ ଗଠନମୂଳକ କାର୍ଯ୍ୟରେ ମନ ଦେବେ ନାହିଁ, ଖାଲି ସବୁବେଳେ ସମାଲୋଚନା ! ଯେଉଁ କମ୍ପାନୀରୁ ମଞ୍ଜି ଆସିଛି, ତାକୁ ଅବିଶ୍ୱାସ କରିବାର କୌଣସି କାରଣ ନ ଥାଏ ।

ମଞ୍ଜିଗୁଡ଼ାକ ଶହକେ ମୋଟେ ଚାଳିଶଟା ଗଜା ହେଲା । ସେଥିକୁ ଶୋଚନା କ'ଣ ? ଗୋଟାଏ ସାମ୍ବାଦିକ ସମ୍ମିଳନୀ ଡକାଇ ଦେଶୋତ୍ତ-ଠେଲଣ ମନ୍ତ୍ରୀ ଜଣାଇଦେଲେ, "ଏଥିରୁ ପୁଞ୍ଜାଏ ଗଛ ଫଳିଲେ ତ ଆମର ଯେତେ ଟଙ୍କା ଲାଗିଛି ସବୁ ମିଳିଯିବ ।" ସମସ୍ତେ ସନ୍ତୁଷ୍ଟ ହେଲେ ।

ଜାପାନୀ ଖଣ୍ଡରେ ଗୃହଗୁଡ଼ିକ ଲାଗିଲା । ମାଟି, ଖତ ଓ ପାଣି ବଳରେ ଗଛ ଯେପରି ବଢ଼ିଲା ସେଥିରେ ଆଉ କାହାର ସନ୍ଦେହ ରହିଲା ନାହିଁ—କି ପ୍ରକାର ଫସଲ ହେବ । ଖବରକାଗଜବାଲା ଥରକୁ ଥର ଆସି ଫଟୋ ଉଠାଇ ନେଉଥାନ୍ତି । ବିଦେଶର ଗୋଟିଏ ବିଖ୍ୟାତ ଖବର କାଗଜରେ ସମ୍ପାଦକୀୟ ଟିପ୍ପଣୀ ବାହାରିଲା, 'ଅକାରଣପୁରରେ ଯେଉଁ ପରୀକ୍ଷା ହେଉଛି ସମଗ୍ର ପୃଥିବୀ ତାକୁ ସତୃଷ୍ଣ ନୟନରେ ଚାହିଁ ରହିଛି ।

Digitized by srujanika@gmail.com

ଏହା ଯଦି ସଫଳ ହୁଏ, ତେବେ ଆଉ ଜୀବନ ବିପନ୍ନ କରି ସୁନା ଖୋଳି ବାହାର କରିବା ଦରକାର ହେବ ନାହିଁ । ମୁଦ୍ରାମାନ ବଦଳିଯିବ ଓ ଦେଶରେ ସବୁ ପ୍ରକାର ଉତ୍ତୋଳନ କାର୍ଯ୍ୟ ପାଇଁ ପ୍ରବୃତ୍ତି ଶତଗୁଣ ବଢ଼ିଯିବ ।' ଏ କାଗଜରେ ସମ୍ପାଦକୀୟ ବାହାରିବା ପରେ ମନ୍ତ୍ରୀଷଣ୍ଢ ଯାହା ଚୁଗୁଲି କରୁଥିଲେ ତାହା ବନ୍ଦ କଲେ । କେବଳ ତାଙ୍କର ଗୋଟିଏ ଭୟ ରହିଲା, ଦେଶୋତ୍ତୋଳନ ଯଦି ରାତିରେ କେଜେ ଗୁଡ଼ାଏ ତୋଳି-ନେଇଯାନ୍ତି—ସେ ରାଜାଙ୍କୁ କହି ଗୃହପଟେ କଡ଼ା ପହରା ବସାଇଦେଲେ ଓ ପ୍ରତି ଗଛର ଫଳର ଭଉଁରିଆ କରିବାକୁ ଲୋକ ନିଯୁକ୍ତ କରିଦେଲେ ।

ସୁନାଗଛ ତିନି ବର୍ଷର ହେଲେ ଫଳ ଧରେ ବୋଲି ସେତେବେଳକୁ ଡ୍ରସ୍ବର ହୋଇସାରିଥାଏ । ତେଣୁ କେହି ଅକାରଣରେ ଉଦ୍‌ବିଗ୍ନ ନ ହୋଇ ଦିନ ଗଣୁଥାନ୍ତି । ଗଛଗୁଡ଼ିକ ବଡ଼ ସରାଗରେ ବଢ଼ୁଥାଏ ।

ଗୋଟାଏ ଦିନ ଗୋଟାଏ ଲୋକର ଅବିବେଚନାରେ ଯୋଜନାରେ ଟିକିଏ ବ୍ୟାଘାତ ଘଟିଲା । ସେଦିନ ରାଜାଙ୍କର ଜନ୍ମ ଦିନ । ସନ୍ଧ୍ୟାବେଳେ କିଲା ପଡ଼ିଆରେ ରାଜା ବିଜେ କରିବେ, ଆତସବାଜି ଫୁଟିବ । ରାଜ୍ୟ ତମାମ ସେ ଦିନ ଛୁଟି ହୋଇଥାଏ । ୪୫ ହଳଯାକ ବଳଦ ଯେଉଁ ଗଉଡ଼ ଟୋକା ଚରାଇବାକୁ ନେଇଥିଲା, ସେ ଗେଟ୍ ମୁହଁରେ ବଳଦଙ୍କୁ ଛାଡ଼ିଦେଇ ସଭାକୁ ଧାଇଁଗଲା । ସେ ତ ଜାଣେ, ଗୁହାଳ ପୋଛୁବା ବାଲା ବଳଦଙ୍କୁ ନେଇ ସବୁଦିନ ପରି ଯେଝା ସ୍ଥାନରେ ବାନ୍ଧିବ । ସେ କିନ୍ତୁ ଆଗରୁ ସେ ଓଳି ଛୁଟି ନେଇପାଇଥାଏ । ହାକିମ ଅର୍ଡ଼ର କରିଥାନ୍ତି ଯେ, ଜଗୁଆଳି ଟୋକା ଗେଟ୍ ପାଖରେ ବଳଦ ନ ଛାଡ଼ି ଗୁହାଳରେ ଆଣି ବାନ୍ଧିଦେଇଯିବ । ଅର୍ଡ଼ର, ଛୁଟି ଯୋଗୁଁ ଟାଇପ ହୋଇପାରିନଥାଏ; ଭୁଣ୍ଡରେ ଖବର ଦେବାକୁ କାହାକୁ ବରାଦ ହୋଇପାରିନଥିଲା ।

ବଳଦଗୁଡ଼ାକ ଏ ସବୁ ଜାଣିବେ କୁଆଡ଼ୁ ? ସେମାନଙ୍କୁ କେହି ଗୁହାଳକୁ ନ ନେବାରୁ ସେମାନେ ବଗିଚ୍ଚରେ ପଶିଲେ । ତହିଁ ଆର ଦିନ ସକାଳ ୮ଟା ପର୍ଯ୍ୟନ୍ତ ତାଙ୍କୁ ଓଡ଼ାଇବାକୁ କେହି ନାହିଁ । ପହରାବାଲା ରାତି ଅଧକୁ ଆସି ତାଙ୍କ କର୍ତ୍ତବ୍ୟ କରିଥିଲେ । ସେମାନେ ତ ପାଚେରି ବାହାରେ ରହିବା ଲୋକ, ବଗିଚ୍ଚ ଭିତରକୁ ଦେଖିବେ କିମିତି, କାହିଁକି ବା ଦେଖିବେ ? ପୁଣି ସେ ଦିନଟା ଅନ୍ଧାର ରାତି ।

Digitized by srujanika@gmail.com

ତହିଁ ଆର ଦିନ ଘଣ୍ଟା ଧରପଗଡ଼ ଲାଗିଲା, ସମସ୍ତଙ୍କୁ କୈଫିୟତ୍ ମଗାଗଲା । ପ୍ରାୟ ଅଧେ କର୍ମଚାରୀ ସସ୍‌ପେଣ୍ଡ ହୋଇ ବିଚାରାଧୀନ ରହିଲେ । ଚାରିମାସ ପରେ ଠିକ୍ ହେଲା, ଗଉଡ଼ ପିଲା ବ୍ୟତୀତ ଆଉ କାହାର ଦୋଷ ନାହିଁ । ରାଜାଙ୍କ ଜନ୍ମଦିନ ଉତ୍ସବ ଦେଖିବାକୁ ଯିବାରେ କାହାକୁ ଦଣ୍ଡ ହୋଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଥିବାରୁ ତାକୁ ମଧ୍ୟ ଛୁଟି ମିଳିଲା । ଏ ଚାରିମାସ ଯାକର ଦରମା ମଧ୍ୟ ତାକୁ ମିଳିବା ସକାଶେ ହୁକୁମ ହେଲା । ସେ ଚିଡ଼ିଆ କାମରୁ ବାହାର ହୋଇ କଲିକତାର ଜଣେ ବାବୁ ବାଡ଼ିରେ କାମ କରୁଥାଏ । ତାହାର ଠିକଣା ଖୋଜାଖୋଜି କରି ମନିଅର୍ଡ଼ର ଖର୍ଚ୍ଚ କାଟି ତା' ଦରମା ତା' ପାଖକୁ ପଠାହେଲା ।

ହେଲ୍ଥ ଡେଭେଲପମେଣ୍ଟ ମନ୍ତ୍ରୀଙ୍କର ସୁଦୃଷ୍ଟି ନ ଥିଲେ ଏତିକରେ କଥା ସରିଥାନ୍ତା । ସେ କିନ୍ତୁ ନୂଆ ବଗିଚାକୁ ଗୋରୁ ଚରିଯିବା ପରେ ବ୍ୟାକୁଳ ହୋଇ ବଗିଚାଯାକ ବୁଲି ବୁଲି ଅଧା ଗୋରୁଖିଆ ୩୪ଟି ଗଛ ନିଜେ ଆଣି, ପାଇପ୍ ମୂଳରେ ଗେଇଦେଲେ । ସେଥିରୁ ଗୋଟିଏ ବଞ୍ଚିଲା । ହେଲ୍ଥ ଡେଭେଲପମେଣ୍ଟ ଡ୍ରାଇରେକ୍ଟର ବିଭାଗ ଜରିଆରେ ଗୋଟିଏ ବିଜ୍ଞାପନ ପ୍ରଚାରିତ କରିଦେଲେ ଯେ, ଏ ଯୋଜନା ବ୍ୟବସାୟ ଉଦ୍ଦେଶ୍ୟରେ କରାଯାଉନଥିଲା । ସରକାର ନିଜେ ବେପାର କରି ପଇସା ଉଠାଇବାର ଅନୁଷ୍ଠାନ ନୁହେଁ । ଲୋକେ ଏ ପରୀକ୍ଷାର ଫଳ ଜାଣିଲେ, ନିଜେ ନିଜେ ଏ ଚାଷ କରିଯିବେ । ସରକାର ପାଞ୍ଚ ଜଣିଆ କାରଖାନା ; ପୁଣି ନୂଆ କରି ଏ କାମ ଆରମ୍ଭ ହେଉଥିବାରୁ ଲଧିତ ଟିକିଏ ବେଶୀ ଲାଗିଛି । କ୍ରମେ ନାନା ଦିଗରୁ ଖର୍ଚ୍ଚ କଟାଇବା ସମ୍ଭବ ହେବ ।

ପାଇପ୍‌ମୂଳେ ଯେଉଁ ଗୋଟିକ ଗଛ ହୋଇଥିଲା, ତାହାର ଫଟୋ ଦ୍ରୁତ କାଗଜରେ ବାହାରିଲା । ଅବୃଷ୍ଟାମଣୀ ସମ୍ପାଦକ ଜଣେ ହି'ଜଣ ସୁନାଗଛ ପ୍ରକୃତରେ ସୁନାଗଛ ନୁହେଁ ବୋଲି ସନ୍ଦେହ ପ୍ରକାଶ କଲେ । କିଏ ତାକୁ କହିଲା, ବଣତୁଳସିଆ, ଆଉ କିଏ କହିଲା, କୋବିପୁଟିଆ ଝାଟି —ଏଇପରି ନାନାପ୍ରକାର ସନ୍ଦେହ ପ୍ରକାଶ ହେବାରେ ବିଚାର ବିଭାଗୀୟ ତଦନ୍ତ ବସିଲା ; ଉଦ୍ଭିଦ ବିଶେଷଜ୍ଞଙ୍କ ସାକ୍ଷ୍ୟ ନିଆଗଲା । ସେ କହିଲେ, "ଗଛ ଠିକ୍ ଚିହ୍ନି ହେଉନାହିଁ । କିନ୍ତୁ ଏହା ଚିପାରି ଜାତୀୟ କୌଣସି ଗଛ ପରି ମନେ ହେଉଛି । ସେ ଜାତୀୟ ଗଛ ବର୍ଷକରେ ବି ଫଳେ । ଫୁଲ କସି

Digitized by srujanika@gmail.com

ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ବିଜ୍ଞତାର କାର୍ଯ୍ୟ ହେବ ।" ତଥାପି ଯେଉଁ କାଗଜମାନେ ସନ୍ଦେହ ପ୍ରକାଶ କଲେ ସେମାନଙ୍କୁ ସାମ, ଦାନ, ଦଣ୍ଡ ଭେଦ ମାଧ୍ୟମରେ ତୁନି କରାଗଲା ।

'ଶ୍ରେୟାଂସି ବହୁ ବିଘ୍ନାନି'—ଠିକ୍ ଫୁଲ କସି ଧରି ଆସିଲା ବେଳକୁ ଗୋଟିଏ ଦୁର୍ଘଟଣା ଘଟି ସମସ୍ତଙ୍କୁ ନିରାଶ କରିଦେଲା । ଦିନେ ଉତ୍କଳେଲଣ ମନ୍ତ୍ରୀ ସକାଳେ ଯାଇ ଗଛକୁ ଦେଖିଲା ବେଳକୁ ପତ୍ର ସବୁ ଝାଉଁଳିବାକୁ ଆରମ୍ଭ କରିଛି । ସଙ୍ଗେ ସଙ୍ଗେ କୃଷି ବିଶାରଦମାନଙ୍କର ବୈଠକ ବସିଲା—ପୋକ ମାରିବାର ନାନା ପ୍ରକାର ଔଷଧ ଗୁଣ୍ଡ ବିଞ୍ଚା ହେଲା । କିନ୍ତୁ କିଛି ଫଳ ହେଲା ନାହିଁ । ତିନି ଦିନରେ ଗଛଟି ଶୁଖି ଡାଙ୍ଗ ହୋଇଗଲା । ଭିତରିଆ ଜଣେ ଚୁଗୁଲି କଲା ଯେ, ଉତ୍କଳେଲଣ ସହକର୍ମୀ (ପୂର୍ବର ଟାଇପ୍ ବାବୁ) ଦିନେ ରାତି ଅଧରେ ଆସି ଗଛଟାକୁ ଉପାଡ଼ି ଦେଇ ପୁଣି ପୋତିଦେଇ ଗଲେ । ବିଶାରଦମାନଙ୍କ ରିପୋର୍ଟରେ ଗଗନ ପବନ ଭରି ରହିଥିବାବେଳେ ଏ ଚୁଗୁଲିକୁ କିଏ ଅମଳ ଦେଉଛି ?

ତା'ପରେ ଲାଗିଲା ମସୁଧା, ଉତ୍କଳେଲଣ ବିଭାଗରେ ଏଇ ସୁନା ଉତ୍ପାଦନ ସେକ୍ସନଟା ଉଠାଇ ଦିଆଯିବ ନା ରହିବ । ବିଭାଗରେ ଚାକିରି ପାଇଥିବା ଲୋକେ ବଡ଼ବଡ଼ିଆଙ୍କୁ ଧରାଧରି କରିବା ସକାଶେ ଖୁବ୍ ବୁଲାବୁଲି କଲେ । ଏତେଗୁଡ଼ାଏ ଲୋକଙ୍କର ଚାକିରି ଚାଲିଯିବ—ଏ କଥାରେ ରାଣୀଙ୍କର ମଧ୍ୟ ସହାନୁଭୂତି ହେଲା । ବହୁ ଘଣ୍ଟାଚକଟ ପରେ ସ୍ଥିର ହେଲା, ଥରେ ଗୋଟିଏ ଯୋଜନା ବିଫଳ ହେଲା ବୋଲି ତାହାକୁ ଛାଡ଼ିଦେବା ଠିକ୍ ହେବ ନାହିଁ । ଆରବର୍ଷ ବୁଣା ବେଳକୁ ପୁଣି ସୁନା ଚାଷ କରିବାକୁ ହେବ । ବର୍ତ୍ତମାନ ଏ ବିଭାଗରେ ଅଭିଜ୍ଞତା ଅର୍ଜନ କରିଥିବା ଲୋକଙ୍କୁ ଛାଡ଼ିଦେଇ ପୁଣି ଚାରିମାସ ପରେ ଲୋକ ନିଯୁକ୍ତ କଲେ, ଦରମା ବାବତରେ ଯେତିକି ରହିବ, ବିଜ୍ଞାପନ, ପରୀକ୍ଷା ଓ ବଗ୍ଗବଛିରେ ସେତିକି ଖର୍ଚ୍ଚ ହୋଇଯିବାର ଆଶଙ୍କା ।

ସୁନାଚାଷ ଅନୁଷ୍ଠାନ ପୂର୍ବପରି ଚାଲିଲା । ସୁନାଗଛ ନ ଥିଲେ କ'ଣ ହେଲା, ତାହାର ରୂପ ପ୍ରଣାଳୀ, ତାହାର ରୋଗ ଇତ୍ୟାଦି ବିଷୟରେ ଫାଇଲ କାମ ହେଉଥାଏ । ମନ୍ତ୍ରୀଷଣ୍ଢ କିନ୍ତୁ ବେଳେ ବେଳେ ଆଉ ପଚାଉଥାନ୍ତି । ସେ ଥରେ ଗୋଟିଏ କୃଷି ବ୍ୟବସାୟୀଙ୍କ କ୍ୟାଟ୍‌ଲଗ୍ ଆଣି

Digitized by srujanika@gmail.com

ସୁନାଫଳ (Gold fruit) ବୋଲି ଗୋଟିଏ ଗଛର ଚିତ୍ର ଦେଖାଇ ରାଜାଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ ଏହି ସୁନାଫଳ ଗୋଟିଏ ଖାଦ୍ୟ ସାମଗ୍ରୀ । ସେ ବଲ୍ଲିଚରେ ରଖିଥିଲେ । ବୋଧହୁଏ ଏଇ ଗଛର ମଞ୍ଜି ଦେଶୋତ୍କ-ଠେଲଣ ଆଣି ବୁଣାଇଥିଲେ । ରାଜାଙ୍କ ମନ ସେତେବେଳେ ବଗିଡ଼ିଥାଏ । ସେ କର୍କଶ ସ୍ୱରରେ କହିଲେ, "ଆପଣ ଦେଶୋତ୍କଠେଲଣ ବନ୍ଧୁଙ୍କରେ ସବୁବେଳେ କାହିଁକି ଲାଗିଛନ୍ତି ? ସେ ଆପଣଙ୍କ କୋଠିଟା ନେଇଗଲେ ବୋଲି—ବୋଧହୁଏ । କ୍ଷୁଦ୍ର ସ୍ୱାର୍ଥପାଇଁ ଦେଶର କଲ୍ୟାଣକର କାର୍ଯ୍ୟରେ ବାଧା ଦେବା ଉଚିତ ନୁହେଁ ।"

ମନ୍ତ୍ରୀଷଣ୍ଢ ଏଥିରେ ଉତ୍କ୍ଷିପ୍ତ ହୋଇ ଖବର କାଗଜବାଲାଙ୍କ ଦ୍ୱାରସ୍ଥ ହେଲେ । କିନ୍ତୁ ଏ ବିଷୟରେ ଢାଣ୍ଟଚକଟ କରିବାକୁ ସେତେବେଳେ କାହାକୁ ଫୁରସତ୍ ? ନିର୍ବାଚନ ଲଢ଼େଇରେ ସମସ୍ତେ ଯୋଗ ଦେଇଥାନ୍ତି, ଖବରକାଗଜବାଲା ସବୁଠାରୁ ବେଶୀ । ରଜା ରହିବେ ନା ଯିବେ ? ଦେଶୋତ୍କଠେଲଣ ମନ୍ତ୍ରୀ ଆଶା କରି ବସିଥାନ୍ତି, ଏଇ ରଜା ଯଦି ରହିବେ, ତେବେ ସୁନା ଉତ୍ପାଦନ ଯୋଜନା ଚାଲୁ ରହିବ, ୫୦୦ ଟଙ୍କା ଆଲାଉନ୍ସ୍‌ଟାରେ ମଳି ଧୂଳି ଲାଗିବ ନାହିଁ । ମନ୍ତ୍ରୀଷଣ୍ଢ ଆଶା କରି ବସିଲେ ଏ ରାଜା ଗଲେ ସୁନା ଯୋଜନା ବହୁ ଧନସାପେକ୍ଷ ବୋଲି କହି ବନ୍ଦ କରାଇବ ଓ ମୋ ସାବକ ଘରକୁ ମୁଁ ପୁଣି ଫେରିଯିବ ।

Digitized by srujanika@gmail.com

ଗ୍ରାମଗୋଷ୍ଠୀ ଯୋଜନା

(୧)

ସଭା ସରିଲା । ସମସ୍ତେ ଯେ ଯୁଆଡ଼େ ଗଲେ, କାମଦାମ ସାର ପଛକୁ ପ୍ରଦର୍ଶନୀ ଦେଖିବାକୁ ଆସିବେ । କିନ୍ତୁ ନରଣପୁରବାଲା ଉକାଉକି ହୋଇ ସମସ୍ତେ ଏକମୁହାଁ ଗାଁକୁ ଫେରିଗଲେ । ଘରକୁ ନ ଯାଇ ସମସ୍ତେ ବସିଲେ ମିଶ୍ରଙ୍କ ଦାଣ୍ଡ ଘରେ । ଯେଉଁ ଜଣକ ଟିକିଏ କୁହାକୁଆ ପରି ଦିଶୁଥିଲା ସେ କହିଲା, "ଏଥର ହେଲାଟିକି ମିଶ୍ରେ ? ମୁଁ କହୁଛି ଏ କାମ-ଗୁଡ଼ାକରେ ପଣ ନାହିଁ । ଆଜି ତ ପ୍ରକୃତରେ ଷଣ୍ଢପୁରବାଲା ଷଣ୍ଢ ହେଲେ । ବଡ଼ ସାହେବ କ'ଣ କହିଲା ଶୁଣିଲଟିକି ? 'ଷଣ୍ଢପୁରବାଲା ଆଜି ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଛନ୍ତି ।' ସେ ତ ମୁଖ ଉଜ୍ଜ୍ୱଳ କରିବେ ଆମେ ଚୂଲି ଏଇଠି ମୁହଁ ପୋଡି ବସିଥିବା ।"

ଦିନୁ ଦାସେ କହିଲେ, "ହଁ ହେ, ଷଣ୍ଢ ହୁଅନ୍ତୁ କି ମୁହଁ ଉଜ୍ଜ୍ୱଳ କରନ୍ତୁ ଆମର ଯାଏଆସେ କେତେ ? ମତେ ଖାଲି ଲାଗୁଛି, ସେ ଯେଉଁ ଛୋଡ଼ାଟି ଉଠାଇ କରି ନେଲେ ।" ବୃନ୍ଦାବନ ମହାପାତ୍ରେ କହିଲେ, "ଆରେ, ମୁଁ ତମ କଥାରେ ହଁ ମାରନ୍ତି ନାହିଁ, ପ୍ରକୃତରେ ଯଦି ତାଙ୍କର ଭଲ ହୋଇଥାନ୍ତା, ତେବେ କାହାର କ'ଣ କହିବାକୁ ଥିଲା ? କଲି, ପାଇଲି । ସେ ବାବୁ ଗୋଟେ ସାର୍ଟିଫିକେଟ୍ ଦେଇଦେଲା ବୋଲି, କଣ ନାଁ ତାଙ୍କର ଭଲ ? ସେ ବାବୁଙ୍କୁ କ'ଣ କହିବା ? ବଡ଼ ସାଇବ ଭଲା କେଉଁ ନ୍ୟାୟଟା କଲେ ! ସରକାର ତମକୁ ହଜାର ହଜାର ଟଙ୍କା ଦେଇ ରଖିଛି ! ପୁରସ୍କାରଟା ବଢ଼ାଇ ଦେବା ପୂର୍ବରୁ ଟିକିଏ ଭଲ କରି ବୁଝିଲ ନାହିଁ !"

କଣ୍ଟୁ ପ୍ରଧାନ କହିଲା, "ସମସ୍ତେ ଏତେବେଳକୁ କାନ୍ଥ ଫଟେଇ-ଦେଉଛ । ସେଠି ଆଉ କେହି କିଛି କହିପାରିଲ ନାହିଁ ? ମିଶ୍ରେ ଆପଣେ, ଆପଣ ତ କାହିଁକି କିଛି କହିଲେନି ?"

ମିଶ୍ରେ ଗୁମ୍ମାରି ଟିକିଏ ବସିଲେ । ପରେ ତାଚ୍ଛଲ୍ୟରେ କହିଲେ "ହୁଁ", ଆସ୍ତେ ଆସ୍ତେ ଉଠି ଦୁଆର ମୁହଁକୁ ଗଲେ, ଦାଣ୍ଡ ଦୁଆରେ

Digitized by srujanika@gmail.com

ଦୁଇଆଡ଼କୁ ଟିକିଏ ଚାହିଁଲେ, ତା'ପରେ ଦୁଆରଟି କାଳ ପୁଣି ଆସି ନିଜ ସ୍ଥାନରେ ବସିଲେ । ତା'ପରେ କଣ୍ଟୁକୁ ସତେ ଜାଳଦେଲା ପରି ମୁହଁଟି ଦେଇ କହିଲେ, "ହାଇରେ କଣ୍ଟୁ, ତୁ ମତେ ଅକଲ ଶିଖାଇବୁ, ନାଁ ? ହଁ, କାଳଚ ସେମିତି ହେଲାଣି । ନୋହିଲେ ତୁ ପୁଣି ନରହରି ମିଶ୍ରଙ୍କୁ ଖୁଣିଥାନ୍ତୁ !" କଣ୍ଟୁ ଉପରୁ ଆଖି ଉଠାଇ ଅନ୍ୟମାନଙ୍କ ଆଡ଼କୁ ଚାହିଁ କହିଲେ, "ମୁଁ ଆଗ ଭାବିଲି, ସାଇବକୁ ମୁହେଁ ମୁହେଁ ବତାଇଦେବି । ସେଠୁ ପୁଣି ବିଚାରିଲି, ଶୁଣିବ କି ନ ଶୁଣିବ, ସାଙ୍କୁ ଖାମାଖା ସାମନା କରିବା ଦରକାର କ'ଣ ? ଆମର ଦେଖିଲା କାମ ଆମେ କରିବା ।"

ସମସ୍ତେ ଉତ୍ସୁକ ହୋଇ ଚାହିଁ ରହିଲେ । ନରି ମିଶ୍ରେ ଭାରି ଗମ୍ଭୀର ହୋଇ ଆଖି ତଳକୁ ଫେରାଇ ବସିଲେ ।

(୨)

ଷଣ୍ଢପୁର ଗାଁରେ ହାହାକାର ପଡ଼ିଗଲା । ଖବରରେ ଏତେ ହାଡ଼ଭଙ୍ଗା ପରିଶ୍ରମ କରି, ସେମାନେ ଅଣ୍ଡାବଗୃଙ୍କୁ ଲଗାଇ ଯେଉଁ ପରିଶ୍ରମ କରିଥିଲେ ସେ ସବୁ ଭୁଷୁଡ଼ି ଗଲା । ସେମାନେ ଯେପରି ଟାଣ କରି ବନ୍ଧ ଦେଇଥିଲେ ଏତିକି ପାଣିରେ ସେ ବନ୍ଧ ଭାଙ୍ଗି ନ ଥାନ୍ତା । ଗୋଟିଏ ସ୍ତ୍ରୀ ଲୋକ ପୋଖରୀ-ପାଣି ବସି ଆସୁ ଆସୁ ଦେଖିଥିଲା, ମୁହଁ ସଞ୍ଜବେଳେ ଜଣେ କେହି ଧାଇଁ ଧାଇଁ ନରଣପୁର ଆଡ଼େ ଯାଉଥିଲା । ଷଣ୍ଢପୁରରେ କାହାରି ଆଉ ଅବିଶ୍ୱାସ ରହିଲା ନାହିଁ ଯେ, ନରଣପୁରବାଲା ବନ୍ଧ କାଟି ଦେଇଛନ୍ତି । ହାଟଦିନ ଷଣ୍ଢପୁରର ଜଣେ, କଣ୍ଟୁ ପଧାନକୁ କହିଲା, "ଆଚ୍ଛା ହଉ, ଭଗବାନ ଅଛନ୍ତି । ଯେ ହଜାରେ ଲୋକଙ୍କ ନିଃଶ୍ୱାସ ପକାଇ ଦେଇଛୁ ସେ କ'ଣ ଧରାପଡ଼ିବ ନାହିଁ ?"

କଣ୍ଟୁ ପଧାନ ହାଟରୁ ସିଧା ନରି ମିଶ୍ରଙ୍କ ଘରକୁ ଗଲା । ନରି ମିଶ୍ରେ ସବୁ ଶୁଣି କହିଲେ, "ହଉ କଣ୍ଟୁ ! ଅପୂ ଧର, ମୁଁ ଏହାକୁ ଫଇସଲ କରି ଦେଉଛି ।" ତହିଁ ଆରଦିନ ବଡ଼ ସକାଳୁ ନରି ମିଶ୍ରେ ଓ ସାଙ୍ଗରେ ଦଶ କୋଡ଼ିଏ ଜଣ ଯାଇ ଷଣ୍ଢପୁରରେ ହାଜର । ପାଟି ଗୁଣ୍ଡ ହେଉ ହେଉ ହାତ ଉଠିବାଯାଏଁ ଚଲା । କଣ୍ଟୁ ପଧାନ ଖୁବ୍ ତେରମେର କରି ଷଣ୍ଢପୁର

Digitized by srujanika@gmail.com

ବାଲାଙ୍କ ଆଡ଼କୁ ଧାଇଁ ଯାଇ ଜଣକ ଦେହରେ ହାତ ଲଗାଇଛୁ କି ନାହିଁ, ଷଣ୍ଢପୁରିଆ ଭେଣ୍ଡିଆଟାଏ କଣ୍ଢୁ ପଧାନକୁ ହାତଧରା ପାଞ୍ଚଣ ଖଣ୍ଡ ଉଠାଇ ଗୋଡ଼େଇ ଆସି ସ୍ୱାଙ୍କ ମେଳରେ ପଶିଗଲା । ହାତଧରା ବାଡ଼ିଖଣ୍ଡ ମିଶ୍ରଙ୍କ ଚାନ୍ଦିରେ ବାଜିଲା । ସାମାନ୍ୟ ଆଘାତ । କିନ୍ତୁ ମିଶ୍ରଙ୍କ ମୁଣ୍ଡରେ ରକ୍ତ ଦେଖି ଷଣ୍ଢପୁରିଆ ଶଙ୍କି କରି ଘରକୁ ଫେରିଗଲେ । ଫେରିଲାବେଳେ କଣ୍ଢୁ ପଧାନ ମୁଣ୍ଡରେ ହାତମାରି କହିଲା, "ସବୁ ସରିଯାଇଥିଲା । ଆଜି ଆଉ ହେଉ ନାହିଁ । କିବା କଥା ହେଲା ? ଶ୍ରୀଅଙ୍ଗରେ ଘାଉ ?"

ମିଶ୍ରେ ଡାକିଲେ, "ବୃନ୍ଦାବନ, ଗାଁକୁ କ'ଣ ଯାଉଛ ? ଚାଲ, ଥାନାକୁ ଚାଲ ।"

ଥାନା ଆଉ କୋଶେ ବାଟ ଥାଏ । ମିଶ୍ରେ କହିଲେ, "ଆରେ ରହ । ଇମିତି ଟଙ୍ଗ ଟଙ୍ଗ ହୋଇ ଯାଇ ଥାନାରେ ପହଞ୍ଚିଲେ କ'ଣଟାଏ ହେବ ? ସମସ୍ତେ ବସିଗଲେ, ସତ । ମୁଣ୍ଡରୁ ଟିକିଏ ରକ୍ତ ବାହାରୁଥିଲା ଯେ, ସେତିକ ମଧ୍ୟ କଳା ପଡ଼ ଗୋଟିଏ ବାନ୍ଧି ଗଲାଣି । ଦଣ୍ଡେ ଖଣ୍ଡେ ମସୁଧା ହେଲା । କଣ୍ଢୁ ପଧାନ ମିଶ୍ରଙ୍କୁ ଖୁଆଠାରୁ ଧଇଲା । ମିଶ୍ରେ ଲୁଗା ଟେକି ଧରିଥାନ୍ତି । ଖୁବ୍ ଜୋରରେ କଣ୍ଟା ମାଇଲାପରି ବଢ଼େଇଁ ମିଶ୍ରଙ୍କୁ ସଢ଼କର କଳା ମୁଗୁନିରେ ଦଶ ପନ୍ଦର ଥର ଘୋସାରି ଦେଲେ । ମିଶ୍ରେ ବି ସେହି ସମୟରେ ହାତଟା ସଢ଼କରେ ଘସି ଦେଇଥାନ୍ତି । ଟିକିକ ପରେ ମିଶ୍ରେ କହିଲେ, "ହଉ ଥାଉ, ଏଥର ହେବ । ମତେ ଏଥର ଯେମିତି ଧରି ଚାଲ । ଆଜି ଦେଖୁଛୁ ଶଳା ଷଣ୍ଢପୁରିଆଙ୍କୁ ।"

ଏ କଥାରେ ନରଣପୁରବାଲା କେହି ବିସ୍ମିତ ହେଉନଥାନ୍ତି । ମିଶ୍ରଙ୍କୁ ସମସ୍ତେ ଜାଣନ୍ତି । ସେ ବାପ୍‌କା ବେଟା । ତାଙ୍କ ନନା ମଲାବେଳେ ମିଶ୍ରଙ୍କୁ ଡାକି କହିଥିଲେ, "ପୁଅ, ମୁଁ ମରିକରି ପଡ଼ିଥିବ, ମୋଠେଇ ବାକୁଲିଟାଏ ଗେଞ୍ଜି ଦେଇଥିବୁ । ମରି ତ ଯାଉଛୁ, ଦାସିଆକୁ ପାରିଲିନି । ପୁଲିସରେ ଏତଲାଟାଏ ଦେଇଦେବୁ, ଦାସିଆ ମତେ ଅପମାନ ଦେବାକୁ ଏମିତି କରିଛି । ସାକ୍ଷୀ ଦି'ଜଣ ଭଲ କରି ତିଆରିଥିବୁ ।" ମିଶ୍ରେ ଠିକ୍ ସେହିପରି କରିଥିଲେ । ହାକିମ୍ ଅଶ୍ୱତ୍ଥାମଣା । ସେଦିନ ଦୈବାତ୍ ଦାସିଆ କୁଟୁଆଁ ଘର ଯାଇଥିଲା ବୋଲି ଯେଉଁ ସଫାଇ ଦିଆହେଲା ସେଥିରେ

Digitized by srujanika@gmail.com

ବିଶ୍ବାସ କରିଗଲା । ହେଲେ କ'ଣ ହେବ ! କଚିରିକି ଯାଇ ଯାଇ ଦାସିଆର ବାତ ଜର ବେଏଣ୍ଟି ଥିଲା ।

ରାତି ୯ଟାରେ ସମସ୍ତେ ଯାଇ ଥାନା ବାବୁଙ୍କୁ ଉଠାଇଲେ । ଥାନା ବାବୁ ଘଡ଼ିଏଖଣ୍ଡେ ପଚରାପଚରି କଲେ ; ମିଶ୍ରଙ୍କର ପ୍ରତ୍ୟେକ କ୍ଷତକୁ ଭଲ କରି ଦେଖିଲେ , ଠୋ ଠୋ ହସିଦେଇ କହିଲେ, "ମିଶ୍ରେ, ଏଥର ପାରିଲନି ! ଏଇ ଲୁଗା ଖଣ୍ଡ ମୂଳରୁ ପିନ୍ଧିଥିଲଟି ? ପିଠିଯାକ ଫଡ଼ା ଫଡ଼ା ହୋଇଯାଇଛି ଲୁଗାରେ ତ କାଇଁ ଟିକିଏ ଦାଗ ଲାଗିନାହିଁ ।"

ମିଶ୍ରେ ଚଟ୍‌କରି ଜବାବ ଦେଲେ, "ଆଜ୍ଞା, ଆପଣଙ୍କୁ ତ କାଟୁ-ନାହିଁ । କାହିଁକି ଜାଣିବେ ? ଗାମୁଛା ଖଣ୍ଡେ ପିନ୍ଧିଥିଲି । ସେଇଟା ରକ୍ତସ୍ନାନ ହୋଇଯିବାରୁ, ଏ ଖଣ୍ଡ ଗୁଡ଼ାଇ ହୋଇପଡ଼ିଛି ।"

ଗାମୁଛା ବିଷୟରେ ଅନୁସନ୍ଧାନ ଚାଲିଲା । ଗାମୁଛା ଛୁଡ଼ଉଡ଼ି ବାଟରେ ପଡ଼ିଛି ବୋଲି ମିଶ୍ରେ କହିଥିଲେ, ବାଟରେ ନ ମିଳିବାରୁ କହିଲେ "ଆଜ୍ଞା, ଷଣ୍ଢପୁରିଆ ଲୁଚାଇ ଦେଇଥିବେ ।" ଷଣ୍ଢପୁର ଗାଁ ଯାକ ଖାନ୍‌ତଲାସ ତୋଡ଼ଫୋଡ଼ ହେଲା ! ସାତ ଆଠ ଦିନ ପରେ ପୁଲିସ ରିପୋର୍ଟ ଦେଲେ, "ନରଣପୁରବାଲା ଅଜାଏ ଜବରଦସ୍ତ ଆସି ଷଣ୍ଢପୁର ଗାଁ ଭିତରେ ପଶି ଫୌଜଦାରି କରିଛନ୍ତି । ଆଘାତ ସେପରି ଗୁରୁତର ନୁହେଁ । ମକଦ୍ଦମା ହେବ ବୋଲି, ମିଶ୍ରେ କଳାମୁଗୁନି ବିଲ୍ଲ ସଡ଼କରେ ପିଟି ଘେଷରାଇଛନ୍ତି ।"

ମକଦ୍ଦମା ଚଳିଲା ନାହିଁ ବୋଲି ନରଣପୁରବାଲାଙ୍କର ଭାରି ମନ ଦୁଃଖ, ବିଶେଷ କରି ସେହି ଚାରିଜଣଙ୍କର, ଯେଉଁମାନେ କୋଶେ ବାଟ ମିଶ୍ରଙ୍କ ଅଡ଼େଇ ମହଣିଆ ଗଣ୍ଡି ଟେକା ଟେକି କରି ଝାଳ ବୁହାଇଥିଲେ । ସେଇଥି ଭିତରୁ ଜଣେ କହିଲା, "ଆରେ ଯା ମ ! ମିଶ୍ରେ ଖାଲି ଆପେ ଆପେ ମାମଲତକାର ବୋଲାଉଛନ୍ତି ନାଁ ! ଲୁଗା ଖଣ୍ଡକର ମାୟା ଯଦି ଛାଡ଼ି ଥାନ୍ତେ ତେବେ କ'ଣ ମକଦ୍ଦମା ହଟିଥାନ୍ତା ?"

ମିଶ୍ରେ ଏ କଥା ଶୁଣି ବଦ୍ରୂପରେ ହସି କରି କହିଲେ, "ଆରେ ହଁ, ଆମେ କୁଆଡ଼ୁ ? ତୁମେ ତ ସବୁ ମାମଲତକାର । ଲୁଗା କଥା କ'ଣ ମୁଁ ବିଚାରି ନ ଥିଲି ? ମୁଁ ଯେତେବେଳେ ଘୋଷାରିବାକୁ କହିଦେଲି ତା'ରି

ପରେ ମନେ ପଡ଼ିଗଲା । ମୂଳରୁ ତ ଅଶୁଦ୍ଧ ହୋଇଛି, ଆମେ ଆସି ତାଙ୍କ ଗାଁରେ ମାଡ଼ ଖାଇଛେ । ବଗୁରିଦେଲ ମକଦ୍ଦମା ତ ଦୁର୍ବଳ, ଲୁଗାଟା କାହିଁକି ଯିବ । ବିହିକୁ ଯାହା ଟିକିଏ ପୀଡ଼ା ହେବ, ସେ ତ ତା ମନକୁ ଯିବ । ଏ କାଳରେ ଲୁଗାଖଣ୍ଡି ଗଲେ ପୁଣି ଥୁଅ ପାଞ୍ଚ ଟଙ୍କା ।"

ସମସ୍ତେ ବୁଝିଗଲେ । ପୁଣି ଉତ୍ସାହର ସହିତ ମିଶ୍ରଙ୍କ ଦାଣ୍ଡଘରେ ସଭା ବସିଲା, କମିଟି ଷଣ୍ଢପୁରିଆଙ୍କୁ ପାନେ ଦେବେ । ଷଣ୍ଢପୁରିଆଗୁଡ଼ାକ ତ ମେଣ୍ଢା, ସେ କ'ଣ ମାଡ଼ ମାରିବାକୁ ନରଣପୁର ଆସିବେ ? ଏତେବଡ଼ ପୁଲିଶ ଏନ୍‌କ୍ୱାରି ଚାଲିଲା । ମିଶ୍ରଙ୍କ ଗାମୁଛା ଖୋଜିବାରେ ମାଇକିନିଆଙ୍କ ଲୁଗାପଟା ଦରଣ୍ଡା ହେଲା । ତଥାପି କ'ଣ ଟିକିଏ ରାଗ ନା ରିସା ଅଛି ? ହାଟରେ ଦେଖାହେଲେ ନରଣପୁରିଆଙ୍କୁ କୋଉ ଲାଜରେ 'ଭାଇ ଭାଇ' ବୋଲି ଆଗ ଡାକୁଛନ୍ତି କେଜାଣି ? ବର୍ଷା ଛାଡ଼ିଲାମାନେ ପୁଣି ଘାଇ ହୋଇ ଥିବା ବନ୍ଧରେ କାମ ଲାଗିଲା । ଏଥର କୁଆଡ଼େ ସେମାନେ ମସୁଧା କରିଛନ୍ତି ବର୍ଷାହିନେ ପାଳକରି ବନ୍ଧ ଜଗିବେ । କଟକଆଡ଼ୁ ଗୋଟେ ପାଞ୍ଚ ବ୍ୟାଟେରିବାଲା ଟର୍ଚ୍ଚ ଲାଇଟ୍ କିଣି ବନ୍ଧ ଉପରେ ପକାଇବେ । ଆରବର୍ଷ ମାଣକେ ଯେତିକି ଧାନ କରି ପୁରସ୍କାର ପାଇଲେ, ତହିଁରୁ ବେଶୀ କରାଇବେ ।

ଏ ସବୁ ଶୁଣି ମିଶ୍ରେ କହିଲେ, "ଆରେ, ଅଥପୂ କାହିଁକି ହେଉଛି 'ସହସା ବିଦଧୀତ ନ କ୍ରିୟାମ୍ ।' ତା' ବେଳ ଆସିଲେ ମୁଁ କହିବିନି ? କ'ଣ ମୋର ପାସୋରି ହୋଇଗଲାଣି ପରା ! କାୟୁ କ୍ଲେଶ ଯାହା ହେଲା, ହିକ୍ ପାଞ୍ଚଶ ଟଙ୍କା ବୋହିଗଲାଟି ।" ଗାଁର ଅନେକ ଲୋକଙ୍କର ସନ୍ଦେହ ଥିଲା, ମକଦ୍ଦମା ପାଇଁ ଯେଉଁ ଚାନ୍ଦା ହୋଇଥିଲା ସେ ସବୁ ଖର୍ଚ୍ଚ ହୋଇ ନାହିଁ । ଅତି ବଗୁଲିଆ ଜଣେ ଦିଜଣ କ'ଣ ସୁଡ଼ୁସିଆଡ଼ୁ ହିସାବ କରି କହନ୍ତି, ଅଧେ ବି ଖର୍ଚ୍ଚ ହୋଇନାହିଁ । ଟୋକା ପଞ୍ଝାଟେ ଫୁଟ୍‌ଫାଟ୍ ହେଉଥିଲେ, ଏଥର ସଭା ହେଲେ ମିଶ୍ରଙ୍କ ମୁହଁ ଉପରେ ମାଗିଦେବେ ହିସାବ ଦେବାକୁ । ଥରେ ଦି ଥର ସଭା ଡକାଇବାକୁ ଉଦ୍ୟମ ହୋଇଥିଲା । ମିଶ୍ରେ ଭାଙ୍ଗିଦେଲେ ; କହିଲେ, "ଆରେ, ଆଜି ଯଦି ସଭାଟେ କରିବା, ଆଉ କାଲିକି ଷଣ୍ଢପୁରିଆଙ୍କ ଉପରେ କ'ଣ ପରାଭବ ହେବ ? ତା'ହେଲେ ହାକିମ କହିବ ଆମେ ମସୁଧା କରି ମାଡ଼ ମାରିଥିଲେ । ସେଠୁ ଲାଗିଯିବ

Digitized by srujanika@gmail.com

ଆମ ପଛରେ ଗଣ୍ଡା ଗଣ୍ଡା ସେକ୍‌ସନ୍ ।" ବୃନ୍ଦାବନ ମହାପାତ୍ରେ ଓ କଣ୍ଟୁ ପଧାନଙ୍କୁ ଡାକି ହନେ ମିଶ୍ରେ କହିଲେ, "ଆମ ଗାଁରେ ଟୋକା ବଢ଼ିଆ ହୋଇଗଲେଣି, ଆଉ ଗାଁରେ କଛି କରି ହେବ ନାହିଁ ।"

ମୁରବିମାନଙ୍କର ସବୁ ଟୋକାଟାକଳିଆଙ୍କ ଉପରେ ପଡ଼ିଲା କୋଡ଼ମାଡ଼ । ସମସ୍ତେ ଚୁପ୍‌ଚାପ୍ ହୋଇଗଲେ । ଗାଁରେ ଯେଉଁ ଆଖଡ଼ା ଖଣ୍ଡେ ହୋଇଥିଲା ସେ ବି ଭାଙ୍ଗିଲା ।

(୩)

ଷଣ୍ଢପୁରରେ ସେଦିନ ଗୋଟାଏ ଭାରି ବଢ଼ିଆ ବାହାଘର । ସେ ଅଞ୍ଚଳରେ ଜଣେ ନାମଯାଦା ଧନୀ ଘରର ବାହାଘର ବରଯାତ୍ରୀ ଆସୁଥାନ୍ତି । ସା'ନ୍ତରଙ୍କ ଝିଅ ବାହା ହେଉଥାଏ । ସେଉଟି ସତେ ଯେମିତି ଷଣ୍ଢପୁରିଆ ସମସ୍ତଙ୍କର ଝିଅ । ସମସ୍ତେ କାମଦାମ ବନ୍ଦକରି ସା'ନ୍ତରଙ୍କ ଝିଅ ବାହାଘରରେ ଲାଗିଥାନ୍ତି । ଗାଁର ଭେଣ୍ଡିଆପାକ ସମସ୍ତେ ଝିଅର ଭାଇ ଲେଖା । ଦୁଇଚାରିଜଣ ଲେଖାଏ ଯାଇ ସଡ଼କରେ ଗୃହିଁ ଆହୁଥାନ୍ତି— ବେଷଣୀ ଆସିଲା କି ନାହିଁ । ସଦର ରାସ୍ତା ନରଣପୁର ଗାଁ ମୁଣ୍ଡରେ । ନରଣପୁର-ବାଲା କେଜାଣି କ'ଣ ଗୋଳମାଳ କରିପାରନ୍ତି ବୋଲି କେହି ଜଣେ କହିଲା । ସା'ନ୍ତରେ ଟିକିଏ ମୁରୁକି ମୁରୁକି ହସିଲେ, "ଛି, ସେ କଥା କାହିଁକି ମନକୁ ଆଣୁଛ ? ଅବା ସେ ଆମ ସାଙ୍ଗରେ ଲାଗନ୍ତେ, ବାହାର ଗାଁରୁ ବରଯାତ୍ରୀ ଆସୁଛନ୍ତି । କାହିଁ ପୁଅ ସଙ୍ଗେ କଳି କରିବେ ? ବାସନ୍ତୀ କ'ଣ ନରି ମିଶ୍ରଙ୍କର ଝିଅ ନୁହେଁ ?" ସମସ୍ତଙ୍କ ମନକୁ ଏକଥା ପାଇଥିଲା ।

ତେଣୁ ଯେତେବେଳେ ନରଣପୁର ଆଡ଼ୁ ହୋ ହା ଶୁଭିଲା, ସେତେବେଳେ ସମସ୍ତେ ଜାଣିଗଲେ ନରଣପୁରିଆ ନିଶ୍ଚୟ ବରଯାତ୍ରୀଙ୍କ ସଙ୍ଗେ ଦଙ୍ଗା ହଙ୍ଗାମା କଲେ । ତେଣୁ ଖାଲି ଯୁବକ କାହିଁକି ଅଧା ବୟସିଆ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଧାଇଁଲେ, ଘଟଣା କ'ଣ ହୋଇଛି ଦେଖିବାକୁ । ସବୁ ହୋ ହାକୁ ଟପି କଣ୍ଟୁ ପଧାନର ପାଟି ଶୁଭିଲା, "ଆଲୋ ବାପ ଲୋ ! ମାରିପକାଇଲେଲୋ ! ଶଳା ହାଣି ଦେଇ କରି ପଳାଇଲା । ଧର, ଧର । ମିଶ୍ରେ ତା ସାଙ୍ଗକୁ ବଡ଼ ପାଟି କରି ଜବାବ ଦେଲେ, "ଆରେ ଚିହ୍ନଟ କରୁଛୁଟି ? କଟୁରୀ କାହା ହାତରେ ଥିଲା ଦେଖିଛୁଟି ?"

Digitized by srujanika@gmail.com

ମିଶ୍ରେ ନିଜ ଲୁଗା ଭିତରେ ଲୁଚାଇ କରି କଟୁରୀଟି ଆଣିଥିଲେ ଓ ନିଜେ କଣ୍ଠ ପଧାନର ବାହାକୁ ସେଥିରେ ଘାହାରେ ଦେଇଥିଲେ । କଟୁରୀ ଟ୍ରେଟ ଖସିମିବାରୁ ତନ୍ତୁଳ ଗଣ୍ଡି ଶରିଲ ପରି ବାହାରୁ ରେଙାଏ ଗ୍ଳାଡ଼ି ଯାଇଥାଏ ।

ସାଁନ୍ତରାଙ୍କ ହାତରେ କଟୁରୀ ଥିଲି ବୋଲି କଣ୍ଠ ପଧାନ ଚିହ୍ନିଟ ଦେଲି । ବନ୍ଧଘର ବାସି ସକାଳ ପହରରେ ଝିଅ ଶାଶୁଘରକୁ ଗଲା, ସାଁନ୍ତରା ଓ ଆଉ ପାଞ୍ଚ ଦଶ ଜଣ ହାତକଡ଼ି ଲାଗି ଥାନାକୁ ଗଲେ ।

ଧମାଧୋଟ ମକଦ୍ଦମା ଚାଲିଲି । ସାନ୍ତରାଙ୍କ ସମ୍ବନ୍ଧୀ ଭାରି ସ୍ନେହୀ ଲୋକ । ହାତରେ ତ ଟଙ୍କା ଅଛି, ଜଜ୍ ସାହେବଙ୍କ ପାଖେ ଅପିଲ ହେଲି ବେଳକୁ କଲିକତାରୁ ବାରିଷ୍ଟର ଆଣିଲେ ଯେ ପୂରା ପାଞ୍ଚ ଦିନ ସୁଆଲ ଜବାବ ଚାଲିଲା । ଦିନକୁ ହଜାରେ ଟଙ୍କା ଫିସ । ତା’ ବାଦ ଡାକ ବଙ୍ଗଳା ଖର୍ଚ୍ଚ, ରେଳ ଭଡ଼ା ଫାଷ୍ଟ କ୍ଲାସ । ବାରିଷ୍ଟରଙ୍କ ପାଇଁ ଦି’ଟା ଟିକଟ, ତାଙ୍କ କିରାଣି ପାଇଁ ଦେଢ଼ଟା ପୁଣି ଅର୍ଦ୍ଦଳୀ ପାଇଁ ଗୋଟିଏ । ଖର୍ଚ୍ଚକୁ କିଏ ପଚାରୁଛି ? ନୂଆ ସମ୍ବନ୍ଧୀଙ୍କର ଇଂରେଜୀ ପଢ଼ା । ବାରିଷ୍ଟର ଯେଉଁ ପଇଁଟି ସବୁ କହନ୍ତି, ସେ ରାତିରେ ବସା ଘରେ ଷଣ୍ଢପୁରିଆଙ୍କୁ ବସାଇ ବୁଝାଇ ଦିଅନ୍ତି ।

ଜଜ କୋର୍ଟରେ ନରଣପୁରିଆଙ୍କର ଡିକ୍ରୀ ହୋଇଥିଲା । ହାକିମ ରାଏ ଦେଇଥିଲେ, "ନରଣପୁର ଲୋକେ ବନ୍ଧ ହାଣିଛନ୍ତି ବୋଲି ଷଣ୍ଢପୁର ଲୋକମାନଙ୍କର ଗୋଟାଏ ଭ୍ରମ ଧାରଣା ଥିଲା । ଆସାମୀ ପକ୍ଷକୁ ଜେରା କରି ଫେରାଦ ପକ୍ଷର ସୁପଣ୍ଡିତ ଓକିଲ ଏହା ପରିଷ୍କାର ଧରାଇ ଦେଇଛନ୍ତି । ମୋର ତିଳେମାତ୍ର ସନ୍ଦେହ ହେଉନାହିଁ ଯେ, ଷଣ୍ଢପୁରବାଲା ସେହି ରାଗ ରଖି ନରଣପୁରରେ ଫୌଜଦାରୀ କରିବାକୁ ଆସିଥିଲେ । ଏଥି ପୂର୍ବରୁ ନରଣପୁର ଲୋକେ ଯାଇ ଷଣ୍ଢପୁରରେ ଯେଉଁ ଅଶାନ୍ତି ଘଟାଇଥିଲେ ସେ ବିଷୟର କାଗଜାତ୍ର ଆମ ଶ୍ରୀ ହଜୁରେ ଉପସ୍ଥାପିତ ହୋଇଛି । ସେ ଘଟଣାରେ ନରଣପୁରବାଲା ଦୋଷୀ ହୋଇପାରନ୍ତି । କିନ୍ତୁ ଏହା ଏ ମକଦ୍ଦମାର ବିଷୟ ନୁହେଁ । ସେ ସମ୍ପର୍କରେ କୌଣସି ଫେରାଦ ଆମ୍ଭ ସମ୍ମୁଖରେ ନାହିଁ ।

Digitized by srujanika@gmail.com

"ସେ ଘଟଣାର ଯେଉଁ କାଗଜ ଦାଖଲ ହୋଇଛି, ସେଥିରୁ ଆମ୍ଭର ପୂର୍ଣ୍ଣ ପ୍ରତ୍ୟୟ ହେଉଛି ଯେ ଆସାମୀମାନେ ସେହି ଦିନର ରାଗ ରଖି ଏ ଘଟଣା ଘଟାଇଛନ୍ତି । ଏତେ ଦିନ ହେଲା ରାଗ ରଖି ଜମାଯୁତ ବସ୍ତି ହୋଇ ଆସାମୀମାନେ ସାଙ୍ଗରେ କଟୁରି ନେଇ ଲୋକଙ୍କୁ ମାରିଦେବା ପାଇଁ ଚେଷ୍ଟା କରିଥିବାରୁ ଆସାମୀମାନଙ୍କ ଉପରେ ୧୬ ପଣ ଅପରାଧ ଫାବୁଛି ।

"କଟୁରି ତିଆରି କରିଥିବା କମାର ଯେଉଁ ସାକ୍ଷ୍ୟ ଦେଇଛି, ତାହା ଅବଶ୍ୟ ବିଶ୍ୱାସଯୋଗ୍ୟ ନୁହେଁ । ନରଣପୁରର କିଣ୍ଣୁ ପ୍ରଧାନ ଯାହା ସାକ୍ଷ୍ୟ ଦେଇଛି ତାହା ମୁଁ ଅବିଶ୍ୱାସ କରିପାରୁ ନାହିଁ । କିଣ୍ଣୁ ପ୍ରଧାନ ଜମିକୁ ସା'ନ୍ତରାଙ୍କ ଜମି ଲାଗିଛି । କିଣ୍ଣୁ ପଧାନ ନିଜ ହିଡ଼ ଉପରେ କଟୁରି ଛାଡ଼ିଦେଇ ଆସିଥିବାର ପୂରା ସମ୍ଭବ । ଫେରାଦୀ ପକ୍ଷର ବିଚକ୍ଷଣ ଓକିଲ ଯେପରି ଦର୍ଶାଇଛନ୍ତି କିଣ୍ଣୁ ପଧାନର କଥା ଭଲ ମନେ ରହେ ନାହିଁ । ସା'ନ୍ତରା ସେ କଟୁରି ନେଇ ନିଜ ଘରେ ଲୁଚାଇବା ସମ୍ଭବ । ଏତେ ବାଟ କଟୁରି ଧରି ମଣିଷ ହାଣିବାକୁ ଆସିବା ଅତି ଘୋରତର ଅପରାଧ ।

"ଆମ୍ଭେ ସ୍ୱୀକାର କରୁଛୁ ଯେ ସା'ନ୍ତରା ଭଲ ଲୋକ ବୋଲି ଆମ୍ଭ ସମ୍ମୁଖରେ ସାକ୍ଷ୍ୟ ଦିଆହୋଇଅଛି । କିନ୍ତୁ ମନୁଷ୍ୟ ମନ ଜାଣିବା ସହଜ କଥା ନୁହେଁ । ଫେରାଦୀ ପକ୍ଷର ସୁବିଚକ୍ଷଣ ଆଡ଼୍‌ଭୋକେଟ୍ ଯେପରି ଦେଖାଇଛନ୍ତି, ନିଜ ଉଦ୍ୟମରେ ବନ୍ଧ କାର୍ଯ୍ୟ ହୋଇଥିବାରୁ ସା'ନ୍ତରା ଖୁବ ଗର୍ବିତ ହୋଇଥିଲେ । ନରଣପୁର ଲୋକଙ୍କ ଯୋଗୁଁ ତାଙ୍କ ଗର୍ବର କାରଣ ଗୁଳିଗଲା ବୋଲି ସେ କ୍ରୁଦ୍ଧ ହେବା ସ୍ୱାଭାବିକ । ଲୋକେ ତାଙ୍କ କଥା ମାନିବା ହେତୁରୁ ତାଙ୍କର ଦର୍ପ ବଢ଼ିବାର କଥା । ତେଣୁ ସେ କ୍ରୋଧାନ୍ଧ ହୋଇ ଏପରି କାର୍ଯ୍ୟ କରିବାକୁ ବାହାରିବାରେ କୌଣସି ସନ୍ଦେହ ନାହିଁ । ବହୁତ ଦିନର ରାଗ ରଖି କନ୍‌ସ୍ପିରେସି କରି କ୍ରୋଧରେ ଏ ଅପରାଧ କରିଥିବାରୁ ଓ ବିଶେଷ କରି ସାମନ୍ତରାୟ ଜଣେ ନାମୁଆ ଲୋକ ହୋଇ-ଥିବାରୁ ମୁଁ ସାମନ୍ତରାୟଙ୍କୁ କଠିନ ସଜା ଦେବା ଉଚିତ ମନେ କରି ଛ'ମାସ ସଶ୍ରମ କାରାଦଣ୍ଡ ହୁକୁମ କରୁଛି । ଅନ୍ୟ ଆସାମୀମାନେ ଛୋଟା ଲୋକ, ସାମନ୍ତରାୟଙ୍କ ଆଶ୍ରିତ, ଏଥିପାଇଁ ମୁଁ ସେମାନଙ୍କୁ କଠୋର ସଜା ଦେଲିନାହିଁ । ସେମାନଙ୍କୁ ଶିକ୍ଷା ଦେବା ସକାଶେ ମୁଁ ଦୁଇ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଦେଉଛି ।"

Digitized by srujanika@gmail.com

ଉପରେ ତଳ କୋର୍ଟ ରାଏର ସାରାଂଶ ମାତ୍ର ଦିଆଗଲା । ସମୁଦାୟ ରାଏ ଫୁଲସକେପ୍ କାଗଜରେ ପଚଶ ପୃଷ୍ଠା ହେବ । ନୂଆ ସମ୍ବନ୍ଧୀ ସାକ୍ଷୀ ଜମାନବନ୍ଦୀର ସବୁ ନକଲ ଓ ରାଏର ନକଲ ନେଇ ଡାକ ବଙ୍ଗଳାରେ ବାରିଷ୍ଟରଙ୍କ ସଙ୍ଗେ ଦେଖାକଲେ । ବାରିଷ୍ଟର ଘଣ୍ଟାଏ କାଳ ରାଏକୁ ଲେଉଟପାଲଟ କରି ତାହା ଟେବୁଲ ଉପରେ ଚଉଡ଼ା କରି ଥୋଇ ଦେଲେ । ତା'ଉପରେ ଗୋଟାଏ ବିଧା ମାରି ଜମାନବନ୍ଦୀ କାଗଜ ତାଡ଼ାକୁ ତାଙ୍କ କିରାଣୀବାବୁଙ୍କ ଆଡ଼କୁ ଦେଖାଇ କହିଲେ, "ଏଥିକୁ ସମାରି (Summary) କର ।"

ତାଙ୍କ ସୁଆଲ ଜବାବ ଦେଖିବାକୁ କଟକର ବହୁତ ଓକିଲ ଅଦାଲତ ଭିଡ଼ କରିଥାନ୍ତି । ପ୍ରତି ପରିଚ୍ଛେଦ ଉପରେ ସେ ଦିନେ ଦିନେ ଲଗେଇଲେ । ହାକିମ ଖାଲି ମୁରୁକ୍ ମୁରୁକ୍ ହସୁଥାନ୍ତି । ଦର୍ଶକମାନେ ହସ ସମ୍ଭାଳି ପାରୁନଥାନ୍ତି । ହାକିମ ଥରକୁ ଥର 'ଶାନ୍ତ' 'ଶାନ୍ତ' ବୋଲି କହୁଥାନ୍ତି । କିନ୍ତୁ ନିଜ ମୁରୁକି ହସା ବେଳେ ବେଳେ ଧରାପଡ଼ିଯାଏ । ଦର୍ଶକଙ୍କ ଭିତରୁ ଆହୁରି ପାଟି ଶୁଭେ ।

ବାରିଷ୍ଟର ଯେତେବେଳେ କହିଲେ, "ହଜୁର, ତଳ କୋର୍ଟର ହାକିମ ଏ ଦେଶର ଜଣେ ଲୋକ ହୋଇ ଆମର ରୀତିନୀତି ବିଷୟରେ ଏତେ ଅଜ୍ଞ ଦେଖି ମୁଁ ତାଜୁବ ହେଉଛି । ଏହିପରି ହାକିମଙ୍କ ହାତରେ ନିରୀହ ଲୋକଙ୍କର ଜୀବନ ମରଣ ନିର୍ଭର କରିବା ବଡ଼ ଦୁଃଖର ବିଷୟ । ମୋ ପକ୍ଷର ଗୋଟିଏ ମାତ୍ର ଝିଅ । ତାହାର ବର ଆସୁଛି । ସେ ବେଦୀ ପାଖ ଗୁଡ଼ ଫୁଲ ପାଣି ଅରୁଆ ଚାଉଳ ନ ଧରି ଖଣ୍ଡିଏ ଟାଙ୍ଗିର କଟୁରୀ ଧରି ବରଯାତ୍ରୀଙ୍କୁ ଅଭିବାଦନ କରିବା ପାଇଁ ଏକ ମାଇଲ ବାଟ ଯିବା ଯେଉଁ ହାକିମ ବିଶ୍ୱାସ କରିପାରିଲେ ତାଙ୍କ ବିଚାର ବୁଦ୍ଧିକୁ ମୁଁ ଧନ୍ୟ ଧନ୍ୟ କରୁଛି ।"—ସେତେବେଳେ ଦର୍ଶକଙ୍କ ଭିତରୁ କେତେ ଜଣ ତାଳି ମାରିଲେ । ହାକିମ ଖୁବ୍ ବିଗିଡ଼ିଗଲେ ।

ବାରିଷ୍ଟର ତଳ କୋର୍ଟ ରାଏର ପ୍ରତି ବାକ୍ୟ ଉପରେ ଏପରି ସୁନ୍ଦର ସୁଆଲ ଜବାବ କଲେ ଯେ ହାକିମ ତାଙ୍କ କଥା ପିଇଯାଉଥାନ୍ତି । ଅଦାଲତରେ କାହାରି ସନ୍ଦେହ ରହିଲା ନାହିଁ ଯେ, ସାମନ୍ତରାୟ ନିଶ୍ଚୟ ଖଲାସ ହେବେ । କିନ୍ତୁ ମିଶ୍ରେ ନିଜ ବସାରେ ବୋଧ ଦେଉଥାନ୍ତି, "ଆରେ

Digitized by srujanika@gmail.com

ଯାଃ, ତାଙ୍କୁ ପାଣିରେ କ'ଣ ଘର ପୋଡ଼ିବ ? ହଜାରେ ଟଙ୍କା ନେଉଛୁ ବୋଲି ସିମିତି ଗୁଡ଼ାଏ ଗପୁଛୁ । କଲିକତାରୁ ଆସିଛୁ ବୋଲି ଜଜ୍ ସାହେବଙ୍କୁ ବି ଖାତିର ନାହିଁ । ଏ କଥା ଆଉ ଜଜ୍ ସାହେବଙ୍କୁ ବାଧୁନଥିବ ପରା ? ଆରେ ! ଜଜ୍ ଉପରେ ଆଉ କିଏ ଅଛୁ ? ଦେଖିଲ ନାହିଁ ? ମନକୁ ବାଧିଥିଲା ବୋଲି ସେହି ଜଜ୍ ମନ୍ତ୍ରୀଟାକୁ କେଡ଼େ ହିନସ୍ତା କରି ନ ଦେଲା ? ଆମେ ସୁଆଲ ଜବାବ ଶୁଣିଛୁ ; ରହ, ରାଏ ଶୁଣିବ । ଜଜ୍ ନିଶ୍ଚୟ କହିବ, 'ଡିଲ କୋର୍ଟ ରାଏ ବାହେଲ୍' ।"

ବାରିଷ୍ଟରଙ୍କ ଜବାବ ସରିବା ସଙ୍ଗେ ସଙ୍ଗେ ଜଜ୍ ସାହେବ ରାଏ ଦେଲେ, "ସା'ନ୍ତ୍ରୀ ନିର୍ଦ୍ଦୋଷରେ ଖଲାସ ।" ନରଣପୁରବାଲାଙ୍କ ଉପରେ ପାଞ୍ଚଶ ଟଙ୍କା ମକଦ୍ଦମା ଖର୍ଚ୍ଚ ଡିକ୍ରୀ ହେଲା ।

(୪)

ସେତେବେଳକୁ ନରଣପୁରିଆ ଏକାବେଳକେ କରଜରେ ବୁଡ଼ି ଗଲେଣି । ତାଙ୍କ ଭିତରେ ଯେଉଁ ଜଣକ ଥିଲାବାଲା ସେ ଆଗ ଦିନେ ଦୁଇ ଦିନ ତା'ଆଡ଼ୁ ମିସଲ ଖର୍ଚ୍ଚ ଚଳାଇଥିଲା । ତା'ପରେ ଗୋଟି ଗୋଟି କରି ସମସ୍ତଙ୍କଠାରୁ ଷ୍ଟାମ୍ପ କାଗଜ ଲେଖାଇ ରଖିଲା । ଜଜ୍‌କୋର୍ଟ ଅପିଲ ସରିଲା ବେଳକୁ ସର୍ବମୋଟ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ । ରାଏ ବାହାରିଲା ପରେ ସମସ୍ତଙ୍କ ମୁହଁଟିମାନ ଶୁଖିଗଲା । ମିଶ୍ରେ କିନ୍ତୁ ସବୁବେଳ ପରି ନିଶ୍ଚିନ୍ତ । ସେ ତ ଦିନ ରାତି ଏ ମକଦ୍ଦମାରେ ଲାଗିଥାନ୍ତି ; ତେଣୁ ତାଙ୍କୁ କେହି ଖାଦ୍ୟା ମାଗନ୍ତି ନାହିଁ । ତାଙ୍କୁ ବା କାଗଜ କରିଦେବାକୁ କିଏ କହିବ ? ବର୍ତ୍ତମାନ ଏକମାତ୍ର ଚିନ୍ତା ପଡ଼ିଲା ଯେଉଁ ଟର୍ଚ୍ଚା ଡିକ୍ରୀ ହୋଇଛି ତାହା କୁଆଡ଼ୁ ଆସିବ । ଓକିଲ ତ ଆଗରୁ ସବୁ ଫିସ୍ ଟାଣି ନେଇଥାଏ । ଆଉ ଯାହା ଅଳ୍ପ ବାକି ଅଛି ତା' ଅବା ନ ମାଗିବ, କିନ୍ତୁ ମକଦ୍ଦମା ଖର୍ଚ୍ଚ ତ ବଜ୍ରଲେପ । ମିଶ୍ରେ କହିଲେ, "ଆଗ ଘରକୁ ଚାଲ ! ଏଇନେ କଣ କିଏ ଖର୍ଚ୍ଚା ନେଇଯାଉଛି !"

ଗାଡ଼ି ଭଡ଼ା କରିବାକୁ ପଇସା ନ ଥାଏ । ଯେଉଁ ଟଙ୍କା ଦୁଇ ତିନୋଟି ବଳିଥିଲା, ସେଥିରେ ଚୁଡ଼ାଭଜା ପୁଞ୍ଜିଏ ଲେଖାଏଁ କିଣି ମିଶ୍ରେ ଯାତ୍ରିମାନଙ୍କ ହାତକୁ ମୁଠାଏ ମୁଠାଏ ଦେଇଦେଲେ ; କହିଲେ, "ଆରେ

Digitized by srujanika@gmail.com

ଚାଲ, ରେଲରେ ଯିବା । ଆଜିକାଲି ତ ସ୍ୱରାଜ୍ୟ ବେଳ । ଟିକଟ ନ କଲେ କିଏ ଧରୁଛି ? ଆଗ ତ ଜେନାପୁରଯାଏ ବାହାରଯିବା । ମଟରବାଲା ନ ଛୁଡ଼ଲେ ନାହିଁ । ବାଟ ପାଞ୍ଚ ମାଇଲ କ'ଣ ଚାଲିଯାଇ ହେବନାହିଁ ?"

ଜେନାପୁରରେ ଗାଡ଼ି ପହଞ୍ଚିବାକୁ ଆଉ ଗୋଟିଏ ଷ୍ଟେସନ ଅଛି । ଗାଡ଼ିରେ ଟିକେଟ କଲେକ୍ଟର ପଶିଲା । ସମସ୍ତଙ୍କ ତୁଣ୍ଡରେ ଏକ କଥା — 'ଆମ ଘର ନରଣପୁର ।' ଟିକଟ କଲେକ୍ଟରର ସନ୍ଦେହ ହେଲା, ନରଣପୁର ବୋଲି ବୋଧହୁଏ କୌଣସି ଗ୍ରାମ ନାହିଁ ; ସମସ୍ତେ ମିଛ ନାଁ ଓ ମିଛ ଠିକଣା ଦେଉଛନ୍ତି । କଟକରୁ ତାର ହୋଇ ରେଳବାଇ ପୁଲିସ ଆସିଲେ । ପୁଲିସଙ୍କ ଭିତରେ ମେଞ୍ଚାଟି ହୋଇ ନରଣପୁରଆ ଗାଁକୁ ଚାଲିଲେ । ଷ୍ଟେସନ ଆଉ ଗଲାବେଳକୁ, ଷଣ୍ଢପୁର ଗାଁ ଆଗ ପଡ଼େ । ଓଲକଠାରୁ ଭଡ଼ା ମଟର ଆସି ସେଠାରେ ପହଞ୍ଚିଥାଏ । ଆଗ ସାମନା ପଡ଼ିଆରେ ଗୋଟିଏ ସଭା ହେଉଥାଏ । ସାଆନ୍ତେ ସଭାପତି ହୋଇଥାନ୍ତି । ତାଙ୍କ ବେକରେ ବେକେ ଫୁଲମାଳ । କଡ଼କୁ ଖଣ୍ଡେ ଦୂରରେ ବନ୍ଧଟା ଦିଶୁଥାଏ । ପୂର୍ବେ ଯେତେ ଉଚ୍ଚ ଥିଲା ଏଥର ତହିଁରୁ ଆଉ ଉଚ୍ଚ ହୋଇଛି । କଡ଼ରେ ତଳରୁ ଖଣ୍ଡେ ଦୂର ଚିମା ପଥର ବନ୍ଧା ହୋଇଛି । ତା' ଉପରକୁ ଘାସ ଚେକା । ମିଶ୍ରଙ୍କ ନଜର ଆଗ ବନ୍ଧ ଉପରେ ପଡ଼ିଗଲା । ସଭା ଆଡ଼କୁ କଡ଼େଇ କରି ଚାହୁଁ ଚାହୁଁ ସାଆନ୍ତଙ୍କ ମୁହଁରେ ନଜର ପଡ଼ିଲା । ସାଆନ୍ତଙ୍କ ସ୍ତ୍ରୀ ସାଆନ୍ତଙ୍କୁ ଜେଲଦଣ୍ଡ ହେବାରେ ଝୁରି ଝୁରି ଦୁଇମାସ ହେଲା ମଲେଣି । ମିଶ୍ରଙ୍କୁ ଦିଶିଲା, ସାଆନ୍ତଙ୍କର ସେଥିପାଇଁ ଶୋଚନା ନାହିଁ । ସେ ନିର୍ଦ୍ଦୋଷରେ ଖଲାସ ହେଲେ, ଯେଉଁ ବନ୍ଧ ଭାଙ୍ଗିଥିଲା, ତାହା ଲୋକେ ନିଜେ ନିଜେ କଲେ, ଏଥିଯୋଗୁ ତାଙ୍କ ମୁହଁରେ ଦର୍ପ ଦେଖା ଯାଉଛି ।

ମିଶ୍ରେ ଷଣ୍ଢପୁରକୁ ପଛରେ ରଖି ଗାଁ ଆଡ଼କୁ ଅଗ୍ରସର ହେଉ ହେଉ କହିଲେ, "ହଉ, ଏକା ମାଘକେ କ'ଣ ଶୀତ ଯାଉଛି ? ହାଇ-କୋର୍ଟରେ ଶୁଣାଣି କରିବାକୁ ତ ତିନିମାସ ମିଆଦ ଅଛି ! ଦେଖିବା ।"

ଜାତି ପତି

"ମାହାପୁରୁ !"

"କିଏ ରେ ତୁ ? ମାହାପୁରୁ ବୋଲି ତୁଣ୍ଡରେ କହୁଛୁ ? ଆଖି ନ ଥିଲା ପରି ଉପରକୁ ମାଡ଼ିଆସୁଛୁ ! ବ୍ରାହ୍ମଣ ସକାଳୁ ଗାଧୋଇ ନିତ୍ୟକର୍ମ କରିବାକୁ ପାଣି ଧରି ଆସୁଛି, ଆଖିକି ଦିଶୁନାହିଁ ?"

"ମାହାପୁରୁ, ଯେତେ ବୁଢ଼ା ହେଲେ ମଧ୍ୟ ମୁଁ କ'ଣ ଏଇୟା ଜାଣିପାରୁନାହିଁ ? ମୁଁ ତ ଆପଣଙ୍କଠାରୁ ଏତେ ଦୂରରେ ଛିଡ଼ା ହୋଇଛି ! ଗାଧୋଇଥିବା ବ୍ରାହ୍ମଣଙ୍କୁ ମୁଁ ଛୁଇଁବି ? ବୁଢ଼ାଦିନେ ଏଡ଼େ ଅଧର୍ମ ତ ମୁଁ କରିବି ନାହିଁ, ମହାପ୍ରଭୁ !"

"ଆରେ ଯା, ଯା, କୁହାଳିଆ ଲୋକଟାଏ ତୁ । ଗାଧୋଇଥିବା ବ୍ରାହ୍ମଣଙ୍କୁ ଛୁଇଁବୁ ନାହିଁ ! ଆଉ କ'ଣ ନ ଗାଧୋଇଥିଲେ ଛୁଇଁଥାନ୍ତୁ ? ମୋତେ ତୁ ଛୁଇଁସାରିଲୁଣି । ତୁ ଯେଉଁଠାରେ ଠିଆ ହୋଇଛୁ, ସେଠାର କୁଟାକାଠି ଲାଗି ମୋ ପର୍ଯ୍ୟନ୍ତ ଆସିଛି । ତୋ ଛାଇ ମୋ ଉପରେ ପଡ଼ିଥାନ୍ତା । ଉଠ୍ ! ଉଠ୍ !"

ବୁଢ଼ାଟି ବ୍ୟତିବ୍ୟସ୍ତ ହୋଇ ନିଜ ଗୋଡ଼ ତଳକୁ ଚାହିଁଲା । ଦାଣ୍ଡଯାକ କୁଟାକାଠି ପଡ଼ିଛି । ଖୋଜି ଖୋଜି ଖଣ୍ଡେ ଦୂରରେ ଟିକେ ସଫା ଜାଗାକୁ ଘୁଞ୍ଚିଯାଇ ସେ ଅତି ବିନୟରେ କହିଲା, "ମହାପ୍ରଭୁ ! ମୁଁ ଗୋଟିଏ କଥା ପଚାରନ୍ତି ?"

ବ୍ରାହ୍ମଣ ଗୋସାଇଁ ଅଧୀରଭାବରେ କହିଲେ, "ଆରେ, ମୋ ନିତ୍ୟକର୍ମ ବେଳ ଗଡ଼ିଗଲାଣି । ତୋ ପଚାରିବା କଥା କିଏ ଶୁଣୁଛି ? ମୁଁ ପଚାରୁଛି, ଆଗେ ତୁ କହିଲୁ ତୁ କି ଲୋକ ? ଅଛୁଆଁ ଜାତିର ଲୋକ ପରି ତ ଦିଶୁଛୁ ! ସକାଳୁ ଆଜି ମଣିଷ ଶ୍ରେଷ୍ଠଲୋକଟା ସାଙ୍ଗରେ କଥାବାର୍ତ୍ତା ହେଲି । କେ ଜାଣି ଅପରେ କିଂ ଭବିଷ୍ୟତି ?"

"ମହାପ୍ରଭୁ ! ମୁଁ ତ ଅଛୁଆଁ ଲୋକ ନୁହେଁ । ମୁଁ ଜାତିରେ ତେଲି ମହାଜନ !"

Digitized by srujanika@gmail.com

"ତେଲି, ମହାଜନ ! 'ମହାଜନ' ଲଗାଇଦେଲେ କ'ଣ ତେଲି ବଡ଼ ଜାତି ହୋଇଯିବ ! ଆରେ, ତେଲି ବୋଇଲେ ଧ୍ୱଜ ! ପୂର୍ବରୁ ବାକ୍ୟ କ'ଣ ଅଛି ଜାଣିଛୁ ?

"ଦଶ ଶ୍ୱାନସମଃ ଚକ୍ରୀ
ଦଶ ଚକ୍ରୀସମୋ ଧ୍ୱଜଃ !
ଦଶ ଧ୍ୱଜ ସମା ବେଶ୍ୟା
ଦଶ ବେଶ୍ୟା ସମୋ ନୃପଃ ।"

"ଆରେ—ବୁଝିଲୁ, ବୁଝିଲୁ, ଦଶଟା କୁକୁର ସଙ୍ଗେ ଗୋଟାଏ କୁମ୍ଭାର ସମାନ, ଦଶଟା କୁମ୍ଭାର ମିଶିଲେ ଗୋଟାଏ ତେଲି ସଙ୍ଗେ ସମାନ ।"

"ହେଲ୍- ଏବେ—ମହାପ୍ରଭୁ ! ଏ ପାଠ ତ ଆମେ କରିନାହୁଁ । କିନ୍ତୁ ହେଇଟି କେତେ କୁକୁର ତ ଆପଣଙ୍କ ଏ ଦାଣ୍ଡରେ ବୁଲୁଛନ୍ତି । ହେଇଟି, ଏ ଗୋସେଇଁଙ୍କ ଘରୁ କୁକୁରଟାଏ ବାହାରୁଛି । ମୁଁ ଆପଣଙ୍କୁ କଥା ପଦେ ପଚାରିବାକୁ ଠିଆ ହେଲି ବୋଲି, ଆପଣ ଆମ କୁଳକୁ ଶିରାଧ କରୁଛନ୍ତି ଏତେ !"

ନୈଷ୍ଠିକ ବ୍ରାହ୍ମଣ, ଗୋସେଇଁଙ୍କ ଘରୁ କୁକୁର ବାହାରିବା କଥା ଶୁଣି ବିଶେଷ ବିଗିଡ଼ିଗଲେ । ସେ ଘରଟି ତାଙ୍କ ନିଜର । କୁକୁରଟି ମଧ୍ୟ ତାଙ୍କ ସାନ ପୁଅ ରଖିଥିବାରୁ ତାଙ୍କ ନିଜର ବୋଲି କହିଲେ ଚଳେ । ବଡ଼ ପୁଅ ଦଶ ବର୍ଷ ହେଲା କୁଆଡ଼େ ଯାଇଥିଲା ଯେ ଦେଖାଶୁଣା ନ ଥିଲା । ଏବେ ଛଅ ମାସ ହେଲା ଏ କୁକୁରଟି ମାନ ଧରି ଘରକୁ ଆସିଥିଲା । ସାନ ଭାଇକି ସ୍ନେହ କରି ଦେଇ ଯାଇଛି । ପୁଅ ମାଇପଙ୍କ ସଙ୍ଗେ ଘରେ କଳିକଜିଆ ଲାଗି ଏବେ ଯେଉଁ ସମଜାସୀ ହୋଇଛି, ସେଥିରେ କୁକୁରକୁ ହାଆଁଙ୍କ ଘର ଛାଡ଼, ଅଇଁଠା ବାସନ ଗୁଣ୍ଡିବା ଛାଡ଼, ଏପରି କି ଭାତ ରାନ୍ଧିବାକୁ ଥୁଆ ହୋଇଥିବା ପାଣିରେ ମୁହଁ ମାରିବା ବି ଛାଡ଼ ହୋଇଛି । ବୁଢ଼ାଟା ସେହି କୁକୁର କଥା ଉଠାଇବାରୁ ଗୋସାଇଁ ଟିକେ ଦବିଯାଇ-ଥିଲେ । କିନ୍ତୁ ବୁଢ଼ା ବିଦେଶୀ ଓ ତାଙ୍କ ଘର କଥା ଜାଣି ନଥିବ ବୋଲି ଠିକଣା କରି ସେ ପୂର୍ବରୁ ଅଧିକ ଚଡ଼ା ଗଳାରେ କହିଲେ, "ଆରେ,

Digitized by srujanika@gmail.com

ଯା ଯା, ମତେ ତୁ ପାଠ ବତାଉଚୁ ! ଅଜ୍ଞାନ ପଶୁ, ଦାଣ୍ଡରେ ବୁଲୁଛୁ ବୋଲି ମୁଁ ତୋତେ ମୁଣ୍ଡରେ ବସାଇବି ! ଯା, ଯଦି ଭଲକୁ ମନ ଅଛି, ବ୍ରାହ୍ମଣମାନଙ୍କ ଗାଧୁଆ ସମୟରେ ଗାଁ ଭିତରୁ ବାହାରି ଯା ।”

ବୁଢ଼ା ଯିବାକୁ ଗୋଡ଼ ବଢ଼ାଇ ପଚାରିଲା—“ସା’ନ୍ତ—କଥାଟିଏ ପଚା ପଚାରୁଥିଲି ! ଏ ଗାଁରେ ବୈରାଗୀ ମିଶ୍ରଙ୍କ ଘର କାଏ ? ତାଙ୍କ ଘରଠିକ ଟିକେ ଯାଇଥାନ୍ତି ।”

“କରେ—ବୈରାଗୀ ମିଶ୍ରଙ୍କ ସାଙ୍ଗରେ ତୋର କ’ଣ ସମ୍ପର୍କ ? ତୁ କ’ଣ ତାଙ୍କ ଶଶୁର ନା ସମ୍ବନ୍ଧୀ ? ମୁଣ୍ଡରେ ତେଲ ବୋଝ ନାହିଁ, ତାଙ୍କ ଘରେ ତୋର କ’ଣ କାମ ! ଯା—ଯା—ଏତେବେଳେ ତାଙ୍କ ଘର ଖୋଜିବା ଦରକାର ନାହିଁ । ସେ ମୋ ନିଜ ପୁତୁରା, ମୋ ପଡ଼ଶା ଘର । ସେ ଏତେବେଳେ ଘରେ ନ ଥିବ । ତା’ର କେତେ କାମ । ଧନବନ୍ତ ପିଲାକୁ ଫୁରୁସତ୍ ନାହିଁ । କୁଆଡ଼େ ଯାଇଥିବ କାମରେ । ପାଞ୍ଚ ଜଣଙ୍କର ଉପକାର କରିବାକୁ ବୈରାଗୀ ଧର୍ମ କରି ଧରିଛି । ଯାହାହେଉ, ସେହି ପିଲାଟି ଆମ ବଂଶର ମର୍ଯ୍ୟାଦା ରଖିଲା । ଯା, ତାକୁ ଏବେଲେ ପାଇବୁ ନାହିଁ । ଦି’ପହର ନ ହେଲେ ତାକୁ କାଏ ଦେଖେ !”

ବୁଢ଼ା ନିରସ୍ତ ହୋଇ ଆଗକୁ ଗଲା । ବ୍ରାହ୍ମଣ ମଝିରେ ବନ୍ଦ ହୋଇଯାଇଥିବା ସୂର୍ଯ୍ୟସ୍ତବ ପୁଣି ଆବୃତ୍ତି କରୁ କରୁ ଅନ୍ୟ ଦିଗରେ ଗଲେ ।

ବେଳ ଗଡ଼ିଗଲାଣି । ପୋଖରୀ ତୁଠ ଏକ ରକମ ଶୂନଶାନ । ପାଇଟାଳ ଗାଧୋଇବା ବେଳ ବି ଟଳିଲାଣି । ବୁଢ଼ା ଟି ତୁଳସୀ ଚଉରା ଚୁଇରେ ଗାମୁଛା ମୁଣ୍ଡକୁ ଦେଇ ତଳେ ଶୋଇପଡ଼ିଛି । ତୁଇ ଗଡ଼ିଗଲାଣି । ଦେହଯାକ ଟାଣ ଖରାରେ ତାତିଯାଇଛି । କପାଳରୁ ଟୋପା ଟୋପା ଝାଳ ବାହାରି ପଡ଼ୁଛି । ନିଦ କନ୍ତୁ ଭାଙ୍ଗି ନାହିଁ । କାଲି ରାତିଯାକ ଅନିଦ୍ରା । ପଅରଦିନ ସକାଳୁ ଅଦ୍ୟାପି ପୁଞ୍ଜିଏ ବଇଁକା ରହି କାନରେ ବନ୍ଧାହୋଇ-ଥିବା ମୂର୍ତ୍ତିରେ ଗୁଜରାଣ ମେଣ୍ଟିଛି । ଘରୁ ବାହାରିଲା ବେଳୁ ଏତେବେଳ ଯାଏ ଦଶ କୋଶ ପାଦରେ ଚାଲିବାକୁ ହେଲାଣି । ଜଟଣୀ ଷ୍ଟେସନଠାରୁ ଲେକ ଗହଳ ଭିତରେ କେନ୍ଦ୍ରାପଡ଼ା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ଆସିବାତକ

Digitized by srujanika@gmail.com

ଯେଉଁ କଷ୍ଟ ହୋଉଛି, ଆଉ ଦଶକୋଶ ଚାଲିଥିଲେ ମଧ୍ୟ ସେତେ ବାଧା ହୋଇନଥାନ୍ତା । ସେଠାରୁ ପୁଣି ସାଲେପୁର ଯାଏଁ ଭଡ଼ା ମଟରରେ ଆସି ମୁଣ୍ଡରେ ଗୋଲଆଳୁ ପରି ଯୋଡ଼ାଏ ଫୁଲିଯାଇଛି ।

ଆଉ କେତେବେଳ ଛିଡ଼ା ହୋଇଥାନ୍ତା କେଜାଣି ? ଜଣେ ଢଳଢଳିଆ ସୁନ୍ଦର ବ୍ରାହ୍ମଣ ଯୁବକ, ବୟସ ପ୍ରାୟ ୩୦।୩୫ ହେବ, ଗାଧୋଇ କରି ଗଲାବେଳେ ବୁଢ଼ାକୁ ଦେଖି ଉଠାଇଦେଲେ ; ବୁଢ଼ାଟି ବିଦେଶୀ, ସକାଳୁ କଛି ଆଶ୍ରା ନ ପାଇ ଏଇଠାରେ ପଡ଼ିଛି, ଶୁଣି, ତାକୁ ଘରକୁ ଡାକି-ନେଲେ । ବୁଢ଼ା ଆଖି ମଳି ମଳି ଛିଡ଼ାରୁ ଉଠି ଯନ୍ତ୍ରଚାଳିତ ପରି ତାଙ୍କର ପଛେ ପଛେ ଯାଉ ଯାଉ କହିଲା, "ବାବୁ, ଗୋଟିଏ କଥା ପଚାରନ୍ତି ?"

ଯୁବକ କହିଲେ, "ହଉ, ପଚାରିବାକୁ କ'ଣ ବେଳ ପଳେଇ ଯାଉଛି ? ତମେ ଗାଧୋଇଲଣି ? ମୋ ଘର ହେଇ ସେ ଚଉସାମୁଳି ଘର । ଆସ, ତେଲ ଟିକିଏ ଲଗେଇ କରି ଏଇ ପୋଖରୀରେ ମୁନ୍ଦେ ବୁଡ଼ପଡ଼ିବ । ମୋ ଘରେ ଶାଗ ପେଜ ଯାହା ମିଳିବ, ମୁଠିଏ ଖାଇଲା ପରେ କଥାବାର୍ତ୍ତା ହେବା । ମୋର ବି ଆଜି ବହୁତ ଡେରି ହୋଇଗଲାଣି । ସକାଳୁ ବାହାର ଗାଁକୁ ଯାଇଥିଲି ଯେ ଆସୁ ଆସୁ ଗୁଡ଼ାଏ ଡେରି ହୋଇଗଲା ।

× × ×

ବୁଢ଼ା ଏ ଗାଁରେ ଏପରି ବ୍ୟବହାର ପାଇବାକୁ ପ୍ରସ୍ତୁତ ନ ଥିଲା । ତା ଘର ଯେଉଁ ଗାଁରେ ସେଠାରେ ବ୍ରାହ୍ମଣଠାରୁ ହାଡ଼ି ପର୍ଯ୍ୟନ୍ତ ସବୁ ଜାତି ପାଟକର ଲୋକେ ଚାଳନ୍ଧନା ଭାଇପରି ଥିବାରୁ ଜାତିଭେଦର ଦାଉ ସେଠାରେ ମରିଯାଇଥାଏ । ବ୍ରାହ୍ମଣ ଶାସନରେ ସମସ୍ତେ ପ୍ରଥମରୁ ଭେଟିଥିବା ବୁଢ଼ାଙ୍କ ପରି ହୋଇଥିବେ ବୋଲି ତା'ର ଧାରଣା ହୋଇଯାଇ ଥିଲା । ସୁଶ୍ରୀ ଯୁବକଟିର ଦେବତାପରି ବ୍ୟବହାର ଦେଖି ତା'ର ଆଖିକୁ ଲୁହ ଆସିଲା । ଲୁହକୁ ଲୁଚାଇବାକୁ ସେ ଖବାଉବା ତେଲ ଟିକିଏ ମାରିହୋଇ ପୋଖରୀକୁ ଚାଲିଗଲା ଓ ବ୍ରାହ୍ମଣଙ୍କର ଅସୁବିଧା ନ ହେବ, ଏଥିପାଇଁ ଦଣ୍ଡକେ ବୁଡ଼ପଡ଼ି ଫେରି ଆସିଲା ।

ଦାଣ୍ଡଘରେ ସେ ବନସ୍ତରେ ଜଡ଼ସଡ଼ ହୋଇ ଖାଇବାକୁ ବସନ୍ତେ ବ୍ରାହ୍ମଣୀ ଲାଜରେ ମୁହଁ ପୋତି ଆସି ଗୋଟିଏ ପତ୍ରରେ ଭାତ ବାଢ଼ିଦେଇ

Digitized by srujanika@gmail.com

ଡାଲି ତିଅଣ ଧରି ପୁଣି ଆସିଲା ବେଳକୁ ବୁଢ଼ା ଖାଲି ଭାତ ଗୁଣ୍ଡେ ପାଟିକି ନେବାକୁ ବସୁଛି । ବ୍ରାହ୍ମଣୀ ଭାତ ଉପରେ ଡାଲି ଅଜାଡ଼ି ଦେଇ ତରକାରୀ ବାଢ଼ିଲା ବେଳକୁ ତାଙ୍କ ଆଖି ବୁଢ଼ାର ଆଖି ଉପରେ ପଡ଼ିଗଲା ।

ସଙ୍ଗେ ସଙ୍ଗେ ବ୍ରାହ୍ମଣୀଙ୍କ ହାତରୁ ଡାଲି ଓ ତିଅଣ ଗିନା ତଳକୁ ଖସି ପଡ଼ିଲା ଓ ସେ ସଙ୍କୋଚରେ ତରତର ହୋଇ ଘର ଭିତରକୁ ଚାଲିଗଲେ । ବ୍ରାହ୍ମଣ କିଛି ନ କହି ନିଜେ ପୁଣି ଡାଲି ତିଅଣ ଆଣିବାକୁ ଭିତରକୁ ଯିବାରେ ବ୍ରାହ୍ମଣୀ ଆଉ ତିଅଣ ବାଢ଼ୁ ବାଢ଼ୁ କୈଫିୟତ ଦେବାକୁ ଯାଇ କହିଲେ, 'ମୁଣ୍ଡ କ'ଣ ହୋଇଗଲା ।' ସ୍ତ୍ରୀ ନ ଦେଖି ପାରିଲା ଭଳି ଟିକେ ମୁରୁକି ହସି ବ୍ରାହ୍ମଣ କହିଲେ, "ହଉ, ତମେ ଟିକେ ଶୁଅ, ମୁଁ ଦେଉଛି ।"

ଖାଇପିଇ ସାରି ନିଜର ବାସନଟି ଧୋଇ ବୁଢ଼ା ଖଣ୍ଡିଏ ମସିଣାରେ ଆରାମ କରୁଛନ୍ତି । ବ୍ରାହ୍ମଣ ପିଲା ଦୁହିଁଙ୍କୁ ନେଇ ନିକଟବର୍ତ୍ତୀ ହାଟକୁ ଚାଲିଗଲେ । ବ୍ରାହ୍ମଣୀ କବାଟ ଟିକିଏ ମେଲାଇ ନିଜର ସନ୍ଦେହ ଦୂର କରିବାକୁ ଟିକେ ଚାହିଁଛନ୍ତି, ବୁଢ଼ା କହିଲା, "ମା—ତୁ ମତେ ଚିହ୍ନି ପାରିଲୁ ନା ? ତୋ'ରି ସଙ୍ଗେ ଦେଖା ହେବ ବୋଲି କେତେ କାଳରୁ ମୁଁ ବଞ୍ଚୁରୁଛି । ମୋର କାମ ସରିଗଲା । ମୁଁ ଏଥର ଯାଉଛି । ମା ମୋର ତ ଏଠାରେ ସୁଖରେ ଅଛି, ଦେଖିଲି । ଥାଉ ଥାଉ ।"

ସେତେବେଳକୁ ବ୍ରାହ୍ମଣୀଙ୍କ ଆଖିରୁ ମନା ନ ମାନି ଲୁହର ଧାର ବୋହିଯାଉଛି । କାନ୍ଦିବାର ଶବ୍ଦ ବନ୍ଦ କରିବାକୁ, ପାଟି ନିଃଶ୍ୱାସ ରୋକିବାକୁ ସେ ବ୍ୟର୍ଥ ଚେଷ୍ଟା କରୁଛନ୍ତି । କାନ୍ଦୁ କାନ୍ଦୁ ଦାଣ୍ଡକୁ ନ ଶୁଭିବା ଭଳି ଘର ଭିତରର ଗୋଟିଏ ଜାଗାକୁ ବୁଢ଼ାକୁ ନେଇ ସେ କହିଲେ, "ବାପା ! ଆସୁ ଆସୁ ଯିବାକୁ ବାହାରୁଛ ! ପୋଡ଼ା କପାଳର ଏପରି ଦଶା ଯେ, ଟିକିଏ ରହ ବୋଲି କହିବାକୁ ବଳ ନାହିଁ । ତମକୁ କାହିଁକି ଦୋଷିବି ? ଭଗବାନ ତ ମତେ ଜୀବନଯାକ ବୁନ୍ଧ ହୋଇ ମରିବାକୁ କରିଛନ୍ତି ।"

ବୁଢ଼ା ନିଜ ଆଖିର ଲୁହ ପୋଛୁ ପୋଛୁ କହିଲା, "ମା, ଭଗବାନଙ୍କୁ ନିନ୍ଦୁଛୁ ? ତୋ'ର କ'ଣ ହୋଇଯାଇଛି ? ତୁ ତ ବ୍ରାହ୍ମଣ

Digitized by srujanika@gmail.com

ଘରେ ପଡ଼ୁଛୁ ! ଦେବପୁଅ ପରି ପିଲା ବାଳକ ଯୋଡ଼ାଏ ପାଇଛୁ ! ଜ୍ୱାଇଁ ତ ସେପରି ସୁନ୍ଦର, ବ୍ୟବହାରରେ ସେପରି । ତୋର ଦୁଃଖ କ'ଣ, ମା ?"

× × ×

"ହଁ—ମା—ବାଧିରେ ତୁମର ବାସ୍ତୁଘର ହୋଇଛି କି ?"

କାନ୍ଦ ଭିତରେ ଝିଅର ଟିକେ ହସ ଉକୁଟିଲା । ସଲଜ୍ଜଭାବରେ ସେ କହିଲା, "ବାପା ! ବାସ୍ତୁଘର ହୋଇଛି ବୋଲି ପଚାରିଲ କ'ଣ ମ । ମୁଁ ଆସିବାର ଦୁଇ ଦିନରେ ପରା ମୋର ବାସ୍ତୁଘର ହେଲା ।"

ବୁଢ଼ା ସନ୍ତୋଷରେ ଗୋଟିଏ ନିଃଶ୍ୱାସ ମାରି କହିଲା, "—ଲୋକେ ଏଣୁ ତେଣୁ କହିବାରୁ ମନରେ ଯେଉଁ ସନ୍ଦେହ ହୋଇଥିଲା ତାହା ଆଜି ଦୂର ହୋଇଗଲା । କିଏ କହିଲା ବଣି ମିଶ୍ରେ ତତେ କଲିକତା ନେଇଗଲା, କିଏ କହିଲା, କୋଉ ବାବୁ ଘରେ ତୁ ପୋଇଲି ହୋଇ ରହିଛୁ । ଶେଷରେ ଜଣେ କହିଲା, ତୁ ଏଇ ମିଶ୍ରଙ୍କ ଘରେ ବାସି ଆଉଡ଼ୁଛି କରୁଛୁ । ଆଜି ସବୁ ଆଖିରେ ଦେଖିଲି । ବିବାହ ହୋଇଛି ତ ଭଲ । ନ ହେଲେ ତୁମେ ଦୁହେଁ ଯେପରି ଅଛ ବିଭା ହୋଇଥିବା କେତେ ଲୋକ ସେପରି ଅଛନ୍ତି ? ମା ମାଳି ! ଈଶ୍ୱରଙ୍କୁ ନିନ୍ଦିବୁ ନାହିଁ । ମୋ ପେଟରୁ ଜନ୍ମ ହୋଇ ତୁ ଏପରି ସୁଖରେ ଚଳୁଛୁ ଏହା ସିନା ଈଶ୍ୱରଙ୍କ ଅନୁଗ୍ରହରୁ ।"

ବୁଢ଼ା ଈଶ୍ୱରଙ୍କୁ ମନେ ପକାଇ ଭୂଇଁରେ ତିନି ଥର ମୁଣ୍ଡିଆ ମାରିଲା । ମାଳି କହିଲା, "ବାପା ! ମୋର ଆଉ କିଛି ଦୁଃଖ ନାହିଁ ଯେ, ସବୁବେଳେ ମୋ ମନରେ ହେଉଛି, ମୁଁ ସତେ ଯେପରି ମହାପାପ କରିଛି ! ମୋର ହିତାହିତ ଜ୍ଞାନ ଟିକେ ହେଲା ପରେ, ଆଗ ଯେତେବେଳେ ସ୍ୱାମୀଙ୍କ ପାଇଁ ଭକ୍ତି ବାଢ଼ିଲା, ମନେ ହେଲା, ମୁଁ ଅଧର୍ମ କରୁଛି ; ସ୍ୱାମୀଙ୍କ ଧର୍ମ ବୁଡ଼ାଉଛି । ସେ ତ କିଛି ନ ଜାଣି ବିଶ୍ୱାସରେ ମୋତେ ଆପଣାର କଲେ । କିନ୍ତୁ ମୁଁ ତ ଆଜଯାଏ ମୋ ପେଟ ଭିତରର କଥାଟି ତାଙ୍କୁ କେବେ କହି ପାରି ନାହିଁ । ଯେତେବେଳେ କହିବାକୁ ଖୁବ୍ ମନ କରେ କିଏ ଆସି ମତେ କହେ, "ମାଳତୀ ! ପଦକ କଥାରେ ଏ ସୁଖର ସଂସାର ଚୂନା କରିଦେବୁ ? ତାଙ୍କର କ'ଣ ହେବ ? ତୋ ପିଲାଟି ଆଉ ମୁଣ୍ଡ ଟେକି ଦାଣ୍ଡରେ ଚାଲି ପାରିବ କି ?" ସେତେବେଳକୁ ବଡ଼ ପିଲାଟି କୋଡ଼ରେ

Digitized by srujanika@gmail.com

ଥାଏ । ତାଙ୍କର ପାଇଁ ପିଲାଙ୍କ ପାଇଁ ମୋ ମନର ପାପ ମନ ଭିତରେ ରଖି ଆଜଯାଏଁ ରହିଛି । ବାପା ! ଗୋଟିଏ କଥା ସ୍ୱାମୀଠାରୁ, ପିଲାଠାରୁ ଲୁଚାଇ ରଖିବା କେତେ କଷ୍ଟ, ତୁମେ କୁଆଡ଼ୁ ଜାଣିବ ?"

ବୁଢ଼ା ନିଜ ଝିଅର ଆଖିରୁ ଲୁହ ପୋଛି ଦେବାକୁ ଯେତେ ଯେପରି ଶଙ୍କି ଶଙ୍କି ହାତ ବଢ଼ାଇଲା । ଲୁହ ପୋଛୁ ପୋଛୁ କହିଲା, "ମା ! ପ୍ରିୟ ଲୋକଙ୍କ ପାଇଁ ତୁ ଯେଉଁ କଷ୍ଟ ପାଉଛୁ, ସେଥିରେ ତ ଦୁଃଖ ନାହିଁ ମା,— ସେଥିରେ ଆନନ୍ଦ !" ମାଳତୀ କହିଲା, "ବାପା ! ସେହି କଥା ତ ବଡ଼ର ଜୀବନ ରଖିଛି ତାଙ୍କର ଉପଯୁକ୍ତ ହେବାପାଇଁ, ଶାଶୁ ଶ୍ୱଶୁରଙ୍କ ଏ ଘରର ମାନ ରଖିବା ପାଇଁ ଦିନରାତି ଦିଅଁଙ୍କ ପାଖେ ମୁଣ୍ଡିଆ ମାରୁଛି ।"

× × ×

"କିନ୍ତୁ ବାପା ! ଏକଥା କାହିଁକି କଲ ଯେ ? ବେଳେବେଳେ ତମକୁ ମୁଁ ଦୋଷ ଦିଏ ।" ବୁଢ଼ା ଆଖିରୁ ଲୁହ ବୋହିଯାଉଥାଏ । ଝିଅର ମୁଣ୍ଡରେ ହାତ ବୁଲାଉ ବୁଲାଉ ବୁଢ଼ା କହିଲା, "ମା, ଦୋଷ କରିଛି କି ନାହିଁ କେଜାଣି, ବହୁତ ଦଣ୍ଡ ପାଇସାରିଲିଣି । ଗଲା ୭ ବର୍ଷ ହେଲା ଦିନରାତି ତୋ'ର କଥା ସବୁବେଳେ ଭାବୁଛି । ସେ ଥାନ୍ତା ବୋଇଲେ ମୋ ଦୁଃଖ ଟିକେ ଲାଘବ ହୋଇଥାନ୍ତା । ସମସ୍ତିଙ୍କଠାରୁ ଖାଲି ଶୁଣେ, କାହାକୁ କିଛି କହିବାର ବଳ ନ ଥାଏ । ମା, ଏସବୁ ସିନା ତୋର ଭଲ ପାଇଁ କରିଥିଲି । ତୋତେ ସେତେବେଳକୁ ୧୨ ବର୍ଷ । ଆମ ଆଡ଼େ ଘୋର ଦୁର୍ଭିକ୍ଷ ପଡ଼ିଥାଏ । ତୋର ତ ମନେ ଥିବ, ତୋ'ର ପେଟରେ ଭାତ ମୁଠିଏ ଦେବି ବୋଲି ଦଶ ଗୌଣୀ ଗୁଣ୍ଡଳ ପାଇଁ ପାଞ୍ଚମାଣ ସମ୍ପତ୍ତି ଲେଖିଦେଲି । ସେତକ ମାସଟାକରେ ସରିଗଲା । ତୁ ଦିନେ ହେଲା ଉପାସ । ମୁଁ ତିନି ଦିନ ହେଲା ତୁଣ୍ଡରେ ପାଣି ଦେଇ ନାହିଁ । ଏହି ସମୟରେ ଦିନେ ଆମ ପାଖ ଗାଁ ବଣି ମିଶ୍ରେ ଆସି କହିଲେ, "ମହାଜନ ପୁଅ ! ତୋର ଏ ଝିଅଟିକି ଦେ । ତାକୁ ଭଲ ଜାଗାରେ ବାହା କରିଦେବି । ତତେ ବି ୫୦ ଟଙ୍କା ମିଳିବ ।"

"ବହୁତ କଥାବାର୍ତ୍ତା ପରେ ମୁଁ କହିଲି, 'ଗୋସାଇଁ ! ମୋର ପଇସା ଦରକାର ନାହିଁ । ମୋ ପିଲାଟି ଭାତ ପୁଞ୍ଜିଏ ଖାଇବାକୁ ପାଇବଟି ? ମୋର ସେତିକି ଲୋଡ଼ା । ସେ ଭାତ ପୁଞ୍ଜିଏ ଖାଇବ ବୋଲି

Digitized by srujanika@gmail.com

ତା ମା ହେଉଛି ସେଦିନ ନ ଖାଇ ନ ପିଇ ମରିଗଲା । ଏ ପ୍ରାଣ ଦେଇ ଯଦି ତା' ପାଇଁ ଘିଅ ପୁଞ୍ଜିଏ ଯୋଗାଡ଼ି କରିପାରିବି, ତେବେ ମୋର କିଛି ଦୁଃଖ ନାହିଁ ।' ତା'ପରେ କଣ ହେଲା, ମୁଁ ସିନା ଶୁଣିଛି, ମା ! ତୁ ତ ଜାଣୁ ।"

ମାଳି କହିଲା, "ବାପା, ସେଦିନ ମାମୁଁ ଘରକୁ ନେବେ ବୋଲି କହି, ତାଙ୍କର ନିଜ ଘରକୁ ନେଲେ । ତାଙ୍କ ଘରଯାକୁ କହିଲେ, ଏ ମୋର ଲେଖା ଯୋଖା ଭଣିଜୀ । ମାଇଁ ସଙ୍ଗେ ଖାଇଲି । ମୋ କଥାବାର୍ତ୍ତା ଚାଲି-ଚଳନ ଦେଖି ସେ ଖାଲି ଖୁଣୁଥାନ୍ତି । ମାମୁଁଙ୍କୁ କହନ୍ତି, ଏଇଟା ତମର କୁଆଡ଼େ ଭଣିଜୀ ମ ? ଚଷାଘର ପରି ଆଚରଣ ।"

ମାମୁଁ କହନ୍ତି, "ମା ବାପା ଛେଉଣ୍ଡ ପିଲାଟି, ଚଷା ଗାଁରେ ସେମିତି ହେଇଯାଇଛି । ତାକୁ ସିନା ବତାଇଲେ ହେବ ।"

"ଏଇପରି ମାସେ ତାଙ୍କ ଘରେ ରହିଲି ପରେ ଦିନେ ସକାଳୁ ମତେ ଆଣି ଯୁଆଙ୍କ ଘରେ ପହଞ୍ଚାଇଲେ । ଯୁଆଙ୍କ କକେଇ ଓ ବଶି ମିଶ୍ରେ କ'ଣ କଥାବାର୍ତ୍ତା ହେଲେ, ବହୁତ କଳିକଜିଆ ପାଟିତୁଣ୍ଡ ପରେ ଆମ ବାହାଘର ହୋଇଗଲା । ସେହିଦିନୁ ତ ଏଇଠି ପଡ଼ିଛି ବାପା ! ଆଜି ସିନା ତମେ ଆସିଲ ।"

ବୁଢ଼ା କହିଲା, "ମା—ଯୁଆଙ୍କ କକେଇ କିଏ ମ ? ସେ ଯୋଉ ବୁଢ଼ା ଆଜି ସକାଳେ ମୋତେ ହିସମାନ କରି କହିଲେ ?"

"ହଁ—ସେଇ ହୋଇଥିବେ ! ବାହ୍ମଣ ବାହ୍ମଣ ବୋଲି ସେ ବଡ଼ ବଡ଼େଇ କରନ୍ତି ।"

"ମା—ସେ ତମ ଘରେ ଖାନ୍ତି ଟି ?"

"ନ ଖାଇବେ କାହିଁକି ମ ? ଯୁଆଙ୍କର ତ ଯାହା ଭଲମନ୍ଦ ହେଲେ ଆଗ କକେଇଙ୍କି ଡାକନ୍ତି ।"

ଏହିପରି କେତେ କଥା ପରେ ବୁଢ଼ା କହିଲା, "ମା ! ଜ୍ୱାଇଁ କେତେବେଳେ ଆସି ପହଞ୍ଚିବେ ? ମୁଁ ଯାଉଛି । ସେ ନ ଜାଣନ୍ତୁ ।"

Digitized by srujanika@gmail.com

ମସିଣାଟି ଗୁଡ଼ାଇ ବୁଢ଼ା ନଜ ବଟୁଆ ଓ ଗାମୁଛା ଖଣ୍ଡକ ଧରି ଦାଣ୍ଡରେ ଆସି ବସିଛି, ଗାଁକୁ ଯିବ ; ପିଲା ଯୋଡ଼ଙ୍କି ଦାଣ୍ଡରେ ଖେଳବାକୁ ଛାଡ଼ଦେଇ ବୈରାଗୀ ମିଶ୍ରେ ପରିବାପତ୍ର ଘେନ ହାଟରୁ ଆସିଲେ ।

ବୁଢ଼ା କହିଲା, "ମିଶ୍ରେ ଆପଣେ ! ମୁଁ ଏଥର ଯାଉଛି । ଆପଣଙ୍କ ଘରେ ଦ'ଦନରେ ପେଟ ପୂରାଇ ପୁଞ୍ଜିଏ ଖାଇଲି । ମନ ବଡ଼ ସନ୍ତୋଷ ହେଲା । ଭଗବାନ ଆପଣଙ୍କୁ, ଆପଣଙ୍କ ପିଲାମାନଙ୍କୁ ଆୟୁଷ ଦିଅନ୍ତୁ । ଆପଣଙ୍କର ବଢ଼ନ୍ତି ହେଉ ।"

ବୈରାଗୀ ମିଶ୍ରେ କହିଲେ, "ପ୍ରଥମେ ଦେଖା ହେଲାବେଳେ ପରା ମତେ କ'ଣ ପଚାରିବ ବୋଲି କହୁଥିଲ ? ମୁଁ ତ କଥାବାର୍ତ୍ତା କରିବାକୁ ତରତର ହୋଇ ଆସୁଛି, ଆଉ ତମେ ଯିବାକୁ ବାହାରିଲଣି !"

ବୁଢ଼ା ବଡ଼ ଅଡ଼ୁଆରେ ପଡ଼ିଲା । ସକାଳୁ ଯେଉଁ ଗୋଟିକ କଥା ପଚାରିବ ପଚାରିବ ବୋଲି କହୁଥିଲା, ତାହା ତ ମନକୁ ମନ ଜଣା ପଡ଼ିଗଲା । ମିଶ୍ରଙ୍କୁ କ'ଣ ବା ପଚାରିବ, କ'ଣ ବା କହିବ ? ଘରୁ ଯେଉଁ ଆଳଟି ବଗିର ବଗିର ଆସିଥିଲା, ତାକୁଇ ବାହାର କଲା—"ବାପା ! ତମର ଘର ଖୋଜ ଖୋଜ ଆସିଥିଲି । ତମ ଶଶୁର ମତେ କହିଥିଲେ ଝିଅକୁ ଟିକଏ ଦେଖି ଆସିବ । ତମ ଶଶୁରଙ୍କର ମୋର ଏକ ଆତ୍ମା । ପିଲାଟିକ କାଖେଇ କୁଣ୍ଢେଇଥିଲି ।" ବୁଢ଼ା ମୁହଁରୁ ଜଣା ପଡ଼ିଗଲା, ଏ କଥାରେ ସତ କେତେ, ମିଛ କେତେ । "ହଉ ଘରେ ଟିକେ କଥାବାର୍ତ୍ତା ହୋଇ ଯିବ" ବୋଲି କହି ମିଶ୍ରେ ଘରକୁ ଡାକ ନେଲେ । ଦାଣ୍ଡଦୁଆର କଳି ଦେଇ ବସୁ ବସୁ କହିଲେ, "ମୁଁ ସବୁ କଥା ଜାଣିଛି । ଆଜ ତା' ହାତରୁ ଟାଟିଆ ପଡ଼ିଯିବାରୁ ତମକୁ ଚିହ୍ନି ପାରିଲି । ସେଇଥି ପାଇଁ ପିଲାଙ୍କୁ ନେଇ ହାଟକୁ ଯାଇଥିଲି ।"

ବୁଢ଼ା ତାଟକା ହୋଇଗଲା ; "ବାପା ! ତମେ ସବୁ ଜାଣିଛ ତେବେ ? ମୋ ମା'କୁ ତ କହିନାହଁ ?"

"କହିଥିଲେ ସେ ମୋ ଘରକୁ ଯେପରି ସୁନା କରିଛି ତାହା କ'ଣ ହୋଇଥାନ୍ତା ?" ବୁଢ଼ା ପଚାରିଲା—"ଆଉ ତମ କଲେଇ ! ସେ କ'ଣ ଜାଣିଛନ୍ତି ? ସେ ତ ଜାଣିଲେ ପ୍ରଳୟ କାଣ୍ଡ ଘଟିବ ।" "ସେ ଜାଣି ନାହାନ୍ତି । ଏ କଥାକୁ ଡଣ୍ଡିମ ବଜାଇ ବାହାଦୁରି ନେବା ମୋର ଇଚ୍ଛା

Digitized by srujanika@gmail.com

ନୁହେଁ, କି ଜାଣିଲେ, ମୋର ଅପମାନ ହେବ ବୋଲି ଡର ନାହିଁ । କକେଇ କ'ଣ କରିବେ ? ତାଙ୍କ ତୁଣ୍ଡ ବ୍ୟତୀତ ଆଉ କୌଣସିଠାରେ ତ ବ୍ରହ୍ମତ୍ୱ ନାହିଁ । ତାଙ୍କ ଘରେ କୁକୁର ହିଅଁ ପୂଜା କରୁଛି । ତାଙ୍କ ବଡ଼ ପୁଅ କଲିକତାରେ ଗୋଟିଏ ଚୀନା ମାଇକିନିଆକୁ ଧରି ଘର କରୁଛି । ମୁଁ ଝିଅକୁ ପାଇବାକୁ ଯେଉଁ ତିନିଶହ ଟଙ୍କା ଦେଇଥିଲି, ସେଥିରେ କକେଇଙ୍କର ବୋଧହୁଏ ଶହେ ଟଙ୍କା ଭାଗ । ବୁଢ଼ା ବୋଲି ଶାଗଟେ ମାଛଟେ ଆସିଲେ ମୁଁ ତାଙ୍କୁ ଦିଏ ବୋଲି ମୁଁ ଭଲ ଲୋକ । ମୁଁ ଯେତେବେଳେ ପିତା ମାତାଙ୍କୁ ହରାଇ କଲିକତାରେ ପୂଜାରୀ ହୋଇଥିଲି, ସେତେବେଳେ ମୁଁ ତାଙ୍କ ନାଁରେ କଳଙ୍କ ଲଗାଇ ଦେଲି ବୋଲି ସେ କହୁଥିଲେ । ବହୁ ପରିଶ୍ରମ କରି ଟଙ୍କା ପୁଞ୍ଜିଏ ଆଣି ଘରକୁ ଆସିଲି । ଗାଁ ପାଖେ କନ୍ୟାଟିଏ ମିଳିଲା ନାହିଁ । କକେଇ ତମ ସେ ଦଲାଲ ବଂଶୀ ମିଶ୍ର ସାହାଯ୍ୟରେ ଝିଅକୁ ଆଣି ବିଭା ଦେଲେ । ବଂଶୀ ମିଶ୍ର କେତେ ଘର ବୁଡ଼ାଇଛି । କିନ୍ତୁ ମୋ ଘର ସେ ସୁନା କରିଛି । ବଂଶୀ ମିଶ୍ରକୁ ଦେଖିଲେ କହନ୍ତୁ, ତା' ଉପରେ ମୋର କୌଣସି ରାଗ ନାହିଁ । ଲୋକେ ବୁଝିଶୁଝି ଆଜି ଯେଉଁ ଜାତିକୁ ଗୋଇଠା ମାରୁଛନ୍ତି, ଆମର ମନକୁ ମନ ସେ ଜାତିଭେଦ ଉଠିଛି ।" ବୁଢ଼ା କହିଲା, "ବାପା, ଏତିକି ଶୁଣି ବଡ଼ ଖୁସି ହେଲି । ଝିଅକୁ ଦେଖିଲି, ଜ୍ୱାଇଁଙ୍କ ମନରେ ଅସନ୍ତୋଷ ନାହିଁ ବୋଲି ଶୁଣିଲି । ଦେବତା ପରି ନାତି ଦୁଇଟି ଦେଖିଲି । ଏଥର ମୁଁ ଯାଉଛି । ହଠାତ୍ ନାତି ନ ଜାଣନ୍ତୁ । ମନରେ ଆଘାତ ଲାଗିବ । ତାଙ୍କର ବୁଦ୍ଧି ହେଉ, ମନ ବଢୁ, ସେ ତା ମନକୁ ଯେତେବେଳେ ଜାଣିବେ, ସେତେବେଳେ ଆଉ ଦୁଃଖ ନ ଥିବ ।"

ବୈରାଗୀ ମିଶ୍ରେ ଏ କଥାରେ ରାଜି ହୋଇ ଡାକ ଦେଲେ, "ଆହେ ଆସ, ବାପା ଯାଉଛନ୍ତି ଓଳଗି ହୁଅ ।"

ମାଳି ଓ ବୈରାଗୀ ମିଶ୍ରଙ୍କର ଲୁହ ଚକ୍ଷୁ ମିଶିଗଲା । ଯେଉଁ ବିବାହ ସେଦିନ ହୋଇଥିଲା, ଆଜି ସତେ ଯେପରି ତାହାର ବିଶୁଦ୍ଧ ସଂସ୍କରଣ ହେଲା ।

ପ୍ରାୟ ମାସକ ପରେ ବୈରାଗୀ ମିଶ୍ରେ ଖଣ୍ଡିଏ ଚିଠି ପାଇଲେ, "ବାପା, ମାଳିବୋଉ ମଲା ବିନୁ ଯେଉଁଥିପାଇଁ ସଂସାରରେ ବାନ୍ଧି ହୋଇ

Digitized by srujanika@gmail.com

ରହିଥିଲି, ତାହା ଏଥର ପୂର୍ଣ୍ଣ ହୋଇଛି । ମାଳ ପାଇଁ ତା ବୋଉ ପ୍ରାଣ ଦେଇଥିଲି । ଦୁର୍ଭିକ୍ଷ ବର୍ଷ କେବେ ହେଲେ ସେ ପେଟକୁ ମୁଠିଏ ଖାଇଲା ନାହିଁ । ଭାତ ପୁଞ୍ଜାକ ମୋତେ ଦିଏ ଓ ହାଣ୍ଡି ଧୋଇ ପାଣି ମୁନ୍ଦିଏ ସେ ପିଏ । ମୁଁ ଏକଥା ଜାଣିଲାବେଳକୁ ଲେଉଡ଼ ଗୁଡ଼ କହୁଣୀକୁ ବୋହିଯାଇ-ଥିଲା । ଯୋଡ଼ାଏ ଦିନ ଭିତରେ ତା’ ପ୍ରାଣବାୟୁ ଉଡ଼ିଗଲା । ମାଳ ପାଖରୁ ଗିବା ପରେ ତା’ର ପିଲାଙ୍କ ପାଇଁ କିଛି ରଖିବି ବୋଲି ମୁଁ କଲିକତା ଚଟକଳରେ କାମ କଲି । ସେଠାରେ ଚୈାର ପାଞ୍ଚ ବର୍ଷ ରହି ଗାଁକୁ ଫେରି ଗୋଟିଏ ବେପାର ଛନ୍ଦିଲି । ସେହି ଦିନୁ ମାଳର ଖବର ନେଉଥାଏ । ବଣି ମିଶ୍ରଙ୍କୁ ଯେତେ ପଚାରେ ସେ ଏଣୁ ତେଣୁ ବାହାପିଆ କଥା କହି ଭୁଲାଇ ଦିଅନ୍ତି । ଶେଷକୁ ତାଙ୍କରିଠାରୁ ଖବର ପାଇ ତମ ଗାଁକୁ ଯାଇଥିଲି । ମୋ କାର୍ଯ୍ୟ ପୂରଣ ହେଲା । ଦୋକାନ ପଣ ସବୁ ବିକି ଭାଙ୍ଗି ଯେଉଁତକ ରଖିଥିଲି, ତାହା ଆଜି ପୁରୀଠାରେ ଆମ ବାବାଜୀ ମାହାପୁରୁଙ୍କ ମାରଫତ ଥୋଇଦେଇଛି ! ତମ ପାଖକୁ ସେ ପାର୍ଶଲ କରି ପଠାଇଦେବେ । ମୁଁ ଯାଉଛି । ଆଉ ମୋର ଖବର ନେବ ନାହିଁ । ଟଙ୍କାତକ ମୋ ନାତିମାନଙ୍କ ପାଇଁ ଲଗାଇବ । ସେମାନେ ଯେତେବେଳେ ସବୁ ଶୁଣିବେ ଓ ବୁଝିବେ ସେତେବେଳେ ମୋ କଥା ତାଙ୍କୁ କହିବ । ନ ବୁଝିଲେ ମୁଁ ଯେପରି ତୁମ ଦୁହିଁଙ୍କ ମନରେ ଅଛି, ସେହିପରି ରଖିବ । ଇତି ।

ତୁମର
ଭିକାରୀ ସାହୁ”

ଦୁଇ ଦିନ ପରେ ଖଣ୍ଡେ ଇନ୍‌ସିଓର୍ଡ଼୍ ଚିଠି ବୈରାଗୀ ମିଶ୍ରେ ପାଇଲେ । ତାକୁ ନ ଖୋଲି ସେହିପରି ବାକ୍‌ସର ସବାତଳେ ପୂର୍ବ ଚିଠି ସଙ୍ଗେ ରଖିଦେଲେ ।